ଧରିତ୍ରୀ 51 Years
ପୃଷ୍ଠା–୮+୮
# ଧରିତ୍ରୀ DHARITRI
ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୧/୨୦୨୫ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, October 11/2025 Page 16 ₹ 7.00 | BERHAMPUR
୫୧ଶ ଭାଗ ୩୧୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 315 ମୂଲ୍ୟ₹୭/-



ଅନୁଗୋଳ ସହର ନିକଟ ଗୋପୀନାଥପୁର ପଦ୍ମପାଦ ମଠ ନିକଟରେ ଶୁକ୍ରବାର ରାସ୍ତାରେ ଯାଉଥିବା ଏକ ଡାଲା ଅଟୋକୁ ହାତୀ ଭିଡ଼ିଆଣୁଛି।

# ସବୁଚାଷୀଙ୍କ ଧାନ ସରକାର କିଣିବେ

**ଭୁବନେଶ୍ୱର,୧୦।୧୦ (ରବିନାରାୟଣ ଜେନା)**

## ରାଜ୍ୟ କ୍ୟାବିନେଟ୍‌ରେ ୧୫ ପ୍ରସ୍ତାବକୁ ଅନୁମୋଦନ

- **ଅଭାବୀ ବିକ୍ରି ରୋକିବା ପାଇଁ ଜିଲାପ୍ରଶାସନକୁ କ୍ଷମତା**
- **ନିଯୁକ୍ତ ହେବେ ମଣ୍ଡି ଅଧିକାରୀ**

ରାଜ୍ୟରେ କୃଷକମାନଙ୍କୁ ସଶକ୍ତ କରିବା ସହିତ ଜମିକୁ ଜଳସେଚନ ବ୍ୟବସ୍ଥା ସୁଦୃଢ଼ କରିବା, ଶ୍ରମିକଙ୍କୁ ସୁରକ୍ଷା ଦେବା ଏବଂ ଶିକ୍ଷା ଓ ସ୍ୱାସ୍ଥ୍ୟକୁ ପ୍ରାଧାନ୍ୟ ଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ୧୫ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ବୈଠକରେ ୧୦ଟି ବିଭାଗର ୧୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି।

ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଥିଲେ, ଖରିଫ୍ ୨୦୨୫-୨୬ ବର୍ଷ ପାଇଁ ରାଜ୍ୟ କ୍ୟାବିନେଟ୍‌ରେ ଖାଦ୍ୟ ଓ ଧାନ ସଂଗ୍ରହ ନୀତିକୁ ଅନୁମୋଦନ ଦିଆଯାଇଛି। ଚଳିତବର୍ଷ ଖରିଫ୍ ଋତୁ ଲାଗି ଅକ୍ଟୋବର ପହିଲାରୁ ଧାନ ସଂଗ୍ରହ ଆରମ୍ଭହୋଇ ୨୦୨୬ ସେପ୍ଟେମ୍ବରରେ ସମାପ୍ତ ହେବ। ଏହି ବର୍ଷବ୍ୟାପୀ ରାଜ୍ୟ ସରକାର ଖରିଫ୍ ଓ ରବି ଋତୁ ପାଇଁ ପୃଥକ୍ ଭାବରେ ଧାନ ସଂଗ୍ରହ କରିବେ। ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନକରି ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯିବ ଏବଂ ନିୟୋଜିତ କଷ୍ଟମ ମିଲରମାନଙ୍କ ଦ୍ୱାରା ଏହି ଧାନକୁ ମିଲିଂ କରାଯାଇ ସମତୁଲ୍ୟ ଚାଉଳ ସଂଗ୍ରହ କରାଯିବ। ସଂଗୃହୀତ ଚାଉଳକୁ ସାଧାରଣ ବଣ୍ଟନ ବ୍ୟବସ୍ଥା ଅନ୍ତର୍ଗତ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ଅନ୍ୟାନ୍ୟ କଲ୍ୟାଣକାରୀ ଯୋଜନାର ଆବଶ୍ୟକତା ପୂରଣ ପାଇଁ ବ୍ୟବହାର କରାଯିବ। ବଳକା ଚାଉଳକୁ ଭାରତୀୟ ଖାଦ୍ୟ ନିଗମ ମାଧ୍ୟମରେ କେନ୍ଦ୍ରୀୟ ଭଣ୍ଡାରକୁ ପ୍ରଦାନ କରାଯିବ। ଏହି ସମୟ ମଧ୍ୟରେ ଖରିଫ୍ ଋତୁରେ ୬୩ ଲକ୍ଷ ମେଟ୍ରିକ୍ ଟନ୍‌ର ଚାଉଳ ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଧାନ ହିସାବରେ ଏହା ପ୍ରାୟ ୯୩ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯିବ। ଖରିଫ୍ ଓ ରବି ☞ପୃଷ୍ଠା–୪

# ମାରିଆଙ୍କୁ ନୋବେଲ ଶାନ୍ତି

**ଓସ୍ଲୋ,୧୦।୧୦(ଏ.ପି.)**

ଭେନେଜୁଏଲାର ବିରୋଧୀ ଦଳ ନେତ୍ରୀ ମାରିଆ କୋରିନା ମାଚାଡୋ ଚଳିତବର୍ଷର ନୋବେଲ ଶାନ୍ତି ପୁରସ୍କାର ପାଇବେ। ଅନ୍ଧକାର ବଢ଼ିଚାଲିଥିବାବେଳେ ଗଣତନ୍ତ୍ରର ଶିଖାକୁ ଜଳାଇ ରଖିଥିବା ଏହି ମହିଳାଙ୍କୁ ଉକ୍ତ ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରାଯିବ ବୋଲି ଶୁକ୍ରବାର ନରୱେଜିଆନ୍ ନୋବେଲ କମିଟି ପକ୍ଷରୁ ଘୋଷଣା କରାଯାଇଛି।



ମାରିଆ କୋରିନା ମାଚାଡୋ

ନୋବେଲ କମିଟି ଅଧ୍ୟକ୍ଷ ଜୋର୍ଗେନ୍ ୱାଟ୍‌ନେ ଫ୍ରିଡ୍‌ନେସ୍ କହିଛନ୍ତି, ଅତୀତରେ ମାରିଆଙ୍କୁ ଲୁକ୍କାୟିତ ଭାବେ ରହିବାକୁ ପଡ଼ିଥିଲା। ତାଙ୍କ ଜୀବନ ପ୍ରତି ବିପଦ ଥିବା ସତ୍ତ୍ୱେ ସେ ଦେଶରେ ରହିବାକୁ ପସନ୍ଦ କରିଥିଲେ, ଯାହାକି ଅନେକ ନିୟୁତ ଲୋକଙ୍କ ପାଇଁ ପ୍ରେରଣା ପାଲଟିଥିଲା। ଯେତେବେଳେ ଏକଛତ୍ରବାଦୀମାନେ କ୍ଷମତା ଛଡ଼ାଇ ନିଅନ୍ତି, ସେତେବେଳେ ଆଗକୁ ଆସି ପ୍ରତିରୋଧ କରୁଥିବା ସ୍ୱାଧୀନତାର ସାହସୀ ରକ୍ଷକମାନଙ୍କୁ ସ୍ୱୀକୃତି ଦେବା ତାତ୍ପର୍ଯ୍ୟପୂର୍ଣ୍ଣ। ପୁରସ୍କାର ଘୋଷଣା କରିବାର ଠିକ୍ ପୂର୍ବରୁ କମିଟି ମାଚାଡୋଙ୍କୁ ଭେଟିଥିଲା ଏବଂ ଏହାର ଏକ ବିସ୍ମୟକର ପରିଣାମ ଆସିଛି।

ନୋବେଲ ଶାନ୍ତି ପୁରସ୍କାର ଘୋଷଣାକୁ ନେଇ ନିର୍ବାସନରେ ରହୁଥିବା ବିରୋଧୀ ପ୍ରାର୍ଥୀମାନେ ଉତ୍ସବ ମନାଇବାରେ ଲାଗିଛନ୍ତି। ସ୍ପେନ୍‌ରେ ନିର୍ବାସନ ଜୀବନ ବିତାଉଥିବା ମାଚାଡୋଙ୍କ ସହଯୋଗୀ ଏଡ୍‌ମୁଣ୍ଡୋ ଗୋଞ୍ଜାଲେଜ୍ ସୋସିଆଲ ମିଡିଆରେ ନିଜର ଏକ ଭିଡିଓ ପୋଷ୍ଟ କରିଛନ୍ତି। ସେଥିରେ ସେ ମାଚାଡୋଙ୍କୁ ଫୋନ୍ କଲ୍ କରୁଥିବା ଦେଖିବାକୁ ମିଳିଛି। ମାଚାଡୋଙ୍କୁ ଏଡ୍‌ମୁଣ୍ଡୋ କହୁଛନ୍ତି, ଏହି ଖବର ଶୁଣି ସେ ଆଚମ୍ବିତ। ବିଶ୍ୱାସ କରିପାରୁ ନାହାନ୍ତି ଯେ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳିଛି। କିନ୍ତୁ ଏଥିପାଇଁ ସେ ସବୁଠୁ ଯୋଗ୍ୟତମ ବ୍ୟକ୍ତି। ଗଣତନ୍ତ୍ର ଓ ଆମ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ** ଗୋଟିଏ ଟୁଇଟ୍



## ସଂକ୍ଷେପରେ

### ବିହାର ନିର୍ବାଚନ: ଭୋଟକେନ୍ଦ୍ରରେ ବୁର୍ଖାପିନ୍ଧା ଭୋଟରଙ୍କୁ ଯାଞ୍ଚ କରିବେ ଅଙ୍ଗନୱାଡ଼ି କର୍ମୀ

ନୂଆଦିଲ୍ଲୀ,୧୦।୧୦(ପି.ଟି.)

ବିହାରରେ ବୁର୍ଖା ପରିହିତା ମହିଳା ଭୋଟରମାନଙ୍କୁ ମର୍ଯ୍ୟାଦାର ସହ ଚିହ୍ନଟ କରିବା ପାଇଁ ଭୋଟ କେନ୍ଦ୍ରଗୁଡ଼ିକରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ନିର୍ବାଚନ କମିଶନ ଶୁକ୍ରବାର କହିଛନ୍ତି। ବୁଥ୍‌ରେ ମହିଳା ପୋଲିଂ ଅଫିସର କିମ୍ବା ଆଟେଣ୍ଡାଣ୍ଟ ଉପସ୍ଥିତ ରହିବେ। ସବୁ ବୁଥ୍‌ରେ ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ରହି ବୁର୍ଖାରେ ଆସିଥିବା ମହିଳାଙ୍କ ପରିଚୟ ଯାଞ୍ଚ କରିବେ। ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଛନ୍ତି, ଭୋଟକେନ୍ଦ୍ରରେ ପରିଚୟ ଯାଞ୍ଚ ପାଇଁ ସ୍ପଷ୍ଟ ଗାଇଡ୍‌ଲାଇନ ରହିଛି, ଯାହାକୁ କଡ଼ାକଡ଼ି ପାଳନ କରାଯିବ। ବୁର୍ଖା ଓ ଓଢ଼ଣି ଦେଇ ଆସୁଥିବା ମହିଳା ଭୋଟରଙ୍କୁ ଯାଞ୍ଚ୍ କରିବା ଲାଗି ୯୦,୭୧୨ ଜଣ ଅଙ୍ଗନୱାଡି କର୍ମୀଙ୍କୁ ନିୟୋଜିତ କରାଯିବ।

### ଫିଲିପାଇନ୍ସରେ ଭୂକମ୍ପ: ୫ ମୃତ

ବ୍ୟାପକ କ୍ଷୟକ୍ଷତି

ମାନିଲା,୧୦।୧୦

ଦକ୍ଷିଣ ଫିଲିପାଇନ୍ସରେ ଶୁକ୍ରବାର ସକାଳେ ୭.୪ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇ ଅନ୍ୟୁନ ୫ ଜଣଙ୍କ ମୃତ୍ୟୁ ଘଟିବା ସହ ବ୍ୟାପକ କ୍ଷୟକ୍ଷତି ହୋଇଛି। ଭୂକମ୍ପ ଯୋଗୁ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଘଟିଥିବାବେଳେ ବହୁସଂଖ୍ୟାରେ ହସ୍ପିଟାଲ ଓ ସ୍କୁଲ୍ କ୍ଷତିଗ୍ରସ୍ତ ହୋଇଛି। ଭଗ୍ନାବଶେଷ ତଳୁ ଅନେକଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉପକୂଳ ଅଞ୍ଚଳରେ ସୁନାମି ଆସିବା ଆଶଙ୍କାରେ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା। ପରେ ସୁନାମି ସତର୍କ ସୂଚନାକୁ ପ୍ରତ୍ୟାହାର କରିନିଆଯାଇଛି। କିଛିଦିନ ପୂର୍ବରୁ ଫିଲିପାଇନ୍ସରେ ଭୟଙ୍କର ଭୂକମ୍ପ ହୋଇଥିବାବେଳେ ଏହା ପରେ ଝଡ଼ତୋଫାନ ଆଦି ପ୍ରାକୃତିକ ବିପର୍ଯ୍ୟୟ ଲାଗି ରହିଛି। ଶୁକ୍ରବାର ଭୂକମ୍ପଜନିତ କ୍ଷୟକ୍ଷତିର ଆକଳନ କରାଯାଉଛି ଏବଂ ଉଦ୍ଧାରକାରୀ ଟିମ୍ ଓ ସହାୟତା ପ୍ରଦାନକାରୀମାନଙ୍କୁ କ୍ଷତିଗ୍ରସ୍ତ ଅଞ୍ଚଳକୁ ପଠାଯାଇଥିବା ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କୋ ଜୁନିୟର କହିଛନ୍ତି। ଡାଭାଓ ଓରିଏଣ୍ଟାଲ ପ୍ରଦେଶର ମାନୟ ସହରଠାରୁ ୪୩ କି.ମି. ଦୂର ସମୁଦ୍ର ମଧ୍ୟରେ ୨୩ କି.ମି. ଗଭୀରରେ ଭୂକମ୍ପର କେନ୍ଦ୍ରସ୍ଥଳ ବୋଲି ଫିଲିପାଇନ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭଲ୍‌କାନୋଲୋଜି ଆଣ୍ଡ ସିସ୍ମୋଲୋଜି ପକ୍ଷରୁ କୁହାଯାଇଛି।

### କାବୁଲରେ ବୋମାମାଡ଼: ଦିଲ୍ଲୀରୁ ପାକିସ୍ତାନକୁ ତାଲିବାନ୍‌ର କଡ଼ା ବାର୍ତ୍ତା

ନୂଆଦିଲ୍ଲୀ,୧୦।୧୦

କାବୁଲରେ ବୋମାମାଡ଼କୁ ପାକିସ୍ତାନର ଉତ୍ତେଜନା ସୃଷ୍ଟିକାରୀ କାର୍ଯ୍ୟ ବୋଲି ତାଲିବାନ କହିବା ସହ ନୂଆଦିଲ୍ଲୀରୁ କଡ଼ା ବାର୍ତ୍ତା ପଠାଇଛି। କାବୁଲରେ ଗୁରୁବାର ବିଳମ୍ବିତ ରାତିରେ ୨ଟି ବୋମାମାଡ଼ ହୋଇଥିଲା। ଆଫଗାନିସ୍ତାନର ସାର୍ବଭୌମତ୍ୱର ଉଲ୍ଲଂଘନ କରି ଏହାର ସୀମାନ୍ତ ସହର ଉପରେ ପାକିସ୍ତାନ ବୋମାମାଡ଼ କରୁଥିବା ତାଲିବାନ ସରକାର ଶୁକ୍ରବାର ଅଭିଯୋଗ କରିଛନ୍ତି। ଆଫଗାନିସ୍ତାନର ବାୟୁସୀମାକୁ ଉଲ୍ଲଂଘନ କରି ପାକିସ୍ତାନ ଡୁରାଣ୍ଡ ଲାଇନ ନିକଟ ପାକ୍‌ଟିକାର ମାର୍ଘି ଅଞ୍ଚଳରେ ଥିବା ବଜାରରେ ବୋମା ପକାଇଥିଲା ବୋଲି ଆଫଗାନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ଏଭଳି ହିଂସାତ୍ମକ ଓ ଉତ୍ତେଜନାପୂର୍ଣ୍ଣ କାର୍ଯ୍ୟକୁ ଆମେ ନିନ୍ଦା କରୁଛୁ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ତାଲିବାନ ବହିର୍ବ୍ୟାପାର ମନ୍ତ୍ରୀ ଅମିର ଖାନ୍ ମୁତ୍ତାକି ନୂଆଦିଲ୍ଲୀ ଗସ୍ତରେ ଥିବାବେଳେ ଏହି ଆକ୍ରମଣ ହୋଇଛି। ମୁତ୍ତାକି କହିଛନ୍ତି, ପାକ୍ ସରକାର ଭୁଲ୍ ପଦକ୍ଷେପ ନେଇଥିବା ସେ ଭାବୁଛନ୍ତି। ଏଭଳି ପ୍ରସଙ୍ଗର ସମାଧାନ ଶକ୍ତି ଦ୍ୱାରା ହୋଇପାରିବ ନାହିଁ। ଦେଶ ସହ ରହିଥିବା ବିବାଦ ଅନ୍ତର୍ଜାତୀୟ ସ୍ତରରେ ହେବା ଆବଶ୍ୟକ। ଆଲୋଚନା ଓ କୂଟନୀତି ପାଇଁ ଆମେ ଦ୍ୱାର ଖୋଲା ରଖିଛୁ ବୋଲି ସେ କହିଛନ୍ତି।



ଗାଜା ଶାନ୍ତି ଯୋଜନା କାର୍ଯ୍ୟକାରୀ ହେବା ପରେ ଶୁକ୍ରବାର ବିସ୍ଥାପିତ ପାଲେଷ୍ଟିନୀୟମାନେ ଘରକୁ ଫେରୁଛନ୍ତି।

## ଘରକୁ ଫେରୁଛନ୍ତି ପାଲେଷ୍ଟିନୀୟ

ୱାଡ଼ି ଗାଜା,୧୦।୧୦


- ଗାଜାରେ କାର୍ଯ୍ୟକାରୀ ହେଲା ଯୁଦ୍ଧବିରତି
- ଇସ୍ରାଏଲ୍‌ର ସେନା ପ୍ରତ୍ୟାହାର ଆରମ୍ଭ

ଗାଜାରେ ଯୁଦ୍ଧ ବନ୍ଦକରି ପାଲେଷ୍ଟିନୀୟ ବନ୍ଦୀମାନଙ୍କ ବିନିମୟରେ ଅବଶିଷ୍ଟ ପଣବନ୍ଦୀଙ୍କୁ ଫେରାଇ ଆଣିବା ଚୁକ୍ତିନାମାକୁ ଇସ୍ରାଏଲ୍ କ୍ୟାବିନେଟ୍ ଶୁକ୍ରବାର ମଞ୍ଜୁରୀ ଦେଇଛି। ଏହାର କିଛି ଘଣ୍ଟା ପରେ ଗାଜାରେ ହମାସ୍ ଏବଂ ଇସ୍ରାଏଲ୍ ମଧ୍ୟରେ ଯୁଦ୍ଧବିରତି କାର୍ଯ୍ୟକାରୀ ହୋଇଛି। ତଦନୁଯାୟୀ ଗାଜାରୁ ଇସ୍ରାଏଲ୍ ଏହାର ସେନା ଓ ଯୁଦ୍ଧ ସରଞ୍ଜାମ ପ୍ରତ୍ୟାହାର ଆରମ୍ଭ କରିଥିବାବେଳେ କେନ୍ଦ୍ରୀୟ ଗାଜାର ୱାଡି ଗାଜାରେ ଥିବା ଅନେକ ହଜାର ପାଲେଷ୍ଟିନୀୟ ଉତ୍ତର ଗାଜାରେ ଥିବା ସେମାନଙ୍କ ବାସସ୍ଥାନ ଅଭିମୁଖେ ଫେରୁଥିବା ଦେଖାଯାଇଛି। ତେବେ ହମାସ୍ ଅସ୍ତ୍ରତ୍ୟାଗ ନ କରିବା ପର୍ଯ୍ୟନ୍ତ ଗାଜାରୁ ସମ୍ପୂର୍ଣ୍ଣ ଇସ୍ରାଏଲୀ ସୈନ୍ୟ ସମ୍ପୂର୍ଣ୍ଣ ପ୍ରତ୍ୟାହାର ହେବେ ନାହିଁ ବୋଲି ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି। ପଣବନ୍ଦୀମାନେ ସୋମବାର ଯଦି ଫେରନ୍ତି ତେବେ ଇସ୍ରାଏଲ୍ ବିଜୟ ଉତ୍ସବ ପାଳିବ। ଗାଜାରେ ସମ୍ପ୍ରତି ୨୦ ଇସ୍ରାଏଲୀ ପଣବନ୍ଦୀ ଜୀବିତ ଥିବାବେଳେ ୨୮ ଜଣଙ୍କ ମୃତ୍ୟୁ ଘଟିଲାଣି।

୨୦୨୩ ଅକ୍ଟୋବର ୭ରେ ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲ୍ ଉପରେ ହଠାତ୍ ଆକ୍ରମଣ କରି ୧୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ହତ୍ୟା କରିବା ସହ ୨୫୦ ଜଣଙ୍କୁ ପଣବନ୍ଦୀ କରି ନେଇଥିଲେ। ସେବେଠାରୁ ୨ ବର୍ଷ ହେଲା ଇସ୍ରାଏଲ୍ ଗାଜା ଉପରେ ଜୋର୍‌ଦାର ଆକ୍ରମଣ ଜାରି ରଖିଥିଲା। ଏହି ଯୁଦ୍ଧରେ ଗାଜାର ଅଧିକାଂଶ ଅଞ୍ଚଳ ଧ୍ୱଂସସ୍ତୂପରେ ପରଣତ ହୋଇଥିବାବେଳେ ୬୭ ହଜାରରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟ ନିହତ ହୋଇଛନ୍ତି। ୯୦ ପ୍ରତିଶତ ଲୋକ ଘରଦ୍ୱାର ଛାଡ଼ି ଅନ୍ୟତ୍ର ଆଶ୍ରୟ ନେଇଥିଲେ। ଯୁଦ୍ଧ ବନ୍ଦ ପାଇଁ ସାରା ବିଶ୍ୱରୁ ଚାପ ବଢ଼ିବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏକ ୨୦ ସୂତ୍ରୀ ସମାଧାନ ପ୍ରସ୍ତାବ ଆଣିଥିଲେ। ହମାସ୍ ଓ ଇସ୍ରାଏଲୀ କର୍ତ୍ତୃପକ୍ଷ ଏଥିରେ ରାଜି ହେବା ପରେ ଯୁଦ୍ଧବିରତି ଆରମ୍ଭ ହୋଇଛି।

# ଭେନେଜୁଏଲାର ଆଇରନ୍ ଲେଡି

**ବିଶ୍ୱରେ ଗଣତାନ୍ତ୍ରିକ ମୂଲ୍ୟବୋଧ ହ୍ରାସ ପାଇବାରେ ଲାଗିଥିବାବେଳେ ଭେନେଜୁଏଲାରେ ଗଣତନ୍ତ୍ର ପ୍ରତିଷ୍ଠା ସକାଶେ ବିରୋଧୀ ଦଳ ନେତ୍ରୀ ମାରିଆ କୋରିନା ମାଚାଡୋଙ୍କ ଅକ୍ଳାନ୍ତ ଉଦ୍ୟମକୁ ସ୍ୱୀକୃତି ପ୍ରଦାନ କରିଛି ନରୱେଜିଆନ୍ ନୋବେଲ ଶାନ୍ତି କମିଟି। ମାଚାଡୋ ତାଙ୍କ ଦେଶରେ ଏକଚ୍ଛତ୍ରବାଦୀ ଶାସନ ବିପକ୍ଷରେ ବିରୋଧୀଙ୍କ ନେତୃତ୍ୱ ନେଇ ଗଣତାନ୍ତ୍ରିକ ଅଧିକାରଗୁଡ଼ିକୁ ପ୍ରୋତ୍ସାହିତ କରିଥିବା କମିଟି ପକ୍ଷରୁ କୁହାଯାଇଛି। ଏଥିଯୋଗୁ ତାଙ୍କ ସମ୍ପର୍କରେ ଜାଣିବା ପାଇଁ ବିଶ୍ୱବାସୀଙ୍କ ମନରେ ଉତ୍ସୁକତା ବୃଦ୍ଧି ପାଇଛି।**



ଗଣତନ୍ତ୍ର ସପକ୍ଷବାଦୀ ନେତ୍ରୀ ମାରିଆ କୋରିନା ମାଚାଡୋ



ଓସ୍‌ଲୋ/କାରାକାସ୍, ୧୦।୧୦(ରଏଟର୍ସ/ଏ.ପି.)

୧୯୬୭ରେ ଜନ୍ମିତ ମାରିଆ କୋରିନା ମାଚାଡୋ ଭେନେଜୁଏଲାରେ ବଢ଼ିଚାଲିଥିବା ଏକଚ୍ଛତ୍ରବାଦ ଶାସନ ବିରୋଧରେ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ଲଢ଼େଇକୁ ନେଇ ଚର୍ଚ୍ଚିତ। ସେ ହେଉଛନ୍ତି ଦେଶରେ ନୂଆ ବିରୋଧୀ ନେତା। ମାଚାଡୋ ଇଞ୍ଜିନିୟରିଂ ଓ ଫାଇନାନ୍ସ ଶିକ୍ଷା ଲାଭ ପରେ ବ୍ୟବସାୟିକ କ୍ଷେତ୍ରରେ ମନୋନିବେଶ କରିଥିଲେ। ୧୯୯୨ରେ ସେ ଆଟେନିଆ ଫାଉଣ୍ଡେଶନ୍ ପ୍ରତିଷ୍ଠା କରି ଏହା ମାଧ୍ୟମରେ ରାଜଧାନୀ କାରାକାସ୍‌ର ଦୁଃଖୀ ଦରିଦ୍ର ପିଲାଙ୍କୁ ସହାୟତାର ହାତ ବଢ଼ାଇଥିଲେ। ଏହାର ୧୦ ବର୍ଷ ପରେ ସେ ସୁମାଟେ ନାମରେ ଆଉ ଏକ ସଙ୍ଗଠନ ପ୍ରତିଷ୍ଠା କରିଥିଲେ। ଏହି ସଙ୍ଗଠନ ଭେନେଜୁଏଲାରେ ମୁକ୍ତ ଓ ଅବାଧ ନିର୍ବାଚନକୁ ପ୍ରୋତ୍ସାହିତ କରିଆସୁଛି। ତାଲିମ ଓ ନିର୍ବାଚନ ପର୍ଯ୍ୟବେକ୍ଷଣ ପାଇଁ ମଧ୍ୟ ଏହା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିଆସୁଛି। ମାଚାଡୋ ୨୦୧୦ରେ ବିପୁଳ ଭୋଟ ପାଇ ନ୍ୟାଶନାଲ ଆସେମ୍ବ୍ଲିକୁ ନିର୍ବାଚିତ ହୋଇଥିଲେ। ତେବେ ଶାସକ ପକ୍ଷ ତାଙ୍କୁ ୨୦୧୪ରେ ପଦରୁ ହଟାଇ ଦେଇଥିଲେ। ମାଚାଡୋ ହେଉଛନ୍ତି ଭେଣ୍ଟେ ଭେନେଜୁଏଲା ବିରୋଧୀ ଦଳର ମୁଖ୍ୟ। ୨୦୧୭ରେ ସେ ସୋୟ ଭେନେଜୁଏଲା ଆଲାଏନ୍ସ ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ମେଣ୍ଟରେ ଦେଶର ସମସ୍ତ ଗଣତନ୍ତ୍ର ସପକ୍ଷବାଦୀ ଦଳ ସାମିଲ ହୋଇଥିଲେ। ୨୦୨୩ରେ ମାଚାଡୋ ୨୦୨୪ ରାଷ୍ଟ୍ରପତି ନିର୍ବାଚନ ଲଢ଼ିବାକୁ ଘୋଷଣା କରିଥିଲେ। କିନ୍ତୁ ରାଷ୍ଟ୍ରପତି ନିକୋଲାସ୍ ମଦୁରୋଙ୍କ ସରକାର ତାଙ୍କୁ ଅଯୋଗ୍ୟ ଘୋଷଣା କରିବା ପରେ ସେ ବିରୋଧୀ ଦଳଗୁଡ଼ିକର ବିକଳ୍ପ ପ୍ରାର୍ଥୀ ଏଡ୍‌ମୁଣ୍ଡୋ ଗୋଞ୍ଜାଲେଜ୍ ଉରୁଟିଆଙ୍କୁ ସମର୍ଥନ ଘୋଷଣା କରିଥିଲେ। ନିକଟରେ ଟାଇମ୍ ମାଗାଜିନ୍ ୨୦୨୫ ବର୍ଷ ପାଇଁ ବିଶ୍ୱର ୧୦୦ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମଧ୍ୟରେ ମାଚାଡୋଙ୍କୁ ସ୍ଥାନିତ କରିଥିଲା। ଏହାକୁ ନେଇ ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ତାଙ୍କୁ ଅଭିନନ୍ଦନ ଜଣାଇବାକୁ ଯାଇ କହିଥିଲେ, ମାରିଆ କୋରିନା ମାଚାଡୋ ହେଉଛନ୍ତି ଭେନେଜୁଏଲାର ଆଇରନ୍ ଲେଡି। ସେ ଧୈର୍ଯ୍ୟ, ଦୃଢ଼ତା ଓ ଦେଶପ୍ରେମର ପ୍ରତୀକ। ଅନେକ ଚ୍ୟାଲେଞ୍ଜ ସତ୍ତ୍ୱେ ମାଚାଡୋ ନିଜ ମିଶନକୁ ନଇଁବାକୁ ଦେଇନାହାନ୍ତି। ଏକ ମୁକ୍ତ, ଅବାଧ ଓ ଗଣତାନ୍ତ୍ରିକ ଭେନେଜୁଏଲା ଗଠନରେ ସେ ବ୍ରତୀ ହୋଇଛନ୍ତି।

### ମାଚାଡୋଙ୍କ 'ଗାନ୍ଧୀ' ପୋଷ୍ଟ ଭାଇରାଲ

ମାରିନା କୋରିନା ମାଚାଡୋ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଯାଉଛନ୍ତି ବୋଲି ଘୋଷଣା କରାଯିବା ପରେ ତାଙ୍କର ଏକ ପୋଷ୍ଟ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେବାରେ ଲାଗିଛି। ୨୦୧୦ ମେ' ୧୦ରେ ମାଚାଡୋ ଟୁଇଟର (ବର୍ତ୍ତମାନର X ) ପୋଷ୍ଟରେ ମହାତ୍ମା ଗାନ୍ଧୀଙ୍କୁ ପ୍ରଶଂସା କରି ଉଲ୍ଲେଖ କରିଥିଲେ, ଗାନ୍ଧିଜୀଙ୍କ ମତରେ ଏକ ବୃହତ୍ ଯୋଜନା ଆଗରେ ଏକ ବ୍ୟକ୍ତିଗତ କାର୍ଯ୍ୟ ଛୋଟ ଓ ଗୁରୁତ୍ୱହୀନ ମନେ ହୋଇପାରେ। କିନ୍ତୁ ତାହା ପଦକ୍ଷେପ ନେବା ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହି ପୋଷ୍ଟକୁ ନେଇ ୟୁଜର୍ସ ମାଚାଡୋଙ୍କୁ ପ୍ରଶଂସା କରୁଛନ୍ତି।

### ନୋବେଲ: ଶାନ୍ତିକୁ ନେଇ ରାଜନୀତି

ୱାଶିଂଟନ୍,୧୦।୧୦



ଟ୍ରମ୍ପ୍‌ଙ୍କୁ ମିଳିଲାନି, ନିନ୍ଦାକଲା ହ୍ୱାଇଟ୍ ହାଉସ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆଶା ବାନ୍ଧିଥିଲେ ଚଳିତବର୍ଷ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳିବ ବୋଲି। ଏଥିପାଇଁ ସେ ଓ ତାଙ୍କ ପ୍ରଶାସନ ଅନେକ ଉଦ୍ୟମ କରିଥିଲେ। ଇସ୍ରାଏଲ୍-ଗାଜା ଓ ଭାରତ-ପାକିସ୍ତାନ ଯୁଦ୍ଧ ସମେତ ମୋଟ ୮ଟି ଯୁଦ୍ଧ ବନ୍ଦ କରାଇଥିବା ଟ୍ରମ୍ପ୍ ବହୁବାର ଦୋହରାଇଥିଲେ। କିନ୍ତୁ ଶେଷରେ ତାଙ୍କୁ ନିରାଶ ହେବାକୁ ପଡ଼ିଛି। ଦେଖିବାକୁ ଗଲେ ନୋବେଲ ପୁରସ୍କାର ପାଇଁ ଟ୍ରମ୍ପ୍‌ଙ୍କ ନାମ ୨୦୨୫ ଫେବୃଆରୀ ୧ ଡେଡ୍‌ଲାଇନ୍ ପୂର୍ବରୁ ସୁପାରିସ କରାଯିବା କଥା। କିନ୍ତୁ ଏହା ପରେ ପାକିସ୍ତାନ ତାଙ୍କ ନାମ ସୁପାରିସ କରିଥିଲା। ପୁରସ୍କାର ନ ମିଳିବା ନେଇ ହ୍ୱାଇଟ୍ ହାଉସ୍ କହିଛି, ନୋବେଲ କମିଟି ଶାନ୍ତିକୁ ନେଇ ରାଜନୀତି କରୁଛି। ତଥାପି ସେ ବିଶ୍ୱ ଶାନ୍ତି ଉଦ୍ୟମ ଜାରି ରଖିବେ।

### ଭାରତୀୟଙ୍କ ସମେତ ୫୦ ସଂସ୍ଥା ଉପରେ ଆମେରିକା କଟକଣା

ୱାଶିଂଟନ,୧୦।୧୦

ଇରାନ ଉପରେ ସର୍ବାଧିକ ଅର୍ଥନୈତିକ ଚାପ ପକାଇବା ପାଇଁ ଆମେରିକା ଭାରତୀୟ କମ୍ପାନୀ ଓ ବ୍ୟକ୍ତିବିଶେଷଙ୍କ ସମେତ ବିଭିନ୍ନ ଦେଶର ମୋଟ ୫୦ଟି ସଂସ୍ଥା ଓ ଜାହାଜ ଉପରେ କଟକଣା ଲଗାଇଛି। ଏହିସବୁ ସଂସ୍ଥା ଇରାନ ସହ ତୈଳ, ପେଟ୍ରୋଲିୟମ ଉତ୍ପାଦ ଓ ପେଟ୍ରୋକେମିକାଲ ବାଣିଜ୍ୟ କାରବାରରେ ସାମିଲ ଥିଲେ ବୋଲି ଆମେରିକା ପରରାଷ୍ଟ୍ର ବିଭାଗ କହିଛି। ଏହି ସଂସ୍ଥାଗୁଡ଼ିକ ଇରାନରୁ ବହୁ ବିଲିୟନ ଡଲାର ମୂଲ୍ୟର ପେଟ୍ରୋଲିୟମ୍ ଏବଂ ପେଟ୍ରୋକେମିକାଲ କିଣୁଥିଲେ। ଇରାନ ଆତଙ୍କବାଦୀ କାର୍ଯ୍ୟରେ ଏହି ପାଣ୍ଠି ବିନିଯୋଗ କରୁଥିବାରୁ ଏହା ଉପରେ ଅତ୍ୟଧିକ ଆର୍ଥିକ ଚାପ ପକାଇବା ଏହି କଟକଣାର ଉଦ୍ଦେଶ୍ୟ। ଆମେରିକା ଅର୍ଥ ବିଭାଗର ଅଫିସ ଅଫ୍ ଫରେନ୍ ଆସେଟ୍ସ କଣ୍ଟ୍ରୋଲ (ଓଏଫ୍‌ଏସି) ୩ ଭାରତୀୟ ବ୍ୟକ୍ତିବିଶେଷଙ୍କ ଉପରେ କଟକଣା ଲଗାଇଛି। ସେମାନେ ହେଲେ ବରୁନ୍ ପୁଲା, ସୋନିୟା ଶ୍ରେଷ୍ଠ ଏବଂ ଇୟାପ୍ପାନ ରାଜା। ବରୁନ୍‌ଙ୍କର ବେର୍ଥା ଶିପିଂ କମ୍ପାନୀ କୋମୋରୋସ୍‌ର ଜାହାଜକୁ ଅପରେଟ୍ କରିଥାଏ। ଉକ୍ତ ଜାହାଜରେ ଚାଇନାକୁ ୪ ନିୟୁତ ବ୍ୟାରେଲ୍ ଇରାନୀୟ ଏଲ୍‌ପିଜି ପରିବହନ କରାଯାଇଛି। ଇୟାପ୍ପାନ ରାଜାଙ୍କ ଏଭି ଲାଇନ୍ସ କମ୍ପାନୀ ପାନାମାର ଏକ ଜାହାଜକୁ ପରିଚାଳନା କରିଥାଏ। ଉକ୍ତ ଜାହାଜ ଗତ ଏପ୍ରିଲରୁ ଚାଇନାକୁ ୧ ନିୟୁତ ବ୍ୟାରେଲ୍ ଇରାନୀୟ ଏଲ୍‌ପିଜି ପରିବହନ କରିଥିବା ଜଣାପଡ଼ିଛି। ସୋନିୟା ଶ୍ରେଷ୍ଠାଙ୍କ ମାଲିକାନାରେ ଭାରତରେ ଭେଗା ଷ୍ଟାର ଶିପ୍ ମ୍ୟାନେଜମେଣ୍ଟ ପ୍ରା.ଲିଃ ରହିଛି। ଏହି କମ୍ପାନୀ କୋମୋରୋସ୍‌ର ନେପ୍‌ଟା ଜାହାଜ ପରିଚାଳନା କରିଥାଏ, ଯେଉଁଥିରେ ଇରାନରୁ ପାକିସ୍ତାନକୁ ଏଲ୍‌ପିଜି ପରିବହନ ହେଉଥିଲା।

## କାବୁଲରେ ପୁଣି ଦୂତାବାସ ଖୋଲିବ ଭାରତ

**ପାକିସ୍ତାନ ଉଭୟ ଭାରତ ଓ ଆଫଗାନିସ୍ତାନ ପାଇଁ ବିପଦ: ଜୟଶଙ୍କର**

ନୂଆଦିଲ୍ଲୀ,୧୦।୧୦



ଏସ୍. ଜୟଶଙ୍କରଙ୍କ ସହ ଆଫଗାନ୍ ବହିର୍ବ୍ୟାପାର ମନ୍ତ୍ରୀ ଅମିର ଖାନ୍ ମୁତ୍ତାକ।

ଭାରତ ଆଫଗାନିସ୍ତାନ ରାଜଧାନୀ କାବୁଲରେ ଏହାର ଦୂତାବାସ ପୁନର୍ବାର ଖୋଲିବା ପାଇଁ ଶୁକ୍ରବାର ଘୋଷଣା କରିଛି। ତାଲିବାନ ଶାସନାଧୀନ ଆଫଗାନିସ୍ତାନ ସହ ସମ୍ପର୍କ ବଢ଼ାଇବା ନେଇ ନୂଆଦିଲ୍ଲୀ ସ୍ପଷ୍ଟ ସଙ୍କେତ ଦେଇଛି। ନୂଆଦିଲ୍ଲୀ ଗସ୍ତରେ ଥିବା ଆଫଗାନିସ୍ତାନର କାର୍ଯ୍ୟକାରୀ ବହିର୍ବ୍ୟାପାର ମନ୍ତ୍ରୀ ଅମିର ଖାନ୍ ମୁତ୍ତାକିଙ୍କ ସହ ଭାରତୀୟ ପ୍ରତିପକ୍ଷ ଏସ୍. ଜୟଶଙ୍କରଙ୍କ ବୈଠକ ପରେ ଏହି ଘୋଷଣା କରାଯାଇଛି। ବୈଠକରେ ଉଭୟ ନେତା ପୁନଃନିର୍ମାଣ, ମାନବୀୟ ସହାୟତାଠାରୁ ଆରମ୍ଭ କରି ସୁରକ୍ଷା ସହଯୋଗ ଏବଂ ବାଣିଜ୍ୟ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

କାବୁଲରେ ଭାରତର ବୈଷୟିକ ମିଶନକୁ ଉନ୍ନତ କରି ଏହାକୁ ଦୂତାବାସ ମାନ୍ୟତା ଦେବା ପାଇଁ ଜୟଶଙ୍କର ଘୋଷଣା କରିଛନ୍ତି। ଆଫଗାନ୍ ଜନସାଧାରଣ ଏବଂ ସେମାନଙ୍କ ଭବିଷ୍ୟତ ପାଇଁ ଭାରତର ବ୍ୟାପକ ପ୍ରତିଶ୍ରୁତିବଦ୍ଧତାର ଏହା ଅଂଶବିଶେଷ। ଏକ ମିଳିତ ବିବୃତିରେ ଜୟଶଙ୍କର ଓ ମୁତ୍ତାକି କହିଛନ୍ତି, ପାକିସ୍ତାନ ସୀମାପାର ଆତଙ୍କବାଦର ପ୍ରାୟୋଜକ ଭାବେ ଭାରତ ଓ ଆଫଗାନିସ୍ତାନ ତାଲିକାଭୁକ୍ତ କରିଛନ୍ତି। ପାକିସ୍ତାନ ଉଭୟ ଭାରତ ଓ ଆଫଗାନିସ୍ତାନ ପାଇଁ ବିପଦ। ସୀମାପାର ଆତଙ୍କବାଦ ବିରୋଧରେ ଲଢ଼ିବା ପାଇଁ ଆମେ ମିଳିତ ଉଦ୍ୟମ କରିବା ଜରୁରୀ ବୋଲି ଜୟଶଙ୍କର କହିଛନ୍ତି।

ଦ୍ୱିପାକ୍ଷିକ ସମ୍ପର୍କରେ ଉନ୍ନତି ପାଇଁ କାବୁଲ ଖୁବ୍‌ଶୀଘ୍ର ଭାରତକୁ କୂଟନୀତିଜ୍ଞମାନଙ୍କୁ ପଠାଇବ ବୋଲି ମୁତ୍ତାକି କହିଛନ୍ତି। ନୂଆଦିଲ୍ଲୀର ସ୍ୱାର୍ଥକୁ କ୍ଷତି ପହଞ୍ଚାଇବା ଭଳି କୌଣସି କାର୍ଯ୍ୟ ଆଫଗାନ ମାଟିରୁ କରିବା ଲାଗି ଅନୁମତି ଦିଆଯିବ ନାହିଁ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

## ବିବାହ ପାଇଁ ତ୍ରିଶା ରାଜି



ତ୍ରିଶା କ୍ରିଷ୍ଣନ

**ହାଇଦ୍ରାବାଦ:** ଚର୍ଚ୍ଚାରେ ଦକ୍ଷିଣ ଭାରତୀୟ ସିନେମାର ଚୁଲବୁଲି ଅଭିନେତ୍ରୀ ତ୍ରିଶା କ୍ରିଷ୍ଣନ। ଆପଣ ଭାବୁଥିଲେ ତାହା କୌଣସି ସିନେମା ଲାଗି। ହେଲେ ସେଭଳି କିଛି ନୁହେଁ। ଶୁଣିବାକୁ ମିଳୁଛି ଯେ ଅଭିନେତ୍ରୀ ଖୁବ୍‌ଶୀଘ୍ର ହାତକୁ ଦୁଇ ହାତ ହେବେ। ଏମିତିରେ ପ୍ରଶଂସକଙ୍କ ଆଶା ଥିଲା ଯେ ସେ କୌଣସି ଅଭିନେତାଙ୍କ ହାତ ଧରିପାରନ୍ତି। ହେଲେ ତ୍ରିଶା ନିଜ ପିତାମାତାଙ୍କ ଇଚ୍ଛା ଅନୁସାରେ ପ୍ରସ୍ତାବିତ ବିବାହ ପାଇ ହଁ ଭରିଛନ୍ତି। ଯଦି ସବୁକିଛି ଠିକ୍ ଚାଲେ ତାହାଲେ ପ୍ରଶଂସକଙ୍କୁ ଖୁବ୍‌ଶୀଘ୍ର ଖୁସି ଖବର ମିଳିବ।

ଏକ ରିପୋର୍ଟ ମୁତାବକ, ତ୍ରିଶାଙ୍କ ମା'ବାପା ତାଙ୍କ ଲାଗି ଚଣ୍ଡିଗଡ଼ର ଜଣେ ବ୍ୟବସାୟୀଙ୍କୁ ପସନ୍ଦ କରିଛନ୍ତି। ଉଭୟ ପରିବାର ପରସ୍ପରକୁ ବେଶ୍ ଭଲ ଭାବେ ଜାଣନ୍ତି। ଏଣୁ କୌଣସି ଅସୁବିଧା ନାହିଁ। ପୂର୍ବରୁ ମଧ୍ୟ ତ୍ରିଶା ପସନ୍ଦର ବ୍ୟକ୍ତିଙ୍କୁ ପାଇଲେ ବିବାହ କରିବେ ବୋଲି କହିସାରିଛନ୍ତି।

କହିରଖୁଛୁ, ତ୍ରିଶାଙ୍କ ବିବାହକୁ ନେଇ ପୂର୍ବରୁ ଅନେକ ଖବର ଆସିଛି। ୨୦୧୫ରେ ସେ ବ୍ୟବସାୟୀ ବରୁଣ ମାନିଆନ୍‌ଙ୍କ ସହ ନିର୍ବନ୍ଧ କରିଥିଲେ। ହେଲେ ତାହା ବେଶିଦିନ ତିଷ୍ଠି ନ ଥିଲା। ଏହି ଖବର ଶୁଣି ପ୍ରଶଂସକ ଚକିତ ହୋଇଥିଲେ। କାରଣ ଅଭିନେତ୍ରୀ ବିବାହ ପରେ ବି ଅଭିନୟ ଜାରି ରଖିବାକୁ ଚାହୁଁଥିଲେ। ଏହାକୁ ନେଇ ଉଭୟଙ୍କ ମତଭେଦ ହୋଇଯାଇଥିଲା। ଏବେ ପୁଣିଥରେ ତାଙ୍କ ବିବାହ ଖବର ଚର୍ଚ୍ଚାରେ ରହିଛି।

# କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

## ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଆବେଦନ

**ନୂଆଦିଲ୍ଲୀ,୧୦।୧୦ (ପି.ଟି.)**

ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳକୁ ରାଜ୍ୟ ମାନ୍ୟତା ପ୍ରଦାନ ଲାଗି ହୋଇଥିବା ଏକାଧିକ ଆବେଦନ ଉପରେ ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବା ପାଇଁ ପ୍ରଧାନ ବିଚାରପତି ବି.ଆର୍. ଗବଇ ଏବଂ ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଶିକ୍ଷାବିତ୍ ଜହୁର ଅହମଦ ଭଟ୍ଟ ଏବଂ ସାମାଜିକ-ରାଜନୈତିକ କର୍ମୀ ଅହମଦ ମଲିକଙ୍କ ସମେତ ଅନେକ ଆବେଦନକାରୀ ଜମ୍ମୁ-କଶ୍ମୀରକୁ ତୁରନ୍ତ ରାଜ୍ୟ ମାନ୍ୟତା ଫେରାଇଦେବା ପାଇଁ ନିବେଦନ କରି ପିଟିଶନ ଦାଏର କରିଥିଲେ। ପୂର୍ବରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ମାମଲାର ଶୁଣାଣି ବେଳେ କେନ୍ଦ୍ରଶାସିତ ଅଞ୍ଚଳକୁ ରାଜ୍ୟ ମାନ୍ୟତା ପ୍ରଦାନ କରିବାକୁ କେନ୍ଦ୍ର ପ୍ରତିଶ୍ରୁତି ଦେଇଥିବା କଥା ସେମାନେ ଦର୍ଶାଇଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଉପସ୍ଥିତ ରହି କହିଥିଲେ, ଗତବର୍ଷ ସେଠାରେ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ କରାଯାଇ ସରକାର ଗଢ଼ାଯାଇଛି। ସେଠାରେ ସୁରକ୍ଷାଜନିତ ଚିନ୍ତା ଲାଗି ରହିଥିବାବେଳେ ଗତ ଏପ୍ରିଲରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ମାନ୍ୟତା ଫେରାଇବା ପ୍ରସଙ୍ଗର ମୂଲ୍ୟାୟନ ପାଇଁ ସରକାର ଅଧିକ ସମୟ ଚାହୁଁଛନ୍ତି। ରାଜ୍ୟ ମାନ୍ୟତା ଫେରାଇବା ନେଇ କେନ୍ଦ୍ର ପକ୍ଷରୁ ଜମ୍ମୁ-କଶ୍ମୀର ପ୍ରଶାସନ ସହ ବିଚାରବିମର୍ଶ ଜାରି ରହିଥିବା ମେହେଟ୍ଟା କହିଥିଲେ। ଜହୁରଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କର ନାରାୟଣନ୍ କହିଥିଲେ, ରାଜ୍ୟ ମାନ୍ୟତା ଫେରାଇବା ପାଇଁ କେନ୍ଦ୍ର ସରକାର ୨୦୨୩ରେ ପ୍ରତିଶ୍ରୁତି ଦେଇଥିଲେ। ସେବେଠୁ ବହୁ ପାଣି ବହିଗଲାଣି। ରାଜ୍ୟ ମାନ୍ୟତା ପ୍ରଦାନ ନ କରିବା ସମ୍ବିଧାନର ସଂଘୀୟ ଢାଞ୍ଚାକୁ ଦୁର୍ବଳ କରୁଥିବା ବରିଷ୍ଠ ଆଇନଜୀବୀ ମାନେକା ଗୁରୁସ୍ୱାମୀ ଯୁକ୍ତି ଦର୍ଶାଇଥିଲେ। ଯଦି ରାଜ୍ୟକୁ ଏଭଳି ଭାବେ କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯାଏ, ତେବେ ସଂଘବାଦର ମାନେ କ'ଣ ବୋଲି ସେ ପ୍ରଶ୍ନ କରିଥିଲେ। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଖଣ୍ଡପୀଠ ସରକାରଙ୍କୁ ରାଜ୍ୟ ମାନ୍ୟତା ପ୍ରଦାନ ସମ୍ପର୍କରେ ୪ ସପ୍ତାହ ମଧ୍ୟରେ ଜବାବ ରଖିବାକୁ କହିଛନ୍ତି।


# ଜୁଲାଇ ୩୧ ପୂର୍ବରୁ କଟିଥିବା ଚାଲାଣ ରାଶିକୁ ଅଧା କଲା ବିଭାଗ

**ଭୁବନେଶ୍ୱର, ୧୦।୧୦ (ସୁନିତ୍ ମିଶ୍ର)**

ଗାଡି ଚାଳନା ଜରିମାନାରେ କୋହଳ କରିଛନ୍ତି ସରକାର। ଗତ ଜୁଲାଇ ୩୧ କିମ୍ବା ଏହା ପୂର୍ବରୁ କଟିଥିବା ଚାଲଣରେ ସରକାର କୋହଳ କରିଛନ୍ତି। ଏହି ସମୟ ଅବଧିରେ ଥିବା ଜରିମାନା ରାଶିକୁ ରାଜ୍ୟ ସରକାର ଅଧା କରିଦେଇଛନ୍ତି। ଏନେଇ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି, ଯେଉଁ ଚାଳକମାନେ ଉପଯୁକ୍ତ ଡ୍ରାଇଭିଂ ଲାଇସେନ୍ସ ନ ଥାଇ କିମ୍ବା ବେଆଇନ ଲାଇସେନ୍ସ ବ୍ୟବହାର କରି ଗାଡି ଚଳାଉଥିଲେ ସେମାନଙ୍କ ଉପରେ ଲାଗିଥିବା ୫ ହଜାର ଟଙ୍କା ଜରିମାନା ରାଶିକୁ କମାଇ ୨୫୦୦ ଟଙ୍କା କରାଯାଇଛି। ସେହିପରି ବିନା ଲାଇସେନ୍ସରେ ଗାଡି ଚାଳକଙ୍କ ଠାରୁ ଆଦାୟ ହେବାକୁ ଥିବା ୫ ହଜାର ଟଙ୍କାର ଜରିମାନା ରାଶି ଅଧା କରାଯାଇଛି। ବିନା ସିଟ୍ ବେଲ୍ଟରେ ଯେଉଁମାନେ ଗାଡି ଚଳାଉଥିଲେ ସେମାନଙ୍କ ଠାରୁ ହଜାର ଟଙ୍କା ପରିବର୍ତ୍ତେ ୫୦୦ ଟଙ୍କା, ଦୁଇ ଜଣରୁ ଅଧିକ ବ୍ୟକ୍ତି ବସି ଯାଉଥିବା ଦୁଇ ଚକିଆ ଯାନରୁ ହଜାରେ ପରିବର୍ତ୍ତେ ୫୦୦ ଟଙ୍କା, ବିନା ହେଲ୍‌ମେଟ୍‌ରେ ଗାଡି ଚଳାଉଥିବା ଚାଳକଙ୍କ ଠାରୁ ହଜାରେ ପରିବର୍ତ୍ତେ ୫୦୦ ଟଙ୍କା, ବିନା ବୀମା ଥିବା ଗାଡି ଚାଳକଙ୍କ ଉପରେ ଲାଗିଥିବା ୨ ହଜାର ଟଙ୍କା ଜରିମାନା ରାଶିକୁ ହଜାରେ ଟଙ୍କା, ଜରୁରୀକାଳୀନ ଗାଡିକୁ ରାସ୍ତା ଛାଡି ନ ଥିବା ଗାଡି ଠାରୁ ୧୦ ହଜାର ପରିବର୍ତ୍ତେ ୫ ହଜାର ଟଙ୍କା ଲେଖା ଆଦାୟ କରିବାକୁ ବିଭାଗ ପକ୍ଷରୁ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

# ବଣିକ୍‌ର ୩ ଅଧିକାରୀଙ୍କୁ କ୍ରାଇମ୍‌ବ୍ରାଞ୍ଚ ଜେରା

## ବହୁଚର୍ଚ୍ଚିତ ଏସ୍‌ଆଇ ପରୀକ୍ଷା ଜାଲିଆତି




**ଭୁବନେଶ୍ୱର,୧୦।୧୦ (ସତ୍ୟଜିତ୍ ରାଉତ)**

ବହୁଚର୍ଚ୍ଚିତ ପୋଲିସ ଏସ୍‌ଆଇ ପରୀକ୍ଷା ନିଯୁକ୍ତି ଜାଲିଆତି ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ବଣିକ୍ କୋଚିଂ ସେଣ୍ଟରର ସମ୍ପୃକ୍ତି ଅଭିଯୋଗକୁ ନେଇ ଅଧିକ ଖୋଳତାଡ଼ କରାଯାଉଛି। ଗୁରୁବାର ଭୁବନେଶ୍ୱର ସିଆର୍‌ପି ଛକ ନିକଟ ବଣିକ୍ କୋଚିଂ ଶାଖାରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଚଢ଼ାଉ କରିଥିବା ବେଳେ ଶୁକ୍ରବାର ଏହି ସଂସ୍ଥାର ୩ ଜଣ ଅଧିକାରୀଙ୍କୁ ମାରାଥନ୍ ଜେରା କରାଯାଇଛି। ବଣିକ୍ କୋଚିଂ ସେଣ୍ଟରର ଏଚ୍‌ଆର୍ ମ୍ୟାନେଜର, ଆକାଉଣ୍ଟାଣ୍ଟ ଓ ମାର୍କେଟିଂ ମ୍ୟାନେଜରଙ୍କୁ କଟକସ୍ଥିତ କ୍ରାଇମ୍‌ବ୍ରାଞ୍ଚ ମୁଖ୍ୟାଳୟରେ ପଚରାଉଚରା କରାଯାଇଛି। ଗୁରୁବାର ଚଢ଼ାଉ ବେଳେ ଏମାନଙ୍କୁ କ୍ରାଇମ୍‌ବ୍ରାଞ୍ଚ ମୁଖ୍ୟାଳୟରେ ହାଜର ହେବାକୁ ନୋଟିସ୍ ଜାରି କରାଯାଇଥିଲା। ଗିରଫ ୧୧୪ ପରୀକ୍ଷାର୍ଥୀଙ୍କ ମଧ୍ୟରେ ୬ ଜଣ ବଣିକ୍‌ରେ କୋଚିଂ ନେଇଥିଲେ ବୋଲି ସଂସ୍ଥା ପକ୍ଷରୁ କ୍ରାଇମବ୍ରାଞ୍ଚକୁ ତଥ୍ୟ ଦିଆଯାଇଛି। ୪ଜଣ ୨୦୨୨ରେ ଓ ୨ ଜଣ ୨୦୨୩ରେ କୋଚିଂ ନେଇଥିଲେ। ତେବେ ଏମାନଙ୍କୁ ଏସ୍‌ଆଇ ପରୀକ୍ଷା ଜାଲିଆତିରେ ବଣିକ୍ ସ୍ପୋନ୍‌ସର୍ କରିଥିଲା ବୋଲି କ୍ରାଇମବ୍ରାଞ୍ଚ ସନ୍ଦେହକରି ଅଧିକ ତଦନ୍ତ ଜାରି ରଖିଛି। ଏପରିକି ଏହି ଜାଲିଆତିରେ ମାଷ୍ଟରମାଇଣ୍ଡ କୁହାଯାଉଥିବା ପଞ୍ଚସଫ୍ଟ ସଂସ୍ଥା ମୁଖ୍ୟ ଶଙ୍କର ପ୍ରୁଷ୍ଟିଙ୍କ ସହ ବଣିକ୍‌ର ଲିଙ୍କ୍‌କୁ ନେଇ କ୍ରାଇମବ୍ରାଞ୍ଚ ଅଧିକ ତଦନ୍ତ ଚଳାଇଛି। ତେବେ ବଣିକ୍‌ର ୩ ଅଧିକାରୀଙ୍କୁ କ୍ରାଇମବ୍ରାଞ୍ଚ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗକୁ ନେଇ ପ୍ରଶ୍ନ କରିବା ସହ ବହୁ ତଥ୍ୟ ହାସଲ କରିଥିବା ସୂଚନା ମିଳିଛି। ଅପରପକ୍ଷରେ ଏହି ଜାଲିଆତି ଘଟଣାରେ ୧୧୪ ପରୀକ୍ଷାର୍ଥୀ ଓ ୫ଜଣ ମଧ୍ୟସ୍ଥ (ଦଲାଲ) ଗିରଫ ହୋଇ ଏବେ ଜେଲରେ ଅଛନ୍ତି। ହେଲେ ଶଙ୍କର ଓ ତାଙ୍କ ସହଯୋଗୀ ମୁନା ଫେରାର ଥିବା ବେଳେ କ୍ରାଇମବ୍ରାଞ୍ଚ ସେମାନଙ୍କ ପତ୍ତା ପାଇପାରିନାହିଁ। ଏହି ଘଟଣାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ବିଭିନ୍ନ ଟିମ୍ ଗଠନ କରାଯାଇ ତଦନ୍ତ ଜାରି ରହିଥିବା ସୂଚନା ଦିଆଯାଇଛି। ଶଙ୍କର ଓ ମୁନା ଧରାପଡିବା ପରେ ଏହି ବଡ଼ ଜାଲିଆତିର ବଡ଼ ଗୁମର ପଦାକୁ ଆସିବ ବୋଲି ଆଶା କରାଯାଉଛି।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ବିତରଣ ସମାରୋହ, ସ୍ଥାନ: ବିଜେଇଏମ୍ ସ୍କୁଲ, ବିଜେବି ନଗର, ସମୟ: ସକାଳ ୯ଟା ୩୦।
- ବିଶିଷ୍ଟ ସମାଜବାଦୀ ନେତା ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା।

## କଟକ
- ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ନୂଆପାଟଣା ଜେମାଦେଈପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜେମାଦେଈପୁର, ତିଗିରିଆ, ସମୟ: ସକାଳ ୮ଟା।
- ଗାନ୍ଧୀ-ଲୋହିଆ-ଜୟପ୍ରକାଶ ମଞ୍ଚ ପକ୍ଷରୁ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ପାଳନ, ସ୍ଥାନ: ଜୟପ୍ରକାଶ ନାରାୟଣ ପାର୍କ, ସିଡିଏ ସେକ୍ଟର-୬, ସମୟ: ସକାଳ ୮ଟା ୩୦।
- ଜିଲା ପ୍ରଶାସନ ପକ୍ଷରୁ ଅନ୍ତର୍ଜାତୀୟ କନ୍ୟା ଦିବସ, ସ୍ଥାନ: ସଦ୍‌ଭାବନା ସଭାଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଉତ୍କଳ ସର୍ବୋଦୟ ମଣ୍ଡଳ ଓ କଟକ ଜିଲା ସର୍ବୋଦୟ ମଣ୍ଡଳ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ରାଣୀହାଟ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ଜିଲାସ୍ତରୀୟ 'ପ୍ରଧାନମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନା' ଉତ୍ସବ, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ସକାଳ ୯ଟା
- ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ୬୯ତମ ରାଜ୍ୟସ୍ତରୀୟ ଭଲିବଲ୍ ଚାମ୍ପିୟନଶିପ୍ ଆରମ୍ଭ, ସ୍ଥାନ: ରେଲୱେ ପଡ଼ିଆ, ଚରମ୍ପା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଗଜଲକ୍ଷ୍ମୀ ପୂଜା ଓ ବୈତରଣୀ ମହୋତ୍ସବର ୫ମ ସନ୍ଧ୍ୟା, ସ୍ଥାନ: ମାଳଦା, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ଆଗାସାହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ: ସକାଳ ୮ଟା।
- କଳା ଓ କାଳାକାର ପ୍ରତିଷ୍ଠାନର ରୌପ୍ୟ ଜୟନ୍ତୀ ଉତ୍ସବ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସନ୍ଧ୍ୟା ୬ ଟା। ୩୦।

## କନ୍ଧମାଳ
- ଜିଲା କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ରାବଣ ଦରବାର ଶେଷ, ସ୍ଥାନ: ଫୁଲବାଣୀ କୁମ୍ଭାରପଡା, ସମୟ: ରାତି ୮ ଟା।

## ଢେଙ୍କାନାଳ
- ବାଜିରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ବାଜିଚୌକ, ଢେଙ୍କାନାଳ, ସମୟ: ସକାଳ ୭ଟା୩୦।
- ବାଜିରାଉତଙ୍କ ଶ୍ରାଦ୍ଧୋତ୍ସବ ପାଳନ ଉପଲକ୍ଷେ ସାଧାରଣ ସଭା, ସ୍ଥାନ: ନୀଳକଣ୍ଠପୁର, ଭୁବନ, ସମୟ: ସକାଳ ୮ଟା୩୦।
- ଜିଲାସ୍ତରୀୟ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା, ସ୍ଥାନ: ଆର୍ଟ ଆଣ୍ଡ୍ କ୍ରାଫ୍ଟ ଅଡିଟୋରିୟମ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କାଞ୍ଚନ ବଜାର ପ୍ଲାଟିନମ୍ ଜୟନ୍ତୀ ଉତ୍ସବର ୫ମ ସନ୍ଧ୍ୟା, ସ୍ଥାନ: କାଞ୍ଚନ ବଜାର, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା ୩୦।

## ଅନୁଗୋଳ
- କଲେଜ ଛକ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ କଲେଜ ଛକ, ସମୟ: ସନ୍ଧ୍ୟା ୬ଟା।
- ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଅପେରା ପରିବେଷଣ, ସ୍ଥାନ: ତ୍ରିବେଣୀ ଛକ ରାଣୀଗୋଡ଼ା, ସମୟ: ରାତି ୧୦ଟା।
- ଟାଇଁସି ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଅପେରା ପରିବେଷଣ, ସ୍ଥାନ: ଟାଇଁସି ଲକ୍ଷ୍ମୀପୂଜା ପଡ଼ିଆ, ସମୟ: ରାତି ୧୦ଟା।

## ଜଗତ୍‌ସିଂହପୁର
- ସିଟି ଜିଏସ୍‌ଟି ପକ୍ଷରୁ କର୍ମଶାଳା, ସ୍ଥାନ: ଅଫିସର୍ସ କ୍ଲବ, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଆଦିତ୍ୟ ବାହିନୀ ଆନନ୍ଦ ବାହିନୀ ସଂଗଠନ ପକ୍ଷରୁ ସମୁଦ୍ର ଆଳତି କାର୍ଯ୍ୟକ୍ରମ, ସ୍ଥାନ: ବତୀଘର ପାଖ ବେଳାଭୂମି, ପାରାଦୀପ, ସମୟ: ଅପରାହ୍ନ ୫ଟା୩୦।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଭରତପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମା' ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ମଡ଼ିଆଳ, କେନ୍ଦ୍ରାପଡ଼ା ସହର, ଠାକୁରହାଟ, ଡେରାବିଶ, ଅଳପୁଆ, କେନ୍ଦ୍ରାପଡ଼ା, ନାରାୟଣପୁର, କୁହୁଡି ଅଙ୍ଗୁଳାଇ, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼
- ସତ୍ୟସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ନୟାଗଡ଼ ବ୍ଲକର ନୋତର, ଖଇରପଟି, ଆନନ୍ଦାପଲ୍ଲୀ, ଶଙ୍ଖେଇ, ବଉଳସାହି, ସମୟ: ସକାଳ ୮ଟାରୁ ରାତି ୯ଟା ୩୦।
- ଶନିଶ୍ଚରଦେବଙ୍କ ବାର୍ଷିକୋତ୍ସବ, ସ୍ଥାନ: ନୂଆଗାଁ ବ୍ଲକର ବାଲଣ୍ଡା, ସମୟ: ସକାଳ ୯ଟା।
- ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗ୍ରନ୍ଥାଗାରର ଶୁଭ ଉଦ୍‌ଘାଟନ ଓ ଯୁକ୍ତ ୨ ବିଜ୍ଞାନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ନୂଆଗାଁ ମହାବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞର ୨ୟ ଦିବସରେ ମାନସ ମହାତ୍ମ୍ୟ ଓ ଶିବ ପାର୍ବତୀ ବିବାହ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।
- ଜଗନ୍ନାଥ ମନ୍ଦିରରେ ଭାଗବତ ମହାପୁରାଣ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ୨ୟ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର, ସମୟ: ସନ୍ଧ୍ୟା ୭ଟା।
- ଗଜଲକ୍ଷ୍ମୀ ପୂଜାର ଷଷ୍ଠ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଢ଼ୋଲମରା କୃଷ୍ଣଚନ୍ଦ୍ରପୁର, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା
- ଜିଲାସ୍ତରୀୟ ଅର୍ନ୍ତଜାତୀୟ ବାଳିକା ଦିବସ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର
- ଜିଲାସ୍ତରୀୟ ଅନ୍ତର୍ଜାତୀୟ ବାଳିକା ଦିବସ, ସ୍ଥାନ: ଜିଲା ପରିଷଦ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଆଭାସି ଲୋକାର୍ପଣ, ସ୍ଥାନ: ନବରଙ୍ଗପୁର ମିଶନଶକ୍ତି ବୈଠକ ଗୃହ, ସ୍ଥାନ: ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି, ସମୟ: ପୂର୍ବାହ୍ନ ୧୧ଟା ୩୦।

## ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ ପରିସର, ସମୟ: ସକାଳ ୬ଟା।
- ଜିଲା ପ୍ରଶାସନ ପକ୍ଷରୁ ସମନ୍ୱିତ ଆକ୍ୱା ପାର୍କର ଭିତ୍ତିପ୍ରସ୍ତର ସ୍ଥାପନା କାର୍ଯ୍ୟକ୍ରମ, ସ୍ଥାନ: ଚିପିଲିମା ସ୍ଥିତ ଓୟୁଏଟି ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କେନ୍ଦୁପତ୍ର ସଂଘର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୫ଟା।
- ସାଇ ଶିକ୍ଷା ପରିଷଦ ପକ୍ଷରୁ ସମ୍ବଲପୁର ଲିଟିଲ ମିସ୍ ଓ ଲିଟିଲ ମାଷ୍ଟର-୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ: ଜଗନ୍ନାଥ କଲୋନୀ ସ୍ଥିତ ପରିଷଦ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୬ଟା।

## ବଲାଙ୍ଗୀର
- କୁଶଙ୍ଗ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ଆଦର୍ଶ ବିଦ୍ୟାଳୟ, ଝାରମୁଣ୍ଡା, ଲୋଇସିଂହା ବ୍ଲକ, ସମୟ: ସକାଳ ୯ଟା ।
- ଜିଲାସ୍ତରୀୟ ଆନ୍ତର୍ଜାତିକ କନ୍ୟା ଦିବସ ପାଳନ, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ ଅଡିଟୋରିୟମ୍, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ଭାଲିଆମୁଣ୍ଡା ୫୩ତମ ଫୁଟବଲ ଟୁର୍ନାମେଣ୍ଟ ଫାଇନାଲ ଖେଳ, ସ୍ଥାନ: ସାପ୍ତାହିକ ବଜାର ପଡ଼ିଆ, ଭାଲିଆମୁଣ୍ଡା, ଲୋଇସିଂହା ବ୍ଲକ, ସମୟ: ଅପରାହ୍ନ ୩ଟା

## ରାଉରକେଲା
- ତାଲୁକ ଆଇନ ସଚେତନତା ଶିବିର, ସ୍ଥାନ: ଶ୍ରଦ୍ଧା ଅନୁଷ୍ଠାନ, ସମୟ: ପୂର୍ବାହ୍ନ ୧୦ଟା।
- ଏକ ପେଡ୍ ମା' କେ ନାମ, ସ୍ଥାନ: ଜୁଭେନାଇଲ ଜେଲ୍, ସମୟ: ପୂର୍ବାହ୍ନ-୧୦ଟା।
- ଗୋପବନ୍ଧୁ ପାଠାଗାରର ୨୨ତମ ବାର୍ଷିକୋତ୍ସବ, ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।
- ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହନୁମାନ ବାଟିକା କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୧୨ଟା ୪୫।
- ସତ୍‌ସଙ୍ଗ ବିହାରରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ଛେଣ୍ଡ ସତ୍‌ସଙ୍ଗ ବିହାର, ସମୟ: ସନ୍ଧ୍ୟା ୬ଟା।
- ଲତା ମଙ୍ଗେସକରଙ୍କ ସ୍ମୃତିରେ ସଙ୍ଗୀତ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ:-ସନ୍ଧ୍ୟା ୬ଟା।
- ପଦ୍ମବର୍ଣ୍ଣା ଅନୁଷ୍ଠାନ ପକ୍ଷରୁ ନାଟ୍ୟ ପ୍ରତିଯୋଗିତାର ତୃତୀୟ ସନ୍ଧ୍ୟା, ସ୍ଥାନ: ସେକ୍ଟର-୬, ସମୟ: ରାତି ୮ଟା।

## ସୁନ୍ଦରଗଡ଼
- ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ-୨୦୨୫ ପାଳନ କାର୍ଯ୍ୟକ୍ରମ, ସ୍ଥାନ:ସୁନ୍ଦରଗଡ ସଦର ବ୍ଲକ ମିଟିଂ ହଲ, ସମୟ:ପୂର୍ବାହ୍ନ୧୦ଟା।
- ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, ସମୟ:ସକାଳ ୯ଟା୩୦।

## ବରଗଡ଼
- ବ୍ଲକସ୍ତରୀୟ କଳା ଉତ୍ସବ, ସ୍ଥାନ: ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ବରଗଡ଼, ସମୟ: ପୂର୍ବାହ୍ନ ୯ଟା ୩୦।
- କ୍ଲଷ୍ଟରସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବ ସୁରଭି, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ବୁଡାପାଲି, ବିଜେପୁର, ସମୟ: ସକାଳ ୯ଟା ୩୦।
- ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ, ସ୍ଥାନ: ଜର୍ଜ ହାଇସ୍କୁଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସୁପ୍ରିୟା ସ୍ମାରକୀ ଫୁଟ୍‌ବଲ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ: ଅପରାହ୍ନ ୨ଟା।

## କଳାହାଣ୍ଡି
- ଶ୍ରୀ ବୁଢାରଜା ଠାକୁରଙ୍କ ବାର୍ଷିକ ଦଶହରା ଉତ୍ସବ, ସ୍ଥାନ: କୋକସରା ବ୍ଲକ ଆମପାଣି, ସମୟ: ଅପରାହ୍ନ ୪ଟା।
- ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ଜୁନାଗଡ଼ ବ୍ଲକ ଛୋରିଆଗଡ଼, ସମୟ: ଅପରାହ୍ନ ୩ଟା।

## ବୌଦ୍ଧ
- ପ୍ରଧାନମନ୍ତ୍ରୀ କୃଷି ଧନଧ୍ୟାନ ଯୋଜନାର ଶୁଭାରମ୍ଭ ଉତ୍ସବ, ସ୍ଥାନ:ଟାଉନହଲ ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତର୍ଜାତିକ ବାଳିକା ଦିବସ ପାଳନ, ସ୍ଥାନ: ମାଉସୀ ମା' ମନ୍ଦିର, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଜିଲାସ୍ତରୀୟ ଅନ୍ତର୍ଜାତୀୟ କନ୍ୟା ଦିବସ ପାଳନ, ସ୍ଥାନ: ଦେବଗଡ଼ ସଂସ୍କୃତି କେନ୍ଦ୍ର, ସମୟ: ସକାଳ ୯ଟା।
- ପିଏମ୍‌ଡିଡିକେୱାଇ ଏବଂ ଜାତୀୟ ଡାଲି ମିଶନର ଶୁଭାରମ୍ଭ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଗଜଲକ୍ଷ୍ମୀ ପୂଜାର ଷଷ୍ଠ ଦିବସ, ସ୍ଥାନ: ଖଣ୍ଡହତା, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ତୁଳସୀରାମାୟଣ ପରାୟଣର ଷଷ୍ଠ ଦିବସ, ସ୍ଥାନ: ମୁର୍ଷୁଣ୍ଡି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ତରଭାରେ ଡ. ଆମ୍ବେଡକର ସାମାଜିକ ସେବା ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ, ସ୍ଥାନ: କୃଷ୍ଣାର୍ଜ୍ଜୁନ କଳାମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ହରଗୌରୀ ଯାତ୍ରା ଅବସରରେ ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: ସୁବର୍ଣ୍ଣପୁର ସହରସ୍ଥିତ ଢେରାପଡା ସାଂସ୍କୃତିକ ମଞ୍ଚ, ସମୟ: ସନ୍ଧ୍ୟା ୬ଟା।
- କଂସ ଦରବାରର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଖଣ୍ଡହତା, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ମୁରାସୁର ଦରବାରର ଷଷ୍ଠ ରଜନୀ, ସ୍ଥାନ: ମୁର୍ଷୁଣ୍ଡି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା
- ଗିରିଗୋବର୍ଦ୍ଧନ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପାରିବାରିକ ଓ କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଅନେକାଂଶରେ ଭଲ ରହିବ। ଅର୍ଥ ଲାଭ ସାଙ୍ଗକୁ ଶାରୀରିକ ସୁସ୍ଥତା ଅନୁଭବ କରିବା କାରଣରୁ ମନ ଖୁସି ରହିବ। ବିବାଦୀୟ କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ଯାତ୍ରା, ବାଣିଜ୍ୟ, ସାହିତ୍ୟ, ସଙ୍ଗୀତ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** ବୁଧ ପ୍ରଭାବରେ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିପାରନ୍ତି। ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ। ଆଗାମୀ ମାଙ୍ଗଳିକ କାମ ସକାଶେ ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି ।

**ମିଥୁନ** ଆପଣ ଭାବୁଥିବେ ଗୋଟିଏ କଥା କିନ୍ତୁ କଲା ବେଳକୁ ଆଉ ଗୋଟିଏ କରିବାକୁ ବାଧ୍ୟ ହେବେ। ଏହାର କୁପରିଣାମ ସ୍ୱରୂପ ପରିବାର ମଧ୍ୟରୁ ନିଜ ଲୋକଙ୍କ ଦ୍ୱାରା ସମାଲୋଚିତ ହେବେ। କର୍ମକ୍ଷେତ୍ରରେ ଅଗ୍ରଗତି ଦ୍ରୁତ ହେବ ଓ ପ୍ରାଚୁର୍ଯ୍ୟ ପାଇବେ। ପୂର୍ବ ଶତ୍ରୁତାକୁ ନେଇ ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି।

**କର୍କଟ** ଶିଳ୍ପ, ବାଣିଜ୍ୟ ପାଇଁ ଦିନଟି ଭଲ ରହିବ। କେତେକ କ୍ଷେତ୍ରରେ ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ, ଯାହାଦ୍ୱାରା ଦ୍ୱନ୍ଦ୍ୱରେ ପଡ଼ି ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝି ପାରିବେନି। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ପରିଜନଙ୍କ ସହିତ ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ।

**ସିଂହ** ପ୍ରତ୍ୟେକ ସମସ୍ୟା ମଧ୍ୟରେ ନିଜକୁ ସମ୍ଭାଳି ନେଇ କାମ କରିବା ଦୁଷ୍କର ହେବ। ସାମାଜିକ କ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସାହାଯ୍ୟ, ସହଯୋଗ ପାଇ ପାରିବେ। ବହୁତ ଦିନରୁ ଖୋଜୁଥିବା ଜିନିଷ ହଠାତ୍ ଅତି ନିକଟରୁ ପାଇଯିବେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ।

**କନ୍ୟା** ଅନ୍ୟମାନଙ୍କ ସମସ୍ୟାମୂଳକ ଅଭିଶାପ ଆଶୀର୍ବାଦରେ ପରିଣତ ହୋଇଯିବ। ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦରର ସଦ୍‌ଭାବ ଅନୁଭବ କରିବେ। ଚିତ୍ରା ନକ୍ଷତ୍ରର କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହୋଇପାରେ। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି। ଅର୍ଥାଭାବରୁ କୌଣସି କାମ କରିବାରେ ପଛେଇ ଯାଇପାରନ୍ତି।

**ତୁଳା** ମନେ ମନେ ଚିନ୍ତା କରିଥିଲେ ମଧ୍ୟ ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ନ ରହିଲେ ସମସ୍ୟା ଆସିପାରେ। ବିବାଦୀୟ ଘଟଣାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହୋଇଯିବ। ନିର୍ମାଣ ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ।

**ବିଛା** ମନ ଅନୁଯାୟୀ କାମ ହାସଲ ନ ହେବା ସାଙ୍ଗକୁ ବିଭିନ୍ନ ପ୍ରକାରର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ବନ୍ଧୁଙ୍କୁ ଅନୁନୟ ବିନୟ କରି ଧାର କରଜ କରି ଆବଶ୍ୟକତା ଚଳାଇ ନେବେ। କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା, ପ୍ରତିଯୋଗିତା, କ୍ଷେତ୍ରରେ ସଫଳତା ମିଳିପାରେ। ସାମ୍ବାଦିକତାରେ ଉନ୍ନତି କରିବେ।

**ଧନୁ** ପରିସ୍ଥିତି କେତେକାଂଶରେ ବଦଳି ଯିବାରୁ ମନ ହାଲୁକା ହୋଇଯିବ। ପାରିବାରିକ କ୍ଷେତ୍ର, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ପରିବାରରେ ନିଜ ନିଜ ମଧ୍ୟରେ ସାମୟିକ କଳହ ଦେଖାଦେଇପାରେ। ଅଫିସ୍ କାମରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ମକର** କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖା ଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ସାମାଜିକ ସ୍ତରରେ ତଥା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ ଏବଂ ଦୂରଯାତ୍ରାର ସୁଯୋଗ ମଧ୍ୟ ପାଇବେ। ବୃତ୍ତି, ବାଣିଜ୍ୟ, ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ପରିବାରରେ ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ।

**କୁମ୍ଭ** ଆଜିର ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ବନ୍ଧୁମାନଙ୍କ ସାହାଯ୍ୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ କିଛି ଅସୁବିଧା ହେବ ନାହିଁ। କିନ୍ତୁ ସାମୟିକ ଭାବରେ ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ।

**ମୀନ** ନିଜ ଲୋକଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ପାରନ୍ତି। ବ୍ୟବସାୟ, ପରିବହନ, ଯାତ୍ରା, ଆନୁଷ୍ଠାନିକ କାମରେ ସଫଳତା ହାସଲ କରିବେ। ପରିବାରରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ ଫଳରେ ଅଶାନ୍ତି ଲାଗିରହିବ। ଆଲୋଚନା କାଳରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

ଆଜି ଅକ୍ଟୋବର ୧୧ ତାରିଖ, ଅନ୍ତର୍ଜାତୀୟ ବାଳିକା ଦିବସ, ବାଜି ରାଉତ ଶହୀଦ ଦିବସ, ଲୋକନାୟକ ଜୟପ୍ରକାଶ ନାରାୟଣ ଜୟନ୍ତୀ, କାର୍ତ୍ତିକ କୃଷ୍ଣ ୫ମୀ ଶନିବାର, ରାଶିନକ୍ଷତ୍ର-ରୋହିଣୀ/ବୃଷ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୧୬ ଗତେ ଘ.୦୮।୩୮ ମଧ୍ୟେ, ଘ.୧୧।୫୬ ଗତେ ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୮।୩୮ ଗତେ ଘ.୧୦/୦୫ ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅକଲ ଛନ୍ଦେ ସଭିଙ୍କୁ
ଜାଲ ଛନ୍ଦେ ମାଛକୁ
ସ୍ତ୍ରୀ ପାଖରେ ପୁରୁଷ ବନ୍ଦୀ
ବକଲ ବାନ୍ଧେ ଗଛକୁ।**

ମଣିଷ ନିଜ ବୁଦ୍ଧି ବଳରେ ସମସ୍ତଙ୍କୁ ଛନ୍ଦି ଦେଲାପରି ବା ବଶ କଲାପରି ଜାଲ ଘେରରେ ମାଛଟି ଛନ୍ଦି ହୋଇଯାଉଥିବାର ଦେଖିବାକୁ ମିଳିଥାଏ। ଠିକ୍ ସେହିପରି ଦାମ୍ପତ୍ୟ ଜୀବନରେ ପୁରୁଷଟି ନିଜ ସ୍ତ୍ରୀ ପାଖରେ ବନ୍ଦୀ ହୋଇ ରହିବା ପରି ଗଛକୁ ବକଲ ବାନ୍ଧି ରଖିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଅଖ ଢିଲା, ଚକ ଢିଲା
ଶଗଡ଼ ବଳେ କିଆବଣକୁ ଗଲା।**

ସାଧାରଣତଃ ଅଖ ଓ ଚକ ଢିଲା ରହିଲେ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହେବାର ସମ୍ଭାବନା ରହିଥାଏ। ସେହିପରି ଢିଲା ପ୍ରକୃତି ଥିବା ଲୋକର କୌଣସି ଠିକ୍ ଠିକଣା ରହୁ ନ ଥିବା ବେଳେ ତା'ର ହୁଗୁଳା ସ୍ୱଭାବ ଯୋଗୁ ସେ ସବୁବେଳେ ହଇରାଣ ହରକତ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ମାରିଆଙ୍କୁ ନୋବେଲ ...

ସ୍ୱାଧୀନତା ପାଇଁ ଦୀର୍ଘ ଲଢ଼େଇ ଲଢ଼ିଥିବା ଜଣେ ମହିଳାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ ହେଉଛି ଉତ୍କୃଷ୍ଟ ସ୍ୱୀକୃତି। ଭେନେଜୁଏଲାର ମଦୁରୋ ସରକାର ଲଗାତର ନିଜ ବାସ୍ତବ କିମ୍ବା କଳ୍ପିତ ବିରୋଧୀଙ୍କୁ ଟାର୍ଗେଟ୍ କରିଆସିଛି। ଚଳିତ ସପ୍ତାହରେ ୫୮ ବର୍ଷରେ ପଦାର୍ପଣ କରିଥିବା ମାଚାଡୋ ରାଷ୍ଟ୍ରପତି ନିକୋଲାସ୍ ମଦୁରୋଙ୍କ ବିରୋଧରେ ୨୦୨୪ ଜୁଲାଇରେ ନିର୍ବାଚନ ଲଢ଼ିବା ପାଇଁ ଅଣ୍ଟା ଭିଡ଼ିଥିଲେ। କିନ୍ତୁ ସରକାର ତାଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ। ଫଳରେ ଏଡ୍‌ମୁଣ୍ଡୋ ଗୋଞ୍ଜାଲେଜ୍ ମାଚାଡୋଙ୍କ ସ୍ଥାନରେ ନିର୍ବାଚନ ଲଢ଼ିଥିଲେ। କିନ୍ତୁ ମଦୁରୋ ସବୁ ଶକ୍ତି ପ୍ରୟୋଗ କରି ତାଙ୍କୁ ଜିତିବାକୁ ଦେଇ ନ ଥିଲେ। ଏହି ନିର୍ବାଚନରେ ପ୍ରାର୍ଥିତ୍ୱ ରଦ୍ଦ, ଗିରଫଦାରି ଓ ମାନବାଧିକାର ଉଲ୍ଲଂଘନର ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା। ମଦୁରୋଙ୍କ ଅନୁଗତମାନଙ୍କୁ ନେଇ ଗଠିତ ଦେଶର ନ୍ୟାଶନାଲ ଇଲେକ୍ଟୋରାଲ କାଉନ୍‌ସିଲ ତାଙ୍କୁ ରାଷ୍ଟ୍ରପତି ପୁନଃ ନିର୍ବାଚିତ ହୋଇଥିବା ଘୋଷଣା କରିଥିଲା। ଏହା ପରେ ଦେଶବ୍ୟାପୀ ଆନ୍ଦୋଳନ ମୁଣ୍ଡ ଟେକିଥିବାବେଳେ ବିରୋଧୀଙ୍କ ଉପରେ ସରକାରୀ ଦମନଲୀଳା ବଢ଼ିଯାଇଥିଲା। ସରକାର ବଳ ପ୍ରୟୋଗ କରିବାରୁ ୨୦ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଥିଲେ। ଏପରି କି ସରକାରୀ କଳ ଆର୍ଜେଣ୍ଟିନା ସମେତ ବିଦେଶୀ ରାଷ୍ଟ୍ରଗୁଡ଼ିକ ସହ କୂଟନୈତିକ ସମ୍ପର୍କ ଛିନ୍ନ କରିଥିଲା। ଏଭଳି ସ୍ଥିତିରେ ମାଚାଡୋ ଆତ୍ମଗୋପନ କରିଥିଲେ। ତାଙ୍କୁ ଗତ ଜାନୁଆରୀ ପର୍ଯ୍ୟନ୍ତ ଦେଖିବାକୁ ମିଳି ନ ଥିଲା। ଏଡ୍‌ମୁଣ୍ଡୋ ନିର୍ବାଚନର ପ୍ରକୃତ ଫଳାଫଳ ପ୍ରକାଶ କରିଥିବାରୁ ଭେନେଜୁଏଲାର ଏକ କୋର୍ଟ ତାଙ୍କ ବିରୋଧରେ ଗିରଫଦାରି ୱାରେଣ୍ଟ ଜାରି କରିଥିଲେ। ସେ ସ୍ପେନ୍ ଚାଲିଯାଇ ସେଠାରେ ଶରଣାର୍ଥୀ ଭାବେ ବସବାସ କରିବାକୁ ଲାଗିଲେ। ଗତ ଜାନୁଆରୀରେ ମଦୁରୋ ତୃତୀୟ ଥର ପାଇଁ ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ଭେନେଜୁଏଲାରେ ନୈରାଶ୍ୟ ଖେଳିଯାଇଥିଲା। ଏଥିସହ ମାଚାଡୋ ଓ ବିରୋଧୀଙ୍କ ପ୍ରତି ସମର୍ଥନ ହ୍ରାସ ପାଇଥିଲା। ଗତବର୍ଷ ମାଚାଡୋ ଓ ଏଡ୍‌ମୁଣ୍ଡୋଙ୍କୁ ୟୁରୋପୀୟ ସଂଘର ସର୍ବବୃହତ୍ ମାନବ ଅଧିକାର ସମ୍ମାନ ସାଖାରୋଭ୍ ପ୍ରାଇଜ୍ ପ୍ରଦାନ କରାଯାଇଥିଲା। ନୋବେଲ ଶାନ୍ତି ପୁରସ୍କାର ଗ୍ରହଣ କରିବାରେ ମାଚାଡୋ ହେଉଛନ୍ତି ବିଂଶତମ ମହିଳା ଓ ୧୧୨ତମ ବ୍ୟକ୍ତି।

ଇସ୍ରାଏଲ୍-ହମାସ୍ ଓ ଭାରତ-ପାକିସ୍ତାନ ସମେତ ୮ଟି ଯୁଦ୍ଧ ବନ୍ଦ କରାଇଥିବା ନେଇ ଦାବି କରୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଧ୍ୟ ଏଥର ନୋବେଲ ଶାନ୍ତି ପୁରସ୍କାର ପାଇଁ ଆଶାୟୀ ଥିଲେ। କିନ୍ତୁ ନୋବେଲ ଶାନ୍ତି ପୁରସ୍କାର କମିଟିର ଜୁରୀମାନେ ତାଙ୍କୁ ଏହି ପୁରସ୍କାର ଦେବାକୁ ଯୋଗ୍ୟ ମନେକରିନାହାନ୍ତି। ଏହାସତ୍ତ୍ୱେ ଟ୍ରମ୍ପ୍ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ନିଜ ଉଦ୍ୟମ ଜାରି ରଖିବେ ବୋଲି ହ୍ୱାଇଟ୍ ହାଉସ୍ ମୁଖପାତ୍ର ଷ୍ଟିଭେନ୍ ଚେଉଙ୍ଗ୍ ଶୁକ୍ରବାର ସକାଳେ Xରେ ଘୋଷଣା କରିଛନ୍ତି। ଶାନ୍ତିକୁ ନେଇ ନୋବେଲ କମିଟି ରାଜନୀତି କରୁଥିବା ସେ ଉକ୍ତ ସୋସିଆଲ ମିଡିଆ ପୋଷ୍ଟରେ ସମାଲୋଚନା କରିଛନ୍ତି।

## ସବୁଚାଷୀଙ୍କ ଧାନ ...

ଋତୁରେ ଧାନ ସଂଗ୍ରହର ଧାର୍ଯ୍ୟଲକ୍ଷ୍ୟ ଯଥାକ୍ରମେ ୭୨ ଲକ୍ଷ ଓ ୨୦ ଲକ୍ଷ ମେଟ୍ରିକ୍ ଟନ୍ ରହିବ। ଏହାଠାରୁ ଅଧିକ ଧାନ ଯଦି ପଞ୍ଜୀକୃତ ଚାଷୀଙ୍କଠାରୁ ମଣ୍ଡିକୁ ଆସେ, ତାହା ମଧ୍ୟ ରାଜ୍ୟ ସରକାର କ୍ରୟ କରିବେ। ସରକାରଙ୍କୁ ଧାନ ବିକ୍ରି ପାଇଁ 'ଆଧାର' ହେବ ଏକମାତ୍ର ପରିଚୟପତ୍ର। ଚାଷୀମାନେ ଆଧାର ଆଧାରିତ ଇ-କେୱାଇସି ପଞ୍ଜୀକରଣ ମାଧ୍ୟମରେ ଆଧାର ଇ-କେୱାଇସି ଆଧାରିତ ଦେୟ ପାଇଁ ସମ୍ମତି ଦେବେ। ଧାନ ବିକ୍ରୟ ସମୟରେ ପଞ୍ଜୀକୃତ ଚାଷୀଙ୍କ 'ଆଧାର' ମାଧ୍ୟମରେ ବାୟୋମେଟ୍ରିକ୍ ଚିହ୍ନଟୀକରଣ ପ୍ରକ୍ରିୟା ଅବଲମ୍ବନ କରାଯିବ। ଉପଗ୍ରହ ଚିତ୍ର ମାଧ୍ୟମରେ ପଞ୍ଜୀକୃତ ହୋଇଥିବା ଚାଷଜମିଗୁଡିକର ଶତପ୍ରତିଶତ କ୍ଷେତ୍ର ଯାଞ୍ଚ ଏବଂ ଜମି ବିବରଣୀର ବୈଧତା ଯାଞ୍ଚ କରାଯାଉଛି। ପଞ୍ଜୀକୃତ ଯୋଗ୍ୟ ଚାଷୀମାନଙ୍କୁ ଧାନ ସଂଗ୍ରହ ବାବଦ କ୍ରୟ ଦିବସ ଓ ପରିମାଣ ସମ୍ପର୍କରେ ଆଗୁଆ ସୂଚନା ମୋବାଇଲ ଫୋନ୍‌କୁ ବାର୍ତ୍ତା ମାଧ୍ୟମରେ ସୂଚାଇ ଦିଆଯିବ। ଏନେଇ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଅଗ୍ରାଧିକାର ପ୍ରଦାନ କରାଯିବ। ଭାରତ ସରକାରଙ୍କ ନିର୍ଦ୍ଧାରଣ ଅନୁସାରେ ସାଧାରଣ ଓ ଗ୍ରେଡ୍-ଏ ଧାନ ପାଇଁ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ଯଥାକ୍ରମେ ୨୩୬୯ ଓ ୨୩୮୯ ଟଙ୍କା ହାରରେ ଚାଷୀଙ୍କୁ ପ୍ରଦାନ କରାଯିବ। ତେବେ ଧାନ ଏଫ୍‌ଏକ୍ୟୁ ମାନର ହେବା ଆବଶ୍ୟକ ବୋଲି ମୁଖ୍ୟ ସଚିବ କହିଛନ୍ତି। କଷ୍ଟମ ମିଲରମାନେ ନିର୍ଦ୍ଧାରିତ ଏଫ୍‌ଏକ୍ୟୁ ମାନର ଚାଉଳ ଫେରସ୍ତ କରିବେ। ଏଫ୍‌ଏକ୍ୟୁ ମାନର ଧାନ ସର୍ବନିମ୍ନ ସହାୟକ ମୂଲ୍ୟଠାରୁ କମ୍ ଦରରେ ବିକ୍ରି ହେଲେ ତାହା ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ।

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଜିଲାରେ ଧାନ ସଂଗ୍ରହ କାର୍ଯ୍ୟରେ ନିୟୋଜିତ କରାଯାଇପାରିବ। ଚାଷୀଙ୍କ ଧାନ ବିକ୍ରି ବାବଦ ପ୍ରାପ୍ୟ ତାଙ୍କ ବ୍ୟାଙ୍କଖାତାକୁ ଅନ୍‌ଲାଇନ୍ ପ୍ରକ୍ରିୟାରେ ସିଧାସଳଖ ପଠାଇ ଦିଆଯିବ। ଏହି ପ୍ରାପ୍ୟ ପ୍ରଦାନ ଧାନ ବିକ୍ରିର ୨୪ରୁ ୪୮ ଘଣ୍ଟା ମଧ୍ୟରେ ହେବ। ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ସୁଚାରୁରୂପେ ପରିଚାଳନା ପାଇଁ ମଣ୍ଡି ପର୍ଯ୍ୟବେକ୍ଷକ ଅଧିକାରୀ ଏବଂ ମଣ୍ଡି ନୋଡାଲ ଅଧିକାରୀ ନିଯୁକ୍ତ କରାଯିବ। ରାଜ୍ୟ ବାହାରୁ ଧାନ ଯେପରି ଓଡ଼ିଶାରେ ପ୍ରବେଶ ନ କରେ, ସେଥିପାଇଁ ସମ୍ବେଦନଶୀଳ ସ୍ଥାନ/ପଥ ଚିହ୍ନଟ କରାଯିବା ସହ ସିସିଟିଭି କ୍ୟାମେରା ଲଗାଯିବ। ଖରିଫ୍ ବିପଣନ ବର୍ଷ ୨୦୨୪-୨୫(ରବିଋତୁ ବ୍ୟତୀତ) କିମ୍ବା ଏହାର ପୂର୍ବ ବର୍ଷଗୁଡ଼ିକରେ ଯଦି କୌଣସି ମିଲରଙ୍କ ବକେୟା ଦେୟ ଅଛି, ତେବେ ଉକ୍ତ ମିଲରଙ୍କୁ ଆଗାମୀ ଖରିଫ୍ ବିପଣନ ବର୍ଷ ୨୦୨୫-୨୬ରେ ଧାନ ସଂଗ୍ରହରେ ଅଂଶଗ୍ରହଣ ପାଇଁ ଅନୁମତି ଦିଆଯିବ ନାହିଁ। ପୂର୍ବବର୍ଷ ଭଳି ପ୍ରି-ପାସ୍ ପ୍ରକ୍ରିୟା ଜାରି ରହିବ। ଅଭାବୀ ବିକ୍ରିକୁ ପ୍ରତିହତ କରିବା ପାଇଁ ଜିଲା ପ୍ରଶାସନ ଆବଶ୍ୟକ ସମସ୍ତ ପଦକ୍ଷେପ ଗ୍ରହଣ କରିପାରିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

## ମାରିଆଙ୍କୁ ନୋବେଲ୍ ଶାନ୍ତି ପୁରସ୍କାର





# କାମାକ୍ଷାନଗର ଅଞ୍ଚଳରେ ବାଘ ଆତଙ୍କ

**କାମାକ୍ଷାନଗର,୧୦।୧୦(ସୁଧୀର ପରିଡା)**

### ଜଙ୍ଗଲକୁ ନ ଯିବା ପାଇଁ ସତର୍କ କରାଇଲା ବନବିଭାଗ

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଅନନ୍ତପୁର ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ବାଘ ରହିଥିବା ନେଇ ଆତଙ୍କ ଖେଳିଯାଇଛି। ବାଘ ଭୟରେ ଜଙ୍ଗଲ ଆଖପାଖ ଗ୍ରାମର ଲୋକମାନେ ଭୟଭୀତ ହୋଇପଡ଼ିଛନ୍ତି। ଏପରିକି ଠେଙ୍ଗାବାଡ଼ି ଧରି ଦିନରାତି ଗ୍ରାମରେ ପହରା ଦେଉଛନ୍ତି। ଗ୍ରାମବାସୀମାନେ ଜଙ୍ଗଲ ମଧ୍ୟକୁ ନ ଯିବା ପାଇଁ ବନବିଭାଗ ସତର୍କ କରାଇଛି। ଛତିଶଗଡ ଅଞ୍ଚଳରୁ ଏକ ବାଘ ଦେବଗଡ଼ ଓ ଅନୁଗୋଳ ବନଖଣ୍ଡ ଅଞ୍ଚଳରେ ପ୍ରବେଶ କରି ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ମହାବିରୋଡ ରେଞ୍ଜ ଓ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜର ଅନନ୍ତପୁର ସଂରକ୍ଷିତ ଜଙ୍ଗଲକୁ ପଶି ଆସିଥିବା ଏହାର ପାଦଚିହ୍ନରୁ ଜଣାପଡ଼ିଛି। ପାଦଚିହ୍ନକୁ ଯାଞ୍ଚ ଓ ତର୍ଜମା କରିବା ପରେ ଏହା ଏକ ବାଘର ପାଦଚିହ୍ନ ବୋଲି ବନବିଭାଗ ସୂତ୍ରରୁ ଜଣାପଡ଼ିଛି। ଏହାକୁ ନେଇ ଢେଙ୍କାନାଳ ବନଖଣ୍ଡ ପକ୍ଷରୁ ଅଧିକ ତଦନ୍ତ ଓ ଯାଞ୍ଚ ଜାରିରହିଛି। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କହିଛନ୍ତି, ବର୍ତ୍ତମାନ ସୁଦ୍ଧା ବାଘକୁ ଠାବ କରାଯାଇପାରିନାହିଁ। ବାଘ ଗୋଟିଏ ଜାଗାରେ ରହି ନ ଥାଏ। ସେ ଅନ୍ୟଆଡ଼କୁ ପଳାଇ ଥାଇପାରେ। ଏହାକୁ ନେଇ ଆମର ଯାଞ୍ଚ ଓ ତଦନ୍ତ ଜାରିରହିଛି। ବନବିଭାଗ ପକ୍ଷରୁ ଜଙ୍ଗଲକୁ ନ ଯିବା ପାଇଁ ସତର୍କ କରାଯାଇଛି।


ବାଘର ପାଦଚିହ୍ନ

## ପ୍ରସାରଣ ସମ୍ବନ୍ଧୀୟ ବିଶେଷ ସୂଚନା



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପ୍ରସାରଣ ବିଭାଗରେ କାର୍ଯ୍ୟ କରିଆସୁଥିବା ଅରବିନ୍ଦ ପାଠୀ ବ୍ୟକ୍ତିଗତ କାରଣ ଦର୍ଶାଇ ୯ ଅକ୍ଟୋବର ୨୦୨୫ରୁ ଇସ୍ତଫା ଦେଇଛନ୍ତି। ଏହି ସମୟ ପରଠାରୁ ତାଙ୍କ ସହ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ପ୍ରସାରଣ ସମ୍ବନ୍ଧୀୟ କୌଣସି ଆର୍ଥିକ ଦେଣନେଣ ନ କରିବା ଲାଗି ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ଏଜେଣ୍ଟ/ଖବରଦାତାମାନଙ୍କୁ ଅବଗତ କରାଇ ଦିଆଯାଉଛି।

# କଫ୍ ସିରପ୍ ବ୍ୟବହାରକୁ ଅଧିକ ନିୟନ୍ତ୍ରିତ କରିବାକୁ ପରାମର୍ଶ

**ଭୁବନେଶ୍ୱର,୧୦।୧୦(ବନ୍ଦନା ସେଠୀ)**

### ସମସ୍ତ ସରକାରୀ ଓ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଚିଠି

୨ ବର୍ଷରୁ କମ୍ ଶିଶୁଙ୍କ ପାଇଁ କଫ ଓ ଥଣ୍ଡା ସିରପ୍ ଦିଆଯିବା ଉଚିତ ନୁହେଁ। ଏହିସବୁ ଔଷଧ ୫ବର୍ଷରୁ କମ୍ ପିଲାଙ୍କ ପାଇଁ ମଧ୍ୟ ସୁପାରିଶ ଯୋଗ୍ୟ ନୁହେଁ। ଏପରିକି ୫ବର୍ଷରୁ ଅଧିକ ବୟସ୍କ ପିଲାଙ୍କ ପାଇଁ ଏସବୁ ପ୍ରକାର ଔଷଧ ଉପଯୁକ୍ତ ପରୀକ୍ଷା ନିରୀକ୍ଷା, ସଂପୃକ୍ତ ପିଲାର ସ୍ୱାସ୍ଥ୍ୟ ଅବସ୍ଥାର ଠିକ ଆକଳନ ଆଦି ପରେ ଡାକ୍ତରଙ୍କ ସିଧାସଳଖ ତତ୍ତ୍ୱାବଧାନରେ କରାଯିବା ଦରକାର। ଏନେଇ ଚଳିତ ମାସରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କୁ ଏକ ପରାମର୍ଶମୂଳକ ଚିଠି ପ୍ରଦାନ କରାଯାଇଛି। ୫ବର୍ଷରୁ କମ୍ ବୟସର ପିଲାଙ୍କ ନିରାପତ୍ତା ଓ ଆରୋଗ୍ୟ ନିମନ୍ତେ କଫ୍ ସିରପ୍ ବ୍ୟବହାରକୁ ଅଧିକ ନିୟନ୍ତ୍ରିତ କରିବା ପାଇଁ ସରକାର ପରାମର୍ଶ ଦେଇଛନ୍ତି। ସେହିପରି ପିଲା କେତେ ମାତ୍ରାରେ ଔଷଧ କେତେ ଥର ଓ କେତେବେଳେ ଖାଇବ ତାହା ମଧ୍ୟ ଡ଼ାକ୍ତରଙ୍କ ପରାମର୍ଶ ଅନୁସାରେ ନିର୍ଦ୍ଧାରିତ ହେବା ଦରକାର। ଶିଶୁ ରୋଗ ଚିକିତ୍ସା ଓ ଔଷଧ ବଣ୍ଟନ କରୁଥିବା ସମସ୍ତ ସରକାରୀ ଓ ଘରୋଇ ଚିକିତ୍ସାଳୟମାନଙ୍କୁ ଏହି ପରାମର୍ଶ ଅନୁପାଳନ ନିମନ୍ତେ କୁହାଯାଇଛି। ସେହିପରି ପିଲାମାନଙ୍କ ମଧ୍ୟରେ ଦେଖାଯାଉଥିବା ଥଣ୍ଡା ଓ କଫ ରୋଗ ପ୍ରାୟତଃ ଆପେ ଆପେ ଶରୀରର ପ୍ରତିରୋଧକ ଶକ୍ତି ବଳରେ ଭଲ ହୋଇଥାଏ। ସେଥିପାଇଁ ସବୁବେଳେ ବାହ୍ୟ ଔଷଧ ପ୍ରୟୋଗର ବିଶେଷ ଆବଶ୍ୟକତା ନାହିଁ। ତେବେ ଶରୀରର ପର୍ଯ୍ୟାପ୍ତ ଜଳଯୋଜନ (ଆଡିକ୍ୟୁଏଟ୍ ହାଇଡ୍ରେଶନ), ବିଶ୍ରାମ ଏବଂ ଆନୁସଙ୍ଗିକ ସହାୟତା ଆଦି ଉପରେ ଅଗ୍ରାଧିକାର ଦିଆଯିବା ଆବଶ୍ୟକ ବୋଲି ଏହି ଚିଠିରେ ଉଲ୍ଲେଖ ରହିଛି। ସମସ୍ତ ପିତାମାତା, ତତ୍ତ୍ୱାବଧାରକ ଏବଂ ଜନସାଧାରଣଙ୍କୁ ଏ ବିଷୟରେ ସଚେତନ କରାଇବା ସହ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଓ ଚିକିତ୍ସାଳୟଗୁଡ଼ିକରେ ଏହାର ଅନୁପାଳନ ନିଶ୍ଚିତ କରାଇବା ପାଇଁ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତଦନୁଯାୟୀ ଓ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟ ତରଫରୁ ରାଜ୍ୟର ସମସ୍ତ ମେଡିକାଲ କଲେଜ, ହସ୍ପିଟାଲ ଅଧୀକ୍ଷକ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଶିଶୁ ଚିକିତ୍ସା ବିଶେଷଜ୍ଞ ସଂଘ, ଓଡ଼ିଶା ମେଡିକାଲ ସେବା ସଂଘ ଆଦିଙ୍କୁ ପରାମର୍ଶ ଦିଆଯାଇଛି।


# ଟିପି ସ୍କିମ-୮ ଡ୍ରାଫ୍ଟ ଯୋଜନାକୁ ରାଜ୍ୟ ସରକାରଙ୍କ ଅନୁମୋଦନ

**ଭୁବନେଶ୍ୱର,୧୦।୧୦(ବନ୍ଦନା ସେଠୀ)**

### ଅନ୍ଧାରୁଆ, ଦାସପୁର ମୌଜାରେ ଗଢ଼ି ଉଠିବ ନୂଆ ସହର

ରାଜଧାନୀର ଯୋଜନାବଦ୍ଧ ସହରୀ ବିକାଶ ଦିଗରେ ଆଉ ଏକ ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାର ସହର ପରିକଳ୍ପନା (ଟି.ପି.) ଯୋଜନା-୮ର ଡ୍ରାଫ୍ଟ ଯୋଜନାକୁ ଅନୁମୋଦନ ଦେଇଛନ୍ତି। ଏ ସମ୍ପର୍କିତ ଏକ ସରକାରୀ ବିଜ୍ଞପ୍ତି ଓଡ଼ିଶା ଗେଜେଟରେ ପ୍ରକାଶିତ ହୋଇଛି। ଅନ୍ଧାରୁଆ ଓ ଦାସପୁର ମୌଜାର ୫୬୦.୮୬ ଏକର ଜମିରେ ଏହି ସହରୀକରଣ ଯୋଜନା କାର୍ଯ୍ୟକାରୀ ହେବ। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏହି ପ୍ରକଳ୍ପର କାର୍ଯ୍ୟକାରୀ ସଂସ୍ଥା ରହିବ। ଯୋଜନା ଅଧୀନରେ ଜମି ମାଲିକମାନେ ସେମାନଙ୍କ ଜମିର ୪୦% ସହରୀ ଭିତ୍ତିଭୂମି ପାଇଁ ଦେବେ ଏବଂ ଆଉ ୬୦% ବିକଶିତ ଟି.ପି. ଅଞ୍ଚଳ ଭାବେ ରହିବ। ପ୍ରକଳ୍ପରେ ପ୍ରାୟ ୯ ରୁ ୬୦ ମିଟର ଚଉଡ଼ା ରାସ୍ତା, ଡ୍ରେନେଜ, ଜଳ ଯୋଗାଣ, ସ୍ୱରେଜ ଓ ବିଦ୍ୟୁତ୍ ନେଟ୍‌ୱର୍କ ସହିତ ସମ୍ପୂର୍ଣ୍ଣ ଭିତ୍ତିଭୂମି ବିକାଶ କରାଯିବ। ଏହା ସଂଯୋଗୀକରଣ ଓ ବାସଯୋଗ୍ୟତା ବୃଦ୍ଧି କରିବା ସହ ଅବଶିଷ୍ଟ ଜମିର ବଜାର ମୂଲ୍ୟକୁ ମଧ୍ୟ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ ବୋଲି ବିଡିଏ ପକ୍ଷରୁ ଆଶା କରାଯାଇଛି।

ଏହି ପଦକ୍ଷେପ 'ସମୃଦ୍ଧ ସହର' କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଯାହା ଯୋଜନାବଦ୍ଧ ଜମି ପୁନର୍ଗଠନ ଓ ନିୟୋଜିତ ସମ୍ପ୍ରସାରଣ ମାଧ୍ୟମରେ ଓଡ଼ିଶାର ସହରୀ ଅଞ୍ଚଳଗୁଡ଼ିକୁ ସମୃଦ୍ଧ ବିକାଶ କେନ୍ଦ୍ରରେ ରୂପାନ୍ତର କରିବାକୁ ଲକ୍ଷ୍ୟ ରଖିଛି। ଏହା ୨୦୧୦ର ସମଗ୍ର ବିକାଶ ଯୋଜନା (ସିଡିପି)ର ଲକ୍ଷ୍ୟକୁ ସମର୍ଥନ କରୁଛି। ଏହି ଉଦ୍ଦେଶ୍ୟଗୁଡ଼ିକୁ ହାସଲ କରିବା ପାଇଁ ବିଡିଏ ରିଙ୍ଗ ରୋଡ୍ ପାର୍ଶ୍ୱରେ ଥିବା ରାଜସ୍ୱ ଗ୍ରାମଗୁଡ଼ିକରେ ଟିପି ସ୍କିମ କାର୍ଯ୍ୟକାରୀ କରିବାକୁ ଯୋଜନା କରୁଛି। ବିଡିଏ ଉପାଧ୍ୟକ୍ଷ ଡ.ଏନ. ଥିରୁମାଲା ନାୟକ ଉଚ୍ଚମାନର ସହରାଞ୍ଚଳ ଭିତ୍ତିଭୂମି ଏବଂ ସ୍ଥାୟୀ ସହର ଅଭିବୃଦ୍ଧି ସୁନିଶ୍ଚିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ଏବଂ ନିୟମିତ ପ୍ରଗତି ସମୀକ୍ଷା କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।




ସହରୀକରଣରେ ସାମିଲ କରାଯାଇଥିବା ଅନ୍ଧାରୁଆ ଓ ଦାସପୁର ମୌଜାର ମ୍ୟାପ୍।

# ନୂଆଦିଲ୍ଲୀରୁ ଫେରିଲେ ନବୀନ

**ଭୁବନେଶ୍ୱର,୧୦।୧୦(ସୁନିତ୍ ମିଶ୍ର)**

ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୁକ୍ରବାର ନୂଆଦିଲ୍ଲୀରୁ ଫେରିଛନ୍ତି। ଗତ ସେପ୍ଟେମ୍ବର ୭ ତାରିଖରୁ ନବୀନ ନୂଆଦିଲ୍ଲୀ ଗସ୍ତରେ ଥିବାବେଳେ ଶୁକ୍ରବାର ଭୁବନେଶ୍ୱର ଫେରି ନବୀନ ନିବାସ ଯାଇଛନ୍ତି। ବିଜେଡି ଶାସନରେ ଥିବା ସମୟରେ ନବୀନ କେବେ ହେଲେ ଏତେଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇ ନ ଥିଲେ। ଏହି ଗସ୍ତ କାଳରେ ପ୍ରାୟ ୩୪ ଦିନ ନବୀନ ନୂଆଦିଲ୍ଲୀରେ ରହିଥିଲେ। ଆଗକୁ ନୂଆପଡ଼ା ଉପନିର୍ବାଚନ ଥିବାବେଳେ ଏହା ପୂର୍ବରୁ ନବୀନ ଓଡ଼ିଶା ଫେରିଆସିଛନ୍ତି। ଏହି ସମୟ ଭିତରେ କିଛିଟା କାର୍ଯ୍ୟକ୍ରମରେ ନବୀନ ଭିସି ଜରିଆରେ ଯୋଗ ଦେଇଛନ୍ତି। ନୂଆଦିଲ୍ଲୀ ଠାରେ ଅଳ୍ପ କେତେକ କାର୍ଯ୍ୟକ୍ରମରେ ନବୀନ ଯୋଗଦେଇଥିବାର ଖବର ଦଳ ପକ୍ଷରୁ ଦିଆଯାଇଥିଲା। ଏହି ଗସ୍ତ କାଳରେ ସେଭଳି କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ନବୀନ ସେଠାରେ ଯୋଗ ଦେଇ ନାହାନ୍ତି। ନବୀନ ଫେରିବା ପରେ ଏବେ ଖୁବ୍‌ଶୀଘ୍ର ନୂଆପଡ଼ା ପାଇଁ ପ୍ରାର୍ଥୀ ଘୋଷଣା ସଙ୍ଗେସଙ୍ଗେ ସିଏ ଉପନିର୍ବାନରେ ପ୍ରଚାର ପାଇଁ ଯାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

# 'ମୁଁ ଜଣେ ଝିଅ, ସମାଜ ପରିବର୍ତ୍ତନର ନେତୃତ୍ୱ ନେବି'

### ଆଜି ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ

ଝିଅଙ୍କ ଉନ୍ନତିରେ ହିଁ ଦେଶର ପ୍ରଗତି ହୋଇଥାଏ। ଯେଉଁ ଦେଶରେ ଝିଅମାନେ ଭଲ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଜୀବନର ଗୁଣବତ୍ତାକୁ ଅଧିକ ଧ୍ୟାନ ଦିଆଯାଏ ସେ ଦେଶ ସେତେ ପ୍ରଗତିଶୀଳ ହୋଇଥାଏ। ପୁଅଙ୍କ ତୁଳନାରେ ଝିଅମାନେ ସବୁ କ୍ଷେତ୍ରରେ ଅଗ୍ରଗତି କରିଥିଲେ ସୁଦ୍ଧା ଏବେ ବି ବହୁ ରାଜ୍ୟରେ ଝିଅଙ୍କୁ ବୋଝ ବୋଲି ପରିବାର ଲୋକେ ଭାବୁଛନ୍ତି। ତେଣୁ କନ୍ୟା ଭ୍ରୂଣ ହତ୍ୟା, ବାଲ୍ୟ ବିବାହ, ସତୀଦାହ ପ୍ରଥା, ଯୌତୁକ ନିର୍ଯ୍ୟାତିତ ଭଳି ଘଟଣା ଘଟି ଚାଲିଛି। ହେଲେ ସମୟ ବଦଳିବା ସହିତ ଲୋକଙ୍କ ଚିନ୍ତାଧାରାରେ ଧୀରେ ଧୀରେ ପରିବର୍ତ୍ତନ ଆସୁଛି। ଏ କ୍ଷେତ୍ରରେ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳନ ବେଶ୍ ଗୁରୁତ୍ୱ ବହନ କରୁଛି। ସାରା ବିଶ୍ୱରେ ଝିଅଙ୍କ ବିରୋଧରେ ଥିବା ଲିଙ୍ଗଗତ ଅସମାନତା ଦୂର କରିବା, ସେମାନଙ୍କୁ ସଶକ୍ତୀକରଣ କରିବା ସହ ମାନବିକ ଅଧିକାର ସୁନିଶ୍ଚିତ କରିବା ଏହି ଦିବସର ଆହ୍ୱାନ ହୋଇଛି। ଆଜି ଅନ୍ତର୍ଜାତୀୟ କନ୍ୟା ସନ୍ତା ଦିବସ ପାଳନ କରାଯାଉଥିବାବେଳେ ବାର୍ତ୍ତା ରହିଛି 'ମୁଁ ଜଣେ ଝିଅ, ସଙ୍କଟ ସମୟରେ ସମାଜ ପରିବର୍ତ୍ତନର ନେତୃତ୍ୱ ନେବି'।

୧୯୯୫ ମସିହାରେ ଚାଇନାର ବେଜିଂଠାରେ ଆୟୋଜିତ ଅନ୍ତର୍ଜାତୀୟ ସମାବେଶରେ ସାରା ବିଶ୍ୱର ମହିଳା ପ୍ରତିନିଧିମାନେ ଯୋଗଦେଇ ଝିଅଙ୍କ ଅଧିକାର ପାଇଁ ସ୍ୱର ଉଠାଇଥିଲେ। ୨୦୧୧ ଡିସେମ୍ବର ୧୯ରେ ମିଳିତ ଜାତିସଂଘର ସାଧାରଣ ପରିଷଦ ଏକ ସଂକଳ୍ପ ପାରିତ କରି ଅକ୍ଟୋବର ୧୧କୁ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ରୂପେ ପାଳନ କରିବାକୁ ଘୋଷଣା କରିଥିଲା।

୨୦୧୨ ମସିହାରୁ ପ୍ରତିବର୍ଷ ଏ ଦିବସକୁ ପାଳନ କରାଯାଉଛି।

ଏ ସମ୍ପର୍କରେ ସମାଜସେବୀ ଅନୁରାଧା ମହାନ୍ତି କହିଛନ୍ତି, ବର୍ତ୍ତମାନ ଝିଅମାନେ ନିଜ ପ୍ରଚେଷ୍ଟା ଯୋଗୁ ସମାଜରେ ବହୁ ଉନ୍ନତି କରୁଛନ୍ତି। ରାଜ୍ୟରେ ମହିଳାଙ୍କୁ ପ୍ରଥମେ ସୁରକ୍ଷିତ ଭାବେ ବଞ୍ଚିବାକୁ ଦିଆଯାଉ। ସବୁ କ୍ଷେତ୍ରରେ ମହିଳାଙ୍କୁ ଭଲ ପରିବେଶ ସହିତ ସମ୍ମାନ ଦିଆଯାଉ। ପ୍ରତି ଘରେ ମଧ୍ୟ ପୁଅ ଭଳି ଝିଅକୁ ଅଧିକାର ଦିଆଯାଉ। ଝିଅମାନେ ମଧ୍ୟ କୌଣସି ସଙ୍କଟଜନକ ପରିସ୍ଥିତିରେ ଭୟଭୀତ ନ ହୋଇ ଥାନାରେ ଅଭିଯୋଗ କରନ୍ତୁ। ଝିଅମାନଙ୍କ ପାଇଁ କାର୍ଯ୍ୟ କରୁଥିବା ସଙ୍ଗଠନ ଓ ଆଇନର ସହଯୋଗ ନିଅନ୍ତୁ।



# ମୟୂରଭଞ୍ଜ 'ଆଇଆଇଏଫ୍ଏମ୍' ୨ୟ କ୍ୟାମ୍ପସ୍‌କୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

**ଭୁବନେଶ୍ୱର,୧୦।୧୦(ରବିନାରାୟଣ ଜେନା)**

### ପ୍ରାକୃତିକ ସମ୍ପଦର ସୁବିନିଯୋଗକୁ ଗୁରୁତ୍ୱ

ରାଜ୍ୟରେ ପ୍ରାକୃତିକ ସମ୍ପଦ ଯଥା ଜଙ୍ଗଲର ସୁପରିଚାଳନା, ରକ୍ଷଣାବେକ୍ଷଣ ସହିତ ପରିବେଶରେ ସନ୍ତୁଳନ ଆଣିବା ପାଇଁ ଓଡ଼ିଶାରେ ଦେଶର ଦ୍ୱିତୀୟ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫରେଷ୍ଟ ମ୍ୟାନେଜ୍‌ମେଣ୍ଟ (ଆଇଆଇଏଫ୍ଏମ୍) କ୍ୟାମ୍ପସ ପ୍ରତିଷ୍ଠା ହେବ। ଏନେଇ ମୁଖ୍ୟ ଶାସନ ସଚିବ ଏବଂ ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ସଚିବଙ୍କ ମିଳିତ ପ୍ରସ୍ତାବକୁ ପ୍ରାଥମିକ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ପ୍ରଦାନ କରିଛନ୍ତି। ଏହାପରେ ଭାରତ ସରକାରଙ୍କ ପରିବେଶ ମନ୍ତ୍ରଣାଳୟର ଅନୁମତି ମିଳିବା ପରେ ଖୁବ୍‌ଶୀଘ୍ର ଆଇଆଇଏଫ୍ଏମ୍ ପ୍ରତିଷ୍ଠାନ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ସୂଚନା ଦେଇଛନ୍ତି।

ବିଭାଗୀୟ ସୂଚନା ଅନୁଯାୟୀ, ରାଜ୍ୟ ସରକାର ସବୁବେଳେ ଜଙ୍ଗଲ ସୁରକ୍ଷାକୁ ପ୍ରାଥମିକତା ଦେଉଛନ୍ତି। ମଧ୍ୟପ୍ରଦେଶର ଭୋପାଳଠାରେ ଦେଶର ଏହି ପ୍ରଥମ ପ୍ରତିଷ୍ଠାନ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ଇଚ୍ଛାଶକ୍ତି ଯୋଗୁ ଓଡ଼ିଶାର ମୟୂରଭଞ୍ଜର କୁସୁମୀଠାରେ ଏହାର ଦ୍ୱିତୀୟ କ୍ୟାମ୍ପସ୍ ପ୍ରତିଷ୍ଠା ହେବା ପାଇଁ ରହିଛି। ଏନେଇ ବିଭାଗ ପକ୍ଷରୁ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାପରେ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ସହିତ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ହେବା ପରେ ମୁଖ୍ୟମନ୍ତ୍ରୀ ଏହାକୁ ଅନୁମୋଦନ କରିଛନ୍ତି। ଏଥିପାଇଁ ପ୍ରାୟ ୧୩୫ ଏକର ପରିମିତ ଜମି ଆଇଆଇଏଫ୍ଏମ୍ ପାଇଁ ଦିଆଯିବ। କ୍ୟାମ୍ପସ୍ ସହିତ ଜାତୀୟ ରାଜପଥ-୨୨୦ ସଂଲଗ୍ନ ରାସ୍ତା ଓ ଅନ୍ୟାନ୍ୟ ପାରିପାର୍ଶ୍ୱିକ କାର୍ଯ୍ୟର ଉନ୍ନତୀକରଣ କରାଯିବ। ଏହି ପ୍ରତିଷ୍ଠାନ ହେବା ଦ୍ୱାରା ରାଜ୍ୟରେ ଜଙ୍ଗଲ ଶିକ୍ଷା, ଗବେଷଣା, ତାଲିମ ଓ ପରାମର୍ଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ। ଏହି ପ୍ରତିଷ୍ଠାନ ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସୁବିଧା ସୁଯୋଗ ଯଥା ତାଲିମ କେନ୍ଦ୍ର, ପ୍ରଶିକ୍ଷଣ କେନ୍ଦ୍ର, ଛାତ୍ରାବାସ, କର୍ମଚାରୀ କ୍ୱାର୍ଟର୍ସ ଭଳି ସୁବିଧା ସୁଯୋଗ ଯୋଗାଇଦେବେ। ଏ ସମସ୍ତ କାର୍ଯ୍ୟ ପାଇଁ ପ୍ରାୟ ୧୫୦ କୋଟି ଟଙ୍କା ଖର୍ଚ୍ଚ ହେବ। ରାଜ୍ୟ ସରକାର ତାଙ୍କର ଏକ ସ୍ୱତନ୍ତ୍ର ବଜେଟରୁ ସିଂହଭାଗ ଅର୍ଥ ଯୋଗାଇବାକୁ ରହିଥିବାବେଳେ ରାଜ୍ୟ ଖଣି ନିଗମ ଅବଶିଷ୍ଟ ସହାୟତା ଯୋଗାଇବ। ଏହାବାଦ୍ 'କାମ୍ପା' ପାଣ୍ଠିରୁ ମଧ୍ୟ ଅର୍ଥ ବିନିଯୋଗ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।


ମୋହନ ଚରଣ ମାଝୀ

# ହୃଦାନନ୍ଦଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କଲେ ପ୍ରଧାନମନ୍ତ୍ରୀ

### ସର୍ବଭାରତୀୟ ଯୁବ ସମାବେଶରେ ପେନ୍‌ସିଲ ଆର୍ଟ ଦେଇଥିଲେ


प्रधान मंत्री
Prime Minister

New Delhi
30 September, 2025

Shri Hrudananda Badhai Ji,

Jai Jagannath!

I hope this letter finds you in good health. It was a pleasure to receive the beautiful pencil-sketch portrait made by you. The manner in which you have captured the details is truly commendable.

Art forms are deeply embedded in the beautiful culture of Odisha. It fills me with immense pride to see that people like you are upholding the glorious legacy.

I hope you continue to pursue your artistic and creative pursuits with the same passion and dedication. I am sure you will inspire your friends and those around you to follow suit.

As we approach the centenary of our independence in 2047, the strength of our Yuva Shakti is the key to building a Viksit Bharat. I am confident that the future of our country is in good hands.

With best wishes to you for a bright future. May you continue to sharpen your artistic skills in the years to come.

Best wishes and warm regards,

Warm regards,

Yours,

(Narendra Modi)

Shri Hrudananda Badhai
Village- Pipilimal
P.O. Belpahar, District- Jharsuguda
Odisha- 768217

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଆସିଥିବା ଚିଠି।


ହୃଦାନନ୍ଦ ପ୍ରଦାନ କରିଥିବା ପେନ୍‌ସିଲ ଆର୍ଟ।

**ଝାରସୁଗୁଡ଼ା,୧୦।୧୦(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ଅମଲିପାଲିସ୍ଥିତ ରିଜର୍ଭ ପଡିଆରେ ଗତ ସେପ୍ଟେମ୍ବର ୨୭ ତାରିଖରେ ସର୍ବଭାରତୀୟ ଯୁବ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇଥିଲେ। ଏହି ସମୟରେ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅଧୀନ ପିପିଲିମାଲ ଗ୍ରାମର ହୃଦାନନ୍ଦ ବଢେଇ ନାମକ ବ୍ୟକ୍ତି ନିଜେ ଅଙ୍କନ କରିଥିବା ଏକ ସୁନ୍ଦର ପେନ୍‌ସିଲ ସ୍କେଚ୍‌ଆର୍ଟ ସଭାସ୍ଥଳରେ ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ଏଥିରେ ପ୍ରଧାନମନ୍ତ୍ରୀଙ୍କ ଛବି ରହିଥିଲା। ଉକ୍ତ ଫଟୋଚିତ୍ରକୁ ପ୍ରଧାନମନ୍ତ୍ରୀ ନେଇଯାଇଥିଲେ। ଗତ ୩୦ ତାରିଖରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ଚିଠି ହୃଦାନନ୍ଦଙ୍କ ପାଖକୁ ପଠାଯାଇଥିଲା। ସେଥିରେ ଜୟ ଜଗନ୍ନାଥ, ଯୁବଶକ୍ତି ହିଁ ବିକଶିତ ଭାରତର ଚାବି ବୋଲି ଲେଖାଯାଇଛି। ଏଥିସହ ହୃଦାନନ୍ଦଙ୍କ ସୁସ୍ଥ ଶରୀର ଏବଂ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିବା ଉଲ୍ଲେଖ କରାଯାଇଛି। ହୃଦାନନ୍ଦ ବୁଧବାର ଏହି ଚିଠି ଗ୍ରହଣ କରି ବେଶ୍ ଖୁସି ହୋଇଛନ୍ତି।

### ପୀତବାସ ପଣ୍ଡା ହତ୍ୟା ଘଟଣା

# ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ କରାଗଲାଣି ଜେରା

**ବ୍ରହ୍ମପୁର,୧୦।୧୦(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁରର ଆଇନଜୀବୀ ତଥା ଭାଜପା ନେତା ପୀତବାସ ପଣ୍ଡାଙ୍କୁ ଗତ ୬ ତାରିଖ ରାତିରେ ଗୁଳିକରି ହତ୍ୟା କରାଯାଇଥିଲା। ଘଟଣାର ୫ ଦିନ ପରେ ମଧ୍ୟ ପୋଲିସ ଅପରାଧୀଙ୍କୁ ଧରିପାରିନାହିଁ। ଶୁକ୍ରବାର ଗଣମାଧ୍ୟମ ଆଗରେ ବ୍ରହ୍ମପୁର ଏସ୍‌ପି ଡା.ସର୍ବଣା ବିବେକ ଏମ୍ କହିଛନ୍ତି, ବିଭିନ୍ନ ଦିଗରୁ ତଦନ୍ତ ଚାଲିଛି। ତାହା ବିଶ୍ୱାସଯୋଗ୍ୟ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଏଥିସହ ଏସ୍‌ପି କହିଛନ୍ତି, ଏହା ଏକ ସମ୍ବେଦନଶୀଳ ହତ୍ୟାକାଣ୍ଡ ହୋଇଥିବାରୁ ବିଭିନ୍ନ ଦିଗରୁ ତଥ୍ୟ ସଂଗ୍ରହ କରାଯାଉଛି। ଗୁଳିମାଡ଼ ପରେ ପୋଷ୍ଟମର୍ଟମ ବେଳେ ଯେଉଁ ଖୋକା ମିଳିଛି ତାହାକୁ ବାଲିଷ୍ଟିକ ଏକ୍ସପର୍ଟଙ୍କ ନିକଟକୁ ପଠାଯାଇଛି। ସେଥିରୁ ଅପରାଧୀମାନେ କେଉଁ ବନ୍ଧୁକ ବ୍ୟବହାର କରିଛନ୍ତି ତାହା ସ୍ପଷ୍ଟ ହେବ। ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ କେଉଁ ସାଇଡରୁ ଗୁଳି କରାଯାଇଛି। କେଉଁ ସ୍ଥାନ କ୍ଷତିଗ୍ରସ୍ତ ହୋଇଛି ତାହା ବି ଜଣାପଡ଼ିବ। ସାଇଣ୍ଟିଫିକ ରିପୋର୍ଟ ଓ ଟେକ୍‌ନିକାଲ ଟିମ୍ ଦ୍ୱାରା ଯେଉଁ ତଦନ୍ତ କରାଯାଇଛି ତାହାର ରିପୋର୍ଟ ଆସିଛି। କେଉଁ ସମୟରେ ଘଟଣା ଘଟିଥିଲା ତାହାର ରିପୋର୍ଟ ଏଥିରୁ ମିଳିବ। ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରାଯାଇଛି। ଅପରାଧୀମାନେ କେଉଁ ସ୍ଥାନରୁ ପୀତବାସଙ୍କୁ ଟାର୍ଗେଟ କରି ଆସୁଥିଲେ। କେଉଁ ରାସ୍ତା ଦେଇ ସେମାନେ ଆସିଥିଲେ ଓ ଅପରାଧ ଘଟାଇବା ପରେ କେଉଁ ରାସ୍ତା ଦେଇ ଫେରି ଯାଇଥିଲେ ତାହାର ତଥ୍ୟ ସଂଗ୍ରହ କରାଯାଉଛି। ସେହି ସ୍ଥାନରେ ସେ ସମୟରେ ଯେଉଁ ଯୁବକମାନେ ଥିଲେ ସେମାନଙ୍କୁ ସନ୍ଦେହରେ ପଚରାଉଚରା କରାଯାଉଛି। ସେମାନେ କାହିଁକି ସେହି ସ୍ଥାନରେ ପହଞ୍ଚିଥିଲେ, ସେମାନଙ୍କର କେଉଁ କାର୍ଯ୍ୟ ଥିଲା ତାହାକୁ ତର୍ଜମା କରାଯାଉଛି। ଯଦି ସେମାନଙ୍କ ବୟାନ ବିଶ୍ୱାସଯୋଗ୍ୟ ହେବ ତେବେ ସେମାନଙ୍କୁ ସନ୍ଦେହ କରିବାର କିଛି ଅବକାଶ ନାହିଁ। ଶତପ୍ରତିଶତ ବିଶ୍ୱାସ ଆସିଲା ପରେ ହିଁ ଯାହା କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଅନ୍ୟପକ୍ଷରେ ସେ ଜାଗାକୁ ଦାମୀଗାଡ଼ି ଆସିଥିବା ଜଣାପଡ଼ିଛି। ସେମାନଙ୍କୁ ମଧ୍ୟ ଡାକି ପଚରାଉଚରା ଚାଲିଛି। ଯେଉଁମାନେ ଘଟଣା ଘଟିବା ସମୟରେ ସେହି ସ୍ଥାନରେ ଠିଆ ହୋଇଥିଲେ ସେମାନଙ୍କୁ ଡାକି ପଚରାଉଚରା ଚାଲିଛି। ତାଙ୍କ ପରିବାରକୁ ପଚରାଉଚରା କରାଯାଉଛି। ପୀତବାସଙ୍କ ଅଫିସ ତଳେ କେଉଁ ଲୋକମାନେ ଦୋକାନ କରିଛନ୍ତି ଏଭଳି ପ୍ରାୟ ୫୦ରୁ ୬୦ ଲୋକଙ୍କୁ ଜେରା କରାଯାଇଛି। ସନ୍ଦେହଯୁକ୍ତ ଲୋକମାନଙ୍କ ଗତିବିଧି ଯାଞ୍ଚ କରାଯାଉଛି। ଅପରାଧୀ ଖୁବ ଶୀଘ୍ର ଧରାପଡିବେ ବୋଲି ଏସ୍‌ପି କହିଥିଲେ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଘଟଣାକୁ ୫ ଦିନ ହେଲାଣି, ବର୍ତ୍ତମାନ ସୁଦ୍ଧା ପୋଲିସ ତଦନ୍ତ କେବଳ ଜେରାରେ ସୀମିତ ରହିଛି। ଅପରାଧି ଖସିଯିବେ ନା ଖସାଇ ଦିଆଯିବ ସେନେଇ ସାଧାରଣରେ ଚର୍ଚ୍ଚା ଆରମ୍ଭ ହେଲାଣି।

# ଗୋଟିଏ ଦିନରେ ଦୁଇଟି ଦଳରେ ସାମିଲ ହୋଇ ଚର୍ଚ୍ଚାରେ ରାମଲାଲ

**ନୂଆପଡ଼ା,୧୦।୧୦(ମକାରୁ ବେମାଲ)**

ନୂଆପଡ଼ା ଉପନିର୍ବାଚନ ପାଖେଇ ଆସୁଥିବା ବେଳେ ବିଭିନ୍ନ ଦଳର ମିଶ୍ରଣ ପର୍ବ ଜୋର ଧରିଛି। ଗୁରୁବାର କଂଗ୍ରେସର ମିଶ୍ରଣ ପର୍ବରେ ଅନ୍ୟ ଦଳର ଶତାଧିକ କର୍ମୀ ଦଳରେ ସାମିଲ ହୋଇଥିଲେ। ଏହି କ୍ରମରେ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପିଏ ଥିବା ତଥା ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଜିଲା ସଂଯୋଜକ ଭାବରେ କାର୍ଯ୍ୟ କରୁଥିବା ରାମଲାଲ ହଂସ ବିଜୁ ଜନତା ଦଳ ଛାଡି ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଉପସ୍ଥିତିରେ କଂଗ୍ରେସରେ ଯୋଗ ଦେଇଥିଲେ। ହେଲେ କିଛିଘଣ୍ଟା ପରେ ପୁଣି ସୁବର୍ଣ୍ଣପୁର ବିଧାୟକ ନିରଞ୍ଜନ ପୂଜାରୀ, ବିଜେଡି ଜିଲା ସଭାପତି ଅବନୀ ରଞ୍ଜନ ଜୋଷୀଙ୍କ ଉପସ୍ଥିତିରେ ସେ ବିଜେଡିରେ ସାମିଲ ହୋଇଥିବାରୁ ଏହାକୁ ନେଇ ଚର୍ଚ୍ଚା ଚାଲିଛି।

ଯେତେବେଳେ ରୋଗଟିଏ ଭଲ ହୋଇଯାଏ- ଯେତେବେଳେ ଦୁର୍ଘଟଣାଟିକୁ ଆଡେଇ ଦେଇ ହୁଏ- କିମ୍ବା ଯେତେବେଳେ କୌଣସି ବ୍ୟକ୍ତିଗତ ବା ଜାଗତିକ ବିପର୍ଯ୍ୟୟକୁ ଦୂରେଇ ଦେଇ ହୁଏ-ସେତେବେଳେ ବୁଝିବାକୁ ହେବ ଯେ-ଉପସ୍ଥିତ ପରିସ୍ଥିତିଟି ଭିତରେ ଯେଉଁ ବିଶୃଙ୍ଖଳା ରହିଥିଲା- ତା'ଭିତରେ ସଙ୍ଗତିର ପ୍ରବେଶ ହୋଇଛି। **-ଶ୍ରୀମା**



# ଗୋଟିଏ ଟୁଇଟ୍



## ଦିଲ୍ଲୀକା ବାବୁ

### ଦିଲୀପ ଚେରିଏନ୍

ଆଜିକାଲି ଅନେକ ବଡ଼ ବଡ଼ କାହାଣୀ ଯେମିତି ଟୁଇଟ୍‌ରୁ ଆରମ୍ଭ ହୋଇଥାଏ ଏହା ଠିକ୍ ସେମିତି ହୋଇଥିଲା। ଏକ ମଧ୍ୟମ ଆକାରର ବାଣିଜ୍ୟିକ ସଂସ୍ଥା ଦ୍ୱାରା କରାଯାଇଥିବା ସୋସିଆଲ ମିଡିଆ ପୋଷ୍ଟ ସ୍ପଷ୍ଟ ଘୋଷଣା କରିଥିଲା ଯେ ଚେନ୍ନାଇ କଷ୍ଟମ୍ସ ଦ୍ୱାରା ସପ୍ତାହେ ବ୍ୟାପୀ ହଇରାଣ କରାଯିବା ପରେ ଏହି ସଂସ୍ଥା ଭାରତରେ ତାହାର କାର୍ଯ୍ୟ ବନ୍ଦ କରୁଛି। ଏହା କୌଣସି ଆନୁଷ୍ଠାନିକ ପ୍ରେସ ବିଜ୍ଞପ୍ତି ନୁହେଁ କିମ୍ବା କୋର୍ଟରେ ଅଭିଯୋଗ ନୁହେଁ, ବରଂ ଏହା ହେଉଛି ଏକ ପୋଷ୍ଟ ଯାହା ଝଡ଼ ସୃଷ୍ଟି କରିଥିଲା। ତା'ପରେ ଅର୍ଥ ମନ୍ତ୍ରଣାଳୟ ହସ୍ତକ୍ଷେପ କରି ନିଜସ୍ୱ ଟୁଇଟ୍ ମାଧ୍ୟମରେ କହିଛି ଯେ ଏହା ଉପରେ ତଦନ୍ତ କରାଯିବ। କହିବାକୁ ଗଲେ ମାତ୍ର କିଛି ଘଣ୍ଟା ମଧ୍ୟରେ ଏକ ବାଣିଜ୍ୟିକ ବିବାଦ ଶାସନ, ଉତ୍ତରଦାୟିତ୍ୱ ଏବଂ ଖ୍ୟାତି ସମ୍ପର୍କିତ ଏକ ନାଟକରେ ପରିଣତ ହୋଇଯାଇଥିଲା। ଗୋଟିଏ କମ୍ପାନୀର ଅଧିକାରୀଙ୍କ ସହିତ ବିବାଦ ହୋଇଛି କି ନାହିଁ ତାହା ପ୍ରକୃତରେ ବଡ଼ ସମସ୍ୟା ନୁହେଁ। ସାଧାରଣତଃ ଏଭଳି ଘଟେ ଏବଂ ନିଜ ପରିସରରେ ଶାନ୍ତ ପରିସ୍ଥିତିରେ ସମାଧାନ ହୋଇଯାଏ। କିନ୍ତୁ ଗୋଟିଏ ବ୍ୟବସାୟିକ ସଂସ୍ଥା କରୁଥିବା ଏକ ଅଭିଯୋଗ ସାର୍ବଜନୀନ ହେବା ଏବଂ ସୋସିଆଲ ମିଡିଆରେ ତା' ଉପରେ ତଦନ୍ତ ଲାଗି ଘୋଷଣା କରାଯିବା ବାସ୍ତବରେ ଚିନ୍ତାର ବିଷୟ। ଏହା ଏକ ସତର୍କ କରିବା ଭଳି କାହାଣୀ ପରି ଅଧିକ ମନେ ହୁଏ ଏବଂ ଏହି କାରଣରୁ ଏହା ଚେନ୍ନାଇ ବନ୍ଦର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏକ ସମାନ୍ୟ କଷ୍ଟମ୍ସ ବିବାଦ ବିଶ୍ୱସ୍ତରୀୟ ଚିନ୍ତାର ବିଷୟ ହେବାର ଆଶଙ୍କା ରହିଛି। ଯଦି ତଦନ୍ତକୁ ତୁରନ୍ତ ନିରପେକ୍ଷ ତଥା ସ୍ୱଚ୍ଛ ଭାବରେ କରା ନ ଯାଏ, ତେବେ ଭାରତର ଡିଜିଟାଲ ଯୁଗର ଶାସନକୁ ସନ୍ଦେହଜନକ ଭାବରେ ଦେଖାଯିବ।

## ବାବୁଙ୍କ ଉପରେ ନଜର

ଭାରତରେ ଥିବା ବାବୁମାନେ ଏହା ଜାଣି ଖୁସି କିମ୍ବା ଦୁଃଖିତ ହୋଇପାରନ୍ତି ଯେ ଦେଶରେ ଏବଂ ବାହାରେ ସେମାନଙ୍କ ତଳ ର୍‌ୟାଙ୍କରେ ଥିବା କର୍ମଚାରୀମାନେ ପ୍ରକୃତ କାର୍ଯ୍ୟସ୍ଥଳରେ ବନ୍ଦୀ ହୋଇ ରହିଯାଇଛନ୍ତି। ସଦ୍ୟ ପ୍ରକାଶିତ ଏକ ଫଟୋବୁକ ଅମଲାତାନ୍ତ୍ରିକ କେନ୍ଦ୍ରର ଭିତିରି ଦୃଶ୍ୟର ଏକ ଝଲକ ଦେଇଛି. ଯେଉଁଥିରେ କାର୍ଯ୍ୟାଳୟରେ ଫାଇଲ ଗଦା ହୋଇଥିବା, ଚା-ଦାଗଯୁକ୍ତ ଟେବୁଲ ଏବଂ ଭାଙ୍ଗି ଝୁଲି ପଡ଼ିଥିବା ଚେୟାର ଦେଖିବାକୁ ମିଳିଛି। ଏହା ବ୍ୟତୀତ ସେମାନଙ୍କ ମୁଖରେ ଇସ୍ତଫା ଏବଂ ନୀରବ ବିଦ୍ରୋହକୁ ଦର୍ଶାଇବା ଭଳି ଭାବନା ପ୍ରତୀୟମାନ ହେଉଛି। ଯେଉଁ ଭାଗ୍ୟବାନମାନେ କେବେ ସରକାରୀ କାର୍ଯ୍ୟାଳୟ ଭିତରକୁ ପାଦ ଦେଇ ନାହାନ୍ତି, ସେମାନଙ୍କୁ ଏହି ଫଟୋଗୁଡ଼ିକ ଆଶ୍ଚର୍ଯ୍ୟ ଲାଗିପାରେ। ହେଲେ ସେମାନେ କର୍ମଚାରୀ ଓ ଅଧିକାରୀଙ୍କୁ ଏପରି ସ୍ଥାନଗୁଡ଼ିକରେ ରହିବାକୁ ଦିଅନ୍ତି, ଯେଉଁଠାରେ ଧୂଳିପୂର୍ଣ୍ଣ ସିଲିଂ ଫ୍ୟାନ ଅଧିକ ଶବ୍ଦରେ ଅତ୍ୟଧିକ କାଗଜପତ୍ର କାମ କରିବାକୁ ହୋଇଥାଏ। ତଥାପି, ବିଶ୍ୱର ଅନେକ ଲକ୍ଷ ଲୋକଙ୍କ ପାଇଁ ଏହି ସ୍ଥାନଗୁଡ଼ିକ ହେଉଛି ଦୈନନ୍ଦିନ ଜୀବନର ଏକ ଅଂଶ, ନାଗରିକ-ବ୍ୟବସ୍ଥା ପାରସ୍ପରିକ ଆଲୋଚନାର କ୍ଷେତ୍ର। ଅମଲାତାନ୍ତ୍ରିକ ବ୍ୟବସ୍ଥା କେବଳ କାମର କଥା କହେ ନାହିଁ, ବରଂ ଏହା ନିଷ୍କ୍ରିୟତା, ଅସ୍ତିତ୍ୱ ଏବଂ ରୀତିନୀତିକୁ ଦର୍ଶାଏ। କାର୍ଯ୍ୟାଳୟଗୁଡ଼ିକ ନିଜର ସ୍ଥିତି, ଅତୀତର ନିଷ୍ପତ୍ତି, ସ୍ଥଗିତ ସଂସ୍କାର ଏବଂ ଡିଜିଟାଇଜେଶନର ମଳିନ ଆଶାକୁ ଦର୍ଶାଉଛି। ମାନିଲାରୁ ମୁମ୍ବାଇ ପର୍ଯ୍ୟନ୍ତ ବାବୁଙ୍କ ଦୁନିଆ ହେଉଛି ଏକ ସମାନ୍ତରାଳ ବିଶ୍ୱ, ଯାହାର ନିଜସ୍ୱ ସିଦ୍ଧାନ୍ତ ଓ ଧାରା ରହିଥିବାବେଳେ ଅବ୍ୟବସ୍ଥା ବି ରହିଛି। ବାବୁମାନେ ପ୍ରକ୍ରିୟାର ରକ୍ଷକ, ଶାସନର ଜଗୁଆଳି। ଅମଲାତାନ୍ତ୍ରିକ ବ୍ୟବସ୍ଥାର ସଂସ୍କାର ନୁହେଁ ,ବରଂ ଏହାକୁ ଭଲ ଭାବେ ଗଢିବାକୁ ହେବ। ହୁଏତ ଶେଷରେ ଆମକୁ ବ୍ୟବସ୍ଥା ଭିତରେ ବାସ୍ତବରେ କ'ଣ ଘଟୁଛି ତାହା ଉପରେ ଅଧିକ ଦୃଷ୍ଟି ଦେବା ଆବଶ୍ୟକ।

## ଶାସନରେ ଏଆଇ

କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ବିଷୟରେ ବାବୁମାନଙ୍କୁ ଶିକ୍ଷା ଦେବା ପାଇଁ ସରକାରଙ୍କ ନିଷ୍ପତ୍ତି ଅତ୍ୟନ୍ତ ଭଲ ପଦକ୍ଷେପ। ଅନେକ ଦଶନ୍ଧି ଧରି ଶାସନର ଦୃଢ଼ ବ୍ୟବସ୍ଥାରେ କାଗଜପତ୍ର, ପଦାନୁକ୍ରମ ଏବଂ ପ୍ରକ୍ରିୟାଗତ ବିଳମ୍ବ ଦେଖାଯାଇଛି। ବର୍ତ୍ତମାନ ଏହାକୁ ଆଲଗୋରିଦମ୍, ଡାଟା ସେଟ୍ ଏବଂ ମେଶିନ ଲର୍ନିଂ ମଡେଲ ଗ୍ରହଣ କରିବାକୁ କୁହାଯାଉଛି। ନିଶ୍ଚିତ ଭାବରେ, ସରକାରୀ କର୍ମଚାରୀଙ୍କ ପାଇଁ ଏଆଇ ତାଲିମ ଏକ ଆବଶ୍ୟକ ପଦକ୍ଷେପ। ଏବକାର ନୀତି କେବଳ ନିୟମ ଏବଂ ନିୟାମକ ବିଷୟରେ ନୁହେଁ; ବରଂ ଏହା ତଥ୍ୟ ସଂଗ୍ରହ କରିବା, ଫଳାଫଳର ପୂର୍ବାନୁମାନ କରିବା ଏବଂ ଠିକ୍ ଭାବେ ନାଗରିକ ସେବା ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ। କିନ୍ତୁ କୌଣସି ଆଲଗୋରିଦମ୍ ପୁରୁଣା ଫାଇଲ ଏବଂ ନବସୃଜନର ଭୟ ଥିବା ଏକ ବ୍ୟବସ୍ଥାକୁ ସଜାଡ଼ି ପାରିବ ନାହିଁ। ନିଷ୍କ୍ରିୟ ପ୍ରବଣ ଅମଲାତନ୍ତ୍ର ହାତରେ ଏଆଇ ଅନ୍ୟ ଏମ୍ଆଇଏସ, ଇଆରପି କିମ୍ବା ଇ-ଗଭର୍ନାନ୍ସ ଭଳି ଟେକ୍‌ନିକାଲ ଶବ୍ଦାବଳୀ ପ୍ରତି ବିପଦ ଆଣିପାରେ। ନୈତିକ ଦୃଷ୍ଟିରୁ ଏହି କାର୍ଯ୍ୟକ୍ରମ ଲାଗୁ କରାଯିବା ପ୍ରଶଂସନୀୟ। କିନ୍ତୁ ଟେକ୍‌ନିକାଲ ଶବ୍ଦାବଳୀ ଅପେକ୍ଷା ଭାରତର ଅମଲାତନ୍ତ୍ର ପାଇଁ ପକ୍ଷପାତ, ସ୍ୱଚ୍ଛତା ଏବଂ ଗୋପନୀୟତା ଦିଗ ଉପରେ ଅଧିକ ଦୃଷ୍ଟି ଦେବା ଜରୁରୀ। ଯଦି ଏହି ମଡ୍ୟୁଲଗୁଡ଼ିକୁ ପ୍ରକୃତ ନିଷ୍ପତ୍ତି ଗ୍ରହଣରେ ଜଡ଼ିତ କରାଯାଏ ତେବେ ପ୍ରକୃତ ପରିବର୍ତ୍ତନ ଆସିପାରିବ। ମନେ କରନ୍ତୁ ଯେ ଏଆଇ ଜଣେ ଜଲା ମାଜିଷ୍ଟ୍ରେଟଙ୍କୁ ବନ୍ୟା ବିପଦର ପୂର୍ବାନୁମାନ କରିବାରେ କିମ୍ବା ଜଣେ କଲେକ୍ଟରଙ୍କୁ କଲ୍ୟାଣକାରୀ ଯୋଜନାରେ ଥିବା ତ୍ରୁଟିକୁ ବନ୍ଦ କରିବାରେ ସାହାଯ୍ୟ କରୁଛି। ସେ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ଯଥାର୍ଥ ମନେହୁଏ। ଏଆଇ ଭାରତର ଶାସନକୁ ଅଧିକ ସ୍ମାର୍ଟ କରିପାରିବ। କିନ୍ତୁ ଏହା ଆମର ବ୍ୟବସ୍ଥାରେ ଦୀର୍ଘଦିନରୁ ରହିଥିବା ଦାୟିତ୍ୱବୋଧତାର ଅଭାବକୁ ପରିବର୍ତ୍ତନ କରିପାରିବ ନାହିଁ।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 6 | | 9 | 2 |
| | 4 | 8 | 3 | | | | | 7 |
| | | | 9 | | | | | |
| | | 1 | | 4 | | | | 8 |
| | 7 | | | | | | 5 | 1 |
| | 2 | | 7 | 5 | | | | |
| | | | | | 7 | | | 4 |
| | | | | 9 | 8 | | | |
| 3 | 9 | | | | 4 | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 8 | 4 | 7 | 6 | 2 | 5 | 9 |
| 5 | 6 | 7 | 2 | 8 | 9 | 3 | 4 | 1 |
| 4 | 9 | 2 | 1 | 3 | 5 | 7 | 6 | 8 |
| 2 | 4 | 3 | 8 | 1 | 7 | 6 | 9 | 5 |
| 7 | 5 | 1 | 9 | 6 | 4 | 8 | 3 | 2 |
| 6 | 8 | 9 | 5 | 2 | 3 | 4 | 1 | 7 |
| 8 | 3 | 6 | 7 | 5 | 1 | 9 | 2 | 4 |
| 9 | 7 | 5 | 3 | 4 | 2 | 1 | 8 | 6 |
| 1 | 2 | 4 | 6 | 9 | 8 | 5 | 7 | 3 |

ଗତକାଲିର ଉତ୍ତର

# ରାଜସ୍ୱ ବଳକା ନା ବିକାଶ ନିଅଣ୍ଟ



ନଟବର ଖୁଣ୍ଟିଆ

ଓଡ଼ିଆ ଖବରକାଗଜଗୁଡ଼ିକରେ ଅତି ପ୍ରମୁଖ ଭାବରେ ପ୍ରକାଶ ପାଇଛି,୨୦୨୨-୨୩ ଆର୍ଥିକ ବର୍ଷର ହିସାବ ଅନୁଯାୟୀ ଦେଶର ୫ଗୋଟି ରାଜସ୍ୱ ବଳକା ରାଜ୍ୟ ମଧ୍ୟରୁ ଓଡ଼ିଶା ଗୋଟିଏ ଏବଂ ସ୍ଥାନ ତୃତୀୟ। ଏହି ବର୍ଷ ଓଡ଼ିଶାର ରାଜସ୍ୱ ବଳକା ଥିଲା ୨୬,୭୦୦ କୋଟି ଟଙ୍କା। ଏହି ରାଜସ୍ୱ ବଳକାକୁ କୁହାଯାଉଛି ବିତ୍ତୀୟ ପରିଚାଳନାରେ ବିଜ୍ଞତା ଏବଂ ସୁଶାସନର ପରିଚୟ। ଏହାକୁ ଏକ ପ୍ରଶଂସନୀୟ ସଫଳତା ବୋଲି କୁହାଯାଉଛି। ଏବେ ଆସନ୍ତୁ ଏ ବିଷୟରେ ଏକ ସଂକ୍ଷିପ୍ତ ସମୀକ୍ଷା କରିବା।

ରାଜ୍ୟର ଆୟ ହେଉଛି ଟିକସ, ଖଣିଜ ସମ୍ପଦର ରୟାଲ୍‌ଟି ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଅନୁଦାନ। ଏହି ମୋଟ ଆୟରୁ ସରକାର ସରକାରୀ କର୍ମଚାରୀଙ୍କ ବେତନ, ପେନ୍‌ସନ, ସବ୍‌ସିଡି ଏବଂ ସରକାରଙ୍କର ସମ୍ପତ୍ତିର ରକ୍ଷଣାବେକ୍ଷଣ, ପରିଚାଳନା ଆଦି ପାଇଁ ବ୍ୟୟକୁ କହନ୍ତି ରାଜସ୍ୱ ବ୍ୟୟ। ସମୁଦାୟ ଆୟରୁ ମୋଟ ରାଜସ୍ୱ ବ୍ୟୟକୁ ବାଦ୍ ଦେଲେ ଯଦି ବଳକା ରହିଲା ତାକୁ କହନ୍ତି ରାଜସ୍ୱ ବଳକା ଆଉ ଆୟ ଅପେକ୍ଷା ବ୍ୟୟ ଅଧିକ ହେଲେ ତାକୁ କହନ୍ତି ରାଜସ୍ୱ ନିଅଣ୍ଟ। ରାଜସ୍ୱ ବଳକା ହେଲେ ତାକୁ ଭିତ୍ତିଭୂମି ନିର୍ମାଣ କରିବାକୁ ବିନିଯୋଗ କରାଯାଏ, ଯାହାକୁ କହନ୍ତି ପୁଞ୍ଜି ବ୍ୟୟ। ଯଦି ରାଜସ୍ୱ ନିଅଣ୍ଟ ପଡ଼େ ତେବେ ତାକୁ ଭରଣା କରିବାକୁ ସରକାରଙ୍କୁ ଋଣ କରିବାକୁ ପଡ଼ିଥାଏ ଏବଂ ଭିତ୍ତିଭୂମି ନିର୍ମାଣ ପାଇଁ ପୁଞ୍ଜି ବିନିଯୋଗ କରିବାକୁ ମଧ୍ୟ ଋଣ କରିବାକୁ ହୋଇଥାଏ। ଅର୍ଥନୈତିକ ତତ୍ତ୍ୱ ଅନୁସାରେ ଏହି ରାଜସ୍ୱ ବଳକା ଅର୍ଥ ରାଜ୍ୟର ଆର୍ଥିକ ସ୍ୱାସ୍ଥ୍ୟ ଭଲ ଅଛି ବୋଲି କୁହାଯାଏ। କିନ୍ତୁ ତାହା ସଦାବେଳେ ପ୍ରକୃତ କ୍ଷେତ୍ରରେ ସତ ନୁହେଁ। ଅନେକ ସମୟରେ ଅର୍ଥଶାସ୍ତ୍ରୀମାନେ ପୁସ୍ତକ ଜ୍ଞାନରୁ ରାଜସ୍ୱ ବ୍ୟୟ କମ୍‌କରି ପୁଞ୍ଜି ବ୍ୟୟ ଅଧିକକରି ଭିତ୍ତିଭୂମି ପ୍ରସ୍ତୁତକରି ତା' ସାହାଯ୍ୟରେ ଶିଳ୍ପ ବାଣିଜ୍ୟ ପ୍ରସାର କଲେ ପୁନଃ ପୁନଃ ଆୟ ବୃଦ୍ଧି ପାଇବ ବୋଲି କହିଥାନ୍ତି। ତାହା ଠିକ୍ କଥା। କିନ୍ତୁ ଭିତ୍ତିଭୂମି ପ୍ରତିଷ୍ଠା କରିବା ପରେ ଯଦି ସେହି ଭିତ୍ତି ଭୂମିକୁ ଆଧାରକରି ଆବଶ୍ୟକ ଶିଳ୍ପ, ବାଣିଜ୍ୟ, ଶିକ୍ଷା ଅନୁଷ୍ଠାନ , ଡାକ୍ତରଖାନା ଗଢ଼ି ଉଠିଲା ,କିନ୍ତୁ ସେସବୁର ପରିଚାଳନା ପାଇଁ ଆବଶ୍ୟକ ଦକ୍ଷ ମାନବ ସମ୍ବଳ ଯୋଗାଇ ଦିଆଗଲା ନାହିଁ, ତା'ହେଲେ ସେଥିରୁ ଉତ୍ପାଦନ ବଢ଼ିବ କିପରି ? ପୁଞ୍ଜି ବିନିଯୋଗକରି ଭିତ୍ତିଭୂମି ସୃଷ୍ଟିକଲେ ଭିତ୍ତିଭୂମିର ମାନବ ସମ୍ବଳ ଆବଶ୍ୟକତା ନ ମେଣ୍ଟାଇଲେ ପୁଞ୍ଜି ବିନିଯୋଗ ନିରର୍ଥକ। ଗତ ୧ ଦଶନ୍ଧି ହେଲା ଦେଖାଯାଉଛି ଓଡ଼ିଶାର ଅଚାନକ ଖଣି ରୟାଲ୍‌ଟିରୁ ଅଧିକ ରାଜସ୍ୱ ଆସିବାରୁ ରାଜସ୍ୱ ଆଦାୟର ଆଶାତୀତ ବୃଦ୍ଧି ପାଇଛି। ରାଜ୍ୟ ସରକାର ପୁଞ୍ଜି ବିନିଯୋଗକୁ ପ୍ରାଧାନ୍ୟ ଦେଉଛନ୍ତି, କିନ୍ତୁ ରାଜସ୍ୱ ବ୍ୟୟକୁ ଅଣ ଉତ୍ପାଦନ ଖର୍ଚ୍ଚ ଭାବି ଏହାକୁ ଆବଶ୍ୟକ



ଅନୁସାରେ ବୃଦ୍ଧି ନ କରି ରାଜସ୍ୱ ବଳକା ଦେଖାଇ ବାହାବା ନେଉଛନ୍ତି। ଗତ ବିଜେଡି ସରକାର ଯାହା କରୁଥଲେ ବର୍ତ୍ତମାନର ଭାଜପା ସରକାର ତାଙ୍କର ପଦାଙ୍କ ଅନୁସରଣକରି ରାଜସ୍ୱ ବଳକାକୁ ବୃଦ୍ଧି କରିଚାଲିଛନ୍ତି। ରାଜସ୍ୱ ବଳକା ୨୦୨୨-୨୩ରେ ୨୬,୭୦୦ କୋଟି ଟଙ୍କା ଥିବା ବେଳେ ୨୦୨୩-୨୪ ହେଲା ୨୭,୭୦୦ କୋଟି ଟଙ୍କା ଏବଂ ଚଳିତ ୨୦୨୫-୨୬ରେ ହେଉଛି ୩୧,୮୦୦ କୋଟି ଟଙ୍କା। ଏଣେ ସ୍କୁଲ, କଲେଜରେ ଶିକ୍ଷକ ନାହାନ୍ତି , ଡାକ୍ତରଖାନାରେ ଡାକ୍ତର ନାହାନ୍ତି, ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ଆଧୁନିକ ଚାଷ ପ୍ରଣାଳୀ ଏବଂ ବିଭିନ୍ନ କୃଷି ବିକାଶ କାର୍ଯ୍ୟକ୍ରମକୁ ଚାଷୀମାନଙ୍କ ପାଖରେ ପହଞ୍ଚାଇବାକୁ ଯଥେଷ୍ଟ ସଂଖ୍ୟାରେ ସମ୍ପ୍ରସାରଣ କର୍ମଚାରୀ ନାହାନ୍ତି। ଏହା ନିଶ୍ଚିତ ଭାବରେ ଏକ ବିରୋଧାଭାସ। ଅର୍ଥ ଭଣ୍ଡାର ବଢୁଛି, ଏଣେ ବେକାରି ଓ ଦାଦନ ଶ୍ରମିକଙ୍କ ସଂଖ୍ୟା ତାଳଦେଇ ବଢୁଛି। ଅନ୍ୟପକ୍ଷରେ ଯେଉଁସବୁ ରାଜ୍ୟ ଆମ ରାଜ୍ୟ ତୁଳନାରେ ଅଧିକ ବିକଶିତ ଅଥଚ ରାଜସ୍ୱ ନିଅଣ୍ଟକରି ବିଭିନ୍ନ ବିକାଶ ମୂଳକ କାମ କରୁଛନ୍ତି ତାଙ୍କୁ କେନ୍ଦ୍ର ଅର୍ଥ ଆୟୋଗ ଅଧିକ ଆର୍ଥିକ ସାହାଯ୍ୟ ଦେଉଛନ୍ତି। ଯେପରି ୨୦୨୨-୨୩ ଆର୍ଥିକ ବର୍ଷରେ ରାଜସ୍ୱ ନିଅଣ୍ଟ ଥିବା ରାଜ୍ୟଗୁଡ଼ିକୁ କେନ୍ଦ୍ର ଅର୍ଥ ଆୟୋଗ ୮୬,୨୦୧ କୋଟି ସାହାଯ୍ୟ ଦେଇଛନ୍ତି। ସେ ରାଜ୍ୟଗୁଡ଼ିକ ହେଲେ କେରଳ,ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ,ହିମାଚଳ ପ୍ରଦେଶ,ପଞ୍ଜାବ, ଉତ୍ତରାଖଣ୍ଡ, ଆସାମ, ରାଜସ୍ଥାନ, ନାଗାଲାଣ୍ଡ ଓ ତ୍ରିପୁରା। ଓଡ଼ିଶା କାଣି କଉଡ଼ିଟିଏ ପାଇନାହିଁ। କାରଣ ଓଡ଼ିଶା ଏକ ରାଜସ୍ୱ ବଳକା ରାଜ୍ୟ।

ଆମେ ସମସ୍ତେ ଜାଣିଛେ ୫-ଟି ନାମରେ ସ୍କୁଲ ଓ କଲେଜ ଘର ସବୁ ନିର୍ମାଣ ହୋଇଗଲା, କିନ୍ତୁ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଓ ଅଧ୍ୟାପକ ନାହାନ୍ତି। ପାଠପଢ଼ା କିପରି ହେବ ? ସେହିପରି ଆଦାୟ ହେଉଥିବା ରାଜସ୍ୱରୁ ବ୍ୟୟକରି ଡାକ୍ତର ନିଯୁକ୍ତି ନ କରି ପୁଞ୍ଜି ବିନିଯୋଗ ନାମରେ ଡାକ୍ତରଖାନା ନିର୍ମାଣକରି ଲାଭ ହେଉଛି? ଲୋକେ ଚିକିତ୍ସା ପାଇ ପାରୁଛନ୍ତି? ରାଜସ୍ୱ ବ୍ୟୟକରି କର୍ମଚାରୀ ନିଯୁକ୍ତି ନ କରି ଏଣେ ବିଭିନ୍ନ ଯୋଜନା ପ୍ରସ୍ତୁତ କରି ବ୍ୟୟ ବରାଦକଲେ ବି ଖର୍ଚ୍ଚ ହେଉନାହିଁ କର୍ମଚାରୀ ଅଭାବରୁ। ସରକାର ଚଳିତ ବର୍ଷ ବଜେଟରେ ରାଜସ୍ୱ ବ୍ୟୟ ବରାଦ କରିଛନ୍ତି ୧,୦୮,୦୦୦ କୋଟି ଟଙ୍କା ଏବଂ ପୁଞ୍ଜି ବ୍ୟୟ ବରାଦ କରିଛନ୍ତି ୭୦,୦୦୦ କୋଟି ଟଙ୍କା। ଋଣ କରିବେ ୪୭,୪୦୦କୋଟି ଟଙ୍କା। ବର୍ଷର ୬ ମାସ ବିତିଗଲାଣି, ଏବେ ଖବର ପ୍ରକାଶ ପାଇଛି, ବିଭିନ୍ନ ବିଭାଗରେ ହାରାହାରି ୨୫ ଭାଗ ଅର୍ଥ ଖର୍ଚ୍ଚ ହୋଇଛି। ସେହିପରି 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା ପାଇଁ ୧ ହଜାର କୋଟି ଟଙ୍କା ବ୍ୟୟବରାଦ ହୋଇଥିଲେ ବି ମାତ୍ର ୬୦ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଖର୍ଚ୍ଚ ନ ହେବାର କାରଣ କର୍ମଚାରୀ ଆବଶ୍ୟକ ସଂଖ୍ୟାରେ ନାହାନ୍ତି।

ଆମର ମତ ହେଲା ସରକାର ଯେତିକି ଆୟ କରୁଛନ୍ତି ପ୍ରଥମେ ଯେଉଁ ଅତି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ପଦବୀ ମଞ୍ଜୁର ଅଛି,ସେସବୁ ପଦବୀ ପୂରଣ କରନ୍ତୁ। ପଦବୀ ପୂରଣ ହେଲେ ସେହି ବିଭାଗର କାମ ତ୍ୱରାନ୍ୱିତ ହେବ ଏବଂ ଉତ୍ପାଦନ ବୃଦ୍ଧି ପାଇବ। ଏହା ସହ ବେକାରି ଦୂରହେବ। ଅନାବଶ୍ୟକ ରାଜସ୍ୱ ବ୍ୟୟକୁ କମାଇବାକୁ ହେବ। ଆମେ ଦେଖୁଛେ ବିଜ୍ଞାପନ କିପରି ଅନାବଶ୍ୟକ ହୋର୍ଡିଂ ରାଜ୍ୟର ଗଳିକନ୍ଦିରେ ଲଗାହୋଇଛି। ଏବେ ସରକାର ନିଯୁକ୍ତି ମେଳା କରିଥିଲେ। ନିଯୁକ୍ତି ମେଳା କାହାକୁ କହିବା ? ଯେଉଁଠାକୁ ବିଭିନ୍ନ ନିଯୁକ୍ତିଦାତା ଆସି ପ୍ରାର୍ଥୀମାନଙ୍କୁ ସାକ୍ଷାତ୍‌କାରକରି ଯୋଗ୍ୟ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ଦେଇଥାନ୍ତି। କିନ୍ତୁ ରାଜ୍ୟ ସରକାର ପୂର୍ବରୁ ପରୀକ୍ଷାକରି ଯୋଗ୍ୟ ପ୍ରାର୍ଥୀମାନଙ୍କୁ ମନୋନୀତ କଲାପରେ ଆମର ପରମ୍ପରା ଅନୁସାରେ ନିଯୁକ୍ତିପତ୍ର ଡାକରେ ପଠାଇଦେବେ। ତାହା ନ କରି ମେଳାକରି ଅଯଥା ଅର୍ଥ ବ୍ୟୟ କରୁଛନ୍ତି କାହିଁକି? ଏହିପରି ଅନେକ ରାଜସ୍ୱ ବ୍ୟୟ କମାଇହେବ। ଗସ୍ତଖର୍ଚ୍ଚ, ଯେଉଁଠି ସରକାରଙ୍କ ବଙ୍ଗଳା ଅବା ରହିବା ପାଇଁ ସରକାରୀ ଭବନ ଅଛି,ସେଠି ଗସ୍ତରେ ଥିବା ଅଫିସର ଓ ମନ୍ତ୍ରୀମାନେ ରୁହନ୍ତୁ। ହୋଟେଲରେ ରୁହନ୍ତୁ ନାହିଁ।

ପୁଞ୍ଜିବିନିଯୋଗକରି ଲାଭ କରାଯାଇପାରିବା ଭିତ୍ତିଭୂମି ନିର୍ମାଣ ପାଇଁ ସରକାର ବିଭିନ୍ନ ସୂତ୍ରରୁ ଋଣ କରନ୍ତୁ। ଆମେ ଆମର ମୋଟ ଘରୋଇ ଉତ୍ପାଦର ୨୫ପ୍ରତିଶତ ପର୍ଯ୍ୟନ୍ତ ବିତ୍ତୀୟ ଦାୟିତ୍ୱ ଓ ବଜେଟ ପରିଚାଳନା ଆଇନ ଅନୁଯାୟୀ ଋଣ କରିପାରିବା। ଆମର ବର୍ତ୍ତମାନ ମୋଟ ଘରୋଇ ଉତ୍ପାଦର ମାତ୍ର ୧୨.୭ ପ୍ରତିଶତ ଋଣ। ଋଣ କିଛି ଖରାପ ବ୍ୟବସ୍ଥା ନୁହେଁ। ଋଣ ଆଣି ଠିକ୍ ଭାବରେ ବିନିଯୋଗକରି ସେଥିରୁ ଲାଭ ଉଠାଇ ଋଣ ପଇଠ କରିପାରିବେ। ସରକାର ଯଦି ଖାଲିଥିବା ଆବଶ୍ୟକ ପଦବୀକୁ ପୂରଣ ନ କରିବେ, ତେବେ ରାଜସ୍ୱ ବଳକା କରି ବାହାବା ନେବେ ସିନା, କିନ୍ତୁ ବିକାଶରେ ଆମେ ନିଅଣ୍ଟିଆ ରାଜ୍ୟ ହୋଇ ରହିବା।

**ସତ୍ୟନଗର, ଭୁବନେଶ୍ୱର**
**ମୋ: ୯୯୩୭୯୫୧୨୬୨**

# ଆମେ ସବୁ ହାସ୍ୟାଭିନେତା



ଡ. ମନୋରଞ୍ଜନ ପ୍ରଧାନ

ପ୍ରାୟ ଦେଢ଼ ଦଶନ୍ଧି ତଳର କଥା। ଜଣେ ବରିଷ୍ଠ ସହକର୍ମୀଙ୍କ ସହ ଯାତ୍ରା ଦେଖିବାକୁ ଯାଇଥିଲି। ଯାତ୍ରା ସରିବା ପରେ ସହକର୍ମୀ ଜଣକ ଜଣେ ଅଭିନେତାଙ୍କୁ ଦେଖା କରିବାକୁ କହିଲେ ଯେ କି ତାଙ୍କର ବାଲ୍ୟବନ୍ଧୁ ଥିଲେ। ଆମେ ଯେତେବେଳେ ସେ ଲୋକପ୍ରିୟ ହାସ୍ୟାଭିନେତାଙ୍କ ନିବାସକୁ ଗଲୁ ସେ ଅଭିନୟ ସାରି ଏକ ଚୌକି ଉପରେ ବସି ଅତ୍ୟନ୍ତ ଶାରୀରିକ କଷ୍ଟ ଅନୁଭବ କରୁଥାନ୍ତି। ଆମେ କାରଣ ପଚାରିଲୁ ଏବଂ ତାଙ୍କଠାରୁ ଉତ୍ତର ଯାହା ଆସିଲା ତାହା ସମ୍ପୂର୍ଣ୍ଣ ଅବିଶ୍ୱାସ୍ୟ ଥିଲା। ଅଭିନେତା ଜଣକ କହିଲେ, ଗତ ରାତିରୁ ଛାତି ଯନ୍ତ୍ରଣାରେ ମୁଁ ଛଟପଟ ହେଉଛି। ତାହା ଲୁଚେଇବା ପାଇଁ ଶରୀରରେ ସାଲଟିଏ ଘୋଡ଼ାଇ ହୋଇ ଅଭିନୟ କରୁଥିଲି। ଯେତେବେଳେ ବହୁତ କଷ୍ଟ ହେଉଥିଲା ସେତେବେଳେ ଛାତିକୁ ଚାପିଧରି ନିଖୁଣ ଅଭିନୟ କରିବାକୁ ଚେଷ୍ଟା କରୁଥିଲି। ଅଭିନେତାଙ୍କ କଥାଶୁଣି ଆମେ ଆଶ୍ଚର୍ଯ୍ୟ ହୋଇଗଲୁ। କାରଣ ସେ ହାସ୍ୟାଭିନେତାଙ୍କ ଅଭିନୟ ଏତେ ନିଖୁଣ ଓ ଜୀବନ୍ତ ଥିଲା ଯେ ଦର୍ଶକ ହସି ହସି ବେଦମ୍ ହୋଇଯାଉଥିଲେ। ସମସ୍ତେ ହସିବାକୁ ବାଧ ହେଉଥିଲେ। ତାଙ୍କ ପେସାଦାର ଅଭିନୟରେ ଶାରୀରିକ କ୍ଲେଶ ଆଦୌ ବାରି ହେଉ ନ ଥିଲା। କିନ୍ତୁ ପ୍ରକୃତରେ ଅଭିନେତା ଜଣକ ଛାତି ଯନ୍ତ୍ରଣାରେ ଛଟପଟ ହୋଇ ଦର୍ଶକଙ୍କ ମନୋରଞ୍ଜନ କରୁଥିଲେ ତାହା ପୁଣି ତାଙ୍କର ଉଭୟ କର୍ତ୍ତବ୍ୟ ଏବଂ ବାଧ୍ୟବାଧକତା ଥିଲା। ସେହିପରି ଆମ୍ଭମାନଙ୍କ ଜୀବନ। ଆମେ ପ୍ରତି ସମୟରେ ହାସ୍ୟାଭିନେତାଙ୍କ ଭଳି ପେଟରେ ପେଟିଏ ଦୁଃଖ ଚାପିଧରି ଅନ୍ୟମାନଙ୍କୁ ହସେଇବାକୁ ଉଦ୍ୟମ କରୁ। କାହାକୁ ନିଜର ଦୁଃଖ କହି ହୁଏନି କି ଅନ୍ୟର ଦୁଃଖ ଦେଖି ସହି ହୁଏନି। ହେଲେ ସମସ୍ତଙ୍କୁ ଖୁସି ଦେଇ ଚାଲିବାର ମନୋବୃତ୍ତି ଆମକୁ ବ୍ୟକ୍ତିଗତ ଅସରନ୍ତି କଷ୍ଟ ଦେଇଚାଲେ। ଅବ୍ୟକ୍ତ ତଥା ଅକୁହା ଦୁଃଖ କଷ୍ଟର ସାନ୍ତ୍ୱନା କେବଳ ଗୋଟିଏ ଯେ ଆମେ ଆମର କର୍ତ୍ତବ୍ୟ ସମ୍ପାଦନ କରି ଅନ୍ୟ ମୁହଁରେ ହସ ଫୁଟେଇ ଚାଲିଛୁ। ହେଲେ ଆମ ସଂଘର୍ଷ ଓ ସଂଘାତର ପରିଣାମ ସ୍ୱରୂପ ହସୁଥିବା ଲୋକ ବୁଝିପାରେ କି ନାହିଁ କହିବା ମୁସ୍କିଲ। କିନ୍ତୁ ବହୁ କ୍ଷେତ୍ରରେ ସେମାନେ ଏ ଦୁଃଖ, ଯନ୍ତ୍ରଣାର କରୁଣ ଗାଥା ବୁଝିପାରନ୍ତି ନାହିଁ ବରଂ ସେମାନେ ଧରି ନିଅନ୍ତି କି ସେମାନଙ୍କର ସେବା ଓ ସାହାଯ୍ୟ କରିବା ଆମର କର୍ତ୍ତବ୍ୟ ବା କୌଣସି ସ୍ୱାର୍ଥ ପାଇଁ କରୁଥିବେ। ଉପକାର ପାଇଥିବା ନିଜ ପରିବାର ସଦସ୍ୟ ବା ଅନ୍ୟ ଲୋକମାନେ ସମବେଦନା ବା କୃତଜ୍ଞତା ଜଣାଇବା ପରିବର୍ତ୍ତେ ସେମାନେ ଅଧିକରୁ ଅଧିକ ଆଶା କରି ଚାଲନ୍ତି। କେବଳ ସେତିକି ନୁହେଁ, ସାହାଯ୍ୟ ବା କର୍ତ୍ତବ୍ୟର ଅପବ୍ୟବହାର କରି ଚାଲନ୍ତି ଯାହାକି ଏକ ପ୍ରକାର ନିର୍ମମ ଶୋଷଣ। ଛୋଟ ଉଦାହରଣଟି ଉପସ୍ଥାପନ କରୁଛି।

ବହୁବର୍ଷର ଅଧ୍ୟାପନା ଭିତରେ ଅନେକ ପିଲାଙ୍କ ସଂସ୍ପର୍ଶରେ ଆସିଛି। ସମସ୍ତ ପିଲା ସେମିତି ନ ହେଲେ ଅଧିକାଂଶ ଯୁବତୀଯୁବକ ଅତ୍ୟନ୍ତ ବେପରୁଆ, ଅସମ୍ବେଦନଶୀଳ ଓ ସ୍ୱାର୍ଥପର। ହୁଏତ ଏହାର ପଛରେ ସେମାନଙ୍କ ବୟସର ଦୋଷ, ସଙ୍ଗଦୋଷ ଏପରି କି ଅଜ୍ଞାନତା ଥାଇପାରେ। କିନ୍ତୁ ସବୁ ସତ୍ତ୍ୱେ ନିଜ ପରିବାରର ସମସ୍ୟା ଓ



ବାପାମାଆଙ୍କ ସଂଘର୍ଷ ସମ୍ବନ୍ଧରେ ଚିନ୍ତନ କରିବା ଜରୁରୀ ନୁହେଁ କି ? କିନ୍ତୁ ସେମାନେ ସେଭଳି ନ କରି ଅବାଟରେ ଯାଆନ୍ତି ଏବଂ ସ୍ୱପ୍ନିଳ ଜଗତରେ ବିଚରଣ କରି ନିଜ ଜୀବନ ଓ ପରିବାରର ସୁଖସମୃଦ୍ଧିକୁ ନଷ୍ଟଭ୍ରଷ୍ଟ କରିଦିଅନ୍ତି। ଅନେକ ପିଲାଙ୍କୁ ଦେଖିଛି ବାପାମାଆ ମୂଲ ଲାଗି, ଦିନସାରା ପର ପାଖରେ ଖଟି ଖଟି ପିଲାଙ୍କୁ ପାଠ ପଢ଼ାଇବା ପାଇଁ ବଡ଼ ଶିକ୍ଷାନୁଷ୍ଠାନରେ ନାମଲେଖାନ୍ତି। କିନ୍ତୁ ପିଲାମାନେ ଅତ୍ୟନ୍ତ ଦାୟିତ୍ୱହୀନ ଭାବରେ ବାପାମାଆ, ପରିବାରବର୍ଗଙ୍କ ଦୁଃଖ ଯନ୍ତ୍ରଣାକୁ ତିଳେମାତ୍ର ଚିନ୍ତା ନ କରି ଅବାଟରେ ଚାଲିଯାଆନ୍ତି। ଯେଉଁଥି ପାଇଁ ସେମାନେ ଆସିଛନ୍ତି ତାହା ଭୁଲିଯାଇ କୁସଙ୍ଗରେ ପଡ଼ି ଅନେକ ଭୁଲ୍ କରି ବସନ୍ତି। ସବୁଠାରୁ ବଡ଼ କଥା ହେଉଛି ହାସ୍ୟାଭିନେତା ଭଳି ସବୁ ଦୁଃଖ, କ୍ଲେଶ ଓ ଅଭାବ ଅନଟନକୁ ଛାତିରେ ଚାପିଧରି ପିଲାଙ୍କ ସୁଖ ପାଇଁ ସର୍ବସ୍ୱ ହରାଇଥିବା ବାପାମାଆ ବା ପରିବାରବର୍ଗଙ୍କୁ ଅଣଦେଖା ଓ ଅସମ୍ମାନ କରନ୍ତି ଏପରି କି ଜୋରଜବରଦସ୍ତ ସେମାନଙ୍କଠାରୁ ଟଙ୍କା ଆଣି ମାଦକ ଦ୍ରବ୍ୟ, ବଡ଼ ହୋଟେଲରେ ପାର୍ଟି ଓ ଅନ୍ୟାନ୍ୟ ଅସତ୍ କାମରେ ବିନିଯୋଗ କରନ୍ତି। ଯଦି ନିଜ କଷ୍ଟକୁ ନିୟନ୍ତ୍ରଣ ନ କରି କେବେ ମା'ବାପା ତାଗିଦା କରନ୍ତି ତୁରନ୍ତ ଆତ୍ମହତ୍ୟା ଭଳି ଧମକ ଦିଅନ୍ତି। ଏମିତି ବି ହୁଏ ଯଦି ଅଭାବ ହେତୁ ଠିକ ସମୟରେ ଟଙ୍କା ଦେବାରେ ବିଳମ୍ବ ହୁଏ ଆଜିକାଲିର ଯୁବତୀଯୁବକମାନେ ପରିବାରର ଅସୁବିଧା ବୁଝିବା ପରିବର୍ତ୍ତେ ସିଧା ପ୍ରଶ୍ନ କରନ୍ତି କି ଯଦି ସୁବିଧା ସୁଯୋଗ ଯୋଗାଇ ଦେବାରେ ସାମର୍ଥ୍ୟ ନ ଥିଲା ଜନ୍ମ କାହିଁକି ଦେଉଥିଲ ବା ତୁମ ପରିବାରରେ ଜନ୍ମ ହୋଇ ମୋ ଜୀବନ ବେକାର। ମୋ ସାଙ୍ଗ ସାଥୀମାନେ କେତେ ସୁଖରେ ଅଛନ୍ତି ହେଲେ ମୁଁ..... ଇତ୍ୟାଦି। ବିଚରା ବାପାମାଆ ହାସ୍ୟାଭିନେତାମାନଙ୍କ ଭଳି ଲୁହ ପିଇଯାଇ କେବଳ ମିଛ ହସ ହସିବା ଛଡ଼ା ଆଉ ଉପାୟ କିଛି ନାହିଁ।

ମନେରଖିବା ଉଚିତ ଯେ ଏଭଳି ହାସ୍ୟାଭିନୟ କେବଳ ପୁଅଝିଅ, ପରିବାରବର୍ଗ ବା ଜ୍ଞାତି କୁଟୁମ୍ବ ଭିତରେ ସୀମିତ ନୁହେଁ, ଏହା ସମାଜରେ ପରିବ୍ୟାପ୍ତ। ମାନେ ଏଭଳି ଅଭିନୟ କରିବାକୁ ସମାଜର ତଥା ଆମ ଆଖପାଖରେ ରହୁଥିବା ଲୋକମାନେ ମଧ୍ୟ ଚାହାନ୍ତି। ଆପଣ ଯଦି ରୋଜଗାରକ୍ଷମ ତେବେ ଆପଣ ଆଖପାଖ ଲୋକ ଭାବି ନିଅନ୍ତି କି ସେମାନଙ୍କୁ ସାହାଯ୍ୟ କରିବା ଆପଣଙ୍କ କର୍ତ୍ତବ୍ୟ। କିନ୍ତୁ ସେମାନେ ଭୁଲିଯାଆନ୍ତି କି ସହଯୋଗର ହାତ ବଢ଼େଇଥିବା ଲୋକମାନଙ୍କ ପ୍ରତି ସେମାନଙ୍କର ମଧ୍ୟ କିଛି କର୍ତ୍ତବ୍ୟ ଅଛି। ଯଦି ଆପଣ ଚାକିରି ଖଣ୍ଡେ କରିଛନ୍ତି ତାହା ପୁଣି ବଡ଼ ଚାକିରିଟିଏ ତାହାହେଲେ କଥା ସରିଲା। ଲୋକେ ଭାବନ୍ତି ସରକାର ସେମାନଙ୍କ ପାଇଁ ଅକ୍ଷୟ ଭଣ୍ଡାର ଖୋଲି ଦେଇଥାନ୍ତି। ତେଣୁ ଯାହାର ଆବଶ୍ୟକ ପଡିଲା ନେଇ ଚାଲିବେ। ଫେରେଇବାର ପ୍ରଶ୍ନ ଉଠୁନାହିଁ। ଯଦି ଆପଣଙ୍କ ଅସୁବିଧା ହେତୁ ଦେଇପାରିବେ ନାହିଁ ସେତେବେଳେ ଯେଉଁଳି କଥା ଆପଣଙ୍କୁ ଶୁଣିବାକୁ ମିଳିବ ତାହା ଅସହ୍ୟ, ଅବ୍ୟକ୍ତ ଓ ଅମାନୁଷିକ। କେବଳ ଏକା ଏକା କାନ୍ଦିବା ଛଡ଼ା ଅନ୍ୟ ପନ୍ଥା ନାହିଁ।

**ସହକାରୀ ପ୍ରଫେସର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ**
**ମୋ:୯୪୩୭୯୧୪୮୧୮**

## ଏଇ ଭାରତରେ

ଅଧିକାଂଶ ଲୋକ ବ୍ୟାଗ ନ ନେଇ ପଲିଥିନରେ ପରିବା ଆଣିବା ଦେଖାଯାଏ। ଏହି ପଲିଥିନ ପରିବେଶ ପାଇଁ କ୍ଷତିକାରକ ହୋଇଥିବାରୁ ତାହାକୁ ଦୂର କରିବା ଲାଗି ଚେନ୍ନାଇର ମହିଳାମାନେ ଏକ ନିଆରା ଉପାୟ ଆପଣାଇଛନ୍ତି। ସେମାନେ ଗାଢ଼ ସବୁଜ ରଙ୍ଗର ବିଦ୍ୟୁତଚାଳିତ(ଇଭି) ଅଟୋରେ ପରିବା ନେଇ ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି। ଚେନ୍ନାଇର ମହିଳା ଗ୍ରୁପକୁ ତାମିଲନାଡୁ ସରକାର ଏହି ଇଭି ଅଟୋ ଯୋଗାଇ ଦେଇଛନ୍ତି। ଇଭି ଅଟୋରେ ପରିବା ତଟକା ରହିବାର ବ୍ୟବସ୍ଥା କରାଯାଇଛି ଏବଂ ପରିବାଗୁଡ଼ିକୁ ସେମାନେ ମାଞ୍ଜାପାଇ ବ୍ୟାଗ(ହଳଦିଆ ରଙ୍ଗର କନା ବ୍ୟାଗ)ରେ ଲୋକଙ୍କୁ ଦେଉଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପରିବେଶରେ ପଲିଥିନ ବ୍ୟବହାର ହ୍ରାସ କରିବା ପାଇଁ ତିନିବର୍ଷ ପୂର୍ବେ ତାମିଲନାଡୁ ସରକାର ମାଞ୍ଜାପାଇ ବ୍ୟାଗ ବ୍ୟବହାରକୁ ପ୍ରୋତ୍ସାହିତ କରିଥିଲେ। ଏବେ ରାଜ୍ୟରେ ୧୮୯ଟି ସ୍ଥାନରେ ଏହି ବ୍ୟାଗ ତିଆରି କରାଯାଇ ଲୋକଙ୍କୁ ଶସ୍ତାରେ ଯୋଗାଇ ଦିଆଯାଉଛି। ଚେନ୍ନାଇରେ ମଧ୍ୟ ୪୦ଟି ଜାଗାରେ ଏହା ଉପଲବ୍ଧ ହେଉଛି। ଏଣୁ ପରିବା ବିକ୍ରି କରିବା ପାଇଁ ମହିଳାଗ୍ରୁପଗୁଡ଼ିକୁ ଏହି ବ୍ୟାଗ ସବୁଧାରେ ମିଳିପାରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୧ ଅକ୍ଟୋବର ୧୯୭୬

- ବନ୍ୟା କ୍ଷତିଗ୍ରସ୍ତ ବିହାରକୁ ସାହାଯ୍ୟ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦ କୋଟି ଟଙ୍କା ସ୍ୱଳ୍ପମିଆଦୀ ଋଣ ମଞ୍ଜୁର।
- ଦକ୍ଷିଣ ସୁଦାନରେ ଏକ ପ୍ରକାର ରହସ୍ୟଜନକ ରୋଗ ଦେଖାଯାଇଥିବାରୁ କେନିଆ ସୁଦାନକୁ ଲାଗିଥିବା ତା'ର ସୀମାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛି।
- ଚୀନର ପ୍ରଧାନମନ୍ତ୍ରୀ ହୁଆକୁଓ ଫେଙ୍ଗ୍ ଚୀନ କମ୍ୟୁନିଷ୍ଟ ପାର୍ଟିର ନୂତନ ଚେୟାରମ୍ୟାନ ତଥା ମାଓଙ୍କ ଉତ୍ତରାଧିକାରୀ ନିଯୁକ୍ତ।

## ଚିରନ୍ତନୀ

ସେ ହାସେ ଫୁଟୁ ଗୋ ଧରାର ବେଦନା
ଆକାଶ-ଲୋତକ ରାଶି
ବିଶ୍ୱଜଡ଼ିତ ସୁଖର ଚେତନା
ସେହି ହାସେ ଉଠୁ ଭାସି।
-(ରୂପର ସ୍ତବ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅନଗ୍ରସର ଶ୍ରେଣୀର ଉନ୍ନତି ହେଉ

ମହାଶୟ,

ଓଡ଼ିଶାରେ ଅନେକ କଲ୍ୟାଣକାରୀ ତଥା ଦାରିଦ୍ର୍ୟ ଦୂରୀକରଣ ଯୋଜନା କାର୍ଯ୍ୟକାରୀ ହେଉଛି। ହେଲେ ରାଜ୍ୟରେ ଥିବା ଅନଗ୍ରସର ଶ୍ରେଣୀ ସେଥିରୁ ଲାଭ ପାଇପାରୁନାହାନ୍ତି। ଅଧିକାଂଶ ସ୍ୱଚ୍ଛଳବର୍ଗ ସେମାନଙ୍କ ଯୋଜନାରେ ଭାଗୀଦାରି ହେଉଛନ୍ତି। ଦେଖାଯାଏ, ତଫସିଲଭୁକ୍ତ ଜାତି, ଜନଜାତି ଏବଂ ଅନ୍ୟାନ୍ୟ ପଛୁଆବର୍ଗ ସ୍ୱାଧୀନତାର ବହୁବର୍ଷ ବିତିଯାଇଥିଲେ ମଧ୍ୟ ସେମାନଙ୍କର ଆର୍ଥିକ, ସାମାଜିକ ଏବଂ ଶିକ୍ଷାକ୍ଷେତ୍ରରେ ପରିବର୍ତ୍ତନ ଆବଶ୍ୟକ। ପାରିବାରିକ ଅଭାବ ଅନଟନ ହେଉ କିମ୍ବା ସଚେତନତାର ଅଭାବରୁ ସେମାନେ ସବୁ କ୍ଷେତ୍ରରେ ପଛୁଆ ରହିଛନ୍ତି। ସବୁବର୍ଗର ଉନ୍ନତିରେ ରାଜ୍ୟ ଓ ଦେଶର ଉନ୍ନତି ସମ୍ଭବ। ଏଥିପ୍ରତି ରାଜ୍ୟ ସରକାର ନୂତନ ଯୋଜନା କରିବା ଆବଶ୍ୟକ।

**-ରମେଶ ଚନ୍ଦ୍ର ବେହେରା, ଆୟଉପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସଙ୍ଗୀତ ଓ ସୃଜନର ରସକେଳି: ପ୍ରକ୍ରମ-ପଦ୍ୟାବଳୀ

## ଅତୀତର ବହି



ଫଣୀନ୍ଦ୍ର ଭୂଷଣ ନନ୍ଦ

ଚିକିଟି ରାଜବଂଶର ରାଜାମାନେ ଓଡ଼ିଆ ସାହିତ୍ୟକୁ ନାନା ଭାବେ ସମୃଦ୍ଧ କରିଛନ୍ତି। ରାଧାମୋହନଙ୍କ ପିତା କିଶୋରଚନ୍ଦ୍ର ରାଜେନ୍ଦ୍ରଦେବ ବିଦଗ୍ଧ ମାଧବ ନାଟକ, ରାଧାପ୍ରେମ ଲୀଳା, ରଘୁନାଥ ବିଳାସ ପ୍ରଭୃତିର ରଚୟିତା। କିଶୋରଚନ୍ଦ୍ରଙ୍କ ଭାଇ ପୀତାମ୍ବର ଭ୍ରମରବର ଜାନକୀ ବିଳାପ କାବ୍ୟ ରଚନା କରିଛନ୍ତି। ରାଧାମୋହନ ଅନେକ ନାଟକ ଓ କାବ୍ୟ ସୃଷ୍ଟି କରି ଓଡ଼ିଆ ସାହିତ୍ୟକୁ ପୁଷ୍କଳ କରିଛନ୍ତି। ପ୍ରେମତରଙ୍ଗ (୧୯୧୦), ପରିମଳା ସହ ଗମନ (୧୯୧୨), ପ୍ରକୃତି ରହସ୍ୟ (୧୯୧୪), ପ୍ରକୃତ ପ୍ରଣୟ ନାଟକ (୧୯୧୫), ପାଞ୍ଚାଳି ପଟାପହରଣ (୧୯୧୬), ପ୍ରତାପ ନାଟକ (୧୯୧୬), ପାଣ୍ଡବ ବନବାସ (୧୯୨୧) ପ୍ରଭୃତି ନାଟକ ଲେଖି ସ୍ୱପ୍ରତିଷ୍ଠିତ ଚିକିଟି ରଙ୍ଗମଞ୍ଚରେ ମଞ୍ଚସ୍ଥ କରିଛନ୍ତି। ତାଙ୍କର କାବ୍ୟଗୁଡ଼ିକ ହେଲା- ପ୍ରେମମଞ୍ଜରୀ (୧୯୧୩), ପ୍ରକ୍ରମ-ପଦ୍ୟାବଳୀ (୧୯୧୫), ପ୍ରକୃତି ବର୍ଣ୍ଣନା (୧୯୨୧)। 'ପ୍ରେମମଞ୍ଜରୀ' କାବ୍ୟରେ ଚିକିଟି ରାଜବଂଶ ତଥା ତାଙ୍କର ପରିଚୟ ପ୍ରଦାନ କରାଯାଇଛି। ପ୍ରକ୍ରମ-ପଦ୍ୟାବଳୀ ଏକ ଉଚ୍ଚକୋଟୀର କବିତା ସଂକଳନ। ପ୍ରକ୍ରମ ବା ଆରମ୍ଭ ସମୟର କବିତାଗୁଡ଼ିକ ଏଥିରେ ସଂକଳିତ ହୋଇଥିବାରୁ କବି ଏହାର ନାମ ପ୍ରକ୍ରମ-ପଦ୍ୟାବଳୀ ରଖିଛନ୍ତି। ରାଧାମୋହନଙ୍କ ଅନୁଜ ଛବିମୋହନ ଥାଟରାଜା ବଡ଼ଭାଇଙ୍କ ସାହାଯ୍ୟକ୍ରମେ ଚିକିଟିରେ ରଙ୍ଗମଞ୍ଚ ପ୍ରତିଷ୍ଠା କରିଥିଲେ। ଏହି ରଙ୍ଗମଞ୍ଚରେ ରାଧାମୋହନଙ୍କ ନାଟକଗୁଡ଼ିକ ପ୍ରଦର୍ଶିତ ହୋଇଥିଲା।

ପ୍ରକ୍ରମ-ପଦ୍ୟାବଳୀରେ ୧୦୦ଟି ଗୀତ ସ୍ଥାନିତ। ଏହି ଗୀତଗୁଡ଼ିକ ମୁଖ୍ୟତଃ ଜାତୀୟତାମୂଳକ, ସ୍ତବ, ପ୍ରାର୍ଥନା ଏବଂ ପ୍ରେମମୂଳକ। ଗୀତଗୁଡ଼ିକ ପ୍ରାଚୀନ ଓ ଆଧୁନିକ ରାଗରାଗିଣୀରେ ରଚିତ। ମୁଖ୍ୟତଃ ଶ୍ରୀରାଗ, ସିନ୍ଧୁଖମାଚ, ଚଉତିଶା ବୃତ୍ତ, ସୁରଟ, କଲ୍ୟାଣୀ, ମୁଖାରୀ, ଭୋପାଳି, ବସନ୍ତ, କାଫି, ଆହାରୀ, ବାଳଶ୍ରୀ, ସାବେରୀ, କରଞ୍ଜ, ବଙ୍ଗଳାଶ୍ରୀ, ପୂରବୀ, କାମୋଦୀ, ଆଷାଢ଼ଶୁକ୍ଳ, ଶଙ୍କରାଭରଣ ଆଦି ରାଗରେ ଏ ସବୁ ରଚିତ। ରାଗ ଏବଂ ତାଳର ନିର୍ଦ୍ଦେଶ ପ୍ରତି ପଦ୍ୟରେ ରହିଛି। ସଙ୍ଗୀତଗୁଡ଼ିକରେ ସ୍ୱର ସଂଯୋଜନାର ମାର୍ଗ ପ୍ରଦର୍ଶିତ ହୋଇଛି। ଏଥିରେ ପଲ୍ଲବୀ, ଅନୁପଲ୍ଲବୀ, ମୁକ୍ତାଇଶ୍ୱର, ଉପପଲ୍ଲବୀ, ଚରଣ ଆଦିର ଯଥାଯଥ ସ୍ୱର ନିୟମ ପ୍ରଦତ୍ତ ହୋଇଛି। ସ୍ତବ ଓ ପ୍ରାର୍ଥନାଗୁଡ଼ିକ ପ୍ରାଚୀନ ଭଙ୍ଗୀୟ ରୀତି ଅନୁସରଣ କରେ। ଏହି ପଦ୍ୟାବଳୀରେ ହରି ସ୍ତବ ୬, ଦୁର୍ଗା ସ୍ତବ ୪, ଲକ୍ଷ୍ମୀ ଓ ଗଙ୍ଗା ସ୍ତବ ଗୋଟିଏ ଲେଖାଏଁ ସ୍ଥାନିତ। ମନସାନ୍ତ୍ୱନା ୭ଟି ପଦ୍ୟ, ଜାତୀୟ ସଙ୍ଗୀତ ୩, ପ୍ରାର୍ଥନା ପଦ୍ୟ ୩, ବିଧିଉପାଲମ୍ଭ ୩, ଋତୁବର୍ଣ୍ଣନା ୫, ସମୟବର୍ଣ୍ଣନା ୮, ଦୂତୀପ୍ରତି ନାୟକ ୭, ଦୂତୀପ୍ରତି ନାୟିକା ୪, ନାୟିକାପ୍ରତି ସଖୀ ୪, ବିଦେଶାନୁଚିନ୍ତା ୭, ପ୍ରେମପତ୍ର ୨, ଅନୁଚିନ୍ତା ୮, ଅନୁନୟ ୧୮, ନାୟକପ୍ରତି ନାୟିକା ୨, ଶୋକଚ୍ଛ୍ୱାସ ୧, ସ୍ୱପ୍ନ ୧, ମୃତ୍ୟୁ ୧, ସତ୍ୟ ୧, ଶାନ୍ତି ୧ ଓ ମଙ୍ଗଳ ୧ଗୋଟି ପଦ୍ୟ ସ୍ଥାନିତ।

କବି ପୁସ୍ତକର ମୁଖବନ୍ଧ (ବିଜ୍ଞାପନ)ରେ ସ୍ୱୀକାର କରିଛନ୍ତି, "ଏଥିରେ କେତେକ କବିତା ଶୃଙ୍ଗାର ରସବିଶିଷ୍ଟ ହୋଇଥିବାରୁ ସମ୍ଭବତଃ ଆଧୁନିକ ଦୃଷ୍ଟିରେ ଅନାସ୍ଥାଯୋଗ୍ୟ ହୋଇପାରେ। କିନ୍ତୁ ବିଶେଷ ଚିନ୍ତା ଓ ଆଲୋଚନାରହିତ ବୟସପ୍ରସୂତ ଏହି କବିତାଗୁଡ଼ିକୁ ଇଦାନୀନ୍ତନ ରୁଚିରେ ପରିଶୋଭିତ ଓ ପରିବର୍ଦ୍ଧିତ କରି ନ ପାରି ଅବିକଳ ପ୍ରକାଶିତ କରିବା ଅଭିଳାଷକୁ ଜୟ କରିପାରି ନାହିଁ ଏବଂ ଯେଉଁମାନଙ୍କ ପକ୍ଷେ ଶୃଙ୍ଗାର ଏକାନ୍ତ ବର୍ଜନୀୟ, ସେମାନଙ୍କର କଥଞ୍ଚିତ୍ କୌତୁକ ନିବୃତ୍ତି ନିମନ୍ତେ ଅନ୍ୟାନ୍ୟ ରସାଶ୍ରୟ କବିତା ସନ୍ନିବେଶିତ କରିଅଛି।" ଏହି ସଙ୍କଳନର ନାୟକ-ନାୟିକା ସମ୍ପର୍କିତ କବିତାଗୁଡ଼ିକରେ ଶୃଙ୍ଗାର ରସର ପ୍ରାବଲ୍ୟ ଦେଖିବାକୁ ମିଳେ। କିନ୍ତୁ ଜାତୀୟ ସଙ୍ଗୀତ, ସମୟବର୍ଣ୍ଣନ, ସ୍ୱପ୍ନ, ମୃତ୍ୟୁ ଓ ସତ୍ୟ ପ୍ରଭୃତି କବିତାରେ କବିଙ୍କର ଆଧ୍ୟାତ୍ମିକ ଚିନ୍ତାଧାରା ଓ ଦାର୍ଶନିକ ଭାବର ଉନ୍ମେଷ ଘଟିଛି। ଶୋକଚ୍ଛ୍ୱାସ କବିତାଟି ନିଜର ପ୍ରଥମା ପତ୍ନୀଙ୍କ ବିୟୋଗରେ ରଚିତ ଏକ ଗଭୀର ଶୋକାତ୍ମକ କବିତା। ଜାତୀୟ ସଙ୍ଗୀତଗୁଡ଼ିକ ଆଧୁନିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପ୍ରେକ୍ଷାପଟରେ ରଚିତ ହୋଇ ଜାତୀୟତାବୋଧ ଉଦ୍ରେକ କରିବାରେ ସମର୍ଥ ହୋଇଛି। ସେଥିରୁ ଗୋଟିଏ ପଦ ଏଠି ଉଦ୍ଧାର କରାଯାଇ ପାରେ - "ଚେତି ଲେଣି ଦେଶ ସକଳ।/ ଏତିକି ବେଳେ କିପାଇଁ ଜଡ଼ ଉତ୍କଳ।/ x x x / ଉଠ ଉଠ ପ୍ରିୟ ଭାଇ/ ମଠ କଲେ କ୍ଷେମ ନାହିଁ/ ଶଠପଣ ନ ଦେଖାଇ ପୌରୁଷ ପାଳ।/ ଗତ ଗୌରବକୁ ସ୍ମର/ ଚିତ୍ତ ଦୃଢ଼ତର କର/ ହିତ ଭାଷେ ରାଜସୁରବର ଏକାଳ।" ଋତୁ ବର୍ଣ୍ଣନା ସମୟରେ ସେ ଋତୁରାଜକୁ ଇଂରେଜ ସମ୍ରାଟ୍‌ଙ୍କ ସହିତ ତୁଳନା କରିଛନ୍ତି। ତାଙ୍କ ଭାଷାରେ- "ମଧୁ ଋତୁରାଜ ଭାରତ ସମ୍ରାଟ ସଦୃଶ ହେଲା ଆଗତ।"


ରାଜକବି ମୃତ୍ୟୁ, ସତ୍ୟ ଓ ଶାନ୍ତି ସମ୍ପର୍କରେ ବିଭିନ୍ନ ପଦ୍ୟ ରଚନା କରି ମାନବୀୟ ରସଚେତନାକୁ ପ୍ରାଣବନ୍ତ କରିଛନ୍ତି। ମୃତ୍ୟୁ ସମ୍ପର୍କରେ ତାଙ୍କର ବକ୍ତବ୍ୟ ବେଶ୍ ଆକର୍ଷଣୀୟ। "ହେ ପ୍ରିୟ ମୃତ୍ୟୁ ଆସ/ ଆସ ମୋହର ପାଶ/ ଘେନି ବିନୟ ନିମନ୍ତ୍ରଣ।/ ତବ କରୁଣା ବିନା/ ବହୁ କଷ୍ଟ ଅଧୁନା/ ଭୋଗୁଛି କର ଉଦ୍ଧରଣ ହେ। ମିତ୍ରବର!"

ରାଧାମୋହନ ରାଜେନ୍ଦ୍ର କାୟମନୋବାକ୍ୟରେ ଜଣେ କବି ଓ ସାଧକ ଥିଲେ। ୧୯୨୩ରେ ନିଜର ଜ୍ୟେଷ୍ଠପୁତ୍ର ଗୌରଚନ୍ଦ୍ର ରାଜେନ୍ଦ୍ରଙ୍କୁ ରାଜ୍ୟଭାର ଅର୍ପଣ କରି ବାନପ୍ରସ୍ଥ ଗ୍ରହଣ କରିଥିଲେ। ଏହି ସମୟରେ ସେ ଆଧ୍ୟାତ୍ମିକ ଓ ଦାର୍ଶନିକ ଚିନ୍ତା ସମ୍ବଳିତ ପରମାର୍ଥ ପୟୋଧି ଓ ଯୋଗବଶିଷ୍ଠ ରାମାୟଣର ଅନୁବାଦ କରିଥିଲେ। ରାଧାମୋହନଙ୍କ ପ୍ରକ୍ରମ-ପଦ୍ୟାବଳୀ ଓଡ଼ିଆ ସାହିତ୍ୟରେ ଏକ ଅନବଦ୍ୟ ସଙ୍ଗୀତ ପୁସ୍ତକ। ଏହି ପଦ୍ୟଗୁଡ଼ିକର ରଚନା ପାଇଁ ସେ ପଣ୍ଡିତ ଗଦାଧର ବିଦ୍ୟାଭୂଷଣ ଓ ସଦାଶିବ ବିଦ୍ୟାଭୂଷଣଙ୍କର ସାହାଯ୍ୟ ଗ୍ରହଣ କରିଥିଲେ। ଏହି ପଦ୍ୟାବଳୀରେ ତାଙ୍କ ଓଡ଼ିଆ ଭାଷାର ସାର୍ଥକ ପ୍ରୟୋଗ, ଅଳଙ୍କାର ଓ ସଙ୍ଗୀତ ଜ୍ଞାନର ଅପରୂପ ଦୃଷ୍ଟାନ୍ତ ପରିଦୃଷ୍ଟ ହୋଇଥାଏ।

୬୭, ସରସ୍ୱତୀ କୁଞ୍ଜ
ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର
ମୋ: ୯୪୩୭୨୫୬୧୭୬


ଚିକିଟିର ରାଜା ରାଧାମୋହନ ରାଜେନ୍ଦ୍ରଦେବ ଉତ୍କଳ ସାହିତ୍ୟ ସମାଜର ଜଣେ ସକ୍ରିୟ ସଭ୍ୟ ଏବଂ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନର ଅନ୍ୟତମ ପ୍ରବକ୍ତା। ସେ ଓଡ଼ିଆ ନାଟକ ଓ କବିତା କ୍ଷେତ୍ରରେ ନିଜର ଅନବଦ୍ୟ ସ୍ୱାକ୍ଷର ରଖିଯାଇଛନ୍ତି। ଚିକିଟି ରାଜବଂଶର ୨୬ତମ ରାଜା କିଶୋରଚନ୍ଦ୍ର ରାଜେନ୍ଦ୍ରଦେବଙ୍କର ଜ୍ୟେଷ୍ଠ ପୁତ୍ର ରାଧାମୋହନ ୧୮।୭।୧୮୮୧ରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୭।୭।୧୯୪୪ରେ ୬୩ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା।




ପ୍ରକ୍ରମ-ପଦ୍ୟାବଳୀ
ଚିକିଟି-ଅଧୀଶ୍ୱର
ଶ୍ରୀ ରାଧାମୋହନ ରାଜେନ୍ଦ୍ରଦେବଙ୍କ ଦ୍ୱାରା
ପ୍ରଣୀତ।
ପ୍ରଥମ ମୁଦ୍ରଣ।
Printed by V. Kar.
The Utkal Sahitya Press,
CUTTACK.
1915.
ମୂଲ୍ୟ ।୦।

## କାଳକାଳକୁ

"ସଂଗୀତ ବ୍ୟତିରେକେ ଜୀବନ ଏକ ଭ୍ରାନ୍ତି।"
– ଫ୍ରେଡ୍‌ରିକ୍ ନୀତ୍‌ସେ



**ଫ୍ରେଡ୍‌ରିକ୍ ନୀତ୍‌ସେ**ଙ୍କ ଜନ୍ମ ୧୫ ଅକ୍ଟୋବର ୧୮୪୪ରେ ଓ ପରଲୋକ ୨୫ ଅଗଷ୍ଟ ୧୯୦୦ରେ। ବିଶ୍ୱବିଖ୍ୟାତ ଏହି ଜର୍ମାନ୍ ଦାର୍ଶନିକ ଓ ସଂସ୍କୃତି-ସମୀକ୍ଷକଙ୍କ ପ୍ରସିଦ୍ଧ ପୁସ୍ତକଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ 'ଦ ବାର୍ଥ ଅଫ୍ ଟ୍ରାଜେଡି'(୧୮୭୨), 'ଦ ଗେ ସାଇନ୍ସ'(୧୮୮୨), 'ଦସ୍ ସ୍ପୋକ୍ ଜରାଥୁଷ୍ଟ୍ର'(୧୮୮୩-୧୮୮୫), 'ବିଓଣ୍ଡ ଗୁଡ୍ ଆଣ୍ଡ ଇଭିଲ୍'(୧୮୮୬) ଓ 'ଅନ୍ ଦ ଜେନିଏଲୋଜି ଅଫ୍ ମୋରାଲ୍‌ସ'(୧୮୮୭)। 'ଈଶ୍ୱରଙ୍କ ମୃତ୍ୟୁ' ଭଳି ଉଦ୍‌ଘୋଷଣା ଦ୍ୱାରା ସେ ପାଶ୍ଚାତ୍ୟର ପାରମ୍ପରିକ ଦର୍ଶନ ଓ ନୈତିକତାରେ ଆଲୋଡ଼ନ ସୃଷ୍ଟି କରିଥିଲେ। ନୀତ୍‌ସେ କହନ୍ତି: "ଜୀବନ ବଞ୍ଚିବା ମାନେ ଦୁଃଖ ଭୋଗିବା, ଜୀବନରେ ତିଷ୍ଠି ରହିବା ମାନେ ଦୁଃଖ ଭୋଗ ଭିତରେ ଜୀବନର କିଛି ଅର୍ଥ ଖୋଜି ପାଇବା।"

## କବିତା

### ଇତର

ରଶ୍ମିରଞ୍ଜନ ରାଉତ

ମଥା ଉପର ଛତା ପାଲଟିଥିବା ଲୋକଟା
କେମିତି ଅଛୁଆଁ ହେବ ଯେ ?
ଯାହାଙ୍କ ପାଇଁ ସୁରୁଖୁରୁ ଗୁଜୁରାଣ
ଆମ କ୍ଷେତ ପାଇଁ, ଭେକ ପାଇଁ
ଯିଏ ଲହୁଲୁହାଣ
କେମିତି ସେ ଅଛୁବ, ଅସ୍ପୃଶ୍ୟ ଜନ ?

ଦିନେ ଆମ ଭିତରୁ କିଏ ଗଢ଼ିଦେଇଥିଲା
ଏ ଅହଂକାରର ଇନ୍ଦ୍ରପ୍ରସ୍ଥ
ଏବେ ବି ସେମିତି ଶାଣଦିଆ
ଛୁରିପରି କରୁଛି ଚକ୍‌ଚକ୍
ଖସିନି କାନ୍ଥରୁ ଚୂନ, ଛତିରୁ ଧ୍ୱଜା
ଦେଖ ପୂର୍ବପୁରୁଷ ?
ଏବେ ବି ମଣିଷ ଅନ୍ଧାରରେ
ଅଣ୍ଡାଳୁଛି ଜୀବନ ଯାତକ।

ଆପଣ ତ ବାରଣ କଲେ ସେମାନଙ୍କୁ
ଦିଅଁ, ଦେବତା, ଦେଇପିଣ୍ଡି ଓ ଇଶାଣ
ଯାହା ଶିଖିଲେ ପିଲାମାନେ...
ଏବେ କହୁଛନ୍ତି ସେମାନେ ଛୁଇଁଦେଲେ କୁଆଡ଼େ
ମାରା ହେଇଯିବ ବସ୍ତ୍ର, ମନ୍ତ୍ର,
ନୈବେଦ୍ୟ ଓ ପୂଜାପାଠ

ପିଣ୍ଡ ପାଇବେନି ପିତୃପୁରୁଷ
ସତରେ, ପଥର ପାଲଟିଥିବା ଆଖି କି
ଦେଖିପାରେ
କୋଉ ସବୁଜ ଅରଣ୍ୟର ସ୍ୱପ୍ନ
ତା' ପାଇଁ ସବୁ ତ ଧୂମାର୍ତ୍ତ।

ହେ ମହାଜନ!
ଏଠି ଦାସିଆ, ସାରିଆ ଓ ସାଲବେଗଙ୍କ ପାଇଁ
ଅଟକିଛି ରଥ ନୁହଁ ସେ ଇତର ?
ଆମେ ଯାହା ଗଢ଼ିଲୁ ଖାଲି ଭେଦର ପ୍ରାଚୀର
କିଏ ଦଳିତ, କିଏ ଶାସକ, କିଏ ପାମର
ମଣିଷ ମଣିଷ ସମାନ
ବଡ଼ଦାଣ୍ଡେ ଦୁଇହାତ ଟେକିଦେଲେ
ରଥ ଉପରୁ କରୁଣା କରନ୍ତି କଳାଠାକୁର।

ଅଥଚ ତମେ ତାଙ୍କୁ ଦେଖି ଟେକୁଛ ନାକ ?
ଏଠି ଘୁଷୁରି ଯୋନିରେ ବି ମହାପ୍ରଭୁଙ୍କ ଜନ୍ମ
କୁହ... କୁହ... ?
ତୃତୀୟ ଅବତାରର ସେ ମହାମହିମ ରୂପ
ପାରିବ ତ ପଚାର ତାଙ୍କୁ
କେମିତି ହେଇପାରିଲେ ଏତେ ନିକୃଷ୍ଟ ?

୨୪ ପ୍ରହରୀ ମଣ୍ଡପ, ନାୟକାଣୀଡିହି, ଭଦ୍ରକ
ମୋ: ୭୮୦୯୦୩୭୬୦୮

### ଗୀତି-କବିତା

### ଆଶାବରୀ

ଛବିରାଣୀ ପତି

ତମେ ପରା ଦିନେ ରାଣ ଦେଇ ମତେ
କହିଥିଲ କାନେ ଥିରି,
ଜୀବନଟା ସାରା ଶୁଣାଇବ ବୋଲି
ମିଳନର ଆଶାବରୀ ॥
କେତେ ରାତି ଆମ ବିତି ତ ଯାଇଛି
ମିଠା ସପନରେ ହଜି,
ନିରୋଳା ଲଗନେ ମିଳନ ମଗନେ
ଜହ୍ନ ଜୋଛନାରେ ଭିଜି,
ମନେପଡ଼ିଗଲେ ଆଜି ସେଇ କଥା
ଦେହ ହୁଏ ଶିରି ଶିରି ॥
ତାରାମେଳେ ଜହ୍ନ ଲୁଚିକି ଦେଖିଛି
ଆମ ଚୋରା ଅଭିସାର,
ପ୍ରଣୟ ବିଭୋରେ ସେ ବେଳ ଆମର
କାହାକୁ ନ ଥିଲା ଡର,
ହଜିଲା ଦିନର ଅପାସୋରା ସ୍ମୃତି
କେମିତି ଦେଲ ପାସୋରି ॥
ତୁମେ କୁହ ସାଥୀ ଭୁଲ କିବା ଥିଲା
ତୁମକୁ ମୁଁ ଭଲପାଇ,
ନିଆରା ପ୍ରେମକୁ ଯେତେ ଚାହିଁଲେ ବି
ଭୁଲି କି ପାରିଛି କେହି,
ଏବେ ବି ଚାହିଁଛି ତମରି ପଥକୁ
ଆସିବ କି ସତେ ଫେରି ॥

ମୋ: ୯୩୩୭୯୬୦୦୬୦

## ଲଘୁ ଗଳ୍ପ

### ଏରୁଣ୍ଡି

ପ୍ରତାପ ବିଶ୍ୱାଳ

ଘରର ମୁଖ୍ୟ ଦ୍ୱାରର ଏରୁଣ୍ଡିବନ୍ଧକୁ ଡେଉଁଡେଉଁ ଅଟକିଗଲା ସେ। ଆପେଆପେ ଫେରିଆସିଲା ପଛକୁ ପାଦ। ଏରୁଣ୍ଡିବନ୍ଧକୁ ଚାହିଁଲା। ଏରୁଣ୍ଡିବନ୍ଧ ତ ନୁହେଁ, ଲକ୍ଷ୍ମଣରେଖା। କିଏ ଯେପରି କହୁଥିଲା- ଥରେ ଡେଇଁଗଲେ ଆଉ ଏ ଘର ତୋର ହୋଇ ରହିବ ନାହିଁ। ପରଘରୀ ହୋଇଥିଲୁ, ଏବେ ବାରଘରୀ ହୋଇଯିବୁ।

ଆଖିରେ ଆଖିଏ ଲୁହ, ମନରେ ଭରା କୋହ, ଅବସୋସ। ଘର ନା ଇଏ ଯମପୁର। ମୋ' ଘର ବୋଲି ଯେଉଁ ସ୍ୱପ୍ନ ନେଇ ସେ ବାପଘର ଛାଡ଼ିଥିଲା ଏବେ ସେ ରାତିର ସ୍ୱପ୍ନ ସବୁ ସକାଳ ହେଲାରୁ ଲାଗୁଛି ଯେପରି ସ୍ୱପ୍ନ ଦେଖିବା ଓ ସ୍ୱପ୍ନକୁ ସାମ୍ନା କରିବା ଭିତରେ ଆକାଶ ପାତାଳ ତଫାତ୍।

ସମସ୍ତଙ୍କ କଥା ଛାଡ଼। ସ୍ୱାମୀଟା ଭଲା ମଣିଷ ହୋଇଥାନ୍ତା! ଦେହ ଦାହ ଛଡ଼ା ସ୍ୱାମୀ ଆଉ କେଉଁଥିରେ ସାଥି ଦେବାର ନୁହେଁ। କାହାକୁ କହିହେଉଛି ନା ସହିହେଉଛି। ଶାଶୁ, ଶ୍ୱଶୁର, ନଣନ୍ଦ ସମସ୍ତେ ଏକୁଆରେକ ବଳି। ଦିନ ରାତି ଗଧ ପରି ଖଟିଲେ ବି ଆହାଃ ପଦେ କାନରେ ବାଜେନି। ସ୍ୱାମୀକୁ କହିଲେ କହିବେ: ଘର କରିଥିଲେ ପଥର ପଡ଼ିଲେ ସହି।

ସହି ସହି ତିନି ବର୍ଷ ଅତିକ୍ରାନ୍ତ ହୋଇଗଲାଣି। ତଥାପି ସେ ଚୁପ୍। କିନ୍ତୁ ସହିବାର ତ ଗୋଟାଏ ସୀମା ଅଛି! ତୁମ ପୁଅ ଚାକିରି କରିବ, ତୁମକୁ ପୋଷିବ। ସେଥିପାଇଁ ଶ୍ୱଶୁର ଘର କାହିଁକି ସାହାଯ୍ୟ କରିବେ। ହଁ, କରନ୍ତେ- ସେମିତି ଥିଲାବାଲା ହୋଇଥିଲେ ସିନା!

ସେ ତା' ବାଁ ହାତକୁ ଚାହିଁଲା। ଏବେ ମାଡ଼ର ଦାଗ ତା' ଗୋରା ଚମରେ ଲାଲ ଦେଖାଯାଉଛି। ଲୁହ ଦୁଇଟୋପା ଗଡ଼ିଆସିଲା ଆଖିରୁ। ଟଙ୍କା ପାଇଁ ମଣିଷ କେତେ ନୃଶଂସ ହୋଇପାରେ ସତରେ!



ନା, ସେ ଯିବ ଏରୁଣ୍ଡି ଡେଇଁ। କିନ୍ତୁ ତା'ପରେ? କେତେଦିନ ସେ ଯାଇ ବାପଘରେ ରହିପାରିବ? ମାଟ୍ରିକ୍‌ଟା ଯଦି ପାସ୍ କରିଥାନ୍ତା ସେତେବେଳେ...

ନିଜକୁ ବୁଝାଇ ହେଉ ନ ଥିଲା କି ନିଜେ କିଛି ବୁଝି ପାରୁ ନ ଥିଲା। କେଉଁ ରାସ୍ତା ବାଛିବ ସେ ଏ ସ୍ଥିତିରେ। ଭାବୁଥିଲା ଏ ନାରୀ ଜନ୍ମ ସତରେ କ'ଣ ଏମିତି ହିନିମାନିଆ ଜୀବନ ନେଇ ବଞ୍ଚିବା! ଏ କୂଳରେ ବାଘ ସେ କୂଳରେ ନିଆଁ।

ଆତ୍ମହତ୍ୟା ମହାପାପ ବୋଲି ସେ ଶୁଣିଛି। କିନ୍ତୁ ପାପକୁ ଡରିଲାବେଳେ ତାକୁ ଯଦି ମାରି ଦିଆଯାଏ! ମରିବାର ତରିକା କେବଳ ବଦଳିଯିବ ସିନା। ମରିବା ଓ ମାରିଦେବା ଯଦିଓ ଏକାକଥା ନୁହେଁ, ପରିଣତି ତ ସେଇ ପୂର୍ଣ୍ଣଚ୍ଛେଦ। ପାପର ସଂଜ୍ଞା ସେ ଖୋଜୁଥିଲା। ନାରୀ ଜନ୍ମରେ ପାପ ବଡ଼ ନା ନାରୀ ଜୀବନରୁ ମୁକ୍ତି ବଡ଼। ଯଦି ଏରୁଣ୍ଡି ତା'ପରେ... ? ଅନ୍ଧାର ସବୁଦିନେ ନଥାଏ ନା। ଅମାବାସ୍ୟା ପରେ ଜହ୍ନ ଅନ୍ଧାର ଚିରି ଆସେ। ଆତ୍ମହତ୍ୟା ନୁହେଁ, ଡେଇଁଯିବ ସେ ଏରୁଣ୍ଡି। କିଏ ଦେଖିଛି କାହାର ଭାଗ୍ୟ କି ଭବିଷ୍ୟତ।

ମୋ: ୯୪୩୭୭୪୫୯୮୩

## ପୂଜା ପତ୍ରିକା - ୨୦୨୫

### ଅକ୍ଷାଂଶ



**ସମ୍ପାଦକ: ହରିଶ୍ଚନ୍ଦ୍ର ବେହେରା**
**ଏ-ଫୋର୍ ସାଇଜ୍, ପୃ:୩୪୦, ମୂଲ୍ୟ: ଟ.୨୫୦/-**

ପତ୍ରିକାରେ ପ୍ରବନ୍ଧ, ଗଳ୍ପ, କବିତାର ପର୍ବ-୧ ଓ ପର୍ବ-୨ରେ ବହୁ ବିଶିଷ୍ଟ ଓ ତରୁଣ ଲେଖିକାଲେଖକଙ୍କର ରଚନା ସ୍ଥାନିତ। କବିତାରେ ସ୍ୱକୀୟ ସୃଜନର ଅବଦାନ ଦେଇଛନ୍ତି ଫନୀ ମହାନ୍ତି, ନିତ୍ୟାନନ୍ଦ ନାୟକ, ମମତା ଦାଶ, ଆଶୁତୋଷ ପରିଡ଼ା, ସଦାଶିବ ଦାଶ, ହୃଷୀକେଶ ମଲ୍ଲିକ, ଶତ୍ରୁଘ୍ନ ପାଣ୍ଡବ, ପ୍ରବାସିନୀ ମହାକୁଡ଼, ପୀତାମ୍ବର ତରାଇ, ଅପର୍ଣ୍ଣା ମହାନ୍ତି, ବୀଣାପାଣି ପଣ୍ଡା, ଭଗବାନ ଜୟସିଂହ, ସାବିତ୍ରୀ କବି ଓ ଶଶଧର ଦାସ ପ୍ରମୁଖ ; ଗଳ୍ପରେ ଅଛନ୍ତି ବିଷ୍ଣୁ ସାହୁ, ମୌସୁମୀ ପରିଡ଼ା, କବିତା ବାରିକ ଓ ଲିପ୍‌ସା ପଟେଲ ଏବଂ ପ୍ରବନ୍ଧରେ ଅଛନ୍ତି ଆଦିକନ୍ଦ ସାହୁ, ଦୁର୍ଯ୍ୟୋଧନ ଦାସ ଓ ନିଖିଳାନନ୍ଦ ପାଣିଗ୍ରାହୀ। ଏତଦ୍‌ଭିନ୍ନ ଭ୍ରମଣ ବୃତ୍ତାନ୍ତ, ଅନୂଦିତ ଗଳ୍ପ, କବିତା ପତ୍ରିକାରେ ସଂଯୋଜିତ। ମନୋଜ ମେହେର ଲେଖିଛନ୍ତି ଗଦ୍ୟ କବିତା। ପ୍ରତିବର୍ଷ ପରି ସମ୍ପାଦକ ବେହେରା ଜଣେ ବିଶିଷ୍ଟ କବିଙ୍କୁ ପ୍ରସଙ୍ଗ କରି ଓଡ଼ିଆ କବିତାର ବିଶ୍ଳେଷଣ କରିଛନ୍ତି। ଏଥର ଅଛନ୍ତି ଶାର୍ଲ ବୋଦଲେୟାର।

### ବିଶ୍ୱମୁକ୍ତି



**ସମ୍ପାଦକ: ସୁଧୀର ମଉଡ଼ମଣି**
**ଏ-ଫୋର୍ ସାଇଜ୍, ପୃ:୨୧୬, ମୂଲ୍ୟ: ଟ.୧୨୦/-**

ପତ୍ରିକାର ସମ୍ପାଦକୀୟ ଲେଖିଛନ୍ତି ପ୍ରତିଷ୍ଠାତା ସମ୍ପାଦକ ଶଶାଂକ ଚୂଡ଼ାମଣି- ବିଷୟ 'ନାରୀ: ସର୍ବତ୍ର ଅରି'। ଓଡ଼ିଶାରେ ଦିନକୁ ଦିନ ବୃଦ୍ଧି ପାଉଥିବା ନାରୀ ନିର୍ଯ୍ୟାତନା, ନାରୀ ଆତ୍ମଦହନ ଓ ଦୁଷ୍କର୍ମର ପ୍ରେକ୍ଷାପଟରେ ଏହି ସମ୍ପାଦକୀୟ ପ୍ରାସଙ୍ଗିକ ହୋଇଛି। ପ୍ରବନ୍ଧ, ଗପ, ଅନୁବାଦ, ଫିଚର, ଉପନ୍ୟାସ, ବ୍ୟକ୍ତିତ୍ୱ ଓ ଅସୀମ ଓଡ଼ିଶା ଆଦି ବିଭାଗରେ ପତ୍ରିକାଟି ସମୃଦ୍ଧ। କବିତା ଲେଖିଛନ୍ତି ପ୍ରସନ୍ନ ପାଟ୍ଟଶାଣୀ, ଅଶ୍ୱିନୀ କୁମାର ମିଶ୍ର, ହୃଷୀକେଶ ମଲ୍ଲିକ, ମନୋରମା ବିଶ୍ୱାଳ ମହାପାତ୍ର, ରକ୍ଷକ ନାୟକ ଓ ସୌଭାଗ୍ୟବନ୍ତ ମହାରଣା ପ୍ରମୁଖ ନବପ୍ରତିଭାଙ୍କ ସହିତ। ଗପ ଲେଖିଛନ୍ତି ସଦାନନ୍ଦ ତ୍ରିପାଠୀ, କବିତା ବାରିକ, ରମେଶ ପଟ୍ଟନାୟକ ଓ ଆଭାସ କୁମାର ବରାଳଙ୍କ ସମେତ ନୂଆ ପୁରୁଣା ବହୁ କଥାଶିଳ୍ପୀ। ପ୍ରବନ୍ଧରେ ସ୍ଥାନିତ ବିଜୟାନନ୍ଦ ସିଂହ, ସନ୍ତୋଷ ତ୍ରିପାଠୀ, ତ୍ରିନାଥ ପଟ୍ଟନାୟକ ଓ ବସନ୍ତ କୁମାର ପଣ୍ଡା। ପ୍ରଚ୍ଛଦ ପ୍ରତୀକାତ୍ମକ।

### ଅପୂର୍ବା



**ସମ୍ପାଦକ: କ୍ଷୀରୋଦ ଚନ୍ଦ୍ର ପତି**
**ଏ-ଫୋର୍ ସାଇଜ୍, ପୃ:୫୪୪, ମୂଲ୍ୟ: ଟ.୫୦୦/-**

କଳେବର ଦୃଷ୍ଟିରୁ ଅଧିକ ପୃଷ୍ଠା ବିଶିଷ୍ଟ ହୋଇ ପ୍ରକାଶ ପାଇଛି 'ଅପୂର୍ବା'। କାହାଣୀର ଶ୍ରୀବୃଦ୍ଧି ଘଟାଇଛନ୍ତି ବିଭୂତି ପଟ୍ଟନାୟକ, ନାରୁ ମହାନ୍ତି, ବିଷ୍ଣୁ ସାହୁ, ଜୟନ୍ତୀ ରଥ, ପରେଶ କୁମାର ପଟ୍ଟନାୟକ, ଆନନ୍ଦ ଚନ୍ଦ୍ର ପହି, ଗୋଲାପ ମଞ୍ଜରୀ କର, ଦ୍ୱିତୀ ଚନ୍ଦ୍ର ସାହୁ ଓ ପଦ୍ମାଳୟା ସାମଲ ; କବିତାର ମାନ ବୃଦ୍ଧିରେ ଯୋଗଦେଇଛନ୍ତି ରାଜେନ୍ଦ୍ର କିଶୋର ପଣ୍ଡା, ହରପ୍ରସାଦ ଦାସ, ବଂଶୀଧର ଷଡ଼ଙ୍ଗୀ, ହୃଷୀକେଶ ମଲ୍ଲିକ, ପ୍ରସନ୍ନ କୁମାର ମହାନ୍ତି ଓ ଗାୟତ୍ରୀବାଳା ପଣ୍ଡା ; ପ୍ରବନ୍ଧରେ ଦୃଶ୍ୟମାନ ବାବାଜି ଚରଣ ପଟ୍ଟନାୟକ, ମଣୀନ୍ଦ୍ର କୁମାର ମେହେର। ଏଥିସହିତ ରହିଛି ଚର୍ଚ୍ଚିତ କାହାଣୀ 'ଶିଶୁ ଦିବସ'- ଲେଖିଛନ୍ତି ପାରମିତା ଶତପଥୀ। ଭ୍ରମଣ କାହାଣୀରେ ବିଜୟ କେତନ ପଟ୍ଟନାୟକ ବଖାଣିଛନ୍ତି ଦୁବାଇ ଭ୍ରମଣର କଥା। କ୍ଷୀରୋଦଙ୍କ ସମ୍ପାଦକୀୟ କବିତା 'ଶେଷଇଚ୍ଛା'ରେ ଧରାଦିଏ ମାନସିଂହ ଓ ବିନୋଦ ଚନ୍ଦ୍ର ନାୟକଙ୍କ କବିତାର ଡି.ଏନ୍.ଏ.।


### ନବଲିପି



**ସମ୍ପାଦକ: ଦେବବ୍ରତ ମଦନରାୟ**
**ଏ-ଫୋର୍ ସାଇଜ୍, ପୃ:୨୦୦, ମୂଲ୍ୟ: ଟ.୨୦୦/-**

କବି ନୃସିଂହ ତ୍ରିପାଠୀଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ପତ୍ରିକାଟି ଲେଖା ପ୍ରକାଶନରେ ଗୁଣାତ୍ମକତା ସହ ସାଲିସ୍ କରିନାହିଁ। ସଂକ୍ଷିପ୍ତ ସମ୍ପାଦକୀୟ 'ଦୁର୍ଦ୍ଦଶାର ଦୁର୍ଗାପୂଜା'ରେ ତ୍ରିପାଠୀ ମହୋଦୟ ଲେଖିଛନ୍ତି: "x x ସୁନା ଦର ଆକାଶଛୁଆଁ। ନୂଆ ନୂଆ ଅଳଙ୍କାର ଶୋ-ରୁମ୍ ଖୋଲୁଚି ଓ କଳାଧନୀମାନଙ୍କର ଭିଡ଼ ଜମୁଛି। ଜନନାୟକଙ୍କର, ଦେଶ ଓ ପ୍ରଦେଶ-ଅଗ୍ରଗତିରେ ଧାଉଁଛି ବୋଲି, ବାହାସ୍ଫୋଟକୁ ଆମ ପରି ସାଧାରଣ ଜନତା- 'ହଁ ହୋଇଥିବ' କହି ଚୁପ୍ ହୋଇ ରହିବା ଛଡ଼ା ଚାରା ନାହିଁ।" ସମ୍ଭବତଃ ଏଥର ପୂଜା ପତ୍ରିକାରେ ପ୍ରକାଶ ପାଇଥିବା 'ସମ୍ପାଦକୀୟ'ଗୁଡ଼ିକ ମଧ୍ୟରେ 'ନବଲିପି'ର ସମ୍ପାଦକୀୟ ହିଁ ଦାୟବଦ୍ଧତାରେ ସର୍ବଶ୍ରେଷ୍ଠ। କବିତା ଓ ଗଳ୍ପରେ ସୁନିର୍ବାଚିତ କବିତା, ଗଳ୍ପ ସ୍ଥାନିତ ହେବା ସାଙ୍ଗକୁ ଲୋକକଥା, ଗୀତି-କବିତା ଓ ରମ୍ୟକଥାରେ ପତ୍ରିକାଟି ରୁଚିବନ୍ତ। ପ୍ରଚ୍ଛଦରେ ରହିଛି ଦୃଷ୍ଟିକୋଣର ଭିନ୍ନତା।

### ପଶ୍ଚିମା



**ସମ୍ପାଦକ: ଅଶୋକ ମହାନ୍ତି**
**ଏ-ଫୋର୍ ସାଇଜ୍, ପୃ:୬୧୨, ମୂଲ୍ୟ: ଟ.୩୫୦/-**

ମହାପୂଜା, ତେଣୁ ମହାକଳେବର ନେଇ ବଜାରକୁ ଆସିଛି 'ପଶ୍ଚିମା'। ୭୧ ଜଣ ଲେଖିଛନ୍ତି ଗଳ୍ପ, କବିତା ଲେଖିଛନ୍ତି ୧୧୨ ଜଣ, ଆଲୋଚନାରେ ୧୧ ଜଣ ଓ ଉପନ୍ୟାସ ଗୋଟିଏ- ଲେଖିଛନ୍ତି ସ୍ୱପ୍ନା ମିଶ୍ର। ଉପନ୍ୟାସର ଶୀର୍ଷକ 'ଗରାବନ୍ଧା'। ପ୍ରବୀଣ ଲେଖିକାଲେଖକମାନେ ତ ପତ୍ରିକାର ପୁରୋଭାଗ ଦଖଲ କରିବା କଥା କରିଛନ୍ତି, ଯେପରି ହୁଏ ପ୍ରାୟ ଅଧିକାଂଶ ପତ୍ରିକାରେ ; ତେବେ ପଶ୍ଚିମାର ବିଶେଷତ୍ୱ ହେଉଛି ଗପ ଓ କବିତାରେ ନବୋଦିତ ପ୍ରତିଭାଙ୍କୁ ଅଗ୍ରାଧିକାର ଦେବା। ଓଡ଼ିଆ ସାହିତ୍ୟର ବିଷୟ ଓ ଭାଷା ଏବେ କେଉଁ ଦିଗରେ ଗତି କରୁଛି, ପାଠକେ ଏସବୁ ଲେଖାରୁ ମନନର ତୁଳନାତ୍ମକ ଅବକାଶ ପାଇବେ। ଅପେକ୍ଷା ରହିଲା 'ପଶ୍ଚିମା'ର ସ୍ୱତନ୍ତ୍ର ପଡ୍‌କାଷ୍ଟ 'ଆଳାପ'କୁ, ଯାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

### ସାହିତ୍ୟ ଚର୍ଚ୍ଚା



**ସମ୍ପାଦକ: ନିହାର ରଞ୍ଜନ ଶତପଥୀ**
**କ୍ରାଉନ୍ ସାଇଜ୍, ପୃ:୭୨, ମୂଲ୍ୟ: ଟ.୫୦/-**

ଓଡ଼ିଆ ଭାଷାରେ ସାହିତ୍ୟର ପରମ୍ପରା ଓ ସାମ୍ପ୍ରତିକତାକୁ ନେଇ ଚର୍ଚ୍ଚାର ପରିସରଟିଏ ସୃଷ୍ଟି କରିଥିବା ଏହି ପତ୍ରିକା କଳେବରରେ ସୀମିତ ହେଲେ ବି ଦୃଷ୍ଟିକୋଣର ନୂତନତ୍ୱ ଓ ବିଷୟ ଚୟନ ତଥା ପରିବେଷଣର ଭିନ୍ନତା ଦୃଷ୍ଟିରୁ ପାଠକୀୟ ଉଦ୍‌ଗ୍ରୀବତାର ହେତୁ ହୋଇପାରିଛି। ସମ୍ପାଦକୀୟ 'ପୂଜାସଂଖ୍ୟାର ଯଥାର୍ଥତା' ଚିନ୍ତା ଉଦ୍ରେକକାରୀ। ୧୯୫୧ରେ ବଙ୍ଗଳା ପୂଜା ପତ୍ରିକା ଅନୁସରଣରେ 'ଆସନ୍ତାକାଲି' ଓଡ଼ିଆରେ ଆରମ୍ଭ କରିଥିବା ଏହି ପରମ୍ପରା ଆଜି କିପରି ଅପ୍ରାସଙ୍ଗିକ ଓ ଲକ୍ଷ୍ୟହୀନ, ତାହା ଆସନ୍ତାକାଲିର ଶେଷତମ ସମ୍ପାଦକ କାଳୀଚରଣ ଦାସଙ୍କ ମନ୍ତବ୍ୟରୁ ସ୍ପଷ୍ଟ ହୋଇଛି। ଏକାଥରକେ ବିଜ୍ଞାପନ ବୁଭୁକ୍ଷୁ ଏକାଧିକ ପୂଜାପତ୍ରିକା ପ୍ରକାଶନ ଓଡ଼ିଆ ସାହିତ୍ୟର ଯେ କ୍ୱଚିତ୍ ଉତ୍ତରଣ ଘଟାଏ- ଏକଥା 'ସାହିତ୍ୟ ଚର୍ଚ୍ଚା'ର ସର୍ବେକ୍ଷଣ ପ୍ରତିପାଦିତ କରିଛି।

### ବନଫୁଲ



**ସମ୍ପାଦକ: ରତ୍ନାକର ନାୟକ**
**୧/୮ ଡିମାଇ ସାଇଜ୍, ପୃ:୩୨୦, ମୂଲ୍ୟ: ଟ.୨୦୦/-**

କାଳଜୟୀ କାହାଣୀରେ ସ୍ଥାନପାଇଛି ବ୍ରହ୍ମାନନ୍ଦ ପଣ୍ଡାଙ୍କ ଗଳ୍ପ 'ପାଗଳ'। ଗଳ୍ପରେ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, କମଳିନୀ ମଲ୍ଲିକ, ତ୍ରିନାଥ ପଟ୍ଟନାୟକ ଏବଂ କବିତାରେ ଦେବେନ୍ଦ୍ର ବାଉରୀ, ଶରତ ଚନ୍ଦ୍ର ନାୟକ, ଶିଶିର ନାୟକ, ହିମାଂଶୁ ପରିଡ଼ା, ଶୁଭନାରାୟଣ ସ୍ୱାଇଁ, ଛବିରାଣୀ ପତି, ସୁଜିତ୍ କୁମାର ମିଶ୍ରଙ୍କ ସମେତ ବହୁ ପୁରୁଣା ଓ ନୂଆ ଲେଖିକାଲେଖକଙ୍କ ରଚନା ସମନ୍ୱିତ ହୋଇଛି। ପ୍ରତିବେଶୀ କାହାଣୀରେ ବିମଳ ମିତ୍ର(ବଙ୍ଗଳା)ଙ୍କ 'ଅସଲ ନକଲ' ଗଳ୍ପର ଅନୁବାଦ କରିଛନ୍ତି ଜୟକୃଷ୍ଣ ସାମଲ। ବିଜୟ କୁମାର ପ୍ରଧାନ ଅନୁବାଦ କରିଛନ୍ତି ଏକ ବୁନ୍ଦେଲୀ ଲୋକକଥା। ଆଲୋଚନାରେ ରହିଛନ୍ତି ଶରତ ଚନ୍ଦ୍ର ମହାପାତ୍ର, ସସ୍ମିତା କୁମାରୀ ପାତ୍ର ଓ ବିଜୟଲକ୍ଷ୍ମୀ ଦାଶ। ପ୍ରଚ୍ଛଦ ଓ ପୃଷ୍ଠାବିନ୍ୟାସରେ ପବିତ୍ର ବ୍ରହ୍ମପୁତ୍ର ନାୟକଙ୍କ ରୁଚି ବାରିହୋଇ ପଡ଼େ।


ଯୋଗାଯୋଗ: E-mail:dharitrisahityayana@gmail.com

# ଜୟସ୍ୱାଲଙ୍କ ଶତକ: ଭାରତ ୩୧୮/୨

**ନୂଆଦିଲ୍ଲୀ, ୧୦।୧୦**

ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଦ୍ୱିତୀୟ କ୍ରିକେଟ୍ ଟେଷ୍ଟ ଶୁକ୍ରବାର ଏଠାରେ ଆରମ୍ଭ ହୋଇଛି। ଯୁବ ଓପ୍‌ନର ଯଶସ୍ୱୀ ଜୟସ୍ୱାଲଙ୍କ ଅପରାଜିତ ଶତକ ଏବଂ ସାଇ ସୁଦର୍ଶନଙ୍କ ଅର୍ଦ୍ଧଶତକ ସହାୟତାରେ ଭାରତ ବୃହତ୍ ସ୍କୋର ଦିଗରେ ଅଗ୍ରସର ହୋଇଛି। ପ୍ରଥମ ଦିବସ ଖେଳ ଶେଷବେଳକୁ ଭାରତ ୨ ଉଇକେଟ ହରାଇ ୩୧୮ ରନ୍ ସଂଗ୍ରହ କରିଛି। ଜୟସ୍ୱାଲ ୧୭୩ ଓ ଅଧିନାୟକ ଶୁବମନ ଗିଲ୍ ୨୦ ରନ୍‌ରେ ଅପରାଜିତ ରହିଛନ୍ତି। ପ୍ରଥମ ଟେଷ୍ଟ ଜିତି ଭାରତ ୨ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌ରେ ୧-୦ରେ ଅଗ୍ରଣୀଲାଭ କରିଛି।

## ଦ୍ୱିତୀୟ ଟେଷ୍ଟ

ଟସ୍ ଜିତି ବ୍ୟାଟିଂ ନେଇଥିଲା ଭାରତ। ଓପ୍‌ନିଂ ଯୋଡ଼ିରେ ୫୮ ରନ୍ ଯୋଗହେବାପରେ ବ୍ୟକ୍ତିଗତ ୩୮ ରନ୍‌କରି ଆଉଟ୍ ହୋଇଥିଲେ ଲୋକେଶ ରାହୁଲ। ଦ୍ୱିତୀୟ ଉଇକେଟରେ ଜୟସ୍ୱାଲ ଓ ସାଇ ସୁଦର୍ଶନଙ୍କ ୧୯୩ ରନ୍‌ର ଭାଗୀଦାରି ଭାରତକୁ ବଡ଼ ସ୍କୋର ଆଡ଼କୁ ନେଇଯାଇଥିଲା। ସୁଦର୍ଶନ ୮୭ ରନ୍‌କରି ଆଉଟ୍ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଜୟସ୍ୱାଲଙ୍କ ସହ କ୍ରିଜ୍‌ରେ ଯୋଗଦେଇ ଗିଲ୍ ଆଉ କୌଣସି କ୍ଷତି ହେବାକୁ ନ ଦେଇ ଅସମାପ୍ତ ତୃତୀୟ ଉଇକେଟରେ ୬୭ ରନ୍‌ର ଭାଗୀଦାରି ଗଢ଼ିଛନ୍ତି। କ୍ୟାରିୟରର ୭ମ ଟେଷ୍ଟ ଶତକ ହାସଲ କରିଥିବା ଜୟସ୍ୱାଲ ୨୫୩ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ୍ ମଧ୍ୟରେ ୨୨ ଚୌକା ମାରିଛନ୍ତି। ୱେଷ୍ଟଇଣ୍ଡିଜ ପକ୍ଷରୁ ଜୋମେଲ ୱାରିକାନ ୨ଟି ଯାକ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ୍: ୩୧୮/୨ (ଯଶସ୍ୱୀ ଜୟସ୍ୱାଲ-୧୭୩*, ସାଇ ସୁଦର୍ଶନ-୮୭, ଲୋକେଶ ରାହୁଲ-୩୮, ଶୁବମନ ଗିଲ୍-୨୦*, ଜୋମେଲ ୱାରିକାନ-୨/୬୦)।


ଶତକ ହାସଲ ପରେ ଯଶସ୍ୱୀ ଜୟସ୍ୱାଲ।

# ଭାରତୀୟ ଦଳରେ ଓଡ଼ିଶାର ୪

**ଭୁବନେଶ୍ୱର, ୧୦।୧୦ (ତପନ ସ୍ୱାଇଁ)**

## ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ସିରିଜ

ଶ୍ରୀଲଙ୍କାର କଲମ୍ବୋରେ ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ମହିଳା ସିରିଜ୍ ଚଳିତ ମାସ ୧୮ ଓ ୧୯ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୪ ଖେଳାଳି ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରୁ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ (କିସ୍)ର ୩ ଜଣ ଦୁମୁନି ମାର୍ଣ୍ଡି, ନିର୍ମାଲ୍ୟ ରାଉତ ଓ ତରୁଲତା ନାଏକ ଏବଂ ମୟୂରଭଞ୍ଜର ସନ୍ଧ୍ୟାରାଣୀ ଟୁଡୁ। ଦୁମୁନିଙ୍କୁ ଦଳର ଉପଅଧିନାୟିକା ମନୋନୀତ କରାଯାଇଛି। ଭାରତୀୟ ଦଳ ସହ ଓଡ଼ିଶା ଖେଳାଳିମାନେ କୋଲ୍‌କାତାସ୍ଥିତ ସାଇ ନେତାଜୀ ସୁଭାଷ ଇଷ୍ଟର୍ନ ସେଣ୍ଟରରେ ସେପ୍ଟେମ୍ବର ୨୨ରୁ କୋଚିଂ ନେଇଆସୁଛନ୍ତି। ରଗ୍‌ବୀ ଇଣ୍ଡିଆ ଆନୁକୂଲ୍ୟରେ ଚାଲିଥିବା ଏହି କ୍ୟାମ୍ପ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶା ଖେଳାଳିମାନଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।


ଦୁମୁନି ମାର୍ଣ୍ଡି, ନିର୍ମାଲ୍ୟ ରାଉତ ଓ ତରୁଲତା ନାଏକ।

# ଶ୍ରୀଲଙ୍କାରେ ଶ୍ରେଷ୍ଠ ପ୍ରଦର୍ଶନ ଲକ୍ଷ୍ୟରେ ସନ୍ଧ୍ୟା

**ବାରିପଦା, ୧୦।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଶ୍ରୀଲଙ୍କାର କଲମ୍ବୋଠାରେ ଅନୁଷ୍ଠିତ ହେବାକୁ ଥିବା ଏସିଆ ରଗବୀ ଏମିରେଟ୍ସ ସେଭେନ ସିରିଜ- ୨୦୨୫ ଲେଗ-୨ରେ ଖେଳିବା ପାଇଁ ଭାରତୀୟ ବରିଷ୍ଠ ମହିଳା ଦଳରେ ମୟୂରଭଞ୍ଜର ସନ୍ଧ୍ୟାରାଣୀ ଟୁଡୁ ସ୍ଥାନ ପାଇଛନ୍ତି। ଗତ ମାସ ଚାଇନାଠାରେ ଅନୁଷ୍ଠିତ ଲେଗ-୧ ସିରିଜରେ ପ୍ରଥମ ଥର ପାଇଁ ଭାରତୀୟ ଦଳରେ ସ୍ଥାନ ପାଇ ୨୧ ବର୍ଷୀୟା ସନ୍ଧ୍ୟାରାଣୀ ସର୍ବାଧିକ ୨୪ ପଏଣ୍ଟ ହାସଲ କରି ଇତିହାସ ରଚିଥିଲେ। ତାଙ୍କର ଚମତ୍କାର ଖେଳ ପ୍ରଦର୍ଶନ ପାଇଁ ଭାରତୀୟ ଦଳ ଏସିଆରେ ୧୦ମ ସ୍ଥାନରୁ ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇପାରିଥିଲା। ଏବେ ସେ ପୁଣିଥରେ ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ମୟୂରଭଞ୍ଜରେ ଖୁସିର ଲହରୀ ଖେଳି ଯାଇଛି।

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ରାଣୀଭୋଳରେ ପାଠ ପଢୁଥିବା ବେଳେ ରୁପାଲୀ ସୋରେନଙ୍କ ତତ୍ତ୍ୱାବଧାନରେ ରଗବୀ ଖେଳ ଆରମ୍ଭ କରି ଫିଉଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ସହାୟତାରେ ଜାତୀୟସ୍ତରରେ ଖେଳିବାର ସୌଭାଗ୍ୟ ଅର୍ଜନ କରିଥିଲେ ସନ୍ଧ୍ୟା। ୨୦୨୩ ଓ ୨୦୨୫ରେ ଜାତୀୟ କ୍ରୀଡ଼ାରେ ଓଡ଼ିଶା ପାଇଁ ସ୍ୱର୍ଣ୍ଣ ପଦକ ଆଣିବାରେ ସନ୍ଧ୍ୟାଙ୍କର ଭୂମିକା ଉଲ୍ଲେଖନୀୟ ଥିଲା। ଫ୍ରାନ୍ସଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟସ୍ତରୀୟ ରଗବୀ ପ୍ରତିଯୋଗିତା- ୨୦୨୪ରେ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳରେ ସ୍ଥାନ ପାଇ ମୟୂରଭଞ୍ଜ ଜିଲା ତଥା ରାଜ୍ୟ ପାଇଁ ଗୌରବ ଆଣିଥିଲେ। ଫିଉଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସ କହିଛନ୍ତି, ସନ୍ଧ୍ୟାଙ୍କ ସଫଳତାର କାହାଣୀ ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ। ଜିଲାପାଳ ହେମକାନ୍ତ ସୟ, ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ଜିଲା କ୍ରୀଡ଼ା ଅଧିକାରୀ ସୁଭାଶିଷ ନାୟକ, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଡିଭାଇନ ଅନୁଷ୍ଠାନର ନିର୍ଦ୍ଦେଶକ ବିପ୍ଳବ ଭଞ୍ଜନ ବୁଗୁଡ଼େଇ, ଏକାଡେମୀର ନିର୍ଦ୍ଦେଶକ ଅମର କୁମାର ସେଠୀ, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଳ ହାଁସଦା, ବାରିପଦା ଶାଖା ପରିଚାଳକ ରଣଜିତ ରାଉତ, ପ୍ରଶିକ୍ଷକ ଚନ୍ଦନ ସିଂ, ରାଜକିଶୋର ପାତ୍ର, ତରଣୀସେନ ନାୟକ ସନ୍ଧ୍ୟାଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ସଫଳତା କାମନା କରିଛନ୍ତି।


ସନ୍ଧ୍ୟାରାଣୀ ଟୁଡୁ




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
51 Years
ପୃଷ୍ଠା-୮+୮
ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୧/୨୦୨୫ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, October 11/2025 | Page 16 | ₹ 7.00 | BERHAMPUR
୫୧ଶ ଭାଗ ୩୧୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 315 | ମୂଲ୍ୟ₹୭/-


# ଯୁବକଙ୍କ ଦ୍ୱାରା ତଦନ୍ତ କରାଇ ଏସ୍‌ଆଇ ନିଲମ୍ବିତ

**କେତେଜଣଙ୍କ ପାଇଁ ପୋଲିସ ଚାକିରି ହେଉଛି ଅନୈତିକ ଅର୍ଥ ଉପାର୍ଜନର ଉତ୍ସ। ସେମାନେ ପାଠପଢ଼ା ଦୃଷ୍ଟିରୁ ଯୋଗ୍ୟ ନ ଥିଲେ ମଧ୍ୟ ନାନା ଜାଲିଆତି ଓ ଅର୍ଥ ବଳରେ ପୋଲିସରେ ନିଯୁକ୍ତି ପାଇପାରିଥାନ୍ତି। ଏଠାରେ ଉଦାହରଣ ଭାବେ ନିକଟରେ ଧରାପଡ଼ିଥିବା ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରିକୁ ନିଆଯାଇପାରେ। ଏଭଳି ବ୍ୟକ୍ତିମାନେ ପୋଲିସର ବିଭିନ୍ନ ପଦବୀରେ କାର୍ଯ୍ୟ କଲାବେଳେ ଆଇନଶୃଙ୍ଖଳା ରକ୍ଷା ଓ ତଦନ୍ତକୁ ଗୁରୁତ୍ୱ ଦେବା ପରିବର୍ତ୍ତେ ଅର୍ଥ ରୋଜଗାର ପାଇଁ ନାନା ଦୁର୍ନୀତିରେ ବୁଡ଼ି ରହୁଥିବା ଖବର ମିଳୁଛି। ଭଦ୍ରକ ଜିଲାର ଜଣେ ଏସ୍‌ଆଇ ନିଜ କର୍ତ୍ତବ୍ୟରେ ରୁଚି ନ ରଖି ଅସାଧୁ ଉପାୟ ଅବଲମ୍ବନ କରିଥିବା ଯୋଗୁ ଶୁକ୍ରବାର କାର୍ଯ୍ୟରୁ ନିଲମ୍ବିତ ହୋଇଛନ୍ତି। ସେ ହେଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଏସ୍‌ଆଇ କାର୍ତ୍ତିକ ଜେନା। ସେ ଏକ ମାମଲାର ତଦନ୍ତ ପାଇଁ ନିଜେ ନ ଯାଇ ଜଣେ ଯୁବକଙ୍କୁ ପଠାଇଥିବାରୁ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।**

ଭଦ୍ରକ,୧୦।୧୦(ସନାତନ ରାଉତ)

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ କଲେଇ ପଞ୍ଚାୟତର ରଣିକରାଜ ଗ୍ରାମରେ ଜଣେ ମହିଳା ତାଙ୍କ ଶାଶୁଘର ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ଏସ୍‌ଆଇ କାର୍ତ୍ତିକ ଜେନା ଏହି ମାମଲାର ତଦନ୍ତକାରୀ ଅଧିକାରୀ ଥିଲେ। ଗୁରୁବାର ସେହି ଗ୍ରାମକୁ ନିଜେ ନ ଯାଇ ତାଙ୍କ ବାଇକ୍ ଦେଇ ଖପରପଦା ଗ୍ରାମର ପୀୟୂଷ ପଣ୍ଡା ନାମକ ଯୁବକଙ୍କୁ ତଦନ୍ତ ପାଇଁ ପଠାଇଥିଲେ। ଅଭିଯୋଗକାରିଣୀ ମହିଳାଙ୍କୁ ଏହି ଯୁବକଙ୍କ ନମ୍ବର ମଧ୍ୟ ଦେଇଥିଲେ। ଯୁବକ ଜଣକ ସାଦା ପୋଷାକରେ ଅଭିଯୋଗକାରୀ ମହିଳାଙ୍କ ଘରେ ପହଞ୍ଚି ତାଙ୍କୁ ପଚରାଉଚରା କରିବା ସହ ପଡ଼ୋଶୀଙ୍କୁ ମଧ୍ୟ ଅଭିଯୋଗ ବାବଦରେ ପଚାରିଥିଲେ। ଫୋନ୍ ପେ'ରେ ୫ ହଜାର ଟଙ୍କା ଦେବା ପାଇଁ ସେ


ନିଲମ୍ବିତ ଏସ୍‌ଆଇ କାର୍ତ୍ତିକ ଜେନା

ଅଭିଯୋଗକାରୀଙ୍କୁ କହିଥିଲେ। ଏନେଇ ସନ୍ଦେହ ସୃଷ୍ଟି ହେବାରୁ ଅଭିଯୋଗକାରୀ ମହିଳା ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମର କେତେଜଣ ଯୁବକ ଭିଡିଓ ରେକର୍ଡ କରିବା ସହ ଉକ୍ତ ଯୁବକଙ୍କୁ ପୋଲିସ ପରିଚୟପତ୍ର ମାଗିଥିଲେ। ସେ କୌଣସି ପରିଚୟପତ୍ର ଦେଖାଇ ନ ପାରି ଗୋଇନ୍ଦା ବିଭାଗରେ ଚାକିରି କରୁଥିବା କହିଥିଲେ। ଗ୍ରାମବାସୀ ତାଙ୍କୁ ଅଟକାଇ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଥାନାକୁ ନେଇ ତଦନ୍ତ କରିବା ପରେ ଛାଡ଼ି ଦେଇଥିଲା। ଅପରପକ୍ଷେ ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଘଟଣା ବିଷୟରେ ଏସ୍‌ପି ଅବଗତ ହେବା ପରେ ଏହି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଛି ବୋଲି ଗ୍ରାମାଞ୍ଚଳ ଥାନା ଅଧିକାରୀ ନୀରଜ କୁମାର ସାମଲ କହିଛନ୍ତି। ସୂଚନାଥାଉ କି, କିଛିଦିନ ତଳେ ଝାଡ଼ଖଣ୍ଡର ଜଣେ ଯୁବକ ପୋଲିସ ପରିଚୟ ଦେଇ ଭଦ୍ରକର ଏକ ହୋଟେଲରେ ରହୁଥିବା ବେଳେ ଗିରଫ ହୋଇଥିଲେ। ଏବେ ଖୋଦ୍ ପୋଲିସ ଜଣେ ଯୁବକଙ୍କୁ ନକଲି ପୋଲିସ ସଜାଇ ଲୋକଙ୍କ ପାଖକୁ ପଠାଇବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।


ସୋସିଆଲ ମିଡିଆରେ ଗୁଜବ ସୃଷ୍ଟି ହେବା ପରେ ଶୁକ୍ରବାର କଟକ ଦରଘାବଜାରଠାରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି। **(ଫଟୋ: ରାଜକିଶୋର ମହାନ୍ତି)**

# ଗିରିଶଙ୍କୁ ମିଶନ ଶକ୍ତି, ଥିରୁମାଲାଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦାୟିତ୍ୱ

## ଆଇଏଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ

### ଶାଳିନୀ, ସମର୍ଥ, ସ୍ୱାଧାଙ୍କୁ କେନ୍ଦ୍ରୀୟ ଡେପୁଟେଶନ ଲାଗି ମିଳିଲା ଅନୁମତି

ଭୁବନେଶ୍ୱର,୧୦।୧୦(ସୁନିତ୍ ମିଶ୍ର)

ରାଜ୍ୟ ସରକାର ଆଇଏଏସ୍ ଅଫିସରମାନଙ୍କ ସ୍ତରରେ ଶୁକ୍ରବାର ବଡ ଧରଣର ଅଦଳବଦଳ କରିଛନ୍ତି। ଅନ୍ୟପଟେ କେନ୍ଦ୍ରୀୟ ଡେପୁଟେଶନରେ ଯିବାକୁ ଥିବା ୩ ଜଣ ଆଇଏଏସ୍ ଅଫିସର ସାଲିନୀ ପଣ୍ଡିତ, ସମର୍ଥ ବର୍ମା ଏବଂ ସ୍ୱାଧା ଦେବ ସିଂଙ୍କୁ ରିଲିଭ କରାଯାଉଥିବା ନେଇ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ସଚିବ ଥିବା ୨୦୦୨ ବ୍ୟାଚ୍ ଆଇଏଏସ୍ ଅଫିସର ଗିରିଶ ଏସ୍.ଏନ୍‌ଙ୍କୁ ମିଶନ ଶକ୍ତି ବିଭାଗ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ମିଶନ ଶକ୍ତି ସଚିବ ଥିବା ଆଇଏଏସ୍ ଅଫିସର ଶାଳିନୀ ପଣ୍ଡିତ ଆସନ୍ତା ୧୩ ତାରିଖରେ କେନ୍ଦ୍ରୀୟ ଡେପୁଟେସନରେ ଯିବାପରେ ଗିରିଶ ଏହି ଦାୟିତ୍ୱ ଗ୍ରହଣ କରିବେ। ସେହିପରି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ର ଉପାଧ୍ୟକ୍ଷ ତଥା ଅତିରିକ୍ତ ଭାବେ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଥିବା ୨୦୦୯ ବ୍ୟାଚ୍ ଆଇଏଏସ୍ ଅଫିସର ଏନ୍ ଥିରୁମାଳା ନାଏକଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ସଚିବ ଭାବେ ନୂଆ ଦାୟିତ୍ୱ ମିଳିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଥିବା ☞ପୃଷ୍ଠା-୪




## ସଂକ୍ଷେପରେ

### ପେପର ଇଣ୍ଡଷ୍ଟ୍ରିରେ ଅଗ୍ନିକାଣ୍ଡ

ବୁଗୁଡ଼ା,୧୦।୧୦(କାଳିଚରଣ ଦାଶ)
ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ହରିଶରଣପୁର ଶାସନରେ ଥିବା ବାଲୁଙ୍କେଶ୍ୱର ପେପର ଇଣ୍ଡଷ୍ଟ୍ରିରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟିଛି। ବିଦ୍ୟୁତ ସର୍ଟ ସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟି ସେଠାରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି।। ଖବର ପାଇ ବୁଗୁଡ଼ା ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚିବା ବେଳକୁ ନିଆଁ ଲିଭି ଯାଇଥିବାରୁ ସେମାନେ ଫେରି ଆସିଥିଲେ।

### ଗଞ୍ଜେଇ ସହ ପିକ୍ଅପ୍ ଜବତ, ଜଣେ ଗିରଫ

ଖଜୁରିପଡ଼ା,୧୦।୧୦ (ବିଦୁର ବେହେରା)
ଅବକାରୀ ବିଭାଗର ସୁପରିଟେଣ୍ଡଙ୍କ ନିର୍ଦ୍ଦେଶ କ୍ରମେ ଓଆଇସି ପ୍ରକାଶ ଚନ୍ଦ୍ର ମଲ୍ଲିକ,ଏସ୍ଆଇ ସମୀର ରଞ୍ଜନ ଭୋଇ, କନେଷ୍ଟବଲ ସଚିନ ଗୁରୁ ଏକ ଟିମ ଗଠନ କରି ପେଟ୍ରୋଲିଂ କରୁଥିଲେ। ଏକ ପିକ୍ଅପ୍ ଗାଡ଼ି ନଂ. (ଓଡି ୦୫ ବିଏକ୍ସ ୫୦୬୩)କୁ ସନ୍ଦେହ ହେବାରୁ ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଦାତପାଜୁ ଠାରେ ଗାଡ଼ିକୁ ଅଟକାଇ ତଲାସୀ କରାଯାଇଥିଲା। ସେଥିରୁ ୬୩ କିଲୋ ଗଞ୍ଜେଇ ଜବତ ହେବା ସହିତ ଗୋଟିଏ ଫୋନ ଜବତ କରାଯାଇଛି। ଏହି ଘଟଣାରେ ସଂପୃକ୍ତ ଚକାପାଦ ଗ୍ରାମର ରମାକାନ୍ତ ନାୟକଙ୍କୁ ଗିରଫ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଜମି ଅଛି ଦର୍ଶାଇ ସୁଭଦ୍ରା ଯୋଜନାରୁ ହିତାଧିକାରୀଙ୍କୁ ବାଦ୍

ଶେରଗଡ଼.୧୦।୧୦(ସୂର୍ଯ୍ୟ ନାରାୟଣ ଦାଶ)
ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ଅଞ୍ଚଳରେ ବହୁ ମହିଳା ସୁଭଦ୍ରା ଯୋଜନାର ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଡେଙ୍ଗାପଦର ଅଞ୍ଚଳର ମହିଳାମାନେ ସହାୟତା ପାଇଁ ପୋର୍ଟାଲରେ ଆବେଦନ କରିଥିଲେ ମଧ୍ୟ ଏଯାବତ ଗୋଟିଏ ମଧ୍ୟ କିସ୍ତି ପାଇନାହାନ୍ତି। ସମ୍ପୃକ୍ତା ମହିଳାମାନଙ୍କ ଘର ବା ପରିବାରର ଜମି ନ ଥିଲେ ମଧ୍ୟ ତୁମର ଜମି ଅଛି ପୋର୍ଟାଲରେ ଦେଖାଉଛି। ଫଳରେ ଏହାକୁ ଭିତ୍ତି କରି ସେମାନଙ୍କୁ ସୁଭଦ୍ରା ସହାୟତାରୁ ବଞ୍ଚିତ କରାଯାଇଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ଏ ଦିଗରେ ସରକାର ଦୃଷ୍ଟି ଦେଇ ଏହି ହିତାଧିକାରୀମାନେ ଯେପରି ସୁଭଦ୍ରା ଯୋଜନାରେ ସହାୟତା ପାଇବେ ସେ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ଗାର୍ଲ୍ସ ଏନ୍‌ସିସି ଉଦ୍‌ଘାଟିତ

ଜି.ଉଦୟଗିରି,୧୦।୧୦ (ଚିନ୍ମୟ କୁମାର ସେଠୀ)
ଜି.ଉଦୟଗିରି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ମଳୟ ନାୟକଙ୍କ ଉଦ୍ୟମରେ ଗାର୍ଲ୍ସ ଏନସିସିର ନୂତନ ଶାଖା ଉଦ୍‌ଘାଟନ ହୋଇଛି। ବାଳିକା ମାନଙ୍କ ଶୃଙ୍ଖଳିତ ଭବିଷ୍ୟତ ଗଠନ ପାଇଁ ଏନସିସି ବହୁ ଉପଯୋଗୀ ହେବ ବୋଲି ମହତ୍ ଉଦ୍ଦେଶ୍ୟ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବହୁ ଉଦ୍ୟମ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲା ସ୍ଥିତ ୨(ଓ) ଗାର୍ଲ୍ସ.ବିଏନ ଏନସିସି କାର୍ଯ୍ୟାଳୟର କମାଣ୍ଡିଙ୍ଗ ଅଫିସର କର୍ଣ୍ଣେଲ ରାକେଶ ବର୍ଥୱାଲ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। କର୍ଣ୍ଣେଲଙ୍କ ସହଯୋଗୀ ପିଆଇ ପ୍ରଧାନ ଯୋଗ ଦେଇଥିଲେ।

## ପାଗ ଭଲ ରହିଲେ ୭ ଦିନ ମଧ୍ୟରେ ହାଲୁକା ଯାନ ଚାଲିବ

# ୨୫ ଦିନ ହେଲା ଦୁର୍ଦ୍ଦିନରେ ଦୁର୍ଗାପ୍ରସାଦ ବ୍ୟବସାୟୀ

ଜି.ଉଦୟଗିରି,୧୦।୧୦(ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)
କନ୍ଧମାଳ ଜିଲା ୧୫୭ନଂ. ଜାତୀୟ ରାଜପଥ କଳିଙ୍ଗା ଘାଟିରେ ସେପ୍ଟେମ୍ବର ୧୬ରେ ଭୂସ୍ଖଳନ ହୋଇଥିଲା। ଫଳରେ ୨୫ ଦିନ ହେବ ରାଞ୍ଚି-ବିଜୟୱାଡ଼ା କରିଡର ବନ୍ଦ ରହିଛି। ଏହାକୁ ନେଇ କନ୍ଧମାଳ ଜିଲାବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭୂସ୍ଖଳନ ପରଦିନଠାରୁ ଅସ୍ଥାୟୀ ରାସ୍ତା ତିଆରି ଚାଲିଛି। କିନ୍ତୁ ପ୍ରତିଦିନ ବର୍ଷା ଯୋଗୁ ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ବର୍ଷାହେଲେ ଶ୍ରମିକମାନେ ଭୟଭୀତ ଅବସ୍ଥାରେ କାମ ବନ୍ଦ କରିବାକୁ ବାଧ ହେଉଛନ୍ତି। ଅସ୍ଥାୟୀ ରାସ୍ତା ନିର୍ମାଣ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶୁକ୍ରବାର ୮ ରୁ ୧୦ ଇଞ୍ଚ ପର୍ଯ୍ୟନ୍ତ କଙ୍କ୍ରିଟ୍ ଢଳେଇ ହୋଇଛି। ଗୋଟିଏ ଦିନ ପରେ ଆଉ ଏକ ପରସ୍ତ ୮ ରୁ ୧୦ ଇଞ୍ଚ ଢଳେଇ ହେବ।


ନିର୍ମାଣାଧୀନ ରାସ୍ତା

ସୁରକ୍ଷା ଦୃଷ୍ଟିରୁ ରାସ୍ତାର ଉଭୟ ପାର୍ଶ୍ୱରେ ଗାର୍ଡୱାଲ୍ ନିର୍ମାଣ କରାଯିବ। ଭୂସ୍ଖଳନ ସ୍ଥାନ ପାହାଡ଼ ଉପରେ ବିପଦସଙ୍କୁଳ ଅବସ୍ଥାରେ ରହିଥିବା ବଡ଼ ପଥର ଗୁଡ଼ିକୁ ବ୍ଲାଷ୍ଟିଙ୍ଗ୍ କରିବା ଯୋଜନା ହୋଇଛି। ପାଗ ଭଲ ରହିଲେ ସମସ୍ତ ଯୋଜନା ସଫଳ ହୁଅନ୍ତା ବୋଲି ଏନ୍ଏଚ୍ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଆସନ୍ତା ୪ ଦିନ ପାଗ ଭଲ ରହିଲେ ସପ୍ତାହକ ମଧ୍ୟରେ ପ୍ରଥମେ କେବଳ ହାଲୁକା ଯାନ ଯାତାୟାତ ପାଇଁ ରାସ୍ତା ଖୋଲିପାରେ। ୨୫ ଦିନ ହେଲାଣି କଳିଙ୍ଗା ଘାଟି ରାସ୍ତା ବନ୍ଦ ଥିବାରୁ ମୁଖ୍ୟତଃ ଦୁର୍ଗାପ୍ରସାଦ, ଜି.ଉଦୟଗିରି, କଳିଙ୍ଗା, ଟିକାବାଲି, ଫୁଲବାଣୀ, ରାଇକିଆ, ବାଲିଗୁଡ଼ା ତା' ଛଡ଼ା କଳିଙ୍ଗା ଘାଟି ଦେଇ ଯାଉଥିବା ସମସ୍ତ ଜିଲା ତଥା ରାଜ୍ୟର ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୁଖ୍ୟତଃ ଆମ୍ବୁଲାନ୍ସ ସେବା ସମ୍ଭବ ହୋଇପାରୁନାହିଁ। ସମସ୍ତ ଯାତ୍ରୀବାହୀ, ମାଲ୍‌ବାହୀ ଗାଡ଼ିଗୁଡ଼ିକ ବେଶି ବାଟ ଦେଇ ଯାତାୟାତ କରୁଥିବାରୁ ଅଧିକ ସମୟ ଓ ଭଡ଼ା ଦେବାକୁ ପଡୁଛି। ଏହାଦ୍ୱାରା ଏଠାକାର ବଜାରରେ ବହୁ ଖାଦ୍ୟସାମଗ୍ରୀ ଦର ବୃଦ୍ଧି ପାଉଥିବା ବେଳେ ସାଧାରଣ ଜନତାଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ତେଣୁ ପାଣିପାଗକୁ ଅନୁଧ୍ୟାନ କରି ଘାଟିରାସ୍ତା ନିର୍ମାଣ କରାଗଲେ ସମ୍ପୂର୍ଣ୍ଣ କନ୍ଧମାଳ ତଥା ରାଜ୍ୟର ଅନ୍ୟ ସମସ୍ତ ଜିଲା ଓ ଅନ୍ୟ ରାଜ୍ୟ ସହ ଯାତାୟାତ ହେଲେ ସମସ୍ତେ ଉପକୃତ ହୋଇପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକ ଗୁରୁତର

ଚିକିଟି, ୧୦।୧୦(ପ୍ରକାଶ ଚନ୍ଦ୍ର ସାହୁ)
ଚିକିଟି ବ୍ଲକ ଅନ୍ତର୍ଗତ କେ. ନୂଆଗାଁ ଗ୍ରାମର ଜଣେ ଯୁବକ ଗୁରୁବାର ରାତି ସାଢେ ୯ଟାରେ ବିଦ୍ୟୁତ୍ ତାର ଲାଗି ଗୁରୁତର ହୋଇଥିବା ଜଣାପଡିଛି । ସେ ହେଲେ କେ. ନୂଆଗାଁ ଗ୍ରାମର ବୁଲୁ ନାଇକ(୪୫)। ଗତକାଲି ବୁଲୁ ଓ ତାଙ୍କ କାକା ଦୁଃଖା ନାଇକ ଉଭୟେ ମିଶି କେ. ନୂଆଗାଁ ଥାନା ନିକଟରେ ଥିବା କଳିଙ୍ଗଦଳା ବାହୁଦା ନଦୀକୁ ମାଛ ମାରିବା ପାଇଁ ଯାଉଥିଲେ। ଏହି ସମୟରେ ବାହୁଦା ନଦୀ କଡ଼ରେ କୌଣସି ବ୍ୟକ୍ତି ବାରହା ଶିକାର ଲାଗି ବିଦ୍ୟୁତ୍ ତାର ବିଛାଇଥିଲେ। ଏହା ସଂସ୍ପର୍ଶରେ ଆସି ବୁଲୁ ଗୁରୁତର ହୋଇଥିଲେ। ଦୁଃଖା ଅଳ୍ପକେ ବର୍ତ୍ତି ଯାଇଥିଲେ। ବୁଲୁଙ୍କ ଶରୀରର ୭୦ ପ୍ରତିଶତ ଜଳିଯାଇଛି। ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ବୁଲୁଙ୍କ ବ୍ରହ୍ମପୁର ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପରେ ତାଙ୍କୁ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି।

## ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ




କବିସୂର୍ଯ୍ୟନଗର, ୧୦।୧୦(କୃପାସିନ୍ଧୁ ସ୍ୱାଇଁ,)
ଗଞ୍ଜାମ ଜିଲା ଆସୋସିସନ ପକ୍ଷରୁ କବିସୂର୍ଯ୍ୟନଗର ଚେସ ଏକାଡେମୀ, ଅଲ ଇଣ୍ଡିଆ ଚେସ୍ ଆସୋସଶନ ଓ ଓଡିଶା କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ସହଯୋଗରେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବି.ଆଇ.ଟି.ସି.ଠାରେ ୧୯ ବର୍ଷରୁ କମ ଚେସ୍ ଚମ୍ପିୟାନଶିପ ଉଦ୍‌ଘାଟିତ ହୋଇଛି । ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜଲାରୁ ୬୩ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ । ଉଦ୍‌ଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବେ ଆସିକା ଏମ୍‌ପି ଅନିତା ସୁଭଦର୍ଶିନୀ ପଟ୍ଟନାୟକ, ସମ୍ମାନିତ ଅତିଥି ରୂପେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ରୂପେ ଫାଲଗୁନି ଶାହା ନାୟକ, ଦକ୍ଷତା ବିକାଶ ବିଭାଗ ଉପ ନିର୍ଦ୍ଦେଶକ ଡ. ବସନ୍ତ ମିଶ୍ର, ବି.ଆଇ.ଟି.ସି.ର ଅଧ୍ୟକ୍ଷ ପ୍ରଭାସ ଚନ୍ଦ୍ର ନାହାକ ଉପସ୍ଥିତ ଥିଲେ। ସତର୍କତାର ସହ ଧର୍ଯ୍ୟ ଧରି ଯୋଜନା ମୁତାବକ ଖେଳିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ । ଏହି ଚାମ୍ପିୟନଶିପ୍ ତିନି ଦିନ ଧରି ଚାଲିବ । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର, ମାନପତ୍ର ସହ ଟ୍ରଫି ପ୍ରଦାନ କରାଯିବ । ଜିଲା ଚେସ ସଂଘ ସମ୍ପାଦକ କେ. କେ. ଶର୍ମା ଧନ୍ୟବାଦ ଦେଇଥିଲେ।

## ଟ୍ରାଫିକ୍, ରାସ୍ତା ସମସ୍ୟା ଉପରେ ଗୁରୁତ୍ୱ

### ପ୍ରଥମ ଥର ସିସିଟିଭ ନଜରରେ ବାଲିଯାତ୍ରା ପଡିଆ, ସମୁଦ୍ର ବେଳାଭୂମି


ବୈଠକରେ ଉପସ୍ଥିତ ଅତିଥି।

### ବଟେଶ୍ୱର ବାଲିଯାତ୍ରା ପ୍ରସ୍ତୁତି ବୈଠକ

ଗଞ୍ଜାମ,୧୦।୧୦(ବିଦ୍ୟାଧର ସାହୁ/ଅଖିଳ ତରାଇ)
ଗଞ୍ଜାମ ବ୍ଲକ ପାଲିବନ୍ଧ ପଞ୍ଚାୟତ କଣ୍ଟିଆଗଡ଼ସ୍ଥିତ ପ୍ରସିଦ୍ଧ ବଟେଶ୍ୱର ଶୈବ ପୀଠରେ ଆସନ୍ତାମାସ ୫ରେ ବାଲିଯାତ୍ରା ହେବ। ଏଥିପାଇଁ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ବଟେଶ୍ୱର କଲ୍ୟାଣ ମଣ୍ଡପରେ ହୋଇଥିଲା। ଏଥିରେ ବଟେଶ୍ୱର ଐତିହ୍ୟ ସଂରକ୍ଷଣ କମିଟି ଉପସଭାପତି ଶବର ତରାଇ ସଭାପତିତ୍ୱ କରିଥିଲେ। ସମ୍ପାଦକ ରଞ୍ଜିତ ପଲାଇ ସଂଯୋଜନା କରିଥିଲେ। ବିଡ଼ିଓ ଅଚ୍ୟୁତାନନ୍ଦ ଯାନୀ, ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡ଼ାଇ, ରମ୍ଭା ଆଇଆଇସି କୁମାର ମୁଦୁଲି, ହୁମା ଫାଣ୍ଡି ଅଧିକାରୀ ସତ୍ୟଜିତ ବେଣିଆ, କମିଟି ସଭାପତି ପୀତାମ୍ବର ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ ଛାୟାକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ସରପଞ୍ଚ ତଥା ଉପଦେଷ୍ଟା ଦିଲ୍ଲୀପ ଛୋଟରାଏ ଯାତ୍ରା ସମୟରେ କଣ କଣ ସୁବିଧା ଅସୁବିଧା ହୁଏ ସେ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହୁମାଠାରୁ ବଟେଶ୍ୱର ପୀଠକୁ ସଂଯୋଗ ରାସ୍ତା ଅଣଓସାରିଆ ଯୋଗୁ ପ୍ରତିବର୍ଷ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ବୈଠକରେ ଆଲୋଚନା ହୋଇଥିଲା। ଲକ୍ଷାଧିକ ଭକ୍ତ ବଟେଶ୍ୱରଙ୍କ ଦର୍ଶନ ସାଙ୍ଗକୁ ବେଳାଭୂମିରେ ମଜା ଉଠାଇବାକୁ ବର୍ଷତମାମ ଭିଡ଼ ଜମାଇଥାନ୍ତି। ଉକ୍ତ ରାସ୍ତା ଓସାରିଆ କରି ୪୦ ଫୁଟିଆ ଚଉଡା ରାସ୍ତା କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ମୋରମର ଆବଶ୍ୟକତା ଥିବା କମିଟି ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ପ୍ରଥମ ଥର ପାଇଁ ବଟେଶ୍ୱର ଶୈବ ପୀଠ, ବାଲିଯାତ୍ରା ପଡିଆ ଓ ସମୁଦ୍ର ବେଳାଭୂମି ସିସିଟିଭି ନଜରରେ ରଖାଯିବାକୁ ସ୍ଥିର ହୋଇଥିଲା। ଏଥିସହ ପାର୍କିଂ ସ୍ଥଳରେ ମଧ୍ୟ ସିସିଟିଭି ଲଗାଯିବାକୁ ନିଷ୍ପତ୍ତି ହୋଇଥିଲା। ଯାତ୍ରା ସମୟରେ ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବାକୁ କମିଟି ଓ ପୋଲିସ ପ୍ରଶାସନର ମିଳିତ ଉଦ୍ୟମ ରହିବ ଏବଂକମିଟିର ୮୦ ଜଣ ସ୍ୱେଚ୍ଛାସେବୀ ପୋଲିସକୁ ସହଯୋଗ କରିବେ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକାରୀ ସଭାପତି ଶିବ ପ୍ରସାଦ ସ୍ୱାଇଁ, କୋଷାଧ୍ୟକ୍ଷ ନିରାକାର ଜେନା, ବୃନ୍ଦାବନ ପ୍ରଧାନ, ଶିବରାମ ପଲାଇ, ଦୁର୍ଯ୍ୟୋଧନ ରେଡ୍ଡୀ, ତ୍ରିନାଥ ରେଡ୍ଡୀ ଯୁଧିଷ୍ଠିର ରେଡ୍ଡୀ, ମୁସଲେୟା, ସାଇରାମଙ୍କ ସମେତ ଅନ୍ୟାନ୍ୟ କମିଟି ସଦସ୍ୟ ଉପସ୍ଥିତ ଥିଲେ।

### ସିଆଇଟିଏସ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ଛତ୍ରପୁର, ୧୦।୧୦ (ଦିଲ୍ଲୀପ ସାମଲ)
ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଫାସିଗୁଡା ଗ୍ରାମର ଚାଷୀ ସୁଦର୍ଶନ ପ୍ରଧାନଙ୍କ ପୁଅ ଜିତେନ୍ଦ୍ର ପ୍ରଧାନ ଆଇଟିଆଇ ସିଆଇଟିଏସ ପରୀକ୍ଷାରେ ସର୍ବଭାରତୀୟ ଟପ୍ପର ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତ। ଏ ନେଇ ଶୁକ୍ରବାର ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ଭି.କିର୍ତ୍ତୀ ଭାସନ ଉପଢୌକନ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଜିତେନ୍ଦ୍ର ହିଞ୍ଜିଳିକାଟୁ ସ୍ଥିତ ଶିଳ୍ପ ତାଲିମ କେନ୍ଦ୍ରରୁ ପାସ କରିବା ପରେ ଭୁବନେଶ୍ୱରସ୍ଥିତ ଜାତୀୟ କୌଶଳ ବିକାଶ ତାଲିମ କେନ୍ଦ୍ରରେ ଇଲେକ୍ଟ୍ରିସିଆନ ବିଭାଗରେ ଅଧ୍ୟୟନରତ ଅଛନ୍ତି। ସିଟିଆଇଏସ ପକ୍ଷରୁ ଗତ ଅଗଷ୍ଟରେ ଅନୁଷ୍ଠିତ ଅଲ ଇଣ୍ଡିଆ ଟ୍ରେଡ ଟେଷ୍ଟ ଏଆଇଟିଟି ଇଞ୍ଜିନିୟରଂ ଟ୍ରେଡ ବର୍ଗ ପରୀକ୍ଷାରେ ପୂର୍ବାଞ୍ଚଳ ଜୋନ ଟପର୍ ହୋଇ ଜାତୀୟସ୍ତରରେ ସଫଳତା ପାଇଛନ୍ତି।

### ଏନ୍‌ଏସି କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ବୁଗୁଡ଼ା,୧୦।୧୦(କାଳିଚରଣ ଦାଶ)
ବୁଗୁଡ଼ା ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟରେ ଏନ୍‌ଏସି କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଛି। ଏଥିରେ ଏନ୍‌ଏସି କ୍ଲଷ୍ଟର ଅଧୀନ ୧୧ଟି ବିଦ୍ୟାଳୟରୁ ୯୭ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ବକ୍ତୃତା, ସଙ୍ଗୀତ, ବିତର୍କ, ନୃତ୍ୟ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା। ବିଚାରକ ଭାବେ ସିଆରସିସି ସୁନିତା ପାଣିଗ୍ରାହୀ ଓ ଶର୍ମିଷ୍ଠା ଜେନାଙ୍କ ସମେତ ଅନ୍ୟ କେତେକ ଶିକ୍ଷୟିତ୍ରୀ ଶିକ୍ଷକ ନିୟୋଜିତ ଥିଲେ। କ୍ଲଷ୍ଟର ସିଆରସିସି କିରଣବାଳା ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ମହାରଣା ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଏବିଇଓ ଅମିତା କୁମାରୀ ପାଢୀ, ସମ୍ମାନିତ ଅତିଥି ଭାବେ ପିପୁଲ୍ଲି ହାଇସ୍କୁଲ ଏନ୍‌ସିସି ଶିକ୍ଷକ ପ୍ରଶାନ୍ତ ଗୌଡ ଓ ବୁଦ୍ଧଗିରି ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ମୀନକେତନ ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରିଥିଲେ।

## ଆୟୋଜକ ଭଞ୍ଜନଗର ଫୁଟବଲ କ୍ଲବ ଚାମ୍ପିୟନ

### ଚକରା ବିଷୋୟୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ



ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

ଭଞ୍ଜନଗର,୧୦।୧୦(ବାବୁଲା ପ୍ରଧାନ)
ଗଞ୍ଜାମ ଜିଲା ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଖେଳ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ଚକରା ବିଷୋୟୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଭଞ୍ଜନଗର ନରେଶ ଏକାଦଶ ଓ ଆୟୋଜକ ଭଞ୍ଜନଗର ଫୁଟବଲ କ୍ଲବ ମଧ୍ୟରେ ଏହି ମ୍ୟାଚ ହୋଇଥିଲା। ଭଞ୍ଜନଗର ନରେଶ ଏକାଦଶକୁ ହରାଇ ଆୟୋଜକ ଭଞ୍ଜନଗର ଫୁଟବଲ କ୍ଲବ ୨-୧ ଗୋଲରେ ଚାମ୍ପିୟନ ହୋଇଛି। ଉପଜଲାପାଳ ଉମା ଶଙ୍କର ବେହେରା ମୁଖ୍ୟ ଅତିଥି, ଏସ୍‌ଡିପିଓ ଡ ଦୀପକ ମିଶ୍ର, ଅତିରିକ୍ତ ତହସିଲଦାର ଅବିନାଶ ମହାର, ସରପଞ୍ଚ ପ୍ରତିନିଧି ସୁବାଷ ବରାଡ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଚାମ୍ପିୟାନ ଦଳକୁ ୨୨୨୨୨ ଟଙ୍କା, ଟ୍ରଫି ଏବଂ ରନର୍ସ ଅଫ ଟିମ୍‌କୁ ୧୭୭୭୭ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଆଜିର ମ୍ୟାଚର ଶ୍ରେଷ୍ଠ ଖେଳାଳି ନରେଶ ଏକାଦଶର ସୋରେନ, ଶ୍ରେଷ୍ଠ ଗୋଲକିପର ଆୟୋଜକ ଟିମର ଭିକାରୀ ବିଷୋୟୀ, ଶ୍ରେଷ୍ଠ ଡିଫେନ୍ସ ଖେଳାଳି ଆଶିଷ, ଶ୍ରେଷ୍ଠ ସ୍କୋରର ଗୋଧି ଏବଂ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ଭିକିଙ୍କୁ ପ୍ରଦାନ କରାଯାଇଥିଲା। ମ୍ୟାଚଗୁଡ଼ିକୁ ଜାତୀୟ ରେଫରି ସୁବ୍ରତ ପୁରୋହିତ, ରାଜ୍ୟସ୍ତରୀୟ ରେଫରି ପି. ରମେଶ, ସଲିଲ ବେହେରା, ବାପୁନା ସିଂ, ବିଚିତ୍ର ଜେନା, ମ୍ୟାଚ କମିଶନର ପି. ଆନନ୍ଦ ରାଓ ପରିଚାଳନା କରିଥିଲେ। ପ୍ରଶାନ୍ତ ମହାନ୍ତି ଧାରା ବିବରଣୀ ପ୍ରଦାନ କରିଥିଲେ। ବାପୁନା ମହାନ୍ତି, ଦିଲ୍ଲୀପ ମଲ୍ଲିକ ଓ ଅନ୍ୟମାନେ ସହଯୋଗ କରିଥିଲେ।

## ଜିଲାସ୍ତରୀୟ ବିଦ୍ୟାଳୟ କବାଡି ପ୍ରତିଯୋଗିତା

ହିଞ୍ଜିଳିକାଟୁ ୧୦।୧୦( ଦ୍ୱିତୀକୃଷ୍ଣ ପଣ୍ଡା)
ଗଞ୍ଜାମ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କବାଡି ପ୍ରତିଯୋଗିତା-୨୦୨୫ ହିଞ୍ଜିଳିକାଟୁ ବୃନ୍ଦାବନ ମିନି ଷ୍ଟାଡିୟମରେ ଶୁକ୍ରବାର ଆରମ୍ଭ ହୋଇଛି। ୨ ଦିନ ଧରି ଏହି ଖେଳ ହେବ । ପ୍ରତିଯୋଗିତାରେ ଜିଲାର ୨୨ଟି ବ୍ଲକରୁ ୧୪ ଓ ୧୭ ବର୍ଷରୁ କମ ୮୮୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ୧୩୫ ଜଣ କ୍ରୀଡା ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଏହାକୁ ପରିଚାଳନା କରୁଛନ୍ତି। ଗଞ୍ଜାମ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ଡ. ପ୍ରଭାତି କୁମାରୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ଏମ୍‌ପି ଅନିତା ଶୁଭଦର୍ଶିନୀ ମୁଖ୍ୟଅତିଥି, ମୁଖ୍ୟବକ୍ତା ରୂପେ ହିଞ୍ଜିଳିକାଟୁ ବିଡିଓ ସାଗରିକା ସାରଙ୍ଗୀ,



ସମ୍ମାନିତ ଅତିଥି ଭାବେ ପୌରାଞ୍ଚଳ ବିଧାୟକଙ୍କ ପ୍ରତିନିଧି ପ୍ୟାରୀମୋହନ ପାଢ଼ୀ, ବ୍ଲକ ପ୍ରତିନିଧି ଏ. ସୁଦର୍ଶନ, ତହସିଲଦାର ତପନ ମହାପାତ୍ର, ପୌର ଅଧ୍ୟକ୍ଷ ସୁବାସ ପଲେଇ, ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା, ଆସିକା ଏମ୍‌ପି ପ୍ରତିନିଧି ଶିଶିର ମିଶ୍ର, ସରକାରୀ ବୃନ୍ଦାବନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଭୁ ପ୍ରସାଦ ପଣ୍ଡା, ଛତ୍ରପୁର ବିଇଓ ସୁଜିତ ପାଢୀ, ହିଞ୍ଜିଳିକାଟୁ ବିଇଓ ଚାନ୍ଦିନୀ ପଣ୍ଡା ମଞ୍ଚାସୀନ ଥିଲେ। ଜିଲା ଶାରିରୀକ ନିରୀକ୍ଷକ ଭାଗିରଥି ସ୍ୱାଇଁ ବିବରଣୀ ପାଠ କରିଥିଲେ ।

## ଉପଖଣ୍ଡସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ

ଛତ୍ରପୁର, ୧୦।୧୦ (ଦିଲ୍ଲୀପ ସାମଲ)
ଛତ୍ରପୁରସ୍ଥିତ ଉପଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ ଉପଖଣ୍ଡସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଉପଜିଲାପାଳ ଶିବାଶିଷ ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବନ୍ୟା, ବାତ୍ୟା, ସାପ କାମୁଡା, ପାଣିରେ ବୁଡି ମୃତ୍ୟୁବରଣ କରିଥିବା ଓ ବିଜୁଳି ଆଘାତରେ ମୃତ୍ୟୁ ହୋଇଥିବା ଲୋକଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ମିଳୁଥିବା ବିଭିନ୍ନ ଅନୁକମ୍ପା ରାଶିକୁ ତୁରନ୍ତ ପ୍ରଦାନ କରିବା ସହ ବିଭିନ୍ନ ଜାତିଗତ ପ୍ରମାଣପତ୍ରକୁ ଲୋକଙ୍କୁ ସଠିକ ସମୟରେ ପ୍ରଦାନ କରିବା ପାଇଁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ସରକାର ଜମି ଜବରଦଖଲ କରି କୋଠା ନିର୍ମାଣ କରିଥିବା ଲୋକଙ୍କୁ ଚିହ୍ନଟ କରି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା,



କଲମଟୁ ଆର ଆରକରାକ୍ସନ (ଜମି ପଟ୍ଟା ଗୁଡିକ ଅପଡେଟ) ଗୁରୁତ୍ୱ ଦେବା ସହ ପ୍ରତିଶତ ବୃଦ୍ଧି କରିବା, ଗ୍ରାମ କଣ୍ଟକ ମାମଲା ଗୁଡିକୁ ସମାଧାନ କରି ପ୍ରଦାନ କରିବା, ସରକାରୀ ସ୍କୁଲ କଲେଜ ଓ ଡିଗ୍ରୀ କଲେଜ ଭଳି ଶିକ୍ଷାନୁଷ୍ଠାନକୁ ଜମି ପଟ୍ଟା ପ୍ରଦାନ କରିବା, ସିଏମ ପୋର୍ଟାଲ ଏବଂ ଅଭିଯୋଗ ଶୁଣାଣି ଆସିଥିବା ମାମଲା ଗୁଡ଼ିକ ତୁରନ୍ତ ସମାଧାନ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଉପଜିଲାପାଳ ପାର୍ଥ ସାରଥି ହାଁସଦା, ଡେପୁଟି କଲେକ୍ଟର ଲୋପାମୁଦ୍ରା ରଥ, ଉପଜିଲାପାଳଙ୍କ କାର୍ଯ୍ୟାଳୟର ଏସଆରଏ ମଧୁସ୍ମିତା ନାୟକଙ୍କ ସମେତ ପୋଲସରା, ପୁରୁଷୋତ୍ତମପୁର, ଛତ୍ରପୁର, ହିଞ୍ଜିଳିକାଟୁ, ଗଞ୍ଜାମ, କବିସୂର୍ଯ୍ୟନଗର, ଖଲ୍ଲିକୋଟ ଓ କୋଦଳା ତହସିଲଦାର ମାନେ ଉପସ୍ଥିତ ଥିଲେ।

## ଚୟନ ହେଉଛି ଆଦିସାଥୀ, ମିଳୁନି ସହଯୋଗ

- ଖୋଲୁଛି ଆଦି କର୍ମଯୋଗୀ ଅଭିଯାନ
- ଦିଗହରା ଆଦି ସେବାକେନ୍ଦ୍ର
- ଆରମ୍ଭରୁ ଯୋଜନାରେ ବିଭ୍ରାଟ

ଦାରିଙ୍ଗବାଡ଼ି,୧୦।୧୦ (ଅରୁଣ ସାହୁ)
ଜନଜାତି ସମ୍ପ୍ରଦାୟର ଜୀବନ ଜୀବିକା ସ୍ୱାବଲମ୍ବୀ କରାଇବା ପାଇଁ ସରକାର ଆଦି କର୍ମଯୋଗୀ ଯୋଜନାରେ ଆଦି ସେବାକେନ୍ଦ୍ର ଖୋଲୁଛନ୍ତି। ଏହି କ୍ରମରେ କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ମଧ୍ୟ ୪୪ଟି ଆଦି ସେବାକେନ୍ଦ୍ର ଖୋଲାଯିବାକୁ ରହିଥିବା ବେଳେ ୨୮ଟି କେନ୍ଦ୍ର ଖୋଲିବା ପ୍ରକ୍ରିୟା ସରିଲାଣି। ଉକ୍ତ କେନ୍ଦ୍ରରେ ଆଦିସାଥୀଙ୍କୁ ଚୟନ କରାଯାଇ ସଭାପତି ଏବଂ ସଦସ୍ୟା ସଦସ୍ୟଙ୍କୁ ଚୟନ କରି ଏକ ଶକ୍ତିଶାଳୀ କମିଟି ଗଠନ କରାଯାଉଛି। ସେମାନଙ୍କୁ ନେଇ ଆଦି କେନ୍ଦ୍ରରେ ବିଭିନ୍ନ ପ୍ରକଳ୍ପ ତଥା ନିଜ ଅଞ୍ଚଳର ଯାହା ଉନ୍ନୟନ ପାଇଁ ଆବଶ୍ୟକତା ରହିଛି ତାହାର ଖସଡ଼ା ପ୍ରସ୍ତୁତ କରିବେ। ଏଥିପାଇଁ ବ୍ଲକଅଧୀନରେ ରହିଥିବା ବିଭିନ୍ନ ବିଭାଗ ତାଙ୍କୁ ସହଯୋଗ କରିବେ। କିନ୍ତୁ ତାହା ହେଉ ନ ଥିବା କୌଣସି ସରକାରୀ ଅଧିକାରୀମାନେ ଆଦି କେନ୍ଦ୍ରକୁ ଆସି ତାଙ୍କ ଚୟନ କରିଥିବା ପ୍ରକଳ୍ପ କିମ୍ବା ଆବଶ୍ୟକ ଡକ୍ୟୁମେଣ୍ଟଗୁଡ଼ିକ



ଅନ୍‌ଲାଇନ କରାଇଦେବାରେ ସାହାଯ୍ୟ କରୁ ନ ଥିବା ଉବେରୀ ଗ୍ରାମର ଆଦିସାଥୀ କମିଟି ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ କହିଛନ୍ତି। ତାଙ୍କ କମିଟିରେ ୨୦ ଜଣ ସଦସ୍ୟ ଶୁକ୍ରବାର ଜାଗୃତି କାର୍ଯ୍ୟାଳୟରେ ପହଞ୍ଚି ତାଙ୍କୁ ଏହି ଅନ୍‌ଲାଇନ କାର୍ଯ୍ୟରେ ସହାୟତା ପ୍ରଦାନ କରିଥିବା ସଭାପତି କହିଛନ୍ତି। କେବଳ ଉବେରୀ ନୁହଁ, ୪୪ କେନ୍ଦ୍ର ୨୫ଟି ପଞ୍ଚାୟତ ଅଞ୍ଚଳରେ କରାଯାଇଥିବା ବେଳେ ଏହି ଆଦିସେବା କେନ୍ଦ୍ରକୁ ନେଇ କୌଣସି ଲାଇନ ଡିପାର୍ଟମେଣ୍ଟ ତତ୍ପର ଦେଖାଉ ନ ଥିବା ଅଭିଯୋଗ ହୋଇଛି। ଏଥିରେ ସରକାରଙ୍କ ୧୭ଟି ବିଭାଗ ସହଯୋଗ କରିବା ଓ ତାଙ୍କର ଗୁରୁଦାୟିତ୍ୱ ରହିଥିବା ବେଳେ କେବଳ ସରପଞ୍ଚମାନେ ହିଁ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରୁଥିବା ଜଣାପଡୁଛି। ଏହି ଆଦିକେନ୍ଦ୍ରରେ ଜନଜାତି ଯୁବତୀ ଯୁବକଙ୍କର ସାମାଜିକ ନେତୃତ୍ୱ, ଜୀବନ କୌଶଳ ଓ ବିଭିନ୍ନ କୌଶଳରେ ଦକ୍ଷ ଅର୍ଜନ କରିବା ଆଦି ମୁଖ୍ୟ ଲକ୍ଷ୍ୟ। ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ସାମାଜିକ ସୁରକ୍ଷା ଇତ୍ୟାଦି ସରକାରୀ ଯୋଜନା ବିଷୟରେ ଆଦିବାସୀ ଲୋକଙ୍କୁ ସଚେତନ ବା ଜନଜାଗରଣ କରିବା ଦିଗରେ ଗୁରୁତ୍ୱ ଦିଆଯିବା ପାଇଁ ପୂର୍ବରୁ ଲକ୍ଷ୍ୟ ରହିଥିଲେ ମଧ୍ୟ ଏହା କରାଯାଉ ନ ଥିବା ଆଦି ସାଥୀମାନେ ଅଭିଯୋଗ କରୁଛନ୍ତି। ଏନେଇ ଦାୟିତ୍ୱରେ ରହିଥିବା ନୋଡାଲ ଅଫିସର ବିଶ୍ୱଜିତ ଜାଲିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନାହିଁ। ବିଡିଓ ପ୍ରୀତିରଞ୍ଜନ ରଥ କହିଛନ୍ତି, ଲାଇନ ଡିପାର୍ଟମେଣ୍ଟଙ୍କୁ ଚିଠି କରାଯାଇଥିଲେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଠିକ ଭାବେ ଯୋଗଦାନ କରୁନାହାନ୍ତି। ଏହା ଜିଲାକୁ ଅବଗତ କରାଯିବ ବୋଲି ସେ କହିଛନ୍ତି।

# ଘର ଭିତରୁ ୧୦ ଲକ୍ଷ ଟଙ୍କାର ବାଣ ଜବତ

ବ୍ରହ୍ମପୁର,୧୦।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଆଉ ଦିନ କେଇଟା ପରେ ଦୀପାବଳି ଆସିଯିବ। ଏବେଠାରୁ ସହରରେ ବାଣ ବେପାର ପାଇଁ ଭିଡ ଦେଖିବାକୁ ମିଳିଛି। ବେଆଇନ ଭାବେ ଆତସବାଜି(ବାଣ) ଗଚ୍ଛିତ ଓ ବିକ୍ରି ଉପରେ କଟକଣା ରହିଥିବା ବେଳେ କେତେକ ମୁନାଫାଖୋର ବ୍ୟବସାୟୀ ଏହି କାରବାର ଲୁଚାଛପାରେ କରୁଥିବା ଜଣାପଡିବା ପରେ ପୋଲିସ ବିଗତ ଦିନରେ ବିଭିନ୍ନ ଥାନା ଇଲକାରୁ ତାହା ଜବତ କରିଛି। ଏହି ଧାରାରେ ବୈଦ୍ୟନାଥପୁର ଥାନା ପୋଲିସ ବ୍ରହ୍ମପୁର ସହରର ଜେଲ ରୋଡରେ ଏକ ଘରେ ବେଆଇନ ଭାବେ ଗଚ୍ଛିତ କରି ରଖାଯାଇଥିବା ଆତସବାଜି ଜବତ କରିଛି। ବୈଦ୍ୟନାଥପୁର ଥାନା ପକ୍ଷରୁ ପ୍ରାୟ ୧୦ ଲକ୍ଷ ଟଙ୍କାର ଆତସବାଜି ଜବତ କରାଯାଇଥିବା ବେଳେ ଏହି ବେଆଇନ କାରବାରରେ ସଂପୃକ୍ତ ଥିବା ଜଣେ ଯୁବକଙ୍କୁ ଅଟକ ରଖିଛି। ଅଭିଯୁକ୍ତ ଜଣଙ୍କ ଲାଞ୍ଜିପଲି ରେଡିକା ସାହିର ଜି.ପିଙ୍କୁ ରେଡ୍ଡୀ (୨୬)। ତାଙ୍କୁ ପଚରାଉଚରା ଜାରି ରଖାଯାଇଛି। ପୋଲିସ ଏସଂକ୍ରାନ୍ତରେ ଏକ ମାମଲା ରୁଜୁ କରିଛି। ତଦନ୍ତ ବେଳେ ଉକ୍ତ ବ୍ୟବସାୟୀ ପିଙ୍କୁ ଗୁରୁବାର ରାତ୍ର ବିପୁଳ ପରିମାଣର ବାଣ ସେଠାକାର ଏକ ଘର ଭଡ଼ାରେ ନେଇ ବେଆଇନ ଭାବେ ମହଜୁଦ କରିଥିଲେ। ଉପର ମହଲାରେ ଏକ ପରିବାର ରହୁଛନ୍ତି। ସେମାନେ ମଧ୍ୟ କିଭଳି ଜାଣିପାରିଲେନି ତାକୁ ନେଇ ପ୍ରଶ୍ନ ହୋଇଛି। ଶୁକ୍ରବାର ମଧ୍ୟାହ୍ନରେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଜେଲ ରୋଡ ନିକଟ ଏକ ଘରେ ବେଆଇନ ଭାବେ ବାଣ ଗଚ୍ଛିତ ଥିବା ନେଇ ପୋଲିସକୁ ଖବର ମିଳିଥିଲା । ସେହିକ୍ରମରେ ଥାନା ଅଧିକାରୀ ସୁଚିତ୍ରା ପରିଡ଼ାଙ୍କ ନେତୃତ୍ୱରେ ଏକ ଟିମ ସେଠାରେ ଚଢଉ କରିଥିଲା। ସେହି ଘରୁ ବିଭିନ୍ନ ପ୍ରକାରର କମ୍ପାନୀ ଓ ଦେଶୀ ଆତସବାଜି ଜବତ ହୋଇଥିଲା। ଯାହାର ମୂଲ୍ୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାପଡିଛି। ତେବେ ଏହି ଆତସବାଜି ଗଚ୍ଛିତ କରି ରଖିଥିବା ବ୍ୟକ୍ତିମାନେ ଆତସବାଜି ବିକ୍ରି ଓ ଗଚ୍ଛିତ କରିବା ପାଇଁ କୌଣସି ପ୍ରକାର ଅନୁମତି ନେଇନଥିବା ପୋଲିସ ତଦନ୍ତରୁ ଜଣାପଡିଛି। ଜବତ ବାଣ ଗୁଡିକ ନିଷ୍କ୍ରିୟ କରାଯିବ ବୋଲି ଥାନାଧିକାରୀ କହିଛନ୍ତି।

## ଗୋପାଳପୁର ବେଳାଭୂମିରେ ଛାତ୍ରୀ ଗଣ ବଳାତ୍କାର ମାମଲାରେ ବତିଘର ଦୁଇ କର୍ମଚାରୀଙ୍କ ବୟାନ ରେକର୍ଡ

ବ୍ରହ୍ମପୁର, ୧୦।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

ଗୋପାଳପୁର ବେଳାଭୂମିରେ ଗତ ଜୁନ ୧୫ ତାରିଖରେ ଜଣେ ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ଉପସ୍ଥିତିରେ ଗଣ ବଳାତ୍କାର ହୋଇଥିଲା। ଏହି ମାମଲାର ବିଚାରଣା ଏବେ ଅତିରିକ୍ତ ଜିଲା ଦୌରା ଜଜ(ଏଡିଜେ)-୨ ଅୟୁଷମାନ ମହନ୍ତଙ୍କ କୋର୍ଟରେ ଚାଲିଛି। ନାବାଳକରୁ ସାବାଳକ ଭାବେ ଗ୍ରହଣ କରାଯାଇଥିବା ତିନିଜଣ ଅଭିଯୁକ୍ତଙ୍କ ଉକ୍ତ କୋର୍ଟରେ ଅଭାସି ମାଧ୍ୟମରେ ବିଚାରଣା ହୋଇଛି। ଏହି ମାମଲାରେ ସ୍ୱାଧୀନ ସାକ୍ଷୀ ଭାବେ ଗୋପାଳପୁର ବତୀଘରର ୨ କର୍ମଚାରୀ କୋର୍ଟରେ ହାଜର ହୋଇଥିଲେ। ସେମାନେ ହେଲେ ସନ୍ତୋଷ ପାଢୀ ଓ ନିହାର ରଞ୍ଜନ ଷଡଙ୍ଗୀ। ସେମାନେ ଘଟଣା ସମ୍ପର୍କରେ ଯାହାସବୁ ଜାଣିଥିଲେ ତାହା କୋର୍ଟରେ କହିଥିଲେ। ସେମାନଙ୍କ ବୟାନ ରେକର୍ଡ କରାଯାଇଛି। ଏହି ମାମଲାର ପରିଚାଳନା ପାଇଁ ସ୍ୱତନ୍ତ୍ର ପିପି ଭାବେ ଆଇନ ବିଭାଗ ପକ୍ଷରୁ କାଳି ଚରଣ ମିଶ୍ରଙ୍କୁ ନିଯୁକ୍ତି କରାଯାଇଛି। ଗୁରୁବାର ସେ କୋର୍ଟରେ ଉପସ୍ଥିତ ରହିଥିଲେ। ଆସନ୍ତା ୨୭ ଓ ୨୮ଦୁଇ ଦିନ ବିଚାରଣା ପାଇଁ କୋର୍ଟ ପକ୍ଷରୁ ଦିନ ଧାର୍ଯ୍ୟ ହୋଇଛି।

## ଗୋପବନ୍ଧୁ ଜୟନ୍ତୀ ପାଳିତ

ବ୍ରହ୍ମପୁର,୧୦।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ପୁରୁଣା ବ୍ରହ୍ମପୁର ରାମାଧୀନ ସଂସ୍କୃତ ସ୍ନାତକ ମହାବିଦ୍ୟାଳୟରେ ମହର୍ଷି ବାଲ୍ମିକୀ ଓ ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ ହୋଇଛି। ଅଧକ୍ଷ ଡ. ହରିହର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ରମେଶ ଚରଣ ତ୍ରିପାଠୀ ମୁଖ୍ୟ ଅତିଥି, ସିଟି ହସପିଟାଲ ଏଚଆଇଭି ମ୍ୟାନେଜର ସୁଧୀର ବିଷୋୟୀ ମୁଖ୍ୟବକ୍ତା ଓ ମେଡିକାଲ କଲେଜର ଦିଲ୍ଲୀପ କୁମାର ରାଉତ ଅନ୍ୟତମ ଅତିଥି ଭାବେ ଯୋଗଦେଇ ମହର୍ଷି ବାଲ୍ମିକୀ ଓ ତାଙ୍କ କୃତୀ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଉତ୍କଳମଣି ଗୋପବନ୍ଧୁଙ୍କ ଭାବଧାରା ମହାପ୍ରଭୁଶ୍ରୀ ଜଗନ୍ନାଥ ଓ ଓଡ଼ିଶାର ପାରମ୍ପରିକ ଧର୍ମ ଓ ଦର୍ଶନ ସେଥିରେ ତାଙ୍କ ସେବା ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଅଧ୍ୟାପକ ଡ. ବିଷ୍ଣୁ ପ୍ରସାଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶାସ୍ତ୍ରୀ ତୃତୀୟ ବର୍ଷ ଛାତ୍ର ଅସିତ ମହାପାତ୍ର, ଅମିତ ଚୌଧୁରୀ, ଅନୀଲ ମହାପାତ୍ର, ଉପଶାସ୍ତ୍ରୀ ଛାତ୍ରୀ ଶ୍ରୀମତୀ ସାହୁ, ପ୍ରଜ୍ଞା ପ୍ରିୟଦର୍ଶିନୀ କର ଓ ଅନ୍ୟ ଛାତ୍ରୀଛାତ୍ରମାନେ ବକ୍ତୃତା ପ୍ରତିଯୋଗିତାରେ ଯୋଗ ଦେଇଥିଲେ। ପ୍ରଧାନାଚାର୍ଯ୍ୟ ରବି ନାରାୟଣ ପଟ୍ଟନାୟକ, ଅଧ୍ୟାପକ ଶ୍ରୀନିବାସ ଶବର, ଅଧ୍ୟାପକ ଦୁର୍ଯ୍ୟୋଧନ ବେହେରା, ପଣ୍ଡିତ ପ୍ରଶାନ୍ତ ମିଶ୍ର, ବରିଷ୍ଠ ଶିକ୍ଷକ କିରଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଲୋ ଭୋଲଟେଜ ଓ ବିଦ୍ୟୁତ୍ କାଟ ସମସ୍ୟା ସମାଧାନ ଦାବି



ଆରଡିସି କାର୍ଯ୍ୟାଳୟ ସମ୍ମୁଖରେ ସିପିଏମର ବିକ୍ଷୋଭ ।

ବ୍ରହ୍ମପୁର,୧୦।୧୦(ସ୍ମୃତି ରଞ୍ଜନ ମହାଲିକ)

ରାଜ୍ୟରେ ଟାଟାକୁ ବିଦ୍ୟୁତ୍ ବିତରଣ ସଂସ୍ଥାଗୁଡ଼ିକର ଦାୟିତ୍ୱ ହସ୍ତାନ୍ତରକୁ ୩ ବର୍ଷ ବିତିଛି। ଗ୍ରାହକ ସେବାରେ ସେଭଳି ଗୁଣାତ୍ମକ ପରିବର୍ତ୍ତନ ଦେଖାଯାଇନାହିଁ। ଫଳରେ ଗ୍ରାହକ ହନ୍ତସନ୍ତ ହେଉଛନ୍ତି ବୋଲି ସିପିଏମ୍ ଅଭିଯୋଗ କରିଛି। ଏ ନେଇ ସିପିଏମ୍ ପକ୍ଷରୁ ଶୁକ୍ରବାର ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲଠାରୁ ଏକ ଶୋଭାଯାତ୍ରା ବାହାରି ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର(ଆରଡିସି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଆରଡିସିଙ୍କୁ ପ୍ରଦାନ କରାଯାଇଥିଲା। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ବର୍ତ୍ତମାନ ଲୋ ଭୋଲ୍ଟେଜ, ବିଦ୍ୟୁତ୍ କାଟ, ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଓ ପ୍ରତିମାସରେ ବିଲ୍ ନ ଦେବା ଭଳି ସମସ୍ୟା ବଳବତ୍ତର ରହିଛି। ଅନ୍ୟ ଦିଗରେ ମାସକୁ ୨୮ ଦିନ ବିଦ୍ୟୁତ୍ ଦେଇ ୩୦ ଦିନିଆ ଶୁଳ୍କ ସଂଗ୍ରହ କରିବା, ବିଭିନ୍ନ ଆଳ ଦେଖାଇ ମନଇଚ୍ଛା ଜରିମାନା କରିବା, ଉପଭୋକ୍ତାଙ୍କ ଆପତ୍ତି ଅଭିଯୋଗ ଶୁଣିବା ପାଇଁ ବ୍ୟବସ୍ଥା ନ କରିବା ଏବଂ ବେଆଇନ ଭାବେ ସ୍ମାର୍ଟ ମିଟର ଲଗାଇବା ଭଳି କାର୍ଯ୍ୟ ଟାଟା କମ୍ପାନୀ ପକ୍ଷରୁ କରାଯାଉଛି। ଏଇଏସଠାରୁ ଟାଟା ପର୍ଯ୍ୟନ୍ତ ରାଜ୍ୟରେ ବିଦ୍ୟୁତ୍ ସଂସ୍କାର କ୍ଷେତ୍ରରେ ୩ ଦଶନ୍ଧି ମଧ୍ୟରେ ଗ୍ରାହକମାନେ ଏହି ଅଭିଜ୍ଞତା ଅର୍ଜନ କରିଛନ୍ତି। ଘରୋଇ କମ୍ପାନୀଗୁଡ଼ିକ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ସେବା ପ୍ରଦାନ କରିବା ପରିବର୍ତ୍ତେ ଲୁଟୁଛନ୍ତି। ତେଣୁ ଦେଶରବିଭିନ୍ନ ରାଜ୍ୟରେ ଥିବା ୩୫ କୋଟି ଗ୍ରାହକ ମଧ୍ୟରୁ ୩୨ କୋଟି ଗ୍ରାହକ ସରକାରୀ ଅଧୀନରେ ପରିଚାଳିତ ହେଉଛନ୍ତି। ରାଜ୍ୟ ସରକାର ଘରୋଇ କମ୍ପାନୀଙ୍କ ହାତରେ କୋଟି କୋଟି ଲୋକଙ୍କ ସ୍ୱାର୍ଥକୁ ଟେକି ଦେଇ ନୀରବ ଦ୍ରଷ୍ଟା ସାଜିଛନ୍ତି। ଫଳରେ କମ୍ପାନୀ ମାଲାମାଲ ଓ ଗ୍ରାହକ ହତାଶ ହେଉଛନ୍ତି। ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇ ଦେବା ପାଇଁ ସିପିଏମ୍ ଦାବି କରିଛି। ବିକ୍ଷୋଭରେ ସିପିଏମ୍ ଜିଲା ସମ୍ପାଦକ ଯୁଧିଷ୍ଠିର ବେହେରାଙ୍କ ସମେତ କୈଳାସ ଷଡଙ୍ଗୀ, ରାମଚନ୍ଦ୍ର ନାୟକ, ହରିକୃଷ୍ଣ ରେଡି, ବିଦ୍ୟାଧର ଜେନା, ଅଜୟ ଗୌଡ଼, ଶିବପ୍ରସାଦ ମହାପାତ୍ର, ପ୍ରତାପ ଚୌଧୁରୀ, ବିଷ୍ଣୁ ପାଣିଗ୍ରାହୀ, ନୀଳମଣି ଗୁରୁ, ବିଜୟ ବିଶୋୟୀ, ବିପିନ ବିହାରୀ ନାୟକ, ଶିବ ଶଙ୍କର, ବୈରାଗୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକ ସମାଜ ପରିବାରର ଦିଗ୍ ଦର୍ଶକ

ବ୍ରହ୍ମପୁର, ୧୦।୧୦(ସ୍ମୃତି ରଞ୍ଜନ ମହାଲିକ)

ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ସରକାରୀ ଶିଳ୍ପ ତାଲିମ ବୈଷୟିକ ଅନୁଷ୍ଠାନ (ଆଇଟିଆଇ)-ଅଡିଟୋରିୟମ ହଲ ପରିସରରେ ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି ଯୋଗ ଦେଇଥିଲେ। ବରିଷ୍ଠ ନାଗରିକ ହେଉଛନ୍ତି ସମାଜ ଓ ପରିବାରର ଦିଗ ଦର୍ଶକ। ବୟୋଜ୍ୟେଷ୍ଠ ବ୍ୟକ୍ତି ହେଉଛନ୍ତି ଘରର ମେରୁଦଣ୍ଡ, ସେଘର ଓ ପରିବାରକୁ ସୁରକ୍ଷା ଦେଇଥାନ୍ତି। ଭଲ ସମାଜ ଓ ରାଷ୍ଟ୍ର ଗଠନ କରିବାରେ ବରିଷ୍ଠଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ସାମାଜିକ ବିଶୃଙ୍ଖଳା ଦୂର କରିବାକୁ ହେଲେ ବରିଷ୍ଠ ନାଗରିକଙ୍କୁ ସମ୍ମାନ କରିବା ଆବଶ୍ୟକ ବୋଲି ମୁଖ୍ୟ ଅତିଥି କହିଥିଲେ । ଅନ୍ୟତମ ଅତିଥି ରୂପେ ପଦ୍ମଶ୍ରୀ ଡା କୃଷ୍ଣ ମୋହନ ପାଠୀ,ବିଭିନ୍ନ ବରିଷ୍ଠ ନାଗରିକ କ୍ଲବର ସଭାପତି ପ୍ରଫୁଲ୍ଲ କୁମାର ପାତ୍ର, ଭାସ୍କର ପାଢ଼ୀ, କେ. ଏଏସ୍ ପାତ୍ର, ସୂର୍ଯ୍ୟକାନ୍ତ ପାତ୍ର, ସୀମାଞ୍ଚଳ ବିଷୋୟୀ,ପ୍ରଶାନ୍ତ ଶତପଥୀ, ରାଧା ଚରଣ ନାୟକ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା ଯୋଗ ଦେଇଥିଲେ।

## ଏସ୍ଆଇ ପରୀକ୍ଷା ଦୁର୍ନୀତିର ସିବିଆଇ ତଦନ୍ତ ଦାବି


ବିକ୍ଷୋଭସ୍ଥଳରେ ବିଜୁ ଯୁବ ଜନତା ଦଳ ସଦସ୍ୟ।

ବ୍ରହ୍ମପୁର,୧୦।୧୦(ସ୍ମୃତି ରଞ୍ଜନ ମହାଲିକ)

ରାଜ୍ୟ ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ ଓ ରାଜ୍ୟ ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ଶୁକ୍ରବାର ଜିଲା ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଏସଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀର ତୀବ୍ର ବିରୋଧ କରାଯାଇଛି। ଏ ନେଇ ଦଳ ପକ୍ଷରୁ ରାମଲିଙ୍ଗେଶ୍ୱର ପାର୍କଠାରୁ ଏକ ବିକ୍ଷୋଭ ଶୋଭାଯାତ୍ରା ବାହାରି ଖଲିକୋଟ ବିଶ୍ୱବିଦ୍ୟାଳୟଠାରେ ପହଂଚିଥିଲା। ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏସଆଇ ପରୀକ୍ଷା କେଳେଙ୍କାରୀ ଏକ ମହାଦୁର୍ନୀତି। ଏହା ପଛରେ ଅନ୍ତର୍ଜାତୀୟ ର୍‍ୟାକେଟ ରହିଛି। ଏଥିରେ ଭାଜପା ନେତା ଓ ବହୁ ଅଧିକାରୀ ସଂପୃକ୍ତ ରହିଛନ୍ତି। ଏଭଳି ଦୁର୍ନୀତିର ତଦନ୍ତ ଭାର କ୍ରାଇମ ବ୍ରାଞ୍ଚ ବଦଳରେ ସିବିଆଇକୁ ଦିଆଯାଉ। ଯଦ୍ୱାରା ସଠିକ ତଦନ୍ତ ହେବା ସହ ପ୍ରକୃତ ଦୋଷୀ ଧରାପଡିବ ବୋଲି ରାଜ୍ୟ ସଭାପତି କହିଛନ୍ତି। ଦୁର୍ନୀତି ବିରୋଧରେ ଯୁବ ଓ ଛାତ୍ର ଆନ୍ଦୋଳନ ବ୍ରହ୍ମପୁରରୁ ଆରମ୍ଭ ହୋଇଛି। ଆଗାମୀ ଦିନରେ ଗଞ୍ଜାମ, ଛତ୍ରପୁର ସମେତ ରାଜ୍ୟର ଅନ୍ୟାନ୍ୟ ଅଂଚଳରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ରାଜ୍ୟ ଛାତ୍ର ସଭାନେତ୍ରୀ କହିଛନ୍ତି। ଏଥିସହ ଘଟଣାର ସିବିଆଇ ତଦନ୍ତ ଦାବି କରିଛନ୍ତି। ଜିଲା ଯୁବ ବିଜେଡି ସଭାପତି ଭବାନୀ କାନ୍ତ ସାହୁ, ମହାନଗର ଯୁବ ସଭାପତି ଅଜିତ ପଣ୍ଡା, ଜୋନ ସଭାପତି ଜ୍ୟୋତି ରଞ୍ଜନ ସାହୁ, ଛାତ୍ର ଜନତା ଦଳ ଜିଲା ସଭାପତି ପ୍ରଶାନ୍ତ ପଣ୍ଡା, ମହାନଗର ଛାତ୍ର ସଭାପତି ଶୋଭନ ନାୟକ, ଜିଲା ବିଜେଡି ସଭାପତି ବିକ୍ରମ ପଣ୍ଡା, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ପୂର୍ବତନ ବିଧାୟକ ଡା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ସୁବାସ ବେହେରା ଓ ସୋସିଆଲ ମିଡିଆ ଇମ୍ପ୍ଲିମେଣ୍ଟି କମିଟି ସଦସ୍ୟ ସ୍ୱରୂପ ଦେବଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ବିଜ୍ଞାନ ପାଠଚକ୍ର

ବ୍ରହ୍ମପୁର,୧୦।୧୦(ସୁବାସ ଚନ୍ଦ୍ର ପାଢ଼ୀ)


ସ୍ଥାନୀୟ କେ.ସି.ବାଳକ ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଧାନଶିକ୍ଷକ ଶଶାଙ୍କ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଜିଲାସ୍ତରୀୟ ବିଜ୍ଞାନ ପାଠଚକ୍ର ଆୟୋଜିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ.ପ୍ରଭାତି କୁମାରୀ ମହାପାତ୍ର କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଜିଲାର ପ୍ରତ୍ୟେକ ବ୍ଲକରୁ ଜଣେ ଲେଖାଏଁ ପ୍ରତିଯୋଗୀ ଓ ସହାୟକ ଶିକ୍ଷକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଖଲ୍ଲିକୋଟ ମାଧ୍ୟମିକ ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପିକା ସଂଘମିତ୍ରା ମହାପାତ୍ର ଓ ଗଞ୍ଜାମ ମହାବିଦ୍ୟାଳୟର ବିଷ୍ଣୁ ପ୍ରସାଦ ପାତ୍ର ଉପସ୍ଥିତ ଥିଲେ। ଏହି ପାଠଚକ୍ର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ସମ୍ମତ ଜ୍ଞାନ ଆହରଣ ସହ ପ୍ରତିଯୋଗିତାମୂଳକ ବାତାବରଣରେ ସହାୟକ ହୋଇପାରିବ ବୋଲି ଜିଲା ଶିକ୍ଷା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ପ୍ରତିଯୋଗିତାରେ ଆସିକା ସ୍ଥିତ ଟେକନିକାଲ ଉଚ୍ଚ ବିଦ୍ୟାଳୟର ଭକ୍ତ ପ୍ରସାଦ ମହାନ୍ତି ପ୍ରଥମ, ହାତୀଓଟ ଓଏଭିର ଅନନ୍ୟା ମାଝୀ ଦ୍ୱିତୀୟ ଓ ଚମାଖଣ୍ଡି ଓଏଭିର ବିଶ୍ୱଜିତ ମିଶ୍ର ତୃତୀୟ ସ୍ଥାନ ହାସଲ କରିଛନ୍ତି।

## ଶିବମନ୍ଦିରରୁ ହୁଣ୍ଡି ଚୋରି

ବ୍ରହ୍ମପୁର,୧୦।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

ସୁକୁଣ୍ଡାସ୍ଥିତ ଗୋକର୍ଣ୍ଣେଶ୍ୱର ଶିବ ମନ୍ଦିରରୁ ଦାନହୁଣ୍ଡି ଚୋରି ହୋଇଯାଇଛି। ରାତରେ କୌଣସି ଦୁର୍ବୃତ୍ତ ମନ୍ଦିର ଭିତରେ ପଶି ଠାକୁରଙ୍କ ସମ୍ମୁଖରେ ଥିବା ହୁଣ୍ଡିଟିକୁ ଚୋରି କରି ନେବା ପରେ ସେଥିରୁ ସମସ୍ତ ଟଙ୍କା ବାହାର କରି ଖାଲି ହୁଣ୍ଡିକୁ ପୋଖରୀ ହୁଡାରେ ଫୋପାଡି ଦେଇ ଚାଲିଯାଇଛନ୍ତି। କମିଟି ପକ୍ଷରୁ ଘଟଣାକୁ ନେଇ ସଦର ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ନିକଟସ୍ଥ ପୋଖରୀ ହୁଡାରୁ ଖାଲି ହୁଣ୍ଡିକୁ ଜବତ କରିଛି । ଗୁରୁବାର ବିଳମ୍ବିତ ରାତିରେ ମନ୍ଦିରର ଫାଟକ ଖୋଲାଥିବା ବେଳେ ଭିତରେ ଥିବା କୋଠାରିରେ ପୂଜାରୀ ଶୋଇଥିଲେ। ଏହାର ସୁଯୋଗ ନେଇ କୌଣସି ଦୁର୍ବୃତ୍ତ ମନ୍ଦିର ଭିତରେ ପଶି ଦାନହୁଣ୍ଡି ଚୋରି କରି ଫେରାର ହୋଇଯାଇଛନ୍ତି ।



## ଗିରିଶଙ୍କୁ ମିଶନ ଶକ୍ତି...

**ପ୍ରଥମ ପୃଷ୍ଠାରୁ...**

ଶାଳିନୀ ପଣ୍ଡିତ ଆସନ୍ତା ୧୩ ତାରିଖରେ ଡେପୁଟେସନରେ ଯିବାପରେ ସେ ଏହି ଦାୟିତ୍ୱ ଗ୍ରହଣ କରିବାକୁ କୁହାଯାଇଛି। ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ(ବିଏମ୍ସି) କମିଶନର ଥିବା ୨୦୧୪ ବ୍ୟାଚ୍ ଆଇଏଏସ୍ ଚଞ୍ଚଲ ରାଣାଙ୍କୁ ଅତିରିକ୍ତ ଭାବେ ବିଡିଏର ଉପାଧ୍ୟକ୍ଷ ଏବଂ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡର ପରିଚାଳନା ନିର୍ଦ୍ଦେଶକ(ଏମ୍ଡି) ଦାୟିତ୍ୱ ମିଳିଛି।

ସେହିପରି ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଥିବା ୨୦୧୦ ବ୍ୟାଚ୍ ଆଇଏଏସ୍ ଅଫିସର ମାନସୀ ନିମ୍ଭାଲଙ୍କୁ ଓଡିଶା ଲିଫ୍ଟ ଇରିଗେସନ କର୍ପୋରେସନର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ମିଳିଛି। ଏହାସହ ତାଙ୍କୁ ଅତିରିକ୍ତ ଭାବେ ଜଳ ସମ୍ପଦ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ଦିଆଯାଇଛି। ଆଇଏଏସ୍ ଅଫିସର ସ୍ୱେଧା ଦେବ ସିଂ ଆସନ୍ତା ୧୩ ତାରିଖରେ କେନ୍ଦ୍ରୀୟ ଡେପୁଟେସନରେ ଯିବାପରେ ନିମ୍ଭାଲ ତାଙ୍କୁ ମିଳିଥିବା ନୂଆ ଦାୟିତ୍ୱ ଗ୍ରହଣ କରିବେ। ନିମ୍ଭାଲ ଅତିରିକ୍ତ ଭାବେ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ(ଏମ୍ଡି) ଏବଂ ସିଡୁଲ ଟ୍ରାଇବ ନିର୍ଦ୍ଦେଶକ ଦାୟିତ୍ୱରେ ତୁଲାଉଥିଲେ। ନିମ୍ଭାଲଙ୍କ ପୁରୁଣା ଦାୟିତ୍ୱକୁ ଅନ୍ୟ ଦୁଇ ଆଇଏଏସ୍ ଅଦିକାରୀଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଛି। ହକି ପ୍ରମୋସନ କାଉନସିଲ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଥିବା ୨୦୧୪ ବ୍ୟାଚ୍ ଆଇଏଏସ୍ ଅଫିସର ଦୀପଙ୍କର ମହାପାତ୍ରଙ୍କୁ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ଏହାସହ ସେ ଅତିରିକ୍ତ ଭାବେ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱରେ ରହିବେ। ୨୦୧୪ ବ୍ୟାଚ୍ ଆଇଏଏସ୍ ପ୍ରେମଜିତ୍ ନାୟକଙ୍କୁ ଅନୁସୂଚିତ ଜନଜାତି ନିର୍ଦ୍ଦେଶ ଭାବେ ନିଯୁକ୍ତି ମିଳିଛି। ୨୦୧୨ ବ୍ୟାଚ୍ ଆଇଏଏସ୍ ସୁରେନ୍ଦ୍ର କୁମାର ମୀନଙ୍କୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ମିଳିଛି। ସେ ଏବେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବ ଏବଂ ଅତିରିକ୍ତ ଭାବେ ଷ୍ଟେଟ୍ ଇନଷ୍ଟିଚ୍ୟୁଟ୍ ଅଫ ରୁରାଲ ଡେଭଲପମେଣ୍ଟର ନିର୍ଦ୍ଦେଶ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଯୋଜନା ଓ ସଂଯୋଜନା ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱରେ ଥିବା ୨୦୧୫ ବ୍ୟାଚ୍ ଆଇଏଏସ୍ ଅଫିସର ମଧୁସ୍ମିତା ସାମାଲଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ମିଳିଛି। ଏହାସହ ସେ ଷ୍ଟେଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ରୁରାଲ ଡେଭଲପମେଣ୍ଟର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଥିବା ୨୦୧୩ ବ୍ୟାଚ୍ ଆଇଏଏସ୍ ଅଫିସର ଶୁଭଶ୍ରୀ ନନ୍ଦଙ୍କୁ ଯୋଜନା ଓ ସଂଯୋଜନା ବିଭାଗର ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ମିଳିଛି। ବୟନିକାର ଏମ୍ଡି ଓ ଅତିରିକ୍ତ ଭାବେ ହସ୍ତଶିଳ୍ପର ନିର୍ଦ୍ଦେଶକ ଥିବା ୨୦୧୪ ବ୍ୟାଚ୍ ଆଇଏଏସ୍ ପ୍ରଣତି ଛୋଟରାୟଙ୍କୁ ଗୃହ ବିଭାଗର ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ମିଳିଛି। ଗୃହ ବିଭାଗର ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ତୁଲାଉଥିବା ୨୦୧୫ ବ୍ୟାଚ୍ ଆଇଏଏସ୍ ଅଫିସର ନିବେଦିତା ପୃଷ୍ଟିଙ୍କୁ ବୟନିକାର ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ଏହାସହ ସେ ଅତିରିକ୍ତ ଭାବେ ହସ୍ତଶିଳ୍ପ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଇବେ। କ୍ୟାପିଟାଲ ରିଜନ ଅର୍ବାନ ଟ୍ରାନ୍ସପୋର୍ଟର ମ୍ୟାନେଜର(ଏଡିଏମ୍) ଦାୟିତ୍ୱରେ ଥିବା ୨୦୧୫ ବ୍ୟାଚ୍ ଆଇଏଏସ୍ ସଞ୍ଜୟ କୁମାର ବିଶ୍ୱାଳଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ମିଳିଛି। ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡାଙ୍କ ବ୍ୟକ୍ତିଗତ ସଚିବ(ପିଏସ୍) ଦାୟିତ୍ୱରେ ଥିବା ଓଏଏସ୍ ଅଫିସର କାହ୍ନୁ ଚରଣ ଧିରଙ୍କୁ ମିନେରାଲ ମାଇନ୍ସର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିଛି। ଆଇଏଏସ୍ ଅଫିସର ଆସନ୍ତା ୧୩ ତାରିଖରେ କେନ୍ଦ୍ରୀୟ ଡେପୁଟେସନରେ ଯିବାପରେ ସେ ଏହି ଦାୟିତ୍ୱ ଗ୍ରହଣ କରିବେ।

# ରାଷ୍ଟ୍ରଦ୍ରୋହ କାର୍ଯ୍ୟ କରନ୍ତୁ ନାହିଁ: ପୋଲିସ କମିଶନର

**କଟକ,୧୦।୧୦(ଶିକ୍ଷା ପ୍ରିୟଦର୍ଶନୀ)**

କଟକ ଦୁର୍ଗାପୂଜା ଭସାଣିରେ ଗଣ୍ଡଗୋଳ ଘଟଣା ପରେ ସହରରେ ସ୍ଥିତି ନିୟନ୍ତ୍ରଣରେ ରହିଛି। ତେବେ ଶୁକ୍ରବାର ମୁସଲିମ ସମ୍ପ୍ରଦାୟର ଏକ ଶୋଭାଯାତ୍ରା ହେବା ନେଇ ଗୁଜବ ଉଠିବା ପରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡାକଡି କରାଯାଇଥିଲା। ପୋଲିସ କମିଶନର ଏସ୍. ଦେବଦତ୍ତ ସିଂଙ୍କ ସହ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ କେନ୍ଦ୍ର ଓ ରାଜ୍ୟ ପୋଲିସ ଟିମ୍ ଦରଘାବଜାର ଥାନା ଅଧୀନ ହାତୀପୋଖରୀ, କଦମ-ଏ-ରସୁଲ ଆଦି ଅଞ୍ଚଳରେ ନମାଜ ପଢ଼ା ସମୟରେ ତନତନ୍ନ କରି ଯାଞ୍ଚ କରିଥିଲା। ଏପରି କି ଶୋଭାଯାତ୍ରା ଗୁଜବକୁ ନେଇ ପୋଲିସ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଥିବାବେଳେ ଯାଞ୍ଚ ପ୍ରକ୍ରିୟା କଡାକଡି କରାଯାଇଥିଲା। ଏହାସହ ପୋଲିସ ପକ୍ଷରୁ ଦରଘାବଜାର ଅଞ୍ଚଳରେ ଦୋକାନଗୁଡିକ ବନ୍ଦ କରାଯାଇଥିଲା। ସମସ୍ତ ଘଟଣା ନେଇ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ କହିଛନ୍ତି, କଟକରେ ଏବେ ସ୍ଥିତି ନିୟନ୍ତ୍ରଣରେ ରହିଛି। ଏଭଳି ଶାନ୍ତି ଯେପରି ଜାରି ରହିବ ସେ ନେଇ ସମସ୍ତ ପ୍ରକାର ଉଦ୍ୟମ କରାଯାଉଛି। ସାମାଜିକ ଗଣମାଧ୍ୟମରେ ଗୁଜବ ନ ଉଠାଇବାକୁ ବାରଣ କରାଯାଉଛି। ଯିଏ ବି ଗୁଜବ ଉଠାଇବା ସହ ଶାନ୍ତି ଭଙ୍ଗ କରିବାକୁ ଉଦ୍ୟମ କରିବ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହାସହ ଆଜି ଅନ୍ୟ ସମ୍ପ୍ରଦାୟର ଯେଉଁ ଶୋଭାଯାତ୍ରା ହେବ ବୋଲି ପ୍ରଚାର ହେଉଛି ତାହା ମିଥ୍ୟା, ସେଭଳି ଅନୁମତି କାହାକୁ ଦିଆଯାଇ ନାହିଁ। ରାଷ୍ଟ୍ରଦ୍ରୋହ କାର୍ଯ୍ୟ କରନ୍ତୁ ନାହିଁ। ଏଭଳି ଗୁଜବ ଯିଏ କରୁଛନ୍ତି ସେମାନଙ୍କୁ ଚିହ୍ନଟ କରାଯିବ ଏବଂ ଗିରଫ କରାଯାଇ ଜେଲ ପଠାଯିବ। ଯେଉଁମାନେ ସାମାଜିକ ଗଣମାଧ୍ୟମରେ ଅପପ୍ରଚାର କରୁଛନ୍ତି, ସେମାନଙ୍କ ଅଭିଭାବକମାନଙ୍କୁ କଡା ଚେତାବନୀ ଦିଆଯାଉଛି ଯେ, ନିଜ ପିଲାଙ୍କୁ ଏହି ସବୁ କାର୍ଯ୍ୟରୁ ନିବୃତ୍ତ ରଖନ୍ତୁ ନଚେତ୍ ସେମାନଙ୍କ ଭବିଷ୍ୟତ ଖରାପ ହେବ ଏବଂ ଚାକିରି ମିଳିବାରେ ଅସୁବିଧା ହେବ ବୋଲି ସିଂ କହିଛନ୍ତି। ଅନ୍ୟପକ୍ଷେ ଏବେ ସୁଦ୍ଧା ଗିରଫଦାରି ସଂଖ୍ୟା ୧୦ରେ ପହଞ୍ଚିଥିବା ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି।

ସୂଚନାଥାଉ କି, ଗତ ଶୁକ୍ରବାର ଦୁର୍ଗାପୂଜା ଭସାଣି ଯାତ୍ରାରେ ହାତୀପୋଖରୀ ଅଞ୍ଚଳରେ ଦୁଇ ପୂଜା କମିଟି କର୍ମକର୍ତ୍ତାଙ୍କ ଉପରେ ଆକ୍ରମଣ କରାଯାଇଥିଲା। ଏହାକୁ ପ୍ରତିବାଦ କରି ରବିବାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଏକ ଶୋଭାଯାତ୍ରା କରାଯାଇଥିବାବେଳେ ପୋଲିସ ଅଟକାଇବାରୁ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ଏଥିରେ କଟକ ଡିସିପିଙ୍କ ସମେତ ପୋଲିସ ଅଧିକାରୀମାନେ ଆହତ ହୋଇଥିଲେ। ଭସାଣି ଯାତ୍ରାରେ ଗଣ୍ଡଗୋଳ ଘଟଣାରେ କମିଶନରେଟ ପୋଲିସ ୩ଟି ମାମଲା ରଜୁ କରିଥିବାବେଳେ ଶୋଭାଯାତ୍ରାକାରୀଙ୍କ ବିଶୃଙ୍ଖଳା ଯୋଗୁ ଆଉ ଗୋଟିଏ ମାମଲା ସହ ସମୁଦାୟ ୪ଟି ମାମଲା ରୁଜୁ କରାଯାଇଥିଲା।



ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଏବଂ କଟକ ଡିସିପି-ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ଦରଘାବଜାର-ହାତୀପୋଖରୀ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରୁଛନ୍ତି।

**ଗୁଜବକାରୀଙ୍କୁ କଡ଼ା ଚେତାବନୀ**

**ହାତୀପୋଖରୀ, ଅନ୍ୟାନ୍ୟ ଅଞ୍ଚଳରେ ପୋଲିସର ଯାଞ୍ଚ କଡ଼ାକଡ଼ି**

---


## ପୌର ପରିଷଦ କାର୍ଯ୍ୟାଳୟ: ବ୍ରଜରାଜନଗର
## OFFICE OF MUNICIPAL COUNCIL BRAJRAJNAGAR

At/Po-Lamtibahal, Dist-Jharsuguda, Odisha
Phone No-8457812260, Mail: eobrjnmpl@gmail.com

Letter No.3678 Date:08.10.2025

No.C-1243: Quotations in sealed cover are invited from Agency/ Contractor/farms with valid PAN, GSTN etc for the work "Supplying, fitting fixing of child play equipment & Gym equipment at Brajrajnagar Municipality". The quotation is for conclusion of rates only.

The Bid documents to be downloaded from the official website of Jharsuguda District https://jharsuguda.odisha.gov.in. Last date and time of receipt of bid is 4.30 PM, 17.10.2025 through Speed Post/ Registered Post/ by Hand only. Brajrajnagar Municipality will in no way be responsible for any delay in receipt of the Bid documents.

Sd./- Executive Officer
Brajrajnagar Municipality

OIPR-13099/11/0071/2526

## ODISHA HYDRO POWER CORPORATION LIMITED

OHPC
BALIMELA HYDRO ELECTRIC PROJECT
POST: BALIMELA, DIST.: MALKANGIRI (ODISHA), PIN - 764051
Phones: 06861-232581(O)/232659(O), Fax: 06861-232541
E-Mail: unit.head_balimela@yahoo.com

REGD. OFFICE: ODISHA HDYRO POWER CORPORATION LIMITED
BHOI NAGAR, JANAPATH, BHUBANESWAR - 22
Tel.: 91-0674-2542983, 2542802, 2545526, Fax: 2542102, GRAM: HYDROPOWER
E-MAIL: ohpc.co@gmail.com / md@ohpcltd.com, Web: www.ohpcltd.com
CIN: U40101OR1995SGC003963

**TENDER CALL NOTICE**
**TENDER CALL NOTICE NO.: BHEP/34/2025-26, DATED: 08.10.2025**

No. CAD-1954: Sealed tenders are invited in two part bid basis (Part - A: Technical Bid & Part - B: Price Bid) from the reputed **Manufacturers/Authorized Dealer/ Channel Partner/Reputed Supplier** as per eligibility criteria for the supply of following measuring instruments.

| Sl. No. | Description of Supply | Cost of Tender Paper in Rs. |
|---|---|---|
| 1 | Procurement of 01 No. Earth Resistance Measurement Clamp Meter and 02 Nos. Digital Leakage Clamp Meter for BHEP, Balimela | Rs.4720/- (Rs.4,000/- + GST @ 18%) (Non-refundable) |

Availability of Tender Document will be : From 10.00 Hrs. of 13.10.2025 to 12.00 Hrs. of 27.10.2025
The last date & time for submission of tender document : Upto 12.00 Hrs. of 27.10.2025
The date & time of opening of Technical Bid : Onwards 12.30 Hrs. of 27.10.2025
For details of tender documents, Terms and Conditions, Eligibility criteria and downloading, please visit our website at **www.ohpcltd.com**.

OIPR-04019/11/0115/2526 Sd./- C&P Head, BHEP, Balimela

## OFFICE OF THE SUPERINTENDING ENGINEER KHARIAR (R&B) DIVISION, KHARIAR, DIST:NUAPADA, ODISHA

E-mail: eeroads.khr@rediffmail.com
No.5530, Date:08.10.2025

**TENDER CANCELLED**

No.B-589: The Tender Call Notice bearing E-Procurement Notice-14, Bid Identification No.SER&BKHR-14/2025-26 vide letter No.5171, dated 22.09.2025 is hereby cancelled due to administrative reasons/issues.

Sd./- Superintending Engineer
Khariar (R&B) Division

OIPR-34062/11/0045/2526

## GOVERNMENT OF ODISHA DEPARTMENT OF HIGHER EDUCATION

**EXTENSION OF DATELINE FOR ONLINE APPLICATION AND VALIDATION OF SCHOLARSHIP UNDER "MUKHYAMANTRI MEDHABI CHHATRA PROTSAHAN YOJANA" 2025-26 FROM FRESH STUDENTS**

No.N-172

| Sl. No. | Scheme & sub-Scheme | | Extended dateline for submission of online application by students | Extended dateline for validation of scholarship application by heads of Institutions / Principals concerned |
|---|---|---|---|---|
| 1 | e-Medhabruti | UG merit | 10.10.25 to 24.10.25 | Up to 31.10.25 |
| 2 | | PG merit | 10.10.25 to 24.10.25 | Up to 31.10.25 |
| 3 | | Technical & Professional merit | 10.10.25 to 24.10.25 | Up to 31.10.25 |
| 4 | Vyasakabi Fakir Mohan Bhasabruti Scheme | | 10.10.25 to 24.10.25 | Up to 31.10.25 |
| 5 | Gopabandhu Shikhya Sahayata Yojana | | 10.10.25 to 24.10.25 | Up to 31.10.25 Up to 10.11.25 (only at DWO level) |
| | Important Note for Non-SAMS Students | | **Uploading of documents through DigiLocker has been made mandatory from the current academic year. Those who are unable to upload their documents through DigiLocker can opt for the "Skip DigiLocker option" available in the OSSP portal.** | **The "Skip DigiLocker Option" will remain available till 21.10.2025** |

In case of any problem faced by the students at the time of filling up the application online, they may refer to FAQs available on the home page of the website or take the help of helpline, Higher Education Department - 0674 (2396550), 0674 (2323401), 0674 (2323402), 0674 (2323404) (on all working days from 10.30 A.M. to 5.30 P,.M.) or e-mail on scholarshiphed@gmail.com.

OIPR-11001/11/0110/2526 Sd./- Joint Secretary to Government

## Government of Odisha "e" procurement Notice
## OFFICE OF THE DIVISIONAL FOREST OFFICER DHENKANAL DIVISION, DHENKANAL

No.MM-220

**E-Procurement Bid Identification No. - 04-DFO/DKL of 2025-26**

1. Name of the work : Construction of 02 Nos Building Work of different Ranges under Dhenkanal Forest Division
2. Estimate cost : Rs.15,70,798 & 15,70,838/- (Approximate)
3. Period of completion : 3 months
4. Date & time of availability of the Bid documents in the portal : From 10.00 A.M. of 10.10.2025 to 5.00 P.M. of 23.10.2025
5. Last date / Time of receipt of the bid in Portal : 23.10.2025 up to 5.00 P.M.
6. Date of Opening : 24.10.2025 at 11.00 A.M.
7. Class of Contractor : "D" & "C" Class Contractor
8. Name and Address of the Office : Office of the Divisional Forest Officer Dhenkanal Division, Dhenkanal

**Further details can be seen from the e-procurement Portal "https:// tendersorissa.gov.in.**

Sd./- Divisional Forest Officer
Dhenkanal Division

OIPR-08037/11/0023/2425

## GOVERNMENT OF ODISHA OFFICE OF THE EXECUTIVE ENGINEER (AGRIL.), BOLANGIR DIVISION, BOLANGIR AT-ADARSHAPADA, POST/DIST-BOLANGIR 767001

No.L-76:

e-mail: eea.blgr@gmail.com Notice No.1242, Dt.08.10.2025
NATIONAL COMPETITIVE BIDDING THROUGH e-Procurement
Identification No.02/Agril/EE(Blgr)/2025-26, Dt.08.10.2025

| | | | |
|---|---|---|---|
| 01 | Nos. of Work | : | 13 Nos. |
| 02 | Tendered amount in Rs. | : | Rs.5,06,130/- to Rs.33,52,443/- |
| 03 | Period of Completion | : | 90 days to 180 days |
| 04 | Date & Time of availability of bid document in the portal | : | From 11.00 Hrs. of 15.10.2025 to 17.00 Hrs. of 23.10.2025 |
| 05 | Last date/time of receipt of copies of uploaded documents, drafts etc. in the tender box in the office of the undersigned at Adarsha Pada, Near Cold Storage, Bolangir, PIN-767001 | : | Upto 17.00 Hrs. of 27.10.2025 |
| 06 | Date & Time of opening of bids | : | 11.00 Hrs. of 28.10.2025 |
| 07 | Name and Address of the Officer Inviting Bid | : | Executive Engineer (Agril.) Bolangir Division, Bolangir, AT/ POST- Bolangir, Pin-767001 |

Further details can be seen from the website:
**www. tendersodisha.gov.in**

Sd./- Executive Engineer (Agril.)
Agriculture Engineering Division,
Bolangir

OIPR-01462/11/0008/2526

## OFFICE OF THE NOTIFIED AREA COUNCIL, BARPALI

At/P.O.: Barpali, Dist.: Bargarh, PIN - 768029
Mail: barpalinac@gmail.com, website: nacbarpali.in

No. 2122 Dt.08.10.2025

No. C-1245: Sealed quotations are invited in prescribed format from the registered/reputed firm/manufactures/Govt. order supplier/private firm having uptodate GST Clearance Certificate/PAN Card etc. for supply of **"Non-Core Components in Extension of Administrative Building of FSTPs under FSTP 2.0"** with required specification mentioned in the quotation. The quotationer shall have to quote the price unit wise including all taxes. The rate quoted documents should be submitted to the undersigned on or before 17.10.2025 upto 03.00 P.M. during office hour through Registered Post/Speed Post or in person drop in tender box and the same will be opened on dated 18.10.2025 at 11.00 A.M. in presence of quotationers or their authorized representative. Beyond the date and time or any postal delay no quotation shall be entertained. The detailed specification of quotation will be available in district website of Bargarh i.e. http://bargarh.odisha.gov.in and official website of NAC, Barpali i.e. **www.barpali.nic.in**. The quotationer shall have to deposit Rs.4,000/- (Rupees four thousand) only towards paper cost (Non-refundable) in shape of Demand Draft in favour of Executive Officer Barpali NAC, payable at Barpali from any Nationalized Bank and EMD of Rs.10,000/- (Rupees Ten thousand) only in shape of TDR/FDR/NSC duly pledged in favour of Executive Officer, Barpali NAC which is refundable. The undersigned has the right to reject whole or part of the quotation without assign any reason thereof.

Sd./- Executive Officer, NAC, Barpali
OIPR-13127/11/0020/2526

## GOVERNMENT OF ODISHA DEPARTMENT OF WATER RESOURCES OFFICE OF THE SUPERINTENDING ENGINEER U.K.HEAD WORKS DIVISION, KOLABNAGAR (K), PIN.764011

No.A-712

**e-Procurement Notice-SE-UKHWD-06/2025-26 Dated 06.10.2025 (ONLINE)**

1. Name of Work :: Civil Works
2. No. of Work :: 09 (Nine) Nos.
3. Approximate Value of Work :: 5.07 Lakhs to 13.70 Lakhs
4. Class of Contractor :: Registered & Licensed Contractors of 'C' & 'D' Class
5. Period of Completion :: 03 (Three) Calendar Months
6. Date & Time of availability of bid documents online :: 14.10.2025 at 11.00 Hours to 23.10.2025 upto 18.00 Hours
7. Date & Place of Opening of Bid Online :: 24.10.2025 (11.00 Hours) at Office of the Superintending Engineer UKHWD, Kolab Nagar
8. Name of the Officer Inviting Bids :: Superintending Engineer UKHWD, Kolab Nagar

**Further details can be seen from the e-procurement portal http:// tendersodisha.gov.in. Addendum/Corrigendum/Cancellation, if any, required will be published in Govt. website only.**

Sd./- Superintending Engineer,
Upper Kolab Head Works Division
Kolabnagar

OIPR-32015/11/0044/2526

## THE ODISHA STATE POLICE HOUSING & WELFARE CORPORATION LTD.

OPHWC
(A Government of Odisha Undertaking)
Janapath, Bhoinagar, Bhubaneswar - 22
Ph.: 0674-2541545, 2542921
E-mail: ophwc.od@od.nic.in, Website: www.ophwc.com
e-Procurement Notice No. 15/OPHWC/2025-26

**INVITATION FOR BIDS (IFB)**

No. CAD-1963: The Chief Engineer (OSPH&WC), Odisha, Bhubaneswar invites percentage rate bid in Double Cover System in ONLINE MODE only, for the works as detailed below:

| | | |
|---|---|---|
| 1 | Nature of Work | Building Works |
| 2 | No. of Works | 27 Nos. |
| 3 | Value of Tender | Rs.67.65 Lakh to Rs.512.68 Lakh |
| 4 | Class of Contrator | 'B' Class to 'A' Class |
| 5 | Cost of Bid document (to be paid online) | Rs.11,800.00 |
| 6 | Availability of Bid documents in the website | Dt.14.10.2025 to Dt.01.11.2025 upto 5.00 P.M. |
| 7 | Last date/time of receipt of Bids in the portal | Dt.01.11.2025 upto 5.00 P.M. |
| 8 | Date of Opening Bid | Dt.03.11.2025 at 10.30 A.M. |
| 9 | Date of Technical Presentation (among qualified bidders only) | Date & time will be notified after opening of the Technical Bid |
| 10 | * The Bidders have to participate in ONLINE bidding only. Further details can aslo be seen from the website: **https:// tendersodisha.gov.in**. Any addendum/corrigendum/ cancellation of tender shall not be published in Newspaper and can only be seen in the said website. * The authority reserves the right to reject any or all bids and terminate the tender process without asigning any reason thereof. | |

Sd./- Chief Engineer (OSPH&WC)

**N.B.:** The quoted rate should be all inclusive but excluding G.S.T. as applicable under works contract.

OIPR-12025/11/0050/2526

## NOTICE INVITING TENDER
## OFFICE OF THE DISTRICT MANAGER ODISHA STATE CIVIL SUPPLIES CORPORATION LTD. (OSCSC)

DISTRICT - JHARSUGUDA - PHONE NO. - 9438200044
DISTRICT WEBSITE - jharsuguda.odisha.gov.in
Jharsuguda Block/Jharsuguda MPL/Brajarajnagar MPL/ Kirmira Block/Kolabira Block/Laikera Block/Lakhanpur Block/Belpahar MPL

TENDER NO. 3429/3431/3433/3435/3437 DT. 08.10.2025

**Cost of Tender Document is Rs.1000/- Inclusive of GST for each BLOCK/ULB (through online mode).**

**No.CAD-1958** : Online Tenders are invited from eligible bidders for selection and appointment of transport contractors for transportation of (i) Paddy from Paddy Purchase Centers (PPCs) / Mandis to Rice Mill points (within or outside district) & (ii) Custom Milled Rice (CMR) from Rice Mill points to Rice Receiving Centers (RRCs)/ Depots (within or outside district).

| | | |
|---|---|---|
| 1 | Availability of Tender Documents | From dt.09.10.2025 downloadable from website : www,oscsc.in & www. tendersodisha.gov.in |
| 2 | Date, Time & Venue for Pre-bid conference | On Dt.15.10.2025 at 04.00 P.M. in the Office of CSO-cum-DM, OSCSC Ltd., Jharsuguda |
| 3 | Last Date and Time for online submission of completed tender documents with enclosures | Through e-Procurement Portal : www. tendersodisha.gov.in upto 05.30 P.M. on Dt.27.10.2025 |
| 4 | Date, Time and Venue for Opening of Technical Bid by the Tender Committee | On Dt.28.10.2025 at 11.00 A.M. in Mini Conference Hall of Collectorate, Jharsuguda |
| 5 | Date & Time of Financial Bid opening by the Tender Committee (Only of Technically Qualified Bidders) | To be Announced after Technical Bid |

NB :-
1. If the office happens to be closed on the date of opening of tenders, tenders will be opened on the next working day in the same time.
2. Tender documents & other details can be seen from the e-procurement portal www. tendersodisha.gov.in along with district website. Amendments / Corrigendum / Cancellation / retenders etc. if any shall be published only in above websites.

Sd./- CSO-cum-District Manager
OSCSC Ltd., Jharsuguda

OIPR-07011/11/0009/2526

## H&UD Department, Government of Odisha
## OFFICE OF THE MUNICIPAL COUNCIL, BARGARH

Pin: -768028 (Odisha) Tel. No- 06646-223355/ E. Mail: bargarhmuniciplity.eo@gmail.com
Letter No:4169/ SBM, Dated:06/10/2025

**No.C-1223** : Executive officer on behalf of Bargarh Municipality, Dist.: Bargarh inviting Request for Proposal from companies/Individuals/any other agency having relevant certificates and past experience for the following work.

**"SELECTION OF AGENCY FOR PROCESSING AND DISPOSAL OF BIO-REMEDIATION OF LEGACY WASTE FOR RECLAMATION OF LAND AT BARGARH MUNICIPALITY SITE SITUATED AT MUNDAPADA AT WARD NO 15 SITE IN SCIENTIFIC APPROACH."**

The RFP should furnish the rate for the work as mentioned above. Preference shall be given to the companies and agencies who have already rendered similar type of services to various ULBS of Govt. of Odisha. The sealed envelope indicating offer rate or RFP including paper cost Rs. 6000/-(need to be purchased from office) & EMD: 2,00,000/- (DD) & offer rate of the RFP should reach to Municipality office by Reg. post or Speed Post on or before dated: 22/10/2025 up to 2 PM and same will be opened on the same day at 4 PM in the presence of the quotations or their authorized representative. The quotation Received beyond the schedule date and time will not be considered.

| | | |
|---|---|---|
| 01 | Nature of Works | Selection of Agency For Processing and Disposal of Bio-remediation of legacy waste for reclamation of land at Bargarh municipality site situated at Mundapada at ward no. 15 site in scientific approach". |
| 02 | RFP (Bid) Cost | 6000/- (Rupees six Thousand only) (non-refundable) only |
| 03 | EMD | Rs.2,00,000/- (Rupees Two Lakh) only |
| 04 | Availability of RFP document in the office | 09/10/2025 |
| 05 | Last date of receipt of Bid | 22/10/2025 up to 2 P.M. |
| 06 | Mode of Receipt of Bids | Speed/Regd. Post/Courier |
| 07 | date of opening of Technical Bid & PPT (Methodology including Management) | 22/10/2025 at 04:00 P.M. |
| 08 | Financial Bid | To be intimated later to Technical qualified bidders |
| 09 | Address for Business query and correspondence | Bargarh Municipality, Ward No - 10, Dist : Bargarh, Pin - 768028 |

The bidders have to participate in OFF-LINE bidding only. Further details can be seen from the Bargarh District website https://bargarh.odisha.gov.in/tender & https://www.bargarhmunicipality.in/tender.php) Any addendum / corrigendum / cancellation of tender can also be seen in the said websites. If any query then contacts E-mail ID www.bargarhmunicipality.eo@gmail.com.

Sd./- Executive Officer
Bargarh Municipality

OIPR-13103/11/0020/2526

## GOVERNMENT OF ODISHA OFFICE OF THE SUPERINTENDING ENGINEER P.H. DIVISION, BHANJANAGAR AT CHATRAPUR

No.A-1234

E-mail : eephchpr@gmail.com
**NATIONAL COMPETITIVE BIDDING THROUGH e-Procurement**
**Invitation For Bids (IFB)**

| Sl. No. | Name of work | Bid Identification No. | Estimated cost (Rs. in Lakh) | Period of completion | Availability of Bid Document for online bidding | | Name & adderss of office inviting Bid |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1 | Supply of ISI marked Centrifugally Cast (Spun) Ductile Iron socket & spigot (DI K-7 & K-9) pipes required for the work-Procurement of 100mm to 350mm dia DI pipes inconnection with the water supply to Chatrapur, Chikiti & Buguda NAC under State Plan (BASUDHA) | Bid Identification No. 41/03/ SPH(C)/2025-26 dt.08.10.2025 | **316.68** | 60 (Sixty) days | 11.00 Hrs of **13.10.2025** | 17.30 Hrs of **30.10.2025** | Superintending Engineer, P.H. Division, Bhanjanagar at Chatrapur |

The Technical Bid shall be opened on **dt.31.10.2025 at 01.00 P.M.**
Further details can be seen from the e-procurement portal https://www.tenderorissa.gov.in

Sd./- Additional Chief Engineer (PH)
P.H. Division, Bhanjanagar at Chatrapur

OIPR-13013/11/0037/2526

## ପୌର ପରିଷଦ ହିଞ୍ଜିଳିକାଟୁ
## HINJILICUT MUNICIPAL COUNCIL

ହିଞ୍ଜିଳିକାଟୁ, ଜିଲ୍ଲା-ଗଞ୍ଜାମ, ପିନ୍-୭୬୧୧୦୨
ଦୂରଭାଷ-୦୬୮୧୧-୨୮୦୦୨୫,ଟୋଲ ଫ୍ରି ୧୪୪୨୦
At-Hinjilicut, Dist-Ganjam, Pin-761102
Contact:06811-280025, Toll Free No.:14420
Email-hinjilicutmunicipality@gmail.com
hinjilimunicipality@gmail.com
Hinjilicut Municipality, Hinjilicutmunicipality

ପତ୍ର ସଂଖ୍ୟା-୨୫୪୭ ତା.୦୮.୧୦.୨୫

**ବିଜ୍ଞାପନ**

No.C-1229:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ହିଞ୍ଜିଳିକାଟୁ ପୌର ପରିଷଦ ଅନ୍ତର୍ଗତ ନିମ୍ନରେ ଦିଆଯାଇଥିବା ବନ୍ଧଗୁଡିକ ଆସନ୍ତା ତିନି ବର୍ଷ ଅର୍ଥାତ୍ ୨୦୨୫-୨୬ ଠାରୁ ୨୦୨୭-୨୮ ଆର୍ଥିକ ବର୍ଷ ପାଇଁ ଆସନ୍ତା ତା.୨୩.୧୦.୨୦୨୫ ରିଖ ଦିବା ଘ ୧୧.୦୦ ମିନିଟ ସମୟରେ ମାଛ ଚାଷ ପାଇଁ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ (ମିନି କନ୍‌ଫରେନ୍ସ ହଲ୍) ନିଲାମ ଡକାଯିବ । ଯେଉଁମାନେ ନିଲାମରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ସେମାନେ ନିର୍ଦ୍ଦିଷ୍ଟ ତାରିଖ ଓ ସମୟରେ ପୌରପରିଷଦ କାର୍ଯ୍ୟାଳୟରେ ଉପସ୍ଥିତ ରହି ନିଲାମରେ ଅଂଶଗ୍ରହଣ କରିପାରିବେ । ପ୍ରକାଶଥାଉକି, ନିଲାମ ଡାକିବା ବ୍ୟକ୍ତି ପରିଷଦ ଦ୍ୱାରା ସ୍ଥିର ହୋଇଥିବା ସର୍ତ୍ତାବଳୀର ଏକ ନକଲ କାର୍ଯ୍ୟାଳୟର କୋଷାଧ୍ୟକ୍ଷଙ୍କଠାରୁ ନିମ୍ନରେ ଦର୍ଶାଯାଇଥିବା ପାଉଣା ଦାଖଲ କରି ପାଇପାରିବେ ଏବଂ ସର୍ତ୍ତାବଳୀ ମୁତାବକ ନିଲାମ ଡାକି ପାରିବେ । ଯାହାର ଡାକ ଗ୍ରହଣୀୟ ଯୋଗ୍ୟ ହେବ ସେ ଏକକାଳୀନ ନିଲାମ ରାଶି ପୈଠ କରିବେ । ଉକ୍ତ ସର୍ତ୍ତାବଳୀ ତା.୧୩.୧୦.୨୦୨୫ ରିଖ ଠାରୁ ତା.୨୦.୧୦.୨୦୨୫ ରିଖ ଦିନ ୧୦.୩୦ ଘଟିକାଠାରୁ ଅପରାହ୍ନ ୧.୦୦ ଘଟିକା ପର୍ଯ୍ୟନ୍ତ ପୌର କାର୍ଯ୍ୟାଳୟରେ (ଛୁଟି ଦିବସ ବ୍ୟତୀତ) ଉପଲବ୍ଧ ହେବ । ଯେକୌଣସି ମୁହୂର୍ତ୍ତରେ କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ଉପରୋକ୍ତ ନିଲାମକୁ ଅଗ୍ରାହ୍ୟ ଓ ରଦ୍ଦ କରିପାରିବେ ।

| କ୍ର.ନଂ. | ବନ୍ଧର ନାମ | ନିଲାମ ଅବଧି | ଧାର୍ଯ୍ୟ ହୋଇଥିବା ସର୍ବନିମ୍ନ ମୂଲ୍ୟ | ଅମାନତ ରାଶି | ଫର୍ମ ଓ ସର୍ତ୍ତାବଳୀ ଅଣଫେରସ୍ତ ଯୋଗ୍ୟ |
|---|---|---|---|---|---|
| ୧ | ବେବର୍ତ୍ତା ଓ ହଂସଗାଡିଆ ବନ୍ଧ | ୨୦୨୫-୨୬ ଠାରୁ ୨୦୨୭-୨୮ | ଟ.୩,୯୫,୯୦୫/- | ୩୯୬୦୦/- | ଟ.୫୦୦/- |
| ୨ | ଯୋଗୀ ବନ୍ଧ, ଆଙ୍କୋରଡା | | ଟ.୧,୮୪,୩୪୫/- | ୧୮୫୦୦/- | ଟ.୫୦୦/- |
| ୩ | ଆଗୁଳ ବନ୍ଧ, ପି.ରାମଚନ୍ଦ୍ରପୁର | | ଟ.୩,୪୬,୦୬୦/- | ୩୪୬୫୦/- | ଟ.୫୦୦/- |
| ୪ | କଇଁ ବନ୍ଧ, ପି.ରାମଚନ୍ଦ୍ରପୁର | | ଟ.୧,୪୧,୮୫୮/- | ୧୪୨୦୦/- | ଟ.୫୦୦/- |
| ୫ | ସର, ଯୋକ ଓ ଲିଆଖାଇ ବନ୍ଧ | | ଟ.୨,୭୭,୭୨୦/- | ୨୭୮୦୦/- | ଟ.୫୦୦/- |
| ୬ | ଦେଉଳ ବନ୍ଧ ନୂଆଁଗଡ | | ଟ.୩,୬୮,୪୯୦/- | ୩୬୯୦୦/- | ଟ.୫୦୦/- |

ବି.ଦ୍ର.: ଯଦି କୌଣସି ଆର୍ଥିକ ବର୍ଷରେ ବନ୍ଧଗୁଡିକର ଖନନ ଓ ଉନ୍ନୟନ କାର୍ଯ୍ୟ କରାଯାଏ ତାହାହେଲେ ବନ୍ଧରୁ ପାଣି ଖାଲି କରାଯିବ ଓ ସେହି ସମ୍ପର୍କରେ ଗୁତାଦାରଙ୍କୁ କୌଣସି କ୍ଷତିପୂରଣ ଦିଆଯିବ ନାହିଁ ଏବଂ ସେମାନେ ଏଥିପାଇଁ ନ୍ୟାୟାଳୟର ଆଶ୍ରୟ ନେଇପାରିବେ ନାହିଁ ।

OIPR-13105/11/0022/2526 ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ, ପୌର ପରିଷଦ ହିଞ୍ଜିଳିକାଟୁ (ଗଞ୍ଜାମ)

# ମହାକାଳ ଗ୍ୟାଙ୍ଗ୍‌ର ୯ ଗିରଫ



ଗିରଫ ଅଭିଯୁକ୍ତ।

କେନ୍ଦୁଝର,୧୦।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

## ଡକାୟତି ଯୋଜନା ପଣ୍ଡ

- ୫ ପିସ୍ତଲ, ବିପୁଳ ମାରଣାସ୍ତ୍ର ଜବତ
- ସୋସିଆଲ ମିଡିଆରେ ଭିଡିଓ ଛାଡ଼ି ଦବ୍‌ଦବା ଜାହିର କରୁଥିଲେ
- ରାଜ୍ୟ, ରାଜ୍ୟ ବାହାରେ ୩୭ ମାମଲା ରହିଛି

କେନ୍ଦୁଝର ଟାଉନ ଥାନା ଅଞ୍ଚଳରେ ଡକାୟତି ଯୋଜନାକୁ ଟାଉନ ପୋଲିସ ପଣ୍ଡ କରିଛି। ଡକାୟତ ଗ୍ୟାଙ୍ଗ୍‌ର ୯ ଜଣଙ୍କୁ ପୋଲିସ ଗିରଫ କରିବା ସହ ସେମାନଙ୍କ ନିକଟରୁ ୫ ପିସ୍ତଲ, ଲୁହାଛଡ଼, କଟୁରି, ଖଣ୍ଡା ଆଦି ମାରଣାସ୍ତ୍ର ଜବତ କରିଛି। ଅପରାଧୀମାନେ ମହାକାଳ ନାମରେ ଏକ ଗ୍ୟାଙ୍ଗ୍ କରି ଆପରାଧିକ କାର୍ଯ୍ୟକଳାପ ଚଳାଇଆସୁଥିଲେ। ଗଣେଶ ଗିରି(୩୨) ଗ୍ୟାଙ୍ଗର ମୁଖ୍ୟ ଥିବା ବେଳେ ଜିଲାର ବିଭିନ୍ନ ଥାନାରେ ସେମାନଙ୍କ ନାମରେ ଅନେକ ମାମଲା ରୁଜୁ ହୋଇଛି। ଏଥିସହ ଦବ୍‌ଦବା ଜାହିର ପାଇଁ ସୋସିଆଲ ମିଡିଆରେ ଛାଡ଼ିଥିବା ଭିଡିଓକୁ ଖବରଦାତା ସମ୍ମିଳନୀରେ ପୋଲିସ ପ୍ରଦର୍ଶିତ କରିଥିଲା। ଘଟଣା ସମ୍ପର୍କରେ ଶୁକ୍ରବାର ଏସ୍‌ପି ନୀତିନ କୁଶଲକର ଜିଲା କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଟାଉନ ଥାନା ଅଧୀନ ନରଣପୁର ନିକଟ ଘଡ଼ଘଡ଼ି ମନ୍ଦିର ନିକଟରେ ଶୁକ୍ରବାର ଭୋର୍ ସମୟରେ ଏକ ଅବ୍ୟବହୃତ ଘରେ ସଶସ୍ତ୍ର ଡକାୟତି ଯୋଜନା ହେଉଥିଲା। ଖବର ପାଇ ରାତ୍ରକାଳୀନ ପୋଲିସ ପାଟ୍ରୋଲିଂ ଟିମ୍ ପହଞ୍ଚିଥିଲା। ପୋଲିସକୁ ଦେଖି ଅପରାଧୀମାନେ ଗୁଳିଚାଳନା କରିଥିଲେ। ପୋଲିସ ଘେରାଉକରି କୌଶଳକ୍ରମେ ମୟୂରଭଞ୍ଜ ଜିଲା ଛେଳିଆନାଳର ଗଣେଶ ଗିରି(୩୨), ରରୁଆଁ ଥାନା ଉତ୍ତରପଶିର ଶୁଭାଶିଷ ଗିରି(୨୭), କେନ୍ଦୁଝର ଟାଉନ ଥାନା ନରଣପୁରର ପ୍ରିୟଦର୍ଶନ ପ୍ରଧାନ(୨୯), ଯୋଡ଼ା ଥାନା ଦିପୁହାଟିଂର ନିର୍ମଳ ପ୍ରଧାନ(୪୦), ବଡ଼ବିଲ ଥାନା ଠାକୁରାଣୀ ଗ୍ରାମର ରଞ୍ଜନ ପଲେଇ(୨୬), ଯୋଡ଼ା ଥାନା ଅନ୍ତର୍ଗତ କୁନ୍ଦୁରୁନାଳାର ବିନୋଦ ମୁଣ୍ଡା (୩୨), ଜାହିରାହଟିଂର ରୋହିତ ନାଏକ(୨୧), ମାଝୀହାଟିଂର ଏମ୍‌ଡି ଜିସାନ(୨୫) ଓ ଝାଡ଼ଖଣ୍ଡ ରାଜ୍ୟ ଜଗନ୍ନାଥପୁର ଥାନା ଗୋବରଗାଁର ପର୍ଶୁରାମ ପ୍ରଧାନ (୫୫)ଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୫ଟି ୭.୬୬ ଏମ୍‌ଏମ୍ ପିସ୍ତଲ, ୭ଟା ୭.୬୫ ଏମ୍‌ଏମ୍ ମାଗାଜିନ, ୨୫ଟି ୭.୬୬ ଏମ୍‌ଏମ୍ ଗୁଳି, ୫ଟି ଫୁଟା ଗୁଳି, ଥର୍ ଜିପ୍(ଓଡି ୦୨ ବିଆର୍ ୭୦୦୧), ୨ଟି ଖଣ୍ଡା, ୨ଟି କଟୁରି, ଲୁହାଛଡ଼ ସହିତ ମାଦକ ଦ୍ରବ୍ୟ ଓ ପାନୀୟ ପୋଲିସ ଜବତ କରିଛି। ସେମାନଙ୍କ ନାମରେ କେନ୍ଦୁଝର ଜିଲାର ଘଷିପୁରା, ବଡ଼ବିଲ, ଯୋଡ଼ା, ଚମ୍ପୁଆ, ବାମେବାରି, ତୁରୁମୁଙ୍ଗା, ମୟୂରଭଞ୍ଜ ଜିଲାର ଘାଗରବେଡ଼ା, ଝାଡ଼ଖଣ୍ଡ ରାଜ୍ୟରେ ୩୭ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ରହିଛି। ସେମାନଙ୍କ ମଧ୍ୟରୁ କେତେଜଣ ନିକଟରେ ଯୋଡ଼ାର ଏକ ଡକାୟତି ଉଦ୍ୟମ ଘଟଣାରେ ସମ୍ପୃକ୍ତି ଥିବା ପୋଲିସ କହିଛି। ସେମାନେ ମହାକାଳ ନାମରେ ଏକ ଗ୍ୟାଙ୍ଗ୍ କରି ଆପରାଧିକ କାର୍ଯ୍ୟକଳାପ ଚଳାଇଆସୁଥିଲେ। ଅଭିଯୁକ୍ତମାନେ ରାସ୍ତା ଅବରୋଧକରି ନାଚଗୀତ, ଟଙ୍କା ଉଡ଼ାଇବା, ଟ୍ରାଫିକ୍ ନିୟମ ଉଲ୍ଲଂଘନ କରି ଗାଡ଼ି ଚଳାଇବା, ଷ୍ଟଣ୍ଟ ଆଦିର ଭିଡିଓ ସାମାଜିକ ଗଣମାଧ୍ୟମରେ ଛାଡ଼ି ଲୋକଙ୍କୁ ଭୟଭୀତ କରିବାକୁ ଉଦ୍ୟମ କରିବା ସହ ଦବ୍‌ଦବା ଜାହିର କରୁଥିଲେ। ପୋଲିସ ସେମାନଙ୍କର ଅନ୍ୟ କୌଣସି ଅପରାଧରେ ସମ୍ପୃକ୍ତି ନେଇ ଯାଞ୍ଚ କରୁଛି। ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରିବାକୁ ଉଦ୍ୟମ ଚଳାଇଛି। ଏ ନେଇ ଟାଉନ ଥାନାରେ ଏକ ମାମଲା(ନଂ.୭୮୫/୨୦୨୫) ରୁଜୁ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

# ଅଭିଯୁକ୍ତଙ୍କୁ ବଜାରରେ ଚଲାଇଲା ପୋଲିସ

## କିଡ୍‌ଜି ସ୍କୁଲରୁ ଡକାୟତି ଉଦ୍ୟମ ଘଟଣା

### ପୂର୍ବତନ ବିଧାୟକଙ୍କ ମ୍ୟାନେଜର ସମେତ ୫ ଗିରଫ



ପୋଲିସ ଅଭିଯୁକ୍ତଙ୍କୁ ବଜାରରେ ବୁଲାଉଛି।

ଯୋଡ଼ା,୧୦।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ାସ୍ଥିତ କିଡ୍‌ଜି ସ୍କୁଲର ରାତ୍ର ଜଗୁଆଳିଙ୍କ ହାତ ଓ ମୁହଁ ବାନ୍ଧି ଡକାୟତି ଉଦ୍ୟମ ଘଟଣାରେ ପୋଲିସ ଆଉ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମୟୂରଭଞ୍ଜ ଜିଲା ରରୁଆଁ ଥାନା ଅନ୍ତର୍ଗତ କନିକାର ଆନନ୍ଦ କୁମାର ବେହେରା, ଯୋଡ଼ା ବିଆଇଏଲ କଲୋନୀର ମାନସ ରଞ୍ଜନ ଦାସ, ଝାଡ଼ଖଣ୍ଡ ରାଜ୍ୟ ମାଝୀ ଗାଆଁ ଥାନା ଅନ୍ତର୍ଗତ କୁରପୋଷି ଗ୍ରାମର ସାହିଦ ଆଫ୍ରିଦି, ଜାମିର ହୁସେନ ଓ ସେମିଉଲ ଆନ୍‌ସାରୀ। ମାନସ ରଞ୍ଜନ ଦାସ ପୂର୍ବତନ ବିଧାୟକ ଜିତୁ ପଟ୍ଟନାୟକଙ୍କ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ଇଙ୍ଗିତରେ ଡକାୟତି ଉଦ୍ୟମ ହେଉଥିବା ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ, ଯୋଡ଼ା ଆଇଆଇସି ପ୍ରଶାନ୍ତ କୁମାର ସାମଲ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୨୮ ତାରିଖ ବିଳମ୍ବିତ ରାତିରେ ଚମ୍ପୁଆର ପୂର୍ବତନ ବିଧାୟକ ଜିତୁ ପଟ୍ଟନାୟକଙ୍କ ଦ୍ୱାରା ପରିଚାଳିତ କିଡ୍‌ଜି ସ୍କୁଲ୍‌ରେ ଦୁର୍ବୃତ୍ତ ପଶିଥିଲେ। ୨ ରାତ୍ର ଜଗୁଆଳିଙ୍କୁ ବନ୍ଧୁକ ଦେଖାଇ ମୁହଁ ଓ ହାତରେ କପଡ଼ା ବାନ୍ଧି ଡକାୟତି ଉଦ୍ୟମ କରିଥିଲେ। ଜଣେ ରାତ୍ର ଜଗୁଆଳ କୌଶଳ କ୍ରମେ ଖସି ଯାଇ ଚିତ୍କାର କରିବାରୁ ଦୁର୍ବୃତ୍ତମାନେ ପଳାୟନ କରିଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିଲା। ଗୁରୁବାର ଯୋଡ଼ା ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଶୁକ୍ରବାର ଆଉ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କୁ ଯୋଡ଼ା ସହରରେ ପାଦରେ ଚଲାଇ ଚଲାଇ ଧରଣୀଧର ଛକରୁ ଲକ୍ଷ୍ମୀ ମନ୍ଦିର ପର୍ଯ୍ୟନ୍ତ ପୋଲିସ ନେଇଥିଲା। ଏଥିସହ ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ କେନ୍ଦୁଝର ଟାଉନ ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ମୟୂରଭଞ୍ଜ ଜିଲା ଘାଗରବେଡ଼ା ଥାନା ଛେଳିଆନାଳିର ବିଶ୍ୱଜିତ୍ ଗିରି, ରରୁଆଁ ଥାନା ଉତ୍ତରପୋଷୀର ସୁବାଶିଷ ଗିରି, ଯୋଡା ଦିପୁହଟିଂର ନିର୍ମଳ ପ୍ରଧାନ, ବଡ଼ବିଲ ଠାକୁରାଣୀ ବସ୍ତିର ରଞ୍ଜନ ପଲେଇ। ୪ ଅଭିଯୁକ୍ତଙ୍କୁ ଯୋଡ଼ା ପୋଲିସ ରିମାଣ୍ଡରେ ଆଣିବ ବୋଲି ସୂଚନା ଦେଇଛି। ପୂର୍ବରୁ ଘଟଣାରେ ପୋଲିସ ବଡ଼ବିଲ ସେରେଣ୍ଡା ଅଞ୍ଚଳର ଏମ୍‌ଡି ଅହେଶାମ, ବଡ଼ବିଲ ପିଏଚ୍‌ଡି ରୋଡ ଅଞ୍ଚଳର ରିଆଜ ଖାନଙ୍କୁ ଗିରଫ କରିଛି।

ବଡ଼ବିଲ ଏସ୍‌ଡିପିଓ ପିଙ୍ଗୁଆ କହିଛନ୍ତି, ସମାଜକୁ ଅପରାଧ ମୁକ୍ତ କରିବା ପାଇଁ ଜନସାଧାରଣଙ୍କୁ ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ଏହି ପ୍ରଦର୍ଶନ କରାଯାଇଥିଲା। ବିଧାୟକ ଜିତୁ ପଟ୍ଟନାୟକ କହିଛନ୍ତି, ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ପ୍ରତ୍ୟକ୍ଷ ଉଦ୍ୟମ କ୍ରମେ ଖୁବ୍‌କମ ସମୟରେ ଅଭିଯୁକ୍ତଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇଛି। ଆଗାମୀ ଦିନରେ ବଡ଼ଧରଣର ଅପରାଧକୁ ରୋକିବାରେ ପୋଲିସ ସମର୍ଥ ହୋଇଛି।

# ୧୦ହଜାର ଲାଞ୍ଚ ନେବା ବେଳେ ମାଡ଼ି ବସିଲା ଭିଜିଲାନ୍ସ

## ୨ ଗିରଫ

ଜଳେଶ୍ୱର, ୧୦।୧୦(ନବୀନ ସାହୁ)

ମ୍ୟୁନିସିପାଲିଟିରେ ହୋର୍ଡିଂ ଓ ଲାଇଟପୋଷ୍ଟ ବାବଦରେ ବିଲ୍ ପାସ୍ କରିବାକୁ କହି ୧୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବାଲେଶ୍ୱର ଭିଜିଲାନ୍ସ ଟିମ୍ ଦ୍ୱାରା ଧରାପଡିଛନ୍ତି ଏମ୍‌ଆଇଏସ୍ କର୍ମଚାରୀ ବ୍ରଜଗୋପାଳ ଘୋଷମହାପାତ୍ର ଏବଂ ଜୁନିଅର ସାନିଟାରି ଏକ୍ସପର୍ଟ କର୍ମଚାରୀ ରତିକାନ୍ତ ପାତ୍ର। ଉଭୟଙ୍କୁ ପଚରାଉଚୁରା ପରେ ଗିରଫ କରାଯାଉଛି।

ଜଳେଶ୍ୱର ପୌରପାଳିକାର ଠିକାଦାର ଜ୍ୟୋତିପ୍ରକାଶ ମହାପାତ୍ର ମ୍ୟୁନିସିପାଲିଟିରେ ହୋର୍ଡିଂ ଓ ଲାଇଟ୍ ପୋଷ୍ଟ କାର୍ଯ୍ୟର ବିଲ୍ ପାଇଁ ଆସିଥିଲେ। ତାଙ୍କୁ ଏମ୍‌ଆଇଏସ୍ କର୍ମଚାରୀ ବ୍ରଜଗୋପାଳ ଘୋଷ ମହାପାତ୍ର ୧ଲକ୍ଷ ଟଙ୍କାର ଏକ ବିଲ୍ ପାସ କରାଇଦେବା ପାଇଁ ୨୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଠିକାଦାର ଜ୍ୟୋତିପ୍ରକାଶ ଏନେଇ ବାଲେଶ୍ୱର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ଶୁକ୍ରବାର ମଧ୍ୟାହ୍ନ ୧୨ଟା ୩୦ରେ ଠିକାଦାର ଜ୍ୟୋତିପ୍ରକାଶ ପ୍ରଥମେ ଏମ୍‌ଆଇଏସ୍ କର୍ମଚାରୀ ବ୍ରଜଗୋପାଳଙ୍କୁ ୧୦ହଜାର ଟଙ୍କା ଦେବା ପାଇଁ ଆସିଥିବା ବେଳେ ତାଙ୍କ ସହଯୋଗୀ କର୍ମଚାରୀ ଜୁନିଅର ସାନିଟାରି ଏକ୍ସପର୍ଟ ରତିକାନ୍ତଙ୍କୁ ଟଙ୍କା ଦେବା ପାଇଁ କହିଥିଲେ। ସେ ରତିକାନ୍ତଙ୍କୁ ଟଙ୍କା ଦେବା ବେଳେ ଭିଜିଲାନ୍ସ ଡିଏସ୍‌ପି ସିକନ୍ଦର ହେମ୍ବ୍ରମଙ୍କ ନେତୃତ୍ୱରେ ୬ ଜଣିଆ ଟିମ୍ ଚଢ଼ାଉ କରି ୧୦ହଜାର ଟଙ୍କା ଜବତ କରିବା ସହିତ କମ୍ପ୍ୟୁଟର ହାର୍ଡଡିସ୍କ ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିଲେ। ବ୍ରଜଗୋପାଳ ଏବଂ ରତିକାନ୍ତଙ୍କୁ ବିଭାଗ ପକ୍ଷରୁ ପଚରାଉଚୁରା ପରେ ଗିରଫ କରାଯାଇଛି। ବ୍ରଜଗୋପାଳଙ୍କ ବାଲେଶ୍ୱର ବାସଭବନ ଏବଂ ରତିକାନ୍ତଙ୍କ ଜଳେଶ୍ୱର ଭଡ଼ାଘରେ ମଧ୍ୟ ଭିଜିଲାନ୍ସ ବିଭାଗ ଚଢ଼ାଉ କରି ଭିଜିଲାନ୍ସ ଇନ୍ସପେକ୍ଟର ନାୟକ କହିଛନ୍ତି।

# ସ୍ୱାମୀଙ୍କୁ ପନିକିରେ ହାଣିଲେ ସ୍ତ୍ରୀ

## ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି

ଜଳେଶ୍ୱର,୧୦।୧୦(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ବ୍ରହ୍ମାପୁର ଗ୍ରାମରେ ଏକ ଦମ୍ପତିଙ୍କ ମଧ୍ୟରେ କଳହ ଉଗ୍ରରୂପ ନେଇଛି। ଏଥିରେ ସ୍ତ୍ରୀ ଉତ୍ତ୍ୟକ୍ତ ହୋଇ ଏକ ପନିକିରେ ସ୍ୱାମୀଙ୍କ ମୁଣ୍ଡକୁ ଆକ୍ରମଣ କରି ଗୁରୁତର କରିଛନ୍ତି। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ଅବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ପରେ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷେ ସ୍ତ୍ରୀଙ୍କୁ ରାଇବଣିଆ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି।

ସନାତନ ବ୍ରହ୍ମଚାରୀ ୬ବର୍ଷ ପୂର୍ବେ ପଶ୍ଚିମବଙ୍ଗର ଜଙ୍ଗଲମହଲ ଅଞ୍ଚଳର ପ୍ରିୟଙ୍କାଙ୍କୁ ବିବାହ କରିଥିଲେ। ଗୁରୁବାର ମଧ୍ୟାହ୍ନରେ କୌଣସି କାରଣରୁ ସ୍ତ୍ରୀ ଓ ସ୍ୱାମୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସ୍ତ୍ରୀ ପ୍ରିୟଙ୍କା ଉତ୍କ୍ଷିପ୍ତ ହୋଇ ସ୍ୱାମୀଙ୍କ ମୁଣ୍ଡକୁ ପନିକିରେ ଆକ୍ରମଣ କରିଥିଲେ। ରାଇବଣିଆ ଥାନା ଅଧିକାରିଣୀ ଲୋପାମୁଦ୍ରା ପଣ୍ଡା ପ୍ରିୟଙ୍କାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ. ୯୯/୨୫) ରୁଜୁ ହୋଇଛି।

# ବାଇକ୍ ଡିକି ଭାଙ୍ଗି ୪.୬ ଲକ୍ଷ ଲୁଟ

ଭଦ୍ରକ,୧୦।୧୦(ସନାତନ ରାଉତ)

ଭଦ୍ରକ ଚରମ୍ପା ବଜାରରେ ଶୁକ୍ରବାର ଅପରାହ୍ନରେ ଜଣେ ବ୍ୟକ୍ତିଙ୍କ ବାଇକ୍ ଡିକି ଭାଙ୍ଗି ଦୁର୍ବୃତ୍ତମାନେ ୪ ଲକ୍ଷ ୬୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଟାଉନ ପୋଲିସ ପହଞ୍ଚି ବିଭିନ୍ନ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଚଳାଇଛି। ଲୁଟ୍‌ର ଶିକାର ହୋଇଥିବା ବ୍ୟକ୍ତି ହେଲେ ଚରମ୍ପା ଅଞ୍ଚଳର ଗୌରହରି ମହାନ୍ତି। ସେ ବାଲେଶ୍ୱର ଜିଲା ସୋରରୁ ତାଙ୍କ ଭଣଜାଙ୍କଠାରୁ ଏଲ୍‌ଆଇସି ଡିପୋଜିଟ୍ ପାଇଁ ଟଙ୍କା ନେଇ ଭଦ୍ରକ ଆସୁଥିଲେ। ଚରମ୍ପା ବଜାରରେ ବାଇକ୍ ରଖି ସେ ଏକ ଜେରକ୍ସ ଦୋକାନକୁ ଯାଇଥିବା ବେଳେ ଦୁର୍ବୃତ୍ତମାନେ ଡିକି ଭାଙ୍ଗି ସେଥିରେ ଥିବା ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଏନେଇ ଗୌରହରିଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଭଦ୍ରକରୁ ମୁଖ୍ୟ ଯୋଗାଣକାରୀଙ୍କୁ ଧରିଲା ଏସ୍‌ଟିଏଫ୍

## ଭୁବନେଶ୍ୱରରୁ ୧୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ ଘଟଣା

ଭୁବନେଶ୍ୱର,୧୦।୧୦
(ସତ୍ୟଜିତ ରାଉତ)

ମାସେ ତଳେ ଭୁବନେଶ୍ୱରରୁ ୧୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ ଘଟଣାରେ ସମ୍ପୃକ୍ତ ମୁଖ୍ୟ ଯୋଗାଣକାରୀଙ୍କୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଭଦ୍ରକରୁ ଗିରଫ କରିଛି। ସେ ହେଲେ ଭଦ୍ରକ ଟାଉନ ଥାନା ଅନ୍ତର୍ଗତ ନରିପୁର ଗ୍ରାମର ସୁଶାନ୍ତ କୁମାର ଦାସ। ଏହି ମାମଲାରେ ଗିରଫ ହୋଇ ଜେଲରେ ଥିବା ଭଦ୍ରକ ଜିଲା ଧୁଷୁରୀ ଥାନା ଅନ୍ତର୍ଗତ ଆଜମାଦପୁର ଗ୍ରାମର ରୁସନ କୁମାର ଜେନାଙ୍କୁ ସୁଶାନ୍ତ ହିଁ ବ୍ରାଉନସୁଗାର ଯୋଗାଣ କରିଥିଲେ ବୋଲି ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ଗୁରୁବାର ଏସ୍‌ଟିଏଫ୍ ଟିମ୍ ଭଦ୍ରକରେ ଚଢ଼ାଉ କରି ସୁଶାନ୍ତଙ୍କୁ ଗିରଫ କରିଥିଲା। ଶୁକ୍ରବାର ତାଙ୍କୁ କୋର୍ଟଚାଲାଣ ପରେ ଜାମିନ ନ ମିଳିବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୪ ସକାଳେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ବରିମୁଣ୍ଡ ଗ୍ରାମ ନିକଟ ବାଲିଯାତ୍ରା ପଡିଆରେ ରୁସନ ବ୍ରାଉନସୁଗାର ବିକ୍ରି କରିବାକୁ ଗ୍ରାହକ ଯୋଗାଡ଼ କରୁଥିଲେ। ଏହି ସମୟରେ ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ରୁସନଙ୍କୁ କାବୁ କରିଥିଲା। ତାଙ୍କ ନିକଟରୁ ୧୦୫ ଗ୍ରାମର ବ୍ରାଉନସୁଗାର ଜବତ ହୋଇଥିଲା। ଅଧିକ ତଦନ୍ତ ବେଳେ ବ୍ରାଉନସୁଗାର କାରବାରରେ ସୁଶାନ୍ତଙ୍କ ସମ୍ପୃକ୍ତି ଜଣାପଡିଥିଲା।


**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୯୧-୯୨-୨୫, ତାରିଖ: ୦୮।୧୦।୨୦୨୫ ଏବଂ ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୯୩-୯୪-୨୫, ତାରିଖ: ୦୯।୧୦।୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଆର୍‌ଏମ୍ (ଇଏନ୍‌ଜିଜି)/ଆଦ୍ରା, ଦକ୍ଷିଣ ପୂର୍ବ ରେଳପଥ ତଳେ ଦର୍ଶାଯାଇଥିବା ଅନୁଯାୟୀ ଆର୍‌ସିସି ଟାଙ୍କି, ବିବିଧ କାର୍ଯ୍ୟ, ଏଚ୍–ବିମ୍ ତଥା ଏଲ୍‌ଏଚ୍‌ଏସ୍ କାର୍ଯ୍ୟ ନିମନ୍ତେ ୦୪ (ଚାରି) ଗୋଟି ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ.-୧, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୯୧-୨୫। କାର୍ଯ୍ୟର ବର୍ଣ୍ଣନା: ଦକ୍ଷିଣ ପୂର୍ବ ରେଳପଥର ଆଦ୍ରା ମଣ୍ଡଳରେ ପୁରୁଲିଆଠାରେ ପୁରୁଣା ଧ୍ୱଂସପ୍ରାପ୍ତ ଏବଂ ଅତି ପୁରୁଣା ଆର୍‌ସିସି ଟାଙ୍କିକୁ ଆର୍‌ସିସି ଓଭରହେଡ୍ ଟାଙ୍କି ଦ୍ୱାରା ପ୍ରତିବଦଳ କରିବା। ଟେଣ୍ଡର ମୂଲ୍ୟ: ₹୨,୭୩,୩୪,୨୪୮.୭୨। କ୍ର.ସଂ.-୨, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୯୨-୨୫। କାର୍ଯ୍ୟର ବର୍ଣ୍ଣନା: ଦକ୍ଷିଣ ପୂର୍ବ ରେଳପଥର ଆଦ୍ରା ମଣ୍ଡଳରେ ଡିଇଏନ୍/କେନ୍ଦ୍ରୀୟ/ଆଦ୍ରାଙ୍କ କ୍ଷେତ୍ରାଧିକାର ଅଧୀନରେ ମଧୁକୁଣ୍ଡ-ଦାମୋଦର (୩୦.୫x୨୨) ସେକ୍ସନରେ ସେତୁ ସଂ. ୫୨୦ର ନଦୀଶଯ୍ୟାର ମାନଚିତ୍ରଣ। ଟେଣ୍ଡର ମୂଲ୍ୟ: ₹୩,୩୨,୩୮୭.୫୫। କ୍ର.ସଂ.-୩, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୯୩-୨୫। କାର୍ଯ୍ୟର ବର୍ଣ୍ଣନା: ଆଦ୍ରା ମଣ୍ଡଳ- ଦକ୍ଷିଣ ପୂର୍ବ ରେଳପଥର ଆଦ୍ରା ମଣ୍ଡଳରେ ଟିବିଏସଆର (ଏଚ୍–ବିମ୍)- ୧୧୯୫ ଗୋଟି। ଟେଣ୍ଡର ମୂଲ୍ୟ: ₹୩,୮୩,୮୭,୯୪୪.୬୨। କ୍ର.ସଂ.-୪, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୯୪-୨୫। କାର୍ଯ୍ୟର ବର୍ଣ୍ଣନା: ଆଦ୍ରା ମଣ୍ଡଳର ପୁରୁଲିଆ–ଚାନ୍ଦିଲ ମଧ୍ୟରେ ସ୍ଥାନ ଜେସି-୨୬, ଜେସି-୪୩, ଜେସି-୫୩, ଜେସି-୫୬ଠାରେ ଆର୍‌ଓବି ବଦଳରେ ବକ୍ସ ପୁଶିଂ ପଦ୍ଧତି ଦ୍ୱାରା ସୀମିତ ଉଚ୍ଚତାର ସବ୍‌ୱେ ଏବଂ ଗୌରୀନାଥଧାମ-ବରବେଣ୍ଡା ମଧ୍ୟରେ କିମି ୩୪୩/୪-୫ଠାରେ ପିକେ-୧୭ରେ କଟ୍ ଆଣ୍ଡ କଭର୍ ପଦ୍ଧତି ଦ୍ୱାରା ଆର୍‌ଓବିର ନିର୍ମାଣ କରିବା। ଟେଣ୍ଡର ମୂଲ୍ୟ: ₹୩୨,୨୮,୧୯,୩୦୧.୮୩। ଇ-ଟେଣ୍ଡରଗୁଡ଼ିକ ବନ୍ଦ ହେବାର ତାରିଖ ଓ ସମୟ ହେଉଛି ତା୦୩।୧୧।୨୦୨୫ରିଖ ୧୫.୦୦ ଘଟିକା (କ୍ର.ସଂ. ୧ ଓ ୨ ପାଇଁ ପ୍ରତ୍ୟେକ) ଏବଂ ତା୧୦।୧୧।୨୦୨୫ରିଖ ୧୫.୦୦ ଘଟିକାରେ (କ୍ର.ସଂ. ୩ ଓ ୪ ପାଇଁ ପ୍ରତ୍ୟେକ)। ଉପରୋକ୍ତ ଇ-ଟେଣ୍ଡରର ବିବରଣୀ www.ireps.gov.in ଦେଖାଯାଇପାରିବ। (PR-706)



**पुलिस अधीक्षक का कार्यालय, सिमडेगा**

(सर्वसाधारण के लिए सूचना)

लापता बालिका साक्षी डुंगडुंग, उम्र–करीब 16 वर्ष, पिता–राजु डुंगडुंग, सा0–टी0टांगर बसारटोली, थाना–टी0टांगर, जिला–सिमडेगा, राज्य–झारखण्ड, जो दिनांक–15.09.2025 को सुबह अपने सहेली के घर सलडेगा डीपाटोली बर्थडे पार्टी मनाने के लिए निकली थी, परन्तु अभी तक अपने घर वापस नहीं लौटी है। लापता बालिका की बरामदगी अभी तक नहीं हो पायी है, जिसका विवरणी निम्नवत् है:–



हुलिया की विवरणी :–
लिंग:–स्त्री।
उम्र:–16 वर्ष।
रंग :– साँवली।
उँचाई:– 05 फीट।
भाषा:– खाडि़या, सादरी एवं हिन्दी।
पहनावा :–जींस एवं भार्ट

अतः सर्व साधारण को सूचित किया जाता है कि उक्त गुमशुदा महिला के बारे में पता चलता है तो नीचे अंकित दूरभाष नं0 पर अविलंब सूचित करेंगे।

पुलिस अधीक्षक, सिमडेगा– मोबाइल नं0–9431116444
पुलिस उपाधीक्षक, (मु0) सिमडेगा– मोबाइल नं0–9431706227
थाना प्रभारी, टी0टांगर– मोबाइल नं0–9431706232
पुलिस नियंत्रण कक्ष, सिमडेगा– मोबाइल नं0–9262998531
मानव तस्करी संबंधी टोल फ्री नं0–मोबाइल नं0–1800–3456–256

पुलिस अधीक्षक,
सिमडेगा

PR 363831 (Simdega)25-26*D



**TPWODL**

**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**Tender Notice No.TPWODL/SA/O/SU/2500001011**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**PO for supply of 33KV Portable Cable Fault Locator with Pin Pointer Unit.**

Interested bidders are to submit Tender Participation Fee and Authorization Letter through email on or before **18th Oct. 2025, 18:00Hrs,** after which the link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in the tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- **Head-Contracts & Procurement**



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, JEYPORE (R&B) DIVISION, JEYPORE**
ID: ee.randbjyp@gmail.com

**e-Procurement Notice**

**Bid Identification No. S.E. (R&B) - 06/2025-26/JYP(K)**

**No. 6085** **Date: 06.10.2025**

No. B-584: Bid documents consisting of work, estimated cost, cost of tender paper, EMD, time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. **www.tendersodisha.gov.in.**

1. Name of the Work : Building works as mentioned in DTCN
2. No. of works : 2 Nos.
3. Estimated Cost : Rs.15.56 lakhs
4. Period of Completion : 4 (Four) Months
5. Date & time of Bidding : From 11.00 hours of 14.10.2025 upto 17.00 hours of 23.10.2025
6. Last date & time for receipt of bids in portal : 17.00 hours of 23.10.2025
7. Bids received online shall be opened on : 11.00 hours of 24.10.2025
8. Name and address of the Officer Inviting Bid : Superintending Engineer, Jeypore (R&B) Division, Jeypore

Further details can be seen from the **www.tendersodisha.gov.in.**

**Sd./- Superintending Engineer, Jeypore (R&B) Division**
**OIPR-34027/11/0017/2526**



**ଜାତୀୟ ପରୀକ୍ଷା ଏଜେନ୍ସି**
(ଉଚ୍ଚଶିକ୍ଷା ବିଭାଗ, ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନସ୍ଥ ଏକ ସ୍ୱୟଂଶାସିତ ସଂଗଠନ)
ପ୍ରଥମ ମହଲା, ଏନ୍‌ଏସ୍‌ଆଇସି-ଏମ୍‌ଡିବିପି ବିଲ୍‌ଡିଂ, ଓଖ୍‌ଲା ଇଣ୍ଡଷ୍ଟ୍ରିଆଲ ଏରିଆ, ନୂଆଦିଲ୍ଲୀ ୧୧୦୦୨୦
ଫୋନ୍ ନଂ.: ୦୧୧ ୬୯୦୯୫୨୫୦, ୱେବସାଇଟ୍ www.nta.ac.in
ଇମେଲ୍: procurement@nta.ac.in

**ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି**

ଜାତୀୟ ପରୀକ୍ଷା ଏଜେନ୍ସିର କାର୍ଯ୍ୟାଳୟ ବ୍ୟବହାର ପାଇଁ ମାସିକ ଭଡ଼ା ଭିତ୍ତିରେ ତିରିଶ ଗୋଟି ବାହନ ଯୋଗାଇବା ପାଇଁ ପଞ୍ଜୀକୃତ, ଖ୍ୟାତନାମା, ଅଭିଜ୍ଞ ଓ ଆର୍ଥିକ ସ୍ୱଚ୍ଛଳ ଏଜେନ୍ସିଗୁଡ଼ିକଠାରୁ ଦୁଇ-ବିଡ୍ ପ୍ରଣାଳୀ (ବୈଷୟିକ ବିଡ୍ ଓ ଆର୍ଥିକ ବିଡ୍) ଅଧୀନରେ ଜଉମୁଦଦିଆ ଟେଣ୍ଡର ଆହ୍ୱାନ କରାଯାଉଛି।

ଜିଇଏମ୍ ବିଡ୍ ନମ୍ବର: ଜିଇଏମ୍/୨୦୨୫/ବି/୬୭୨୨୯୬୪
ତାରିଖ: ୨୯ ସେପ୍ଟେମ୍ବର ୨୦୨୫
ଆକଳିତ ମୂଲ୍ୟ: ସାତ କୋଟି ଟଙ୍କା
ଇଏମ୍‌ଡି: ସାତ ଲକ୍ଷ ଟଙ୍କା

ଟେଣ୍ଡର ଫର୍ମ ଓ ଆର୍‌ଏଫ୍‌ପି www.nta.ac.in ଓ www.gem.gov.in ରେ ଉପଲବ୍ଧ।

କେବଳ ଜିଇଏମ୍ ପୋର୍ଟାଲରେ ଇ-ଟେଣ୍ଡରିଂ ଜରିଆରେ ଦାଖଲ କରାଯିବ।

cbc 21354/12/0002/2526 **ସ୍ୱା./- ନିର୍ଦ୍ଦେଶକ (ସଂଗ୍ରହଣ)**


See Career Appointment on every Wednesday & Saturday


**ई0 – प्रोक्योरमेन्ट सेल**
**कार्यपालक अभियंता का कार्यालय,**
**भवन निर्माण विभाग, भवन प्रमण्डल, दुमका**

**ई–प्रोक्योरमेन्ट नोटिस (द्वितीय आमंत्रण)**

टेन्डर रेफरेन्स नं0 – 28/2025-26/EE/BCD/DUMKA, दिनांक– 10-10-2025

| क्र0 सं0 | कार्य का नाम | प्राक्कलित राशि (रू0 में) | अग्रधन की राशि | परिमाण विपत्र क मुल्य | कार्य पूर्ण करने की अवधि |
|---|---|---|---|---|---|
| 1 | Proposed Construction of Weigh Bridge and Operator Room with 1000 MT Godown at Block-Shikaripara Dist-Dumka, Jharkhand. | 2,97,32,100/- | Rs.2,97,400/- | Rs.10,000/- | 11 माह |

1. वेबसाइट पर निविदा प्रकाशन की तिथि / समय :–18–10–2025 के 11:00 बजे
2. बिड प्राप्ति के लिए अन्तिम तिथि / समय :–01–11–2025 के 11:00 बजे
3. निविदा प्रकाशित करने वाले कार्यालय का नाम एवं पता :–कार्यपालक अभियंता का कार्यालय, भवन निर्माण विभाग, भवन प्रमण्डल, दुमका।
4. निविदा खोलने की तिथि / समय एवं स्थान :–03–11–2025 के 11:30 बजे नोडल पदाधिकारी, ई0 – प्रोक्योरमेन्ट सेल, मुख्य अभियंता का कार्यालय, भवन निर्माण विभाग, लाईन टैंक रोड, राँची।
5. प्रोक्योरमेन्ट पदाधिकारी का सम्पर्क संख्या :–8210084525
6. ई – प्रोक्योरमेन्ट सेल का हेल्पलाईन संख्या :–6200213814
7. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय हागी।
8. सूचना प्रोद्योगिकी एवं ई–गवर्नेस विभाग, झारखण्ड सरकार के आदेश ज्ञापांक–120 दिनांक–03.10.2023 के द्वारा निर्गत SOP (मानक संचालन प्रक्रिया) एवं भवन निर्माण विभाग, झारखण्ड सरकार के पत्रांक–2229 दिनांक–06.10.2023 के आलोक में निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
9. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, SOP के तहत अग्रधन की राशि उसी खाते में वापस होगी। अगर खाता को बन्द कर दिया जाता है तो उसकी सम्पूर्ण जवाबदेही निविदादाता की होगी।
10. अन्य किसी भी प्रकार के बदलाव की सूचना http://jharkhandtenders.gov.in पर देखा जा सकता है।

कार्यपालक अभियंता का कार्यालय,
भवन निर्माण विभाग, भवन प्रमण्डल, दुमका

PR 363854 Building(25-26)#D



**ଭାରତ ସରକାର**
**କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ**
**ଆଇସିଏଆଇ /ଆଇସିଓଏଆଇ(ଆଇସିଏମ୍‌ଏଆଇ)/ଆଇସିଏସ୍‌ଆଇ**
ଜରିଆରେ
**ନିଯୁକ୍ତି ବିଜ୍ଞାପନ**

କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ମାନେସର, ହରିୟାଣାଠାରେ ଅବସ୍ଥିତ କେନ୍ଦ୍ରୀୟ ସୁବିଧା କେନ୍ଦ୍ର (ସିଆର୍‌ସି/ସିପିସି/ସିପିଏସଇ/ସିଏସ୍‌ସି)ଗୁଡ଼ିକରେ ଆଇସିଏଆଇ, ଆଇସିଏସ୍‌ଆଇ, ଆଇସିଓଏଆଇ (ଆଇସିଏମ୍‌ଏଆଇ) ମାଧ୍ୟମରେ ୟଙ୍ଗ୍ ପ୍ରଫେସନାଲ/ଆସିଷ୍ଟାଣ୍ଟ ୟଙ୍ଗ୍ ପ୍ରଫେସନାଲଙ୍କ **୧୪୫ ଗୋଟି ପଦବୀକୁ ଚୁକ୍ତିମୂଳକ ଭିତ୍ତିରେ** ପୂରଣ କରିବା ନିମନ୍ତେ ଯୋଗ୍ୟତାପ୍ରାପ୍ତ ସିଏ/ସିଏସ୍/ସିଏମ୍‌ଏ ତଥା ଆଇସିଏଆଇ/ଆଇସିଓଏଆଇ (ଆଇସିଏମ୍‌ଏଆଇ)/ଆଇସିଏସ୍‌ଆଇର ଇଣ୍ଟରମିଡିଏଟ୍/ଏକ୍‌ଜିକ୍ୟୁଟିଭ୍ ସ୍ତରୀୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଅର୍ଦ୍ଧ-ଯୋଗ୍ୟତାପ୍ରାପ୍ତ ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଚୁକ୍ତିର ଅବଧି ପ୍ରାରମ୍ଭିକ ଭାବେ ସର୍ବାଧିକ ତିନିବର୍ଷ ଅବଧି ପାଇଁ ହେବ ଯାହାକୁ ପ୍ରତିବର୍ଷ କିମ୍ବା ୩୫ ବର୍ଷରେ ପଦାର୍ପଣ କରିବା (ଯାହା ପୂର୍ବରୁ ହେଉଥିବ) ପର୍ଯ୍ୟନ୍ତ ନବୀକରଣ କରାଯିବ, ଯାହା ପ୍ରତି ବର୍ଷ ଶେଷରେ ସମୀକ୍ଷା କରାଯିବାକୁ ଥିବା ସନ୍ତୋଷଜନକ କାର୍ଯ୍ୟ ପ୍ରଦର୍ଶନ ଉପରେ ନିର୍ଭର କରିବ। ପୂରଣ କରାଯିବାକୁ ଥିବା ପଦବୀଗୁଡ଼ିକର ବିବରଣୀ ନିମ୍ନ ଅନୁଯାୟୀ ଅଟେ:-

| କ୍ର.ସଂ. | ପଦବୀର ନାମ | ଯୋଗ୍ୟତା | ପାରିଶ୍ରମିକ | ସର୍ବାଧିକ ବୟସ |
|---|---|---|---|---|
| ୧. | ୟଙ୍ଗ୍ ପ୍ରଫେସନାଲ | ଆଇସିଏଆଇ/ ଆଇସିଓଏଆଇ (ଆଇସିଏମ୍‌ଏଆଇ)/ ଆଇସିଏସ୍‌ଆଇର ଯୋଗ୍ୟତାପ୍ରାପ୍ତ ସଭ୍ୟ | ମାସିକ ୭୫,୦୦୦/- ସହ ବାର୍ଷିକ ୫,୦୦୦/- ର ବେତନବୃଦ୍ଧି, ତା' ସହିତ ରବିବାର ଓ ଛୁଟିଦିନଗୁଡ଼ିକରେ କାର୍ଯ୍ୟାଳୟକୁ ଆସିବା ପାଇଁ ଦିନ ପିଛା ୨,୫୦୦/- | ୦୩ ବର୍ଷିଆ କାର୍ଯ୍ୟକାଳର କୌଣସି ସମୟରେ ମଧ୍ୟ ୩୫ ବର୍ଷରୁ ଅଧିକ ହୋଇ ନ ଥିବା ଆବଶ୍ୟକ। |
| ୨. | ଆସିଷ୍ଟାଣ୍ଟ ୟଙ୍ଗ୍ ପ୍ରଫେସନାଲ | ଆଇସିଏଆଇ/ ଆଇସିଓଏଆଇ (ଆଇସିଏମ୍‌ଏଆଇ)/ ଆଇସିଏସ୍‌ଆଇର ଇଣ୍ଟରମିଡିଏଟ୍/ଏକ୍‌ଜିକ୍ୟୁଟିଭ୍ ସ୍ତରୀୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ବ୍ୟକ୍ତି | ମାସିକ ୪୦,୦୦୦/- ସହ ବାର୍ଷିକ ୨,୫୦୦/- ର ବେତନବୃଦ୍ଧି, ତା' ସହିତ ରବିବାର ଓ ଛୁଟିଦିନଗୁଡ଼ିକରେ କାର୍ଯ୍ୟାଳୟକୁ ଆସିବା ପାଇଁ ଦିନ ପିଛା ୨,୫୦୦/- | ୦୩ ବର୍ଷିଆ କାର୍ଯ୍ୟକାଳର କୌଣସି ସମୟରେ ମଧ୍ୟ ୩୫ ବର୍ଷରୁ ଅଧିକ ହୋଇ ନ ଥିବା ଆବଶ୍ୟକ। |

ଅଧିକ ବିବରଣୀ, ଯଥା- ଶିକ୍ଷାଗତ ଯୋଗ୍ୟତା, ଆବେଦନପତ୍ର ଦାଖଲର ପଦ୍ଧତି, ଅନ୍ୟାନ୍ୟ ସର୍ତ୍ତାବଳୀ ଇତ୍ୟାଦି ପାଇଁ ଦୟାକରି ୱେବ୍‌ସାଇଟ୍ www.mca.gov.in, www.icai.org, www.icsi.edu./career ଏବଂ icmai.in ପରିଦର୍ଶନ କରନ୍ତୁ। ଆଗ୍ରହୀ ଯୋଗ୍ୟ ପ୍ରାର୍ଥୀମାନେ ସେମାନଙ୍କର ସମ୍ପୃକ୍ତ ଅନୁଷ୍ଠାନ ଅନୁଯାୟୀ https://www.icai.org/post/career-in-icai, https://eicmai.in/Recruitment/index.aspx ଏବଂ https://stimulate.icsi.edu/RECRUITMENTରେ ଅନ୍‌ଲାଇନରେ ଆବେଦନ କରିବା ଜରୁରୀ। ନିଜର ଆବଶ୍ୟକତା ଅନୁସାରେ ବିଜ୍ଞାପିତ ପଦବୀଗୁଡ଼ିକର ସଂଖ୍ୟାକୁ ବୃଦ୍ଧି/ହ୍ରାସ କରିବା କିମ୍ବା ପଦବୀକୁ ଆଦୌ ପୂରଣ ନ କରିବାର ଅଧିକାର କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ନିକଟରେ ସଂରକ୍ଷିତ।

**ଆବେଦନ ପ୍ରାପ୍ତ କରିବାର ଶେଷ ତାରିଖ: ୩୦ ଅକ୍ଟୋବର, ୨୦୨୫**

ସ୍ୱା./- କମ୍ପାନୀ ନିବନ୍ଧକ
କେନ୍ଦ୍ରୀୟ ନିବନ୍ଧନ କେନ୍ଦ୍ର

CBC 07123/11/0417/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଦିବ୍ୟାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ହୀରାକୁଦ ପାୱାର ଓ ସ୍ମେଲ୍ଟର, ଆଦିତ୍ୟ ଆଲୁମିନାକୁ ଇଏସ୍‌ଜି ପୁରସ୍କାର



ଭୁବନେଶ୍ୱର,୧୦।୧୦(ଅନୁରାଧା ମହାରଣା) ଆଦିତ୍ୟ ବିର୍ଲା ଗ୍ରୁପର ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଅନ୍ତର୍ଗତ ହୀରାକୁଦ ପାୱାର ଓ ସ୍ମେଲ୍ଟର ଏବଂ ଆଦିତ୍ୟ ଆଲୁମିନିୟମ ୟୁନିଟ ରାଜ୍ୟରେ ସଷ୍ଟେନେବିଲିଟି କ୍ଷେତ୍ରରେ ପରିଚାଳନାଗତ ଶ୍ରେଷ୍ଠତମ ପ୍ରଦର୍ଶନ ପାଇଁ ପୁରସ୍କୃତ ହୋଇଛନ୍ତି। ଉଭୟ ୟୁନିଟ୍ ସଷ୍ଟେନେବିଲିଟି କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିଥିବାରୁ ଗୋଲ୍ଡ ଏବଂ ସିଲ୍‌ଭର ଆୱାର୍ଡ ହାସଲ କରିଛନ୍ତି। ପ୍ରତିଷ୍ଠିତ ସଂସ୍ଥା ଅନ୍ତର୍ଜାତୀୟ ବକ୍ସାଇଟ, ଆଲୁମିନା ଓ ଆଲୁମିନିୟମ ସୋସାଇଟି (ଆଇବିଏଏସ୍) ଓ ସେଟିଜିଓନ ଭେରିଫିକା ତରଫରୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଭୁବନେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଏହି ପୁରସ୍କାର ହସ୍ତାନ୍ତର କରାଯାଇଛି। ଆଦିତ୍ୟ ଆଲୁମିନିୟମକୁ ଗୋଲ୍ଡ ବିଭାଗରେ ପୁରସ୍କୃତ କରାଯାଇଥିବା ସ୍ଥଳେ ହୀରାକୁଦ ପାୱାର ଓ ସ୍ମେଲ୍ଟରକୁ ସିଲଭର ବିଭାଗରେ ଉପସ୍ଥିତ ଅତିଥି ଆଇବିଏଏସ୍ ନିର୍ଦ୍ଦେଶକ ମାର୍କ ଅନଦେଲ ସମ୍ମାନିତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କ୍ୟାଥେରିନ ଜନସନ, ଇଣ୍ଡିପେଣ୍ଡେଣ୍ଟ କନ୍‌ସଲଟାଣ୍ଟ, ଆଇବିଏଏସ୍ ସଭାପତି ଅଧ୍ୟକ୍ଷ ଅଶୋକ ନନ୍ଦୀ, ନାଲ୍‌କୋ ପୂର୍ବତନ ନିର୍ବାହୀ ନିର୍ଦ୍ଦେଶକ ପ୍ରଦୀପ ଚୌଧୁରୀ, ସେଟିଜିଓନର ପରିଚାଳନା ନିର୍ଦ୍ଦେଶକ ଗଙ୍ଗା ସି. ଶର୍ମା ଯୋଗଦେଇଥିବା ବେଳେ ଆଦିତ୍ୟ ଆଲୁମିନିୟମ ୟୁନିଟ ମୁଖ୍ୟ ଜଗନ୍ନାଥ ପ୍ରସାଦ ନାୟକ, ହିଣ୍ଡାଲ୍‌କୋ ହୀରାକୁଦ ୟୁନିଟ ପରିବେଶ ବିଭାଗର ସାଧାରଣ ପରିଚାଳକ ରଞ୍ଜନ ଜେନା, ହିଣ୍ଡାଲ୍‌କୋ ଉପସଭାପତି ପ୍ରତାପ ସାହୁ, ଏଭିପି ସୌଭାଗ୍ୟ ତ୍ରିପାଠୀ ପ୍ରମୁଖ କମ୍ପାନୀ ପକ୍ଷରୁ ଉପସ୍ଥିତ ରହି ଏହାକୁ ଗ୍ରହଣ କରିଥିଲେ। ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଅନ୍ତର୍ଗତ ପରିଚାଳିତ ଏହାର ସମସ୍ତ ୟୁନିଟ କଡ଼ାକଡ଼ି ଭାବେ ସଷ୍ଟେନେବିଲିଟି ମାନଦଣ୍ଡକୁ ଅନୁସରଣ କରିଥିବାବେଳେ ଆଦିତ୍ୟ ଆଲୁମିନିୟମ ଓ ହୀରାକୁଦ ପାୱାର ଏବଂ ସ୍ମେଲ୍ଟର୍ ପକ୍ଷରୁ ଦୀର୍ଘସ୍ଥାୟୀ ପରିବେଶ ପରିଚାଳନା, ଉର୍ଜା ସଂରକ୍ଷଣ ଓ ଠିକ୍ ବ୍ୟବହାର ଏବଂ ଦାୟିତ୍ୱବାନ କର୍ପୋରେଟ ନାଗରିକ ଭାବେ ଏହାର ସମାଜ ଦାୟିତ୍ୱବୋଧ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ତ୍ୱରିତ କାର୍ଯ୍ୟକାରୀ କରିବା ଦିଗରେ ଅଗ୍ରଣୀ ଭୂମିକା ନିର୍ବାହ କରିଛି।


## ୨ୟ ଜନ୍ମଦିନ ଶୁଭେଚ୍ଛା



ଦିବ୍ୟାଂଶୁ

ଆଜି ତୋର ଦ୍ୱିତୀୟ ଜନ୍ମଦିନ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରିବା ସହ କୋଟି ଆୟୁଷ ପ୍ରଦାନ କରନ୍ତୁ।
ଶୁଭକାମନା ସହ: ବାବା, ମାମା ଓ ସମସ୍ତ ପରିବାରବର୍ଗ।
ଧ-୭୬୮୬୪



## ଡିଲିଟ୍ ଉପାଧି ଲାଭ



ରୋଲାଣ୍ଡ ବୈଷୟିକ ଶିକ୍ଷା ଅନୁଷ୍ଠାନ, ବ୍ରହ୍ମପୁର ବ୍ୟବସାୟ ପ୍ରଶାସନ ବିଭାଗର ପ୍ରଫେସର ଡ଼ା. ଶାନ୍ତନୁ କୁମାର ଦାଶଙ୍କୁ ଉତ୍ତର ପ୍ରଦେଶର ବୀର ବାହାଦୁର ସିଂହ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ, ଜୋନ୍‌ପୁର (ନାକ ଦ୍ୱାରା ଏଗ୍ରେଡ ମାନ୍ୟତାପ୍ରାପ୍ତ) ଦ୍ୱାରା ଡକଟରେଟ ଅଫ ଲିଟରେଚର (ଡ଼ି.ଲିଟ୍) ଉପାଧି ଦିଆଯାଇଛି। ତାଙ୍କର ଗବେଷଣା ନିବନ୍ଧ EFFECTS OF CORPORATE SOCIAL RESPONSIBILITY ON CONSUMERS RETANTION : A STUDY OF PROFESSIONAL STUDENTS OF ODISHA ସାହା ପ୍ରଫେସର ମାନସ ପାଣ୍ଡେଙ୍କ ମାର୍ଗଦର୍ଶନରେ ସମାପ୍ତ ହୋଇଥିଲା। ଏହି ଅଧ୍ୟୟନରେ କର୍ପୋରେଟ୍ ସୋସିଏଲ ରେସ୍‌ପନ୍‌ସିବିଲିଟି (ସିଏସଆର୍)ର ଗ୍ରାହକ ଅଟୁଟତା (Consumer Retention) ଉପରେ ପ୍ରଭାବକୁ ଅନୁସନ୍ଧାନ କରାଯାଇଥିଲା। ବିଶେଷ କରି ଓଡ଼ିଶାର ବୃତ୍ତିଗତ ଛାତ୍ରଛାତ୍ରୀଙ୍କ ପ୍ରସଙ୍ଗରେ। ଏହି ଅଧ୍ୟୟନ ବ୍ୟବସାୟ ଗୁଡିକୁ ମୁଖ୍ୟ ସନ୍ଦେଶ ଦେଇଛି ଯେ ସୂଚିତ ଓ ରୂପାନ୍ତରିତ କାର୍ଯ୍ୟକଳାପ ଗ୍ରାହକଙ୍କ ସହିତ ଦୀର୍ଘକାଳୀନ ସମ୍ପର୍କ ଉପରେ ସକାରତ୍ମକ ପ୍ରଭାବ ପକାଇଥାଏ। ଉତ୍ତର ପ୍ରଦେଶ ସରକାରଙ୍କ ଉଚ୍ଚ ଶିକ୍ଷା ମନ୍ତ୍ରୀ ଶ୍ରୀ ଯୋଗେନ୍ଦ୍ର ଉପାଧ୍ୟାୟ, ରାଜ୍ୟମନ୍ତ୍ରୀ ଶ୍ରୀମତୀ ରଜନୀ ତିୱାରୀ, ରିଲାଇନସ୍ ଜିଓର ସଭାପତି ଶ୍ରୀ ସୁନିଲ ଦତ୍ତ ଓ କୁଳପତୀର ପ୍ରଫେସର ବନ୍ଦନା ସିଂ ଙ୍କ ଉପସ୍ଥିତରେ ଏହି ଉପାଧିକୁ ଉତ୍ତରପ୍ରଦେଶର ମହାମହିମ ରାଜ୍ୟପାଳ ଶ୍ରୀମତୀ ଆନନ୍ଦୀବେନ୍ ପଟେଲ ବିଶ୍ୱବିଦ୍ୟାଳୟର ୨୯ତମ ସମାବର୍ତ୍ତନ ସମାରୋହର ୭ ଅକ୍ଟୋବର ୨୦୨୫ ତାରିଖରେ ପ୍ରଦାନ କରିଥିଲେ।। ଡ଼ା. ଶାନ୍ତନୁ କୁମାର ଦାଶ ଗଞ୍ଜାମ ଜିଲ୍ଲା ଗୋଲପଖାର ସୁନାମଧନ୍ୟ ଶିକ୍ଷକ ସ୍ୱର୍ଗତ ରମେଶ ଚନ୍ଦ୍ର ଦାଶଙ୍କ କନିଷ୍ଠ ପୁତ୍ର ଅଟନ୍ତି। ତାଙ୍କ ଏହି ସଫଳତା ପାଇଁ ଶ୍ରୀ ଦାଶ ରୋଲାଣ୍ଡ ଇନିଷ୍ଟିଚ୍ୟୁଟର ସମସ୍ତ ସହକର୍ମୀ, ପରିବାର ବର୍ଗ ଏବଂ ତାଙ୍କ ଏହି ଯାତ୍ରାରେ ସହଯୋଗ କରିଥିବା ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।
ଧ-୨୨୩୨


# ୫୦ ହଜାର କୋଟି ନିବେଶ କରିବ ଆଦିତ୍ୟ ବିର୍ଲା ଗ୍ରୁପ୍

ଭୁବନେଶ୍ୱର,୧୦।୧୦ (ଅନୁରାଧା ମହାରଣା) ଆଦିତ୍ୟ ବିର୍ଲା ଗ୍ରୁପ ଓଡ଼ିଶାରେ ଏଯାଏ ପ୍ରାୟ ୪୦,୦୦୦ କୋଟି ଟଙ୍କା ନିବେଶ କରିଥିବାବେଳେ ଆଗାମୀ ଦିନରେ ୫୦ ହଜାର କୋଟି ଟଙ୍କା ନିବେଶ କରିବାର ଯୋଜନା ରହିଛି। କିଟ୍ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ବିକଶିତ ଭାରତ ୨୦୪୭ ଓ ବିକଶିତ ଓଡ଼ିଶା ୨୦୩୬ ବିଷୟବସ୍ତୁ ସମ୍ପର୍କିତ ଦିନିକିଆ ସମ୍ମିଳନୀ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ଅର୍ଦ୍ଧେନ୍ଦୁ ମହାପାତ୍ର ଅତିଥିଭାବେ ଯୋଗଦେଇ କହିଛନ୍ତି। ଅନୁଷ୍ଠିତ ସମ୍ମିଳନୀରେ ଓଇଆର୍‌ସି ସଭାପତି ପ୍ରଦୀପ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅତିରିକ୍ତ ମୁଖ୍ୟ ସଚିବ (ଶିଳ୍ପ, ସୂଚନା ଓ ଲୋକସମ୍ପର୍କ ବିଭାଗ) ହେମନ୍ତ ଶର୍ମା, ଓଏସ୍‌ଏଫ୍‌ସି ଅଧ୍ୟକ୍ଷ ଡା. ଅରୁଣ କୁମାର ପଣ୍ଡା, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର କର୍ପୋରେଟ ଆଫେୟାର୍ସର ପ୍ରେସିଡେଣ୍ଟ ଅର୍ଦ୍ଧେନ୍ଦୁ ମହାପାତ୍ର, ପୂର୍ବତନ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଡା. ତପନ କୁମାର ଚାନ୍ଦ ପ୍ରମୁଖ ସମ୍ମିଳନୀରେ ଅତିଥି ଭାବେ ଯୋଗ ଥିଲେ। କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଅର୍ଦ୍ଧେନ୍ଦୁ ମହାପାତ୍ର କହିଥିଲେ, ଆଦିତ୍ୟ ବିର୍ଲା ଗ୍ରୁପ ଓଡ଼ିଶାରେ ଏଯାଏ ପ୍ରାୟ ୪୦,୦୦୦ କୋଟି ଟଙ୍କା ନିବେଶ କରିଛି। ଏଥିରେ ଆଲୁମିନିୟମ ଶିଳ୍ପ, ଖଣିଜ ପଦାର୍ଥ, ସିମେଣ୍ଟ, ରସାୟନ ଓ ବସ୍ତ୍ର ଉଦ୍ୟୋଗ ଆଦି ରହିଛି। ଏହା ମାଧ୍ୟମରେ ଓଡ଼ିଶାରେ ପ୍ରାୟ ୩୦,୦୦୦ ଯୁବ ପ୍ରତିଭାଙ୍କୁ ସିଧାସଳଖ ଚାକିରି ପ୍ରଦାନ କରାଯାଇଛି। ଏଥିମଧ୍ୟରୁ ୮୨% କର୍ମଚାରୀ ଓଡ଼ିଶାରୁ ବୋଲି ସେ ସୂଚନା ଦେଇଥିଲେ। ତେବେ ଆଗାମୀ ଦିନରେ ରାଜ୍ୟରେ ଆଦିତ୍ୟ ବିର୍ଲା ଗ୍ରୁପ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଶିଳ୍ପ ସ୍ଥାପନ ନିମନ୍ତେ ୫୦ ହଜାର କୋଟି ଟଙ୍କା ନିବେଶ ପାଇଁ ଯୋଜନା ରହି ଥିବାବେଳେ ଏହା ରାଜ୍ୟରେ ନୂତନ ଭାବେ ୧୫,୦୦୦ ନିଯୁକ୍ତି ସୃଷ୍ଟି କରିବ, ଯାହା କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକସ୍ଥିତ କଂସାରିଗୁଡାରେ ଏକ ନୂତନ ଭାବେ ଆଲୁମିନା ରିଫାଇନେରି ୟୁନିଟ ସ୍ଥାପନ, ଲାପଙ୍ଗା ଠାରେ ଆଦିତ୍ୟ ଆଲୁମିନିୟମ ୟୁନିଟ ସମ୍ପ୍ରସାରଣ ଓ ସମ୍ବଲପୁର ଜିଲାରେ ଏଫ୍‌ଆର୍‌ପି ପ୍ଲାଣ୍ଟ ଉନ୍ନତୀକରଣ ହେବା ନେଇ ଯୋଜନା ରହିଛି। ଏଥିସହିତ ମହାପାତ୍ର କହିଛନ୍ତି ଯେ, ସିଏସ୍‌ଆର୍ କାର୍ଯ୍ୟକ୍ରମ ଅନ୍ତର୍ଗତ ଶିଳ୍ପ ପ୍ରତିଷ୍ଠାନ ଦ୍ୱାରା ପ୍ରଭାବିତ ଓ ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳରେ ଲୋକଙ୍କ ଆର୍ଥିକ ଓ ସାମାଜିକ ସଶକ୍ତକରଣରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ସମ୍ବଲପୁର ଓ ରାୟଗଡ଼ା ଜିଲାରେ ପ୍ରତିଷ୍ଠିତ ୟୁନିଟ ଦ୍ୱାରା ଅଞ୍ଚଳରେ ଲୋକଙ୍କ ଜୀବନମାନ ଉନ୍ନତ ହୋଇଛି। ଆଦିତ୍ୟ ବିର୍ଲା ଗ୍ରୁପର ଶିକ୍ଷାନୁଷ୍ଠାନ ପାଇଁ ରାୟଗଡ଼ା ଜିଲାରେ ସମଗ୍ର ବିକାଶ ତଥା ବିଶେଷ ଭାବେ କାଶୀପୁର ଅଞ୍ଚଳରେ ଲୋକମାନଙ୍କ ସାମାଜିକ ଓ ଆର୍ଥିକ ସ୍ଥିତି ଉନ୍ନତ ହୋଇଥିବା ସେ କହିଛନ୍ତି।

# ଜିଓ ଗେମସ୍ ଆପ୍‌ରେ ହାଇ ଏଣ୍ଡ ଅନଲାଇନ ଗେମ

ଭୁବନେଶ୍ୱର,୧୦।୧୦ ଜିଓ ଅଧ୍ୟକ୍ଷ ଆକାଶ ଅମ୍ବାନୀ ଅନଲାଇନ ଗେମିଂ ଶିଳ୍ପକୁ ସମ୍ପୂର୍ଣ୍ଣ ରୂପାନ୍ତରିତ କରିବାକୁ ପ୍ରସ୍ତୁତ ଥିବାବେଳେ। ଜିଓ କ୍ଲାଉଡ ଗେମିଂ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଅନଲାଇନ କ୍ଲାଉଡ ଗେମ ଖେଳିବା ପାଇଁ, ବ୍ୟବହାରକାରୀମାନଙ୍କୁ କେବଳ ଏକ ଭଲ ଇଣ୍ଟରନେଟ ସଂଯୋଗ ଏବଂ ଜିଓ ଗେମସ୍ ଆପ ଆବଶ୍ୟକ। କିଛି ଡାଉନଲୋଡ ନକରି ଲାପଟପ, ବ୍ୟକ୍ତିଗତ କମ୍ପ୍ୟୁଟର, ସ୍ମାର୍ଟଫୋନ, ଜିଓ ସେଟ-ଟପ ବକ୍ସ ଏବଂ ୱେବ ବ୍ରାଉଜରରେ ଗେମିଂ କରାଯାଇପାରିବ। କେବଳ ଏକ ଗେମ ଚୟନ କରି ଖେଳିବା ଆରମ୍ଭ କରିପାରିବେ। ଟେକ୍କେନ୍ସେଭେନ, ଏଲଡେନ, ଏବଂ ରିଙ୍ଗ ପରି ଟ୍ରିପଲ-ଏ ଟାଇଟଲ ଏବେ ଜିଓ କ୍ଲାଉଡ ମାଧ୍ୟମରେ ଖେଳିପାରିବେ। ଗେମର୍ସ ମାନେ ୨୮ ଦିନର ବୈଧତା ସହିତ ୨୯୮ ଟଙ୍କାରେ ଜିଓ ଗେମ୍ସ ଆପ ପ୍ଲାନ ପାଇପାରିବେ। ଜିଓ ଗେମ୍ସର ସବସ୍କ୍ରାଇବ କରିବା ଦ୍ୱାରା ସେମାନେ ଜିଓ ଗେମ୍ସରେ ଉପଲବ୍ଧ ୫୦୦ଟି ଅନଲାଇନ ଗେମ ଖେଳିପାରିବେ।

# ମନୋହରପୁର କୋଲ ମାଇନ ପ୍ରକଳ୍ପରେ ଓସିପିଏଲ୍‌ର ସମୀକ୍ଷା



ଭୁବନେଶ୍ୱର,୧୦।୧୦ ଓସିପିଏଲ୍‌ର ମନୋହରପୁର କୋଲ ମାଇନ ପ୍ରକଳ୍ପ ପରିସରରେ ଓଡ଼ିଶା କୋଲ ଏଣ୍ଡ ପାୱାର୍ ଲିମିଟେଡ (ଓସିପିଏଲ), ଡାଇରେକ୍ଟୋରେଟ ଜେନେରାଲ ଅଫ ମାଇନ୍ସ ସେଫଟି (ଡିଜିଏମ୍‌ଏସ୍) ଏବଂ ମାଇନ୍ ଅପରେଟର୍ ବିଜିଆର୍ ମାଇନିଂ ଏଣ୍ଡ ଇନ୍‌ଫ୍ରା ଲିମିଟେଡ୍‌ଙ୍କ ମିଳିତ ଉଦ୍ୟମରେ ନିକଟରେ ପ୍ରଥମ ତ୍ରିପକ୍ଷୀୟ ସୁରକ୍ଷା ସମୀକ୍ଷା ସଭା ଆୟୋଜିତ ହୋଇଥିଲା। ଡିଜିଏମ୍‌ଏସ୍‌ର ଉପ ମହାନିର୍ଦ୍ଦେଶକ ଡ. ଶ୍ୟାମ ସୁନ୍ଦର ପ୍ରସାଦ (ସାଉଥ ଇଷ୍ଟର୍ନ ଜୋନ, ରାଞ୍ଚି) ଏହି ସଭାରେ ଅଧ୍ୟକ୍ଷତା କରିଥିଲେ ଏବଂ ଭୁବନେଶ୍ୱର ଜୋନ-୨ର ଖଣି ବିଭାଗ ଏବଂ ଦକ୍ଷିଣ ପୂର୍ବ ଜୋନ, ରାଞ୍ଚିର ମେକାନିକାଲ ଓ ବୈଦ୍ୟୁତିକ ବିଭାଗର ବରିଷ୍ଠ ଡିଜିଏମ୍‌ଏସ୍ ଅଧିକାରୀମାନେ ଯୋଗ ଦେଇଥିଲେ। ସୁରକ୍ଷା ସମୀକ୍ଷା ସଭାରେ ଖଣିର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା, ଆଇନଗତ ଅନୁପାଳନ ଏବଂ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଓସିପିଏଲ ଓ ବିଜିଆର୍ ମାଇନିଂ ମିଳିତ ଭାବରେ ନିଜ ଖଣି କାର୍ଯ୍ୟରେ ସର୍ବୋଚ୍ଚ ସୁରକ୍ଷା ମାନଦଣ୍ଡକୁ ଅନୁସରଣ କରିବା ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ପୁନଃବ୍ୟକ୍ତ କରିଥିଲେ। ସଭା ଶେଷରେ ଡିଜିଏମ୍‌ଏସ୍ ଅଧିକାରୀମାନଙ୍କ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦିଆଯାଇଥିଲା ଓ ଏପରି ସୁରକ୍ଷା ସମୀକ୍ଷା ସଭାର ନିୟମିତ ଭାବରେ ଆୟୋଜନ କରିବା ପାଇଁ ସର୍ବସମ୍ମତି ପ୍ରକାଶ ପାଇଥିଲା।

# ଟାଇମସ୍ ଗ୍ରୁପ୍ ଇଟି ନାଓ ପକ୍ଷରୁ ଅରୁନ୍ଧତୀ ଜୁଏଲର୍ସ ସମ୍ମାନିତ



ଭୁବନେଶ୍ୱର,୧୦।୧୦ ଟାଇମସ୍ ଗ୍ରୁପ୍ ଇଟି ନାଓ ପକ୍ଷରୁ ଅନୁଷ୍ଠିତ ସମ୍ମାନଜନକ ଟପ୍ ୫୦ ଜୁଏଲେରି ବ୍ରାଣ୍ଡ ଅଫ୍ ଇଣ୍ଡିଆ ୨୦୨୫ ପୁରସ୍କାରରେ ଅରୁନ୍ଧତୀ ଜୁଏଲର୍ସଙ୍କୁ ମୁମ୍ବାଇଠାରେ ସମ୍ମାନିତ କରାଯାଇଛି। ଦୀର୍ଘ ୨୫ ବର୍ଷ ଧରି ରାଜ୍ୟ ଅଳଙ୍କାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଯୋଗୁ ଅରୁନ୍ଧତୀ ଜୁଏଲର୍ସଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ମୁମ୍ବାଇସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ସରକାରଙ୍କ ପୂର୍ବତନ ମୁଖ୍ୟ ଶାସନ ସଚିବ ସୀତାରମା କୁନ୍ତେ ଅରୁନ୍ଧତୀ ଗ୍ରୁପର ନିର୍ଦ୍ଦେଶକ ପ୍ରତୀକ ମେହେରଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଥିଲେ। ଏହି ଅବସରରେ ପୁନମ୍ ସୋନୀ ସିଗ୍ନେଚର ଲେନ୍‌ର ପ୍ରତିଷ୍ଠାତା ପୁନମ୍ ସୋନୀ, କ୍ୟାରେଟଲେନ୍‌ର ସହ ପ୍ରତିଷ୍ଠାତା ତଥା ସିଜିଓ ଗୁରୁକିର୍ତ୍ତୀ ଗୁରୁନାଥନ୍, ଗୋଲ୍ଡପ୍‌ର ଗ୍ଲୋବାଲ୍ ସିଇଓ ତଥା ସହ ପ୍ରତିଷ୍ଠାତା ଅହମଦ୍ ଅଫତାବ୍ ନକବି ପ୍ରମୁଖ ଯୋଗଦେଇଥିଲେ। ସୂଚନାଥାଉ କି, ୨୦୦୦ ମସିହାରୁ ଆରମ୍ଭ ହୋଇଥିବା ଅରୁନ୍ଧତୀର ଏହି ଯାତ୍ରା ଦୀର୍ଘ ୨୫ବର୍ଷ ଧରି ଓଡ଼ିଶାର ଉତ୍କର୍ଷ, ଐତିହ୍ୟ, ପରମ୍ପରାରେ ଭରା ସୂକ୍ଷ୍ମ କାରୁକାର୍ଯ୍ୟ ସହ ଆଧୁନିକ ଗହଣା ଡିଜାଇନର ସମ୍ମିଶ୍ରଣରେ ପ୍ରସ୍ତୁତ ଅର୍କ, ଅମେୟ, ଅର୍ଘ୍ୟ ଭଳି ବିଶ୍ୱସ୍ତରୀୟ ଡିଜାଇନ ଓଡ଼ିଶାବାସୀଙ୍କୁ ପ୍ରଦାନ କରିଛି। ଗୋଟିଏ ବର୍ଷ ଭିତରେ ଅନେକ ଜାତୀୟ ତଥା ଅନ୍ତର୍ଜାତୀୟ ପୁରସ୍କାରରେ ସମ୍ମାନିତ ହୋଇ ଓଡ଼ିଶା ତଥା ଭାରତ ବର୍ଷ ପାଇଁ ଗୌରବ ଆଣିପାରିଛି। ଆଗାମୀ ଦିନରେ ଅରୁନ୍ଧତୀ ନିଜ କର୍ତ୍ତବ୍ୟ ପରାୟଣଭାବକୁ ବଜାୟ ରଖିବା ସହ ଓଡ଼ିଶା ଓ ଓଡ଼ିଆ ଜାତି, ଐତିହ୍ୟକୁ ସର୍ବଦା ଉନ୍ନତି ପଥରେ ଅଗ୍ରସର କରିବା ପାଇଁ କାର୍ଯ୍ୟ ଜାରି ରଖିବେ ବୋଲି ପ୍ରତୀକ ମେହେର କହିଛନ୍ତି।

# ମାଲାବାର ପକ୍ଷରୁ ଦୀପାବଳି ଅଫର୍ ଘୋଷଣା



ଅନୁଗୋଳ,୧୦।୧୦(ଦିବ୍ୟଶାନ୍ତନୁ ନାଥ) ଅନୁଗୋଳସ୍ଥିତ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ଶୋ'ରୁମ ପକ୍ଷରୁ ଧନତେରସ ଓ ଦୀପାବଳି ଅଫର ଶୁକ୍ରବାର ଘୋଷଣା କରାଯାଇଛି। ଏହି ଅଫର ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ମାଲାବାର ପକ୍ଷରୁ ଗ୍ରାହକମାନଙ୍କୁ ସୁନା ଅଳଙ୍କାର, ମୂଲ୍ୟବାନ ପଥର ଓ ଅନକଟ୍ ଡାଇମଣ୍ଡ ଅଳଙ୍କାରର ଗଢ଼ା ମଜୁରିରେ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯିବ। ସେହିପରି ହୀରା ମୂଲ୍ୟ ଉପରେ ୩୦% ପର୍ଯ୍ୟନ୍ତ ରିହାତି ଓ ଏସ୍‌ବିଆଇ କ୍ରେଡିଟ କାର୍ଡରେ ୨୫୦୦ ଟଙ୍କାର କ୍ୟାଶବ୍ୟାକ ଦିଆଯିବ। କ୍ରୟ ଅଭିଜ୍ଞତାକୁ ଆହୁରି ଫଳପ୍ରଦ କରିବାକୁ ଧନତେରସ ପାଇଁ ଅଗ୍ରୀମ ବୁକିଂ କଲେ ଗୋଟିଏ ରୁପା ମୁଦ୍ରା ପ୍ରଦାନ କରାଯିବ। ଗ୍ରାହକମାନେ ମୋଟ ମୂଲ୍ୟର ୧୦% ଦେଇ ସେମାନଙ୍କ ଅଳଙ୍କାର ବୁକ୍ କରିପାରିବେ ଓ ପୂଜା ମୂଲ୍ୟ ବୃଦ୍ଧିକୁ ମଧ୍ୟ ସୁରକ୍ଷିତ ରଖିପାରିବେ ବୋଲି କୁହାଯାଇଛି। ପାର୍ବଣ ଅଫର ଘୋଷଣା ସମୟରେ ମାଲାବାର ଷ୍ଟୋର ମ୍ୟାନେଜର ୟୁନୁସ ଘାନି, ମ୍ୟାନେଜମେଣ୍ଟ ପ୍ରଫୁଲ୍ଲ କିରନ ଓ ମାର୍କେଟିଂ ମ୍ୟାନେଜର ଦେବୀପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

# ଏକ ଜିଲା ଏକ ଉତ୍ପାଦ କ୍ଷମତା ବିକାଶ କର୍ମଶାଳା



ଭୁବନେଶ୍ୱର,୧୦।୧୦ (ଅନୁରାଧା ମହାରଣା) ଏକ ଜିଲା ଏକ ଉତ୍ପାଦ (ଓଡିଓପି) ପଦକ୍ଷେପ ଉତ୍ପାଦକଙ୍କ ଜୀବନ-ଜୀବିକାକୁ ସମୃଦ୍ଧ କରୁଛି। ସନ୍ତୁଳିତ ଆଞ୍ଚଳିକ ବିକାଶ ସହ ସମସ୍ତ ଜିଲାର ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ଏହା ଲକ୍ଷ୍ୟ ରଖିଛି ବୋଲି ଏକ ଜିଲ୍ଲା ଏକ ଉତ୍ପାଦ କ୍ଷମତା ବିକାଶ କର୍ମଶାଳାରେ ଆଜି ଏହି ମତ ପ୍ରକାଶ ପାଇଛି। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଅଧୀନ ରପ୍ତାନି ପ୍ରୋତ୍ସାହନ ଏବଂ ବିପଣନ ନିର୍ଦ୍ଦେଶାଳୟ ଦ୍ୱାରା ସ୍ଥାନୀୟ ଲୋକସେବା ଭବନ କନଭେନସନ ସେଣ୍ଟର୍ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଆରମ୍ଭରେ ରପ୍ତାନି ପ୍ରୋତ୍ସାହନ ଏବଂ ବିପଣନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରତ୍ୟେକ ଜିଲ୍ଲାର ବିଶେଷ ଉତ୍ପାଦକୁ ଚିହ୍ନଟ କରି ସେଗୁଡିକର ପ୍ରୋତ୍ସାହନ ପାଇଁ ସେ ଗୁରୁତ୍ୱାରୋପ କରିଥିଲେ। ଭୁବନେଶରସ୍ଥିତ ୱାର୍ଲ୍ଡ ଟ୍ରେଡ ସେଣ୍ଟର୍ ଆଞ୍ଚଳିକ ନିର୍ଦ୍ଦେଶିକା ନିମେଶିକା ନଟରାଜନ ରପ୍ତାନି ବୃଦ୍ଧି ଏହାର ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ। ଏମପେଡାର ଉପନିର୍ଦ୍ଦେଶକ ଅର୍ଚ୍ଚିମାନ ଲାହିରୀ ସାମୁଦ୍ରିକ ଖାଦ୍ୟର ରପ୍ତାନୀ ସୁଯୋଗ ଉପରେ ଚର୍ଚ୍ଚା କରିଥିଲେ।


# Classified Everyday 0674-2580101, 9692975378



REAL ESTATE SALE

Gharabari bounded plot 10000sqft, and 2400sqft, for sale adjacent to Meera's Courtyard at Kurunti near Kuranga footballfield, 200 mtrs, from Niali-Nakhara SH, Cuttack Sadar. Contact: 7008815552. D-76862

**Duplex sale near Aiims Hospital, Patrapada, Bhubaneswar. Gated Society: 9777433701.** D-03
**Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call- 9861642492.** D-2018

ଭୁବନେଶ୍ୱର **NISER, IIT** ଜଟଣୀ ପାଖରେ ପ୍ରସ୍ତାବିତ **BDA 200ft** ରୋଡକୁ ଲାଗି **investment** ପ୍ଲଟ୍ ପୋଜେସନ ଥାଇ **Sqft.- 650/-, 850/-** ବିକ୍ରି ହେଉଛି– **9337166296.** D-1942

**Book 3/4BHK premium flat at Jharapada canal road & Pokhariput, near Government Hospital @ 6000/- sqft. Handover December 2026. Contact- 7978584549.** D-76863

**Duplex sale near Aiims Hospital, Patrapada, Bhubaneswar. Gated Society: 9777433701.** D-03




Kerala Ayurveda Massage therapy gents/ Ladies pain relief, Bhubaneswar. 9337672475. D-2217

The massage felt totally professional & comfortable at all times-7978109255. D-76495

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

I, Goutam Nayak, S/o. Late Basanta Kumar Nayak, permanent resident of At: Palia, 47(1), P.O.: Paliabindha, Bhadrak, PIN - 756167, Odisha and presently residing at: Plot No. 593/2098, Bharat Villa, Rudrapur, Naharakanta, Bhubaneswar, Odisha - 752101 declare by this Affidavit No. 251 Dtd. 10.10.2025 that now onwards I shall be known as Goutam Kumar Nayak for all purposes. D-2227

By virtue of an affidavit No.- 783, dated- 11.09.2025 sworn before the Notary Public, Dharmasala I, Sujata Dalai wife of Dipankar Dalai permanent resident of Badanachhipur, P.O.- Khadinaga, P.S.- Badachana, Dist.- Jajpur, declare that my miner son old name Sohom Kumar Dalai changed to new name Som Prakash Dalai. Henceforth, he shall be known as Som Prakash Dalai for all purposes. D-2224

I, Sumiya Perween, D/o- Shaikh Matlub Hossain, R/o- Islamabad, P.O.- Charinangal, P.S.- Balichandrapur, Dist.- Jajpur -754292 declare by this affidavit No.- 1830, dtd.-21/05/2025 that now onwards I shall be known as SUMAIYA PERWEEN for all future purposes. D-2225

By virtue of an affidavit sworn before the Executive Magistrate, Bhubaneswar, vide CF No.- 06, dated- 16.06.2025 I, Kailash Prasad Mishra, S/o- late Ajodhyanath Mishra and late Bhagabati Mishra(mother), Village of Pankapal, P.S./ Tahasil- Kujanga, Dist.- Jagatsinghpur do hereby declared that after initiation with Iskcon. I converted as monostry and Permanently took a religious name as "Krishnagati Das (Aadhaar No.- xxxx xxxx 0025) given by Gurudev Iskcon for my identification. Hence, Kailash Prasad Mishra and Krishnagati Das is same and one person for all purpose. D-2221

By virtue of an affidavit sworn before Executive Magistrate, Puri, dated- 30.07.2025 (affidavit date) I, Eswara Raita(new name), Address: At- Tangiii, P.O.- Betarsing, P.S.- R. Udayagiri, Dist.- Gajapati, PIN Code- 761016 declare that I have changed my name from Eswar Raita(old name) to Eswara Raita(new name). Henceforth, I shall be known as Eswara Raita(new name) for all purposes.
Eswara Raita D-2231

By Virtue of an affidavit sworn before Executive Magistrate, Kutra, dated- 19-09-25 I, Binod Ekka, Address: Vill-Dahijira, P.O.- Dahijira, P.S.- Kutra, Dist.- Sundargarh, Odisha, PIN-770018 declare that I have changed the Name of my Daughter from Sagarika Kisan to Sagarika Ekka. Henceforth, She shall be known as Sagarika Ekka for all purposes.
Binod Ekka D-2229



## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ଶ୍ରୀମତୀ ସୁପ୍ରଭା ପ୍ରଧାନ
ଆବିର୍ଭାବ: ୨୦।୦୬।୧୯୬୩
ତିରୋଧାନ: ୧୦।୧୦।୨୦୨୪
(ଆଶ୍ୱିନ ଶୁକ୍ଳପକ୍ଷ ସପ୍ତମୀତିଥି)
ମା, ତୁ ଯିବାର ବରଷେ ହେଲାଣି, କିନ୍ତୁ ଏବେବି ଲାଗୁଛି ତୁ ଆମ ପାଖରେ ଅଛୁ। ତୋ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ପରୋପକାରିତା ଚିର ସ୍ମରଣୀୟ ଏବଂ ବନ୍ଦନୀୟ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି:– ପୁଅ– ବିକାଶ, ଝିଅ, ଜ୍ୱାଇଁ– ସୌମ୍ୟା ଓ ସୋମେଶ, ସ୍ୱାମୀ– ସଦାନନ୍ଦ, ପୁତୁରା, ଝିଆରୀ, ଭାଇ, ଭାଉଜ ଏବଂ ପରିବାର, ବନ୍ଧୁବାନ୍ଧବ।
ଧ-2223

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସଞ୍ଜୁଶ୍ରୀ ପଟ୍ଟନାୟକ
ତୁମର ଆକସ୍ମିକ ବିୟୋଗରେ ଘର ଆମର ଶୂନ୍ୟ, ତୁମ ଅନାବିଳ ସ୍ନେହ, ଶ୍ରଦ୍ଧା, ଭଲପାଇବା, ସରଳତା ଓ ସହିଷ୍ଣୁତା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ସବୁ ବନ୍ଧନ ତୁଟାଇ କେବଳ ଈଶ୍ୱରଙ୍କ ବନ୍ଧନରେ ତୁମେ ରହିଲ। ତୁମ ଅମର ଆତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ୱାମୀ– ଭବାନୀଶଙ୍କର ପଟ୍ଟନାୟକ, ପୁଅ, ଝିଅ, ଜ୍ୱାଇଁ, ନାତି ଓ ପରିବାରବର୍ଗ
ଧ-9999

**ସଂକ୍ଷେପରେ**

## ଜୁଆଆଡ୍ଡାରେ ଚଢ଼ାଉ, ୯ ଗିରଫ

ମୋହନା, ୧୦।୧୦(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ଥାନା ଚନ୍ଦ୍ରଗିରି ଫାଣ୍ଡି ଅଧୀନ ଲବାରସିଂ ଘଞ୍ଚ ଜଙ୍ଗଲରେ ଜୁଆ ଆଡ୍ଡାଚାଲିଥିବା ସୂଚନା ପାଇ ପୋଲିସ ଚଢ଼ାଉ କରି ୯ ଜଣଙ୍କୁ ଗିରଫ କରିଛି। ଏଠାରୁ ୧୨ ହଜାର ୨ ଶହ ଟଙ୍କା ଜବତ ହୋଇଥିବା ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି। ଲବାରସିଂ ନିକଟସ୍ଥ ଜଙ୍ଗଲରେ ଜୁଆ ଖେଳ ଚାଲିଥିବା ସୂଚନା ପାଇ ଆର.ଉଦୟଗିରି ଏସ୍‌ଡିପିଓ ସୁରେଶ ତ୍ରିପାଠୀ ଚଢାଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଚଢାଉରେ ଚନ୍ଦ୍ରଗିରି ଫାଣ୍ଡି ଅଧିକାରୀ ସୁନୀଲ ସେଠୀଙ୍କ ନେତୃତ୍ୱରେ ଜୁଆଅଡ୍ଡା ଉପରେ ଚଢାଉ କରାଯାଇଥିଲା।

## ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

ଶେରଗଡ଼.୧୦।୧୦(ସୂର୍ଯ୍ୟ ନାରାୟଣ ଦାଶ)

ଗଞ୍ଜାମ ଜିଲା ଶେରଗଡ ବ୍ଲକ ଧନନ୍ତର ଗ୍ରାମସ୍ଥିତ ନାଥେଶ୍ୱର ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଇଓ ଲକ୍ଷ୍ମୀ ନାରାୟଣ ପଣ୍ଡା ଶୁଭାରମ୍ଭ କରିଥିଲେ। ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର ନବମ, ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଯୋଗ ଦେଇ ବିଜ୍ଞାନ ସମ୍ପର୍କିତ ବିଭିନ୍ନ ବିଷୟରେ ବିଚାରକଙ୍କ ଆଗରେ ଚିତ୍ର ମାଧ୍ୟମରେ ନିଜ ମତ ରଖିଥିଲେ। ବିଚାରକ ଭାବେ ଶେରଗଡ଼ ଉଦୟ ପ୍ରତାପ କନିଷ୍ଠ ଉଚ୍ଚ ମାଧ୍ୟମିକ ବିଜ୍ଞାନ ବିଦ୍ୟାଳୟ ଅଧ୍ୟାପକ ଶିଶିରକାନ୍ତ ତ୍ରିପାଠୀ, ରୀତାରାଣୀ ସ୍ୱାଇଁ ଯୋଗଦେଇ ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରକଳ୍ପ ଓ ଧାରଣା ସମ୍ପର୍କରେ ପଚାରି ବୁଝିଥିଲେ। ମଧ୍ୟରୁ କୃତୀ ପ୍ରତିଯୋଗୀ ଭାବେ ଆଦର୍ଶ ବିଦ୍ୟାଳୟ ଛାତ୍ର ସୁଧାଂଶୁ ଶେଖର ସାହୁଙ୍କୁ ଜିଲାସ୍ତର ବିଜ୍ଞାନ ସେମିନାରକୁ ମନୋନୀତ କରାଯାଇଥିଲା। ନାଥେଶ୍ୱର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶିଶିର ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ସେମିନାରରେ ୪୦ଟି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ।

## ଶ୍ୟାମା କାଳୀପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ଆସିକା ୧୦।୧୦ (ସୁରେନ୍ଦ୍ର ନାଥ ସାହୁ) –

ଆସିକା ବ୍ଲକ ଅନ୍ତର୍ଗତ ଚିନିଶିଳ୍ପ ନୂଆଗାଁ ଗ୍ରାମରେ ଚଳିତ ମାସ ୧୯ରୁ ସପ୍ତାହେ ବ୍ୟାପୀ ମା' ଶ୍ୟାମାକାଳୀଙ୍କ ଅଷ୍ଟଦଶତମ ପୂଜା ଉତ୍ସବ ପାଳିତ ହେବ । ଏହି ଅବସରରେ ଶୁକ୍ରବାର ନୂଆଗାଁ ଗ୍ରାମର ଭଗବତ ସାହରେ ପୂଜାପାଇଁ ଶୁଭଖଣ୍ଟି ସ୍ଥାପନ କରାଯାଇଥିଲା । ବିଧିବଦ୍ଧ ପୂଜାର୍ଚ୍ଚନା ଓ ମନ୍ତ୍ରପାଠ ପରେ ଶୁଭଖୁଣ୍ଟିକୁ ପୂଜା କରାଯାଇ ପୂଜା ମଣ୍ଡପ ନିକଟରେ ସ୍ଥାପନ କରାଯାଇଥିଲା । ଶ୍ୟାମାକାଳୀ ପୂଜା ପରିଚାଳନା କମିଟି ସଭାପତି ନିରଞ୍ଜନ ନାହାକ, କାର୍ତ୍ତିକ ନାହାକ, ସନ୍ତୋଷ ପରିଡା, ରମେଶ ଜେନା, ଗ୍ରାମ ଅଧିକାରୀ ରଘୁନାଥ ପରିଡା, ସୁଦର୍ଶନ ନାହାକଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ

ଛତ୍ରପୁର,୧୦।୧୦(ସନ୍ତୋଷ ପାଢ଼ୀ/ ଦିଲ୍ଲୀପ ସାମଲ)

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଆର୍ଥିକ ସ୍ୱାକ୍ଷରତା, ବିତ୍ତିୟ ଅଧିକାର, ସାମାଜିକ ଓ ରାଜନୈତିକ ଅଧିକାର ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ ବେହେରାଙ୍କ ଅଧ୍ୟକ୍ଷତା କରିଥିଲେ। ଦେଶରେ ମହିଳା ଓ କିଶୋରୀ ମାନଙ୍କୁ ସଶକ୍ତିକରଣ କରିବା ଓ ସ୍ୱାବଲମ୍ବୀ କରିବା ନିମନ୍ତେ ସରକାର ଶିକ୍ଷା କ୍ଷେତ୍ରରେ, ଆର୍ଥିକ କ୍ଷେତ୍ରରେ ଓ ରାଜନୈତିକ କ୍ଷେତ୍ରରେ ଅନେକ ଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛନ୍ତି। ତ୍ରି ସ୍ତରୀୟ ପଞ୍ଚାୟତି ରାଜରେ ମହିଳାଙ୍କୁ ଶତକଡ଼ା ୫୦ ଭାଗ ସଂରକ୍ଷଣ ସୁବିଧା ପ୍ରଦାନ କରିଛନ୍ତି ବୋଲି ବିଜୟ କହିଛନ୍ତି। ଏହି ତାଲିମ ଶିବିର କାର୍ଯ୍ୟକ୍ରମରେ ଜିଲା




ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ସମାଜ ମଙ୍ଗଳ ଅଧିକାରୀ ବିଜୟଲକ୍ଷ୍ମୀ ବେହେରା ଯୋଗଦେଇ କହିଥିଲେ ଯେ, ମାଆ ଗର୍ଭରେ ଥିବା ଭ୍ରୂଣର ମଧ୍ୟ ସୁଷମ ଖାଦ୍ୟ ପାଇଁ ଅଧିକାର ରହିଛି। ଏଣୁ ଅଧିକାର ଭ୍ରୂଣରୁ ହିଁ ଆରମ୍ଭ ହୋଇଥାଏ। ସମାଜରେ ନାରୀ ପୁରୁଷ ସମସ୍ତେ ସମାନ ଅଧିକାର ପାଉଛନ୍ତି। ନିଜ ଉପରେ ଭରଷା ରଖିଲେ ସମସ୍ତ କାର୍ଯ୍ୟରେ ସଫଳତା ମିଳିଥାଏ। ମହିଳା ସଶକ୍ତିକରଣ ନିମନ୍ତେ ବେଟି ବଚାଓ, ବେଟି ପଢାଓ ହେଉଛି ଭାରତ ସରକାରଙ୍କ ଅଭିନବ ପ୍ରୟାସ। ଏହା ଭ୍ରୂଣ ହତ୍ୟା, ଲିଙ୍ଗ ନିରୂପଣ ରୋକିବା ନିମନ୍ତେ ମଧ୍ୟ ସହାୟକ ହୋଇ ପାରିଛ। ବ୍ଲକ୍ ବିତ୍ତିୟ ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା ଯୋଗ ଦେଇ କହିଥିଲେ ଯେ, ସରକାର ସୁକନ୍ୟା ସମୃଦ୍ଧି ଯୋଜନା, ପ୍ରଧାନମନ୍ତ୍ରୀ ଧନଜନ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଉପାର୍ଜିତ ଅର୍ଥକୁ କିପରି ସୁବିନିଯୋଗ କରାଯାଇ ପାରିବ ଓ ଭବିଷ୍ୟତ ନିମନ୍ତେ କିପରି ସଞ୍ଚୟ କରିପାରିବା ତାହା ଉପରେ ବିଶଦ ଭାବେ ବର୍ଣ୍ଣନା କରିଥିଲେ।

ଲିଡ ବ୍ୟାଙ୍କ ମ୍ୟାନେଜର ସୀମାଞ୍ଚଳ ସାହୁ, ଫାଇନାନସିଆଲ କ୍ରେଡି କାଉନସିଲର ଦିଲ୍ଲୀପ ଦଲାଇ ଓ ଦାଶରଥୀ ତ୍ରିପାଠୀ ଏହି ତାଲିମ ଶିବିରରେ ଆର୍ଥିକ ସ୍ୱାକ୍ଷରତା ଓ ରାଜନୈତିକ ଅଧିକାର ଉପରେ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ। ସେ କହିଥିଲେଯେ, ନିୟମିତ ସଞ୍ଚୟ ହେଉଛି ଗୁରୁତ୍ୱପୂର୍ଣ୍ଣ। ଯଦିଓ କୌଣସି ବ୍ୟକ୍ତି ଋଣ ଗ୍ରସ୍ତ ତଥାପି ମଧ୍ୟ ସଞ୍ଚୟ ଆରମ୍ଭ କରିବା ଉଚିତ୍। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାଶ ସାମାଜିକ ଅଧିକାର ଅନ୍ତର୍ଗତ ମହିଳା ଓ କିଶୋରୀ ମାନଙ୍କର ଶିକ୍ଷା , ନିଯୁକ୍ତି , ଆର୍ଥିକ ଗୁଡିକ ଉପରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ପ୍ରାରମ୍ଭରେ ଜିଲ୍ଲା ମହିଳା ସଶକ୍ତି କରଣ ହବର ଜିଲା ସଂଯୋଜିକା ଗୀତାଞ୍ଜଳୀ ମହାରଣା ସମସ୍ତଙ୍କୁ ସ୍ୱାଗତ କରିବା ସହ ଏହି ତାଲିମ ଶିବିରକୁ ପରିଚାଳନା କରିଥିଲେ।

## ଛୁରିରେ ଆକ୍ରମଣ, ଜଣେ ଗିରଫ

ଗୋପାଳପୁର,୧୦।୧୦(ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ଅଞ୍ଚଳର ଏକ ଗ୍ରାମରେ ମଦ୍ୟପାନକୁ କେନ୍ଦ୍ରକରି ଛୁରିରେ ଆକ୍ରମଣ କରିବା ଘଟଣାରେ ଶୁକ୍ରବାର ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସୁରଳ ଛକର ସୁନୀଲ ସାହୁ। ସୁରଳ ଛକରେ ସୁନୀଲ ଦୋକାନ କରିଥିଲେ। ଏହି ଛକର ଚୌଧୁରୀ ସାହୁ ଗତ ୮ ତାରିଖ ରାତି ୧୦ଟାରେ ଦୋକାନକୁ ଆସି ମଦ ମାଗି ପିଇଥିଲେ। ସୁନୀଲ ଟଙ୍କା ମାଗିବାରୁ ଚୌଧୁରୀ କାଲି ଦେବି ବୋଲି କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସୁନୀଲ ଏକ ଛୁରିରେ ଚୌଧୁରୀଙ୍କ ପେଟକୁ ଭୁଶି ଦେଇଥିଲେ। ଏଥିରେ ସେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତି କରିଥିଲେ। ବର୍ତ୍ତମାନ ସେ ସେଠାରେ ଚିକିତ୍ସାଧୀନ ଅଛନ୍ତି। ଚୌଧୁରୀଙ୍କ ଭାଇ ସନ୍ତୋଷ ଏନେଇ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନଂ. ୪୫୯/୨୫ ରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର ପୋଲିସ ସୁରଳ ଛକରୁ ସୁନୀଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟପକ୍ଷରେ ସୁନୀଲଙ୍କୁ ଚୌଧୁରୀଙ୍କ ସମ୍ପର୍କୀୟ ୪ ଜଣ ମିଶି ନିସ୍ତୁକ ମାଡ଼ ମାରିଥିବା ନେଇ ତାଙ୍କ ସ୍ତ୍ରୀ ଗୋଳନ୍ଥରା ଥାନା ଅଭିଯୋଗ କରିଥିଲେ। ଖବର ଲେଖା ହେବା ସୁଦ୍ଧା ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି।

## ସମସ୍ତ କାର୍ଯ୍ୟ ଯଥା ସମୟରେ ସାରିବାକୁ ପରାମର୍ଶ

ଫୁଲବାଣୀ, ୧୦।୧୦(ରାକେଶ କୁମାର ରାଉତ)

ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ଦିଶା ଅଧିବେଶନ ଅନୁଷ୍ଠିତ ହୋଇଛି। କନ୍ଧମାଳ ଏମ୍‌ପି ସୁଶାନ୍ତ କୁମାର ପାଣିଗ୍ରାହୀ ଏଥିରେ ସଭାପତିତ୍ୱ କରିଥିଲେ। ଏହି ବୈଠକ କନ୍ଧମାଳ ଜିଲାର ଉନ୍ନତି ଓ ପ୍ରଗତି ପାଇଁ ଦିଶା ଦେଖାଇବ। ଯେଉଁ କାର୍ଯ୍ୟ ସବୁ ଚାଲିଛି, ତାକୁ ନିର୍ଦ୍ଧାରିତ ସମୟରେ ସାରିବାକୁ ଏମ୍‌ପି ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ଜିଲାପାଳ ବେଦଭୂଷଣ, ଜିଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ନନ୍ଦିନୀ ମଲିକ ଜିଲାର ବିଭିନ୍ନ ବିଭାଗର ଯେପରି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ଜଳସେଚନ, ଜଙ୍ଗଲ ଓ




ସାମାଜିକ ସୁରକ୍ଷା ଇତ୍ୟାଦିର ଲୋକ କଲ୍ୟାଣ ଯୋଜନା ଗୁଡ଼ିକର ସମୀକ୍ଷା କରିବା ସହିତ ବିଭିନ୍ନ ସମସ୍ୟା ଓ ତାର ପ୍ରତିକାର ଉପରେ ଆଲୋଚନା କରିଥିଲେ। ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ନିମନ୍ତେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ନରେନ୍ଦ୍ର ନାୟକଙ୍କ ସମେତ ନିର୍ବାଚିତ ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ଶେଷ ଜୀବନ ମିଳିମିଶି ଉପଭୋଗ କରନ୍ତୁ



**ବୟସ୍କ ବ୍ୟକ୍ତିଙ୍କ ଦିବସ**

ଫୁଲବାଣୀ,୧୦।୧୦(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ପ୍ରଶାସନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପରେ ଜିଲାସ୍ତରୀୟ ବୟସ୍କ ବ୍ୟକ୍ତିଙ୍କ ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାଏକ ଯୋଗଦେଇ ବରିଷ୍ଠ ନାଗରିକମାନେ ନିୟମିତ ଯୋଗ ଓ ଚଲାବୁଲା କରି ନିଜ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ମନୋମାଳିନ୍ୟ ନ କରି ସମସ୍ତଙ୍କ ସହ ମିଳାମିଶି ଶେଷ ଜୀବନକୁ ଉପଭୋଗ କରନ୍ତୁ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷ ପାଢ଼ୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଭୂତି ଭୂଷଣ ମହାପାତ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରଣୟ ନାୟକ, ବରିଷ୍ଠ ନାଗରିକ ସଂଘ ସଭାପତି ପଦ୍ମ ଚରଣ ସ୍ୱାଇଁ, ସର୍ବେଶର ମିଶ୍ର, ବ୍ରହ୍ମ କୁମାରୀ ସବିତା ଯୋଗଦେଇ ଏହି ଦିବସ ପାଳନ ଉପରେ ନିଜ ବକ୍ତବ୍ୟ ରଖିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପି.ପଦ୍ମା ସ୍ୱାଗତ ଅଭିଭାଷଣ ଦେବା ସହିତ ଶପଥ ପାଠ କରାଇଥିଲେ। ବରିଷ୍ଠ ନାଗରିକ ନିମନ୍ତେ ଯୋଗ ଶିବିର କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ଔଷଧ ବଣ୍ଟନ ଆଦି ବ୍ୟବସ୍ଥା କରାଯାଇଥିଲା। ବିଭିନ୍ନ ବରିଷ୍ଠ ନାଗରିକମାନଙ୍କୁ ସମ୍ମାନିତ କରିବା ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗିମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଦିନେଶ କହଁର ଧନ୍ୟବାଦ ଦେଇଥିଲେ।

## ଦୌଡକୁଦ ପ୍ରତିଯୋଗିତା

ବେଲଗୁଣ୍ଠା,୧୦।୧୦(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ମଣ୍ଡଳସ୍ତରୀୟ ବିଦ୍ୟାଳୟ ସମୂହ ଦୌଡକୁଦ ପ୍ରତିଯୋଗିତାରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୋରଡା ବିଧାୟକ ନୀଳମଣି ବିଷୋୟୀ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ବେଲଗୁଣ୍ଠା ବ୍ଲକ୍ କ୍ଷତ୍ରିୟବରପୁର ନୋଡ଼ାଲ୍ ସରକାରୀ ଉଚ୍ଚ ବିଦ୍ୟାଳୟ ଷ୍ଟାଡିୟମରେ ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷାଧିକାରିଣୀ ଲୋପାମୁଦ୍ରା ରଥଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ଜିତେନ୍ଦ୍ର କୁମାର ନାୟକ, ସ୍ଥାନୀୟ ସରପଞ୍ଚ କମଳ କୁମାରୀ ପ୍ରଧାନ, ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ସାହୁ, ସୂର୍ଯ୍ୟନାରାୟଣ ସେଠୀ, ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ବିଷୋୟୀ, ରଶ୍ମିତା କୁମାରୀ ସାହୁ ପ୍ରମୁଖ ମଞ୍ଚାସୀନ ରହି କ୍ରୀଡ଼ାର ଉପକାରିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

## ଜବରଦଖଲ ଉଚ୍ଛେଦ କଲା ତୁମୁଡିବନ୍ଧ ପ୍ରଶାସନ



ତୁମୁଡିବନ୍ଧ,୧୦।୧୦(ଦୀପକ କୁମାର ପରାସେଠ)

କନ୍ଧମାଳ ଜିଲା ତୁମୁଡିବନ୍ଧ ତହସିଲ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ ପକ୍ରିୟା ଆରମ୍ଭ ହୋଇଥିବା ଶୁକ୍ରବାର ଦେଖିବାକୁ ମିଳିଛି। ତୁମୁଡିବନ୍ଧ ଆମ୍ବେଡକର ଛକ ନିକଟସ୍ଥ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ସମ୍ମୁଖରେ ସରକାରୀ ଜମି ଜବରଦଖଲ କରି ତୁମୁଡିବନ୍ଧ ନିବାସୀ ଅକ୍ଷୟ ବେହେର୍ଦଲାଇ ଘର ସହିତ ଚା ଦୋକାନ କରି ରହିଥିଲେ। ସେହିପରି କେଜିବି ଛକ ସମ୍ମୁଖ ସରକାରୀ ଜମି ଜବରଦଖଲ କରି ଶଙ୍କର ନାୟକ ଘର କରିଥିଲେ। ପୂର୍ବରୁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ସରକାରୀ ଜମି ଉପରେ ଘର କରିବା ପାଇଁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ମନା କରିଥିଲେ। ଏହା ତାଙ୍କୁ ଭାଙ୍ଗିବା ପାଇଁ କୁହାଯାଇଥିଲା। ଜବରଦଖଲକାରୀ ଏଥିରେ ବ୍ୟତିକ୍ରମ କରିବାରୁ ନିର୍ଦ୍ଦିଷ୍ଟ ତାରିଖ ଦେଇ ଭାଙ୍ଗିବାକୁ ନୋଟିସ କରାଯାଇଥିଲା। ଏହା ମଧ୍ୟ ଅମାନ୍ୟ ହେବାରୁ ବାଲିଗୁଡା ଉପ ଜିଲାପାଳଙ୍କ ନିର୍ଦ୍ଦେଶରେ କୋଟଗଡ଼ ତହସିଲଦାର ଭଳାନାଥ ମାଝି ଓ ତୁମୁଡିବନ୍ଧ ତହସିଲଦାର ଦୋଳ ଗୋବିନ୍ଦ ସାହୁ, ତୁମୁଡିବନ୍ଧ ରାଜସ୍ୱ ନିରୀକ୍ଷକ ଶୁଭେନ୍ଦୁ ସାହୁ, ପୋଲିସ ଓ ଅଗ୍ନିଶମ ବିଭାଗ ଇନ୍ସପେକ୍ଟର ଚିତ୍ତରଞ୍ଜନ ସାହୁ ଅପରାହ୍ନରେ ପହଞ୍ଚି ଜେସିବି ଲଗାଇ ଜବର ଦଖଲ ଉଚ୍ଛେଦ କରିଥିଲେ। ଉଚ୍ଛେଦ ସରିବା ପରେ ଉକ୍ତ ଜମିରେ ଘର କରିରହି ଆସୁଥିବା ପରିବାର ତୁମୁଡିବନ୍ଧ ଏବଂ ମୁନିଗୁଡାକୁ ସଂଯୋଗ କରୁଥିବା ୫ ନମ୍ବର ରାଜ୍ୟ ରାଜପଥକୁ କ୍ଷତି ପୂରଣ ଦାବିରେ ରାସ୍ତା ରୋକୋ କରିଥିଲେ। ରାସ୍ତା ବନ୍ଦ ହେବା ଫଳରେ ଏକାଧିକ ଗାଡିମୋଟର ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ଅଧଘଣ୍ଟା ପରେ ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ତେବେ ସବୁ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ତହସିଲଦାର ସାହୁ କହିଛନ୍ତି।

# ଜିଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳିତ

ପାରଳାଖେମୁଣ୍ଡି,୧୦।୧୦(ଗିରିଧାରୀ ପରିଚ୍ଛା)

ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଜିଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ –୨୦୨୫ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ପାଳିତ ହୋଇଛି। ଉପସ୍ଥିତ ୧୭୭ ବରିଷ୍ଠ ନାଗରିକ ମଧ୍ୟରୁ ୮୭ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଅତିରିକ୍ତ ଜିଲାପାଳ ଫାଲଗୁନୀ ମାଝୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର ପଣ୍ଡା ମୁଖ୍ୟଅତିଥି, ଉପ ଜିଲାପାଳ ଅନୁପ ପଣ୍ଡା ମୁଖ୍ୟବକ୍ତା, ଅତିରିକ୍ତ ଜିଲା ଜନସାସ୍ଥ୍ୟ ଅଧିକାରୀ ଡା. ଆନନ୍ଦ ସାମନ୍ତରାୟ ସମ୍ମାନିତ ବକ୍ତା,ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ହରିମୋହନ ପଟ୍ଟନାୟକ, ଉପଦେଷ୍ଟା ବିନୋଦ ଚନ୍ଦ୍ର ଜେନା, ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥି, ଭାବେ ଯୋଗ ଦେଇଥିଲେ। ଆବାହକ ଏଲ.ସନ୍ତୋଷ କୁମାର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିବରଣୀ ପାଠ କରିଥିଲେ । ୫ ଜଣ ବରିଷ୍ଠ ନାଗରିକ




ନିବେଦିତା ରଥ, ଆଶାଲତା ପାଣିଗ୍ରାହୀ, ଅଶ୍ୱିନୀ ପାଢୀ, ପିନାକୀ ପ୍ରସାଦ ଜେନା ଓ ଜଗଦୀଶ ଚନ୍ଦ୍ର ମହାପାତ୍ରଙ୍କୁ ସମାଜସେବା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ପାରଳାଖେମୁଣ୍ଡି ପୌର ପରିଷଦର ବୟୋଜ୍ୟେଷ୍ଠ ବ୍ୟକ୍ତି ରାଧିକାମଣୀ ପଣ୍ଡାଙ୍କୁ ତାଙ୍କ ବାସଭବନରେ ସମ୍ବର୍ଦ୍ଧିତ କରାଯାଇଥିଲା ।

**ମୋହନା, (ମନ୍ମଥ ମିଶ୍ର):** ମୋହନା କଲ୍ୟାଣ ମଣ୍ଡପରେ ବ୍ଲକ ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଜିତ ନାୟକଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମରେ ବ୍ଲକର ଶତାଧିକ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ । ଯୋଗ ଶିବିରରେ ଯୋଗ ଶିକ୍ଷକ ବାବୁଲା ସେଠୀ ବରିଷ୍ଠ ନାଗରିକଙ୍କୁ ଯୋଗ ଓ ପ୍ରାଣାୟାମ ଶିକ୍ଷା ଦେଇଥିଲେ। ସେହିପରି ମୋହନା ମେଡିକାଲ ଡାକ୍ତର ଅମୃତରାଜ ଜେନା, ଡାକ୍ତର ଆଶୁତୋଷ ପ୍ରଧାନ ଓ ଡାକ୍ତର ଗୋପାଳ ସାହୁଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ଶିବିର ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ବାଲ୍ମୀନା ଅଧିକାରୀ ସମ୍ମାନିତ ଅତିଥି ଜିପିଓ ଦୀପକ ପ୍ରଧାନ ଉପସ୍ଥିତ ଥିଲେ।

## ବିଏମ୍‌ସି ୱାର୍କସ ଓ କଣ୍ଟ୍ରାକ୍ଟ ଷ୍ଟାଣ୍ଡିଂ କମିଟି ବୈଠକ

ବ୍ରହ୍ମପୁର,୧୦।୧୦(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମସି)ର ୱାର୍କସ ଓ କଣ୍ଟ୍ରାକ୍ଟ କମିଟିର ଷ୍ଟାଣ୍ଡିଂ କମିଟି ବୈଠକ ଶୁକ୍ରବାର ବିଏମସି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଏମ୍‌ସି କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଓ ମେୟର ସଂଘମିତ୍ରା ଦଳେଇ ଯୋଗ ଦେଇଥିଲେ। ବୈଠକରେ ୨୦୨୪–୨୫ ଆର୍ଥିକ ବର୍ଷରେ ବକେୟା ରହିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସଂପର୍କରେ ଆଲୋଚନା ହୋଇଥିଲା। ଅଧପନ୍ତରିଆ କାର୍ଯ୍ୟ, ଏଗ୍ରିମେଣ୍ଟ ହୋଇ ବକେୟା ରହିଥିବା କାର୍ଯ୍ୟ ଗୁଡିକୁ ଶୀଘ୍ର ସାରିବା ପାଇଁ କମିଶନର ନିର୍ଦ୍ଦେଶ ଦେଇଥିଲେ। ଏଥିସହ ନୂତନ ଟେଣ୍ଡର ପାଇଁ କମିଟି ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଯାହାକୁ ନେଇ ବୈଠକରେ ସହମତି ପ୍ରକାଶ ପାଇଥିଲା। କର୍ପୋରେଟର ସୁରେନ୍ଦ୍ର କୁମାର ମହାରଣା, ଆର. ପାୱନୀ ଓ ଡି.କରୁଣା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# କଳିଙ୍ଗା ଘାଟି ରାସ୍ତା କାମ ତ୍ୱରାନ୍ୱିତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭଞ୍ଜନଗର,୧୦।୧୦(ବାବୁଲା ପ୍ରଧାନ)–

ଗଞ୍ଜାମ-କନ୍ଧମାଳ ଜିଲା ସୀମାରେ ଥିବା କଳିଙ୍ଗା ଘାଟି ଜାତୀୟ ରାଜପଥ ରାସ୍ତା ଧୋଇ ହେବାର ଆଜକୁ ୨୫ ଦିନ ବିତିଯାଇଛି। କିନ୍ତୁ ରାସ୍ତା କାମ ସରିବାକୁ ନାହିଁ। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଉକ୍ତ ରାସ୍ତାକୁ ଗୁରୁତର ସହ ନେଇ କାମ କରୁ ନ ଥିବା ଅଭିଯୋଗ ହେଉଛି। ଫଳରେ ୨୫ ଦିନ ହେଲା ଏହି ରାସ୍ତାରେ ଯାନବାହାନ ଚଳାଚଳ ବନ୍ଦ ରହିଛି। ଏଭଳି ପରିସ୍ଥିତିରେ ଶୁକ୍ରବାର ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଉକ୍ତ ରାସ୍ତା ମରାମତି କାମ ତୁରନ୍ତ ଶେଷ କରିବା ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଘାଟି ରାସ୍ତା ବହୁ ପୁରୁଣା ହୋଇଥିବା ଯୋଗୁ ସେଠାରେ ଆଉ ଗୋଟିଏ ବିକଳ୍ପ ରାସ୍ତା ନିର୍ମାଣ ପାଇଁ ମଧ୍ୟ ସେ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତୁରନ୍ତ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ରାସ୍ତା କାମ ସାରି ଗମନାଗମନ ସ୍ୱାଭାବିକ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଭବିଷ୍ୟତକୁ ଦୃଷ୍ଟିରେ ରଖି ସେଠାରେ ଆଉ ଗୋଟିଏ ବିକଳ୍ପ ରାସ୍ତା କଥା ସେ ବିଚାରକୁ



ଭଞ୍ଜନଗର ବିଧାୟକ ମୁଖ୍ୟମନ୍ତ୍ରୀଙ୍କୁ ଭେଟୁଛନ୍ତି।

ନେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

ସୂଚନାଯୋଗ୍ୟ, କଳିଙ୍ଗା ଘାଟିରେ ଗତ ମାସ ୧୬ରେ ପ୍ରବଳ ବର୍ଷା ଯୋଗୁ ବଡବଡ ପଥର ଖସିବା ସହ ମାଟି ଅତଡା ଧସିଥିଲା। ଫଳରେ ଘାଟି ଦେଇ ଯାଇଥିବା ଜାତୀୟ ରାଜପଥର ଦୁଇଟି ସ୍ଥାନରେ ରାସ୍ତା ଧୋଇ ହୋଇଯାଇଥିଲା। ସେବେଠାରୁ ଘାଟି ରାସ୍ତା ବନ୍ଦ ରହିଛି। ପରେ ଜାତୀୟ ରାଜପଥ ବିଭାଗ ରାସ୍ତା କାମ ଆରମ୍ଭ କରିଛି। ମାତ୍ର କାମ ମନ୍ଥର ଗତିରେ ଚାଲିଥିବାରୁ ଏ ପର୍ଯ୍ୟନ୍ତ ରାସ୍ତା ମରାମତି କାମ ସରିନାହିଁ। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ବରିଷ୍ଠ ନାଗରିକଙ୍କ ସେବାକଲେ ପୁଣ୍ୟ ମିଳିଥାଏ

ଭଞ୍ଜନଗର,୧୦।୧୦(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ପ୍ରଶାସନ ପକ୍ଷରୁ ଶୁକ୍ରବାର ବରିଷ୍ଠ ନାଗରିକ ଦିବସ ବ୍ଲକ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏଥିରେ ବ୍ଲକ ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ ସଭାପତିତ୍ୱ କରିଥିଲେ। ବିଡିଓ ଭାରତୀ ଦେବୀ, ସିଡିପିଓ ମିଲିମା କୁମାରୀ ପଣ୍ଡା, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଲୋପାମୁଦ୍ରା ରଥ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସେବା ସଂଘ ସଭାପତି ବିଭୂତି ଭୂଷଣ ଜେନା ଅତିଥି ଭାବେ ଯୋଗଦେଇଥିଲେ। ଉତ୍ସବରେ ବକ୍ତାମାନେ ବାର୍ଦ୍ଧକ୍ୟ ସମୟରେ କନିଷ୍ଠମାନେ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ସେବାକଲେ ପୁଣ୍ୟ ମିଳିଥାଏ ବୋଲି କହିଥିଲେ। ଏବିଡିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ସ୍ୱାଗତ ସୂଚନା ଦେଇଥିଲେ। ଆଲୋଚନାରେ ବରିଷ୍ଠ ନାଗରିକ ଶୂଳପାଣି ଶତପଥୀ, ସନ୍ତୋଷ ଜେନା, ଜଗବନ୍ଧୁ ଜେନା, ଅନୁପମ ବାନାର୍ଜୀ ମଧ୍ୟ ବରିଷ୍ଠ ନାଗରିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ କହିଥିଲେ।

**ଗଞ୍ଜାମ,(ଅଖିଳ ତରାଇ/ବିଦ୍ୟାଧର ସାହୁ):** ଗଞ୍ଜାମ ପୌରାଞ୍ଚଳ ବରିଷ୍ଠ




ନାଗରିକ ପରିଷଦ ପକ୍ଷରୁ ବୟୋଜ୍ୟେଷ୍ଠ ଦିବସ ଉପଲକ୍ଷେ ଏକ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଛି। ଖଣ୍ଡଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସହଯୋଗରେ ହୋଇଥିବା ଏହି ଶିବିରରେ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର ଓ ବିଡିଓ ଅଚ୍ୟୁତା ନନ୍ଦ ଯାନୀ ଯୋଗ ଦେଇଥିଲେ। ଏଥିରେବହୁ ବରିଷ୍ଠ ନାଗରିକ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଡାକ୍ତର ମନୋଜ ବେହେରା, ଡା. ସୁସ୍ମିତା ବିଶ୍ୱାଳ, ଏଲଟି ଅନାଦି ବେହେରା, ସ୍ନେହଲତା ପାତ୍ରଙ୍କ ସମେତ ସ୍ୱାସ୍ଥ୍ୟକର୍ମୀ ଶିବିରରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପରିଷଦ ଉପଦେଷ୍ଟା ଇଂ.ବିନୋଦ ପାଢ଼ୀ, ସଭାପତି ରବୀନ୍ଦ୍ର ପଣ୍ଡା, ଉପସଭାପତି ଅରୁଣ ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

**ଆସିକା, (ସୁରେନ୍ଦ୍ର ନାଥ ସାହୁ):** ଆସିକା ବ୍ଲକ ସଭା ଗୃହରେ ଶୁକ୍ରବାର ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ଅତିରିକ୍ତ ବିଡିଓ ସୁଶାନ୍ତ ବେହେରାଙ୍କ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ନାଗରିକ ମଞ୍ଚ ସଭାପତି ଗଣେଶ ରଥ, ବୟୋଜ୍ୟେଷ୍ଠ କଳାକାର ଲଡୁ ବିଶ୍ୱାଳ, ଅଜିତ ପଟ୍ଟନାୟକ, ବିଇଓ ମୁନରାଣୀ ମହାନ୍ତି, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ରାଜଶ୍ରୀ ସାହୁ ମଞ୍ଚାସୀନ ଥିଲେ। ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ସରକାରଙ୍କ ପକ୍ଷରୁ ରହିଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା । ବରିଷ୍ଠ ନାଗରିକ ଗଣେଶ ରଥ ଓ ଲଡୁ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

**ସୋରଡା,(ରଜନି ମହାପାତ୍ର):** ସୋରଡା ପଞ୍ଚାୟତ ସମିତିରେ ଶୁକ୍ରବାର ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ଅବସରରେ ସୋରଡା ବିଜୁ ପଟ୍ଟନାୟକ ବରିଷ୍ଠ ନାଗରିକ ସଂଘର ଉମା ଶଙ୍କର ଦାସ, ତ୍ରିନାଥ ଗୌଡ଼, ଦେବେନ୍ଦ୍ର ପାତ୍ର, ଏ. ନରସିଂହ ଚୌଧୁରୀ, ଗୋପାଳପୁର ଶାସନ ସରପଞ୍ଚ ଦେବରାଜ ମଲିକ, ଅବସରପ୍ରାପ୍ତ ସେନା ସଂଘର ସୁରେଶ ବେହେରା, ବିଡ଼ିଓ ତନ୍ମୟ ପାତ୍ର, ଏବିଡ଼ିଓ ସଞ୍ଜୀବ ସେନାପତି ଉପସ୍ଥିତ ଥିଲେ।

**ପାତ୍ରପୁର,(ଉମା ଚରଣ ନେପାକ):** ପାତ୍ରପୁର ବରିଷ୍ଠ ନାଗରିକଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ ବିଧାୟକ ମନୋରଞ୍ଜନ ଦ୍ୟାନ୍‌ସାମନ୍ତରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଲକ୍ଷ୍ମଣ ଚରଣ ସୋରେନ, ଉପାଧ୍ୟକ୍ଷ ଅନାଦି ଚରଣ ପଣ୍ଡିତ, ସିଡିପିଓ ନମିତା ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୧/୨୦୨୫ Bhubaneswar, Saturday, October 11/ 2025

# ପ୍ରତୀକ ମହାରଣାଙ୍କୁ ରୌପ୍ୟ



ପୋଡିୟମରେ ପୁରସ୍କାର ଗ୍ରହଣ ଅବସରରେ ପ୍ରତୀକ ମହାରଣା।

**ଭୁବନେଶ୍ୱର, ୧୦।୧୦(ତପନ ସ୍ୱାଇଁ)**

ଭାରତୀୟ ଆଥ୍‌ଲେଟିକ୍ ମହାସଂଘ (ଏଏଫ୍ଆଇ), ଓଡ଼ିଶା ସରକାର ଏବଂ ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏଶନର ମିଳିତ ଉଦ୍ୟମରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ୪୦ତମ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଓଡ଼ିଶାର ପ୍ରତୀକ ମହାରଣା ରୌପ୍ୟ ପଦକ ଲାଭ କରିଛନ୍ତି। ୨୦ ବର୍ଷରୁ କମ୍ ପୁରୁଷ ୧୦୦ ମିଟରରେ ସେ ୧୦.୭୨ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ଝାଡ଼ଖଣ୍ଡର ପାର୍ଥ ସିଂ ୧୦.୫୨ ଓ ପଞ୍ଜାବର ଯଶଜିତ ସିଂ ଥିଲେ ୧୦.୭୯ ସେକେଣ୍ଡ ସହ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ପୂର୍ବାହ୍ନରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ପୁରୁଷ ୫୦୦୦ ମିଟର ରେସ୍‌ରେ ପ୍ରଥମ ତିନି ସ୍ଥାନ ଅଧିକାର କରିଛନ୍ତି ତେଲଙ୍ଗାନାର ମୋହିତ ଚୌଧାରୀ, ମହାରାଷ୍ଟ୍ରର ଅଭିନନ୍ଦନ ସୂର୍ଯ୍ୟାଭାନ ଓ ରାଜସ୍ଥାନର ଧରମରାଜ୍ ଜାଟ।

# ଆଜିଠୁ ଆଇଟିଏଫ୍ ମାଷ୍ଟର୍ସ ଟେନିସ ଟୁର୍

**ଭୁବନେଶ୍ୱର, ୧୦।୧୦ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଏକସଙ୍ଗେ ୩ଟି ବଡ଼ ଇଭେଣ୍ଟ ଆୟୋଜନ ହେବାକୁ ଯାଉଛି। ଜାତୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ ଶୁକ୍ରବାର ଆରମ୍ଭ ହୋଇ ଯାଇଥିବାବେଳେ ଶନିବାର ଏସିଆନ ଟିମ୍ ଟେବୁଲ ଟେନିସ ଏବଂ ଆଇଟିଏଫ୍ ମାଷ୍ଟର୍ସ ଟେନିସ ଟୁର୍ ଆରମ୍ଭ ହେବାକୁ ଯାଉଛି। ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ କଳିଙ୍ଗରେ ପ୍ରଥମଥରପାଇଁ ଆଇଟିଏଫ୍ ମାଷ୍ଟର୍ସ ଟେନିସ ଟୁର୍ (ଏମ୍‌ଟି ୧୦୦) ଆସନ୍ତା ୧୫ ପର୍ଯ୍ୟନ୍ତ ଚାଲିବ। ୩ ବିଦେଶୀ ଏବଂ ଦେଶର ୧୨୦ ପେସାଦାର ଖେଳାଳି ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଓଟିଏ ପକ୍ଷରୁ ସୂଚନା ଦିଆଯାଇଛି।

# ପୋଡିୟମ ମଣ୍ଡନ ଲକ୍ଷ୍ୟରେ ଭାରତ

**ଭୁବନେଶ୍ୱର, ୧୦।୧୦(ତପନ ସ୍ୱାଇଁ)**

ଏସୀୟ ଟେବୁଲ୍ ଟେନିସ୍ ଟିମ୍ ଚାମ୍ପିୟନଶିପ୍‌ର ୨୮ତମ ସଂସ୍କରଣ ପାଇଁ କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତ। ଅନ୍ତର୍ଜାତୀୟ ଟେବୁଲ ଟେନିସ୍ ମହାସଂଘ, ଭାରତୀୟ ଟେବୁଲ ଟେନିସ୍ ମହାସଂଘ, ଏସିଆନ୍ ଟେବୁଲ ଟେନିସ୍ ୟୁନିୟନ, ଓଡ଼ିଶା ଟେବୁଲ ଟେନିସ୍ ଆସୋସିଏଶନ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ସମ୍ମାନ୍‌ଜନକ ପ୍ରତିଯୋଗିତା ପାଇଁ ଦେଶ ବିଦେଶର ତାରକା ଖେଳାଳିମାନେ ଭୁବନେଶ୍ୱରରେ ପହଞ୍ଚି ଅଭ୍ୟାସ କରିଛନ୍ତି। ଅଂଶଗ୍ରହଣକାରୀ ସବୁ ଦେଶର ଶୀର୍ଷ ର‌୍ୟାଙ୍କ୍‌ପ୍ରାପ୍ତ ଖେଳାଳି ଏଥିରେ ଭାଗନେଉଥିବାରୁ ପ୍ରତିଯୋଗିତା ତୀବ୍ର ସଂଘର୍ଷପୂର୍ଣ୍ଣ ହେବ। "ଭାରତୀୟ ଦଳ ଆଗାମୀ ପ୍ରତିଯୋଗିତା ପାଇଁ ନିଜକୁ ଭଲଭାବେ ପ୍ରସ୍ତୁତ କରିଛି। ଗତ ସଂସ୍କରଣକୁ ମିଶାଇ ଭାରତ ୨୦୨୧ରୁ ଏପର୍ଯ୍ୟନ୍ତ ୩ଥର ଟିମ୍ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ହାସଲ କରିସାରିଛି। ଏଥର ମଧ୍ୟ ପୋଡିୟମ ମଣ୍ଡନ କରିବା ଆମର ମୁଖ୍ୟ ଲକ୍ଷ୍ୟ ରହିବ। ତେବେ ଏଥର ବ୍ରୋଞ୍ଜ୍‌ଠାରୁ ଅଧିକ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବୁ" ବୋଲି ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭାରତର ଶୀର୍ଷ ର‌୍ୟାଙ୍କ୍‌ପ୍ରାପ୍ତ ଖେଳାଳି ମାନବ ଠକ୍କର ପ୍ରକାଶ କରିଛନ୍ତି। ଏପରି ଏକ ବଡ଼ ପ୍ରତିଯୋଗିତା ପାଇଁ ଭାରତୀୟ ଦଳର ପ୍ରସ୍ତୁତି ଖୁବ୍ ଭଲଭାବେ ହୋଇଛି ବୋଲି ପ୍ରକାଶ କରିଛନ୍ତି ମୁଖ୍ୟ କୋଚ୍ ମାସିମୋ କନ୍‌ଷ୍ଟାଣ୍ଟିନ। ଭାରତୀୟ ଦଳ କଡ଼ା ଟକ୍କର ଦେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।



ଖବରଦାତା ସମ୍ମିଳନୀରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଅନ୍ୟ ଅତିଥିବୃନ୍ଦ।

## ଏସୀୟ ଟିଟି ପାଇଁ କଳିଙ୍ଗ ପ୍ରସ୍ତୁତ

### ଯୋଗ୍ୟତା ସତ୍ତ୍ୱେ ଭାରତ ହାଲ୍‌କାଭାବେ ନେବନି

୨୨ଟି ଶ୍ରେଷ୍ଠ ଏସୀୟ ଦଳକୁ ନେଇ ହେବାକୁଥିବା ଏହି ମହାଦେଶୀୟ ଟୁର୍ନାମେଣ୍ଟ ୨୦୨୬ରେ ଲଣ୍ଡନରେ ହେବାକୁଥିବା ବିଶ୍ୱ ଦଳଗତ ଟେବୁଲ ଟେନିସ୍ ଚାମ୍ପିୟନଶିପ୍‌ର ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା ଭାବେ ପରିଗଣିତ ହେଉଛି। "ଭାରତ ପୂର୍ବରୁ ବିଶ୍ୱ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିସାରିଛି। ଏହାସତ୍ତ୍ୱେ ଭାରତ କୌଣସି ପରିସ୍ଥିତିରେ ପ୍ରତିଯୋଗିତାକୁ ହାଲ୍‌କାଭାବେ ନେବନାହିଁ। ଶ୍ରେଷ୍ଠ ପ୍ରଦର୍ଶନକରି ନିଶ୍ଚିତ ପ୍ରଦର୍ଶନର ଛାପ ଛାଡ଼ିବାକୁ ଚେଷ୍ଟା କରିବ" ବୋଲି ପ୍ରକାଶ କରିଛନ୍ତି ପ୍ରତିଯୋଗିତାର ବ୍ରାଣ୍ଡ୍ ଆମ୍ବାସାଡର ଅଲିମ୍ପିଆନ ତଥା ଖେଳରତ୍ନ ବିଜେତା ଅଚନ୍ତ ଶରତ କମଲ। ପୂର୍ବରୁ ୨୦୧୯ରେ କଟକରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ୍ ଖେଳିବାକୁ ଆସିଥିଲି। ଏବେ ପୁଣି ଓଡ଼ିଶା ଆସି ଖୁବ୍ ଆନନ୍ଦିତ। ମୋତେ ବ୍ରାଣ୍ଡ୍ ଆମ୍ବାସାଡର କରାଯାଇଥିବାରୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ରାଜ୍ୟ ଟେବୁଲ ଟେନିସ୍ ଆସୋସିଏଶନ ନିକଟରେ ମୁଁ କୃତଜ୍ଞ" ବୋଲି ଶରତ କହିଛନ୍ତି।

### 'ଏକାସଙ୍ଗେ ୨ ବଡ଼ ଟୁର୍ନାମେଣ୍ଟ ଆୟୋଜନ ଗୌରବର ବିଷୟ'

"ଭାରତରେ ୪ର୍ଥ ଏବଂ ଓଡ଼ିଶାରେ ପ୍ରଥମଥର ପାଇଁ ଏସିଆନ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନଶିପ୍ ହେବାକୁ ଯାଉଛି। ଦୀର୍ଘ ୧୬ ବର୍ଷ ପରେ ଏହା ଭାରତକୁ ଆସିଛି ଏବଂ ଏଥିରେ ଭାରତ ସମେତ ଚାଇନା, ଜାପାନ, କୋରିଆ ଆଦି ଏସିଆର ଶ୍ରେଷ୍ଠ ୨୨ଟି ଦେଶରୁ ୫୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଓ ସପୋର୍ଟ ଷ୍ଟାଫ୍ ଅଂଶଗ୍ରହଣ କରୁଛନ୍ତି। ଭାରତର ଉଭୟ ମହିଳା ଓ ପୁରୁଷ ଦଳ ଏହି ପ୍ରତିଯୋଗିତାରେ ଭାଗନେବାକୁ ଅତ୍ୟନ୍ତ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ମହିଳା ବିଭାଗରେ ଶ୍ରୀଜା ଅକୁଲା, ମନିକା ବତ୍ରା, ଦିୟା ଚିତଲେ, ଯଶସ୍ୱିନୀ ଘୋରପଡ଼େ, ସ୍ୱସ୍ତିକା ଘୋଷ ଏବଂ ପୁରୁଷ ବିଭାଗରେ ଅଙ୍କୁର ଭଟ୍ଟାଚାର୍ଯ୍ୟ, ପ୍ରୟାସ ଜୈନ୍, ମାନୁଷ ଶାହା, ସ୍ନେହିତ ସୁରବଜ୍ଜୁଲା, ମାନବ ଠକ୍କର ଅଂଶଗ୍ରହଣ କରୁଛନ୍ତି। ବିଭିନ୍ନ ଦେଶର ଖେଳାଳିଙ୍କ ଆତିଥ୍ୟ, ରହଣି, ସୁରକ୍ଷା ଏବଂ ଆନୁଷଙ୍ଗିକ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି। ଏସିଆନ୍ ଟିଟି ସହିତ ଆମେ ୪୦ତମ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଏକାସଙ୍ଗେ ଆୟୋଜନ କରିବାକୁ ଯାଉଛୁ। ପାଖାପାଖି ୨୦୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଏଥିରେ ଅଂଶଗ୍ରହଣ କରିଛନ୍ତି। ଆମ ରାଜ୍ୟର ୩୭ ମହିଳା ଓ ୩୮ ପୁରୁଷ କ୍ରୀଡ଼ାବିତ୍ ଏଥିରେ ଭାଗ ନେଇଛନ୍ତି। ଏକାସଙ୍ଗେ ୨ଟି ବଡ଼ ଟୁର୍ନାମେଣ୍ଟ ଆୟୋଜନ କରିବା ଆମ ପାଇଁ ଏକ ଗୌରବର ବିଷୟ। ଏହାକୁ ସଫଳତାର ସହ ଆୟୋଜନ କରି ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶାର ଛବିକୁ ସୁଦୃଢ଼ କରିବାକୁ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଖବରଦାତା ସମ୍ମିଳନୀରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରକାଶ କରିଛନ୍ତି। ଉକ୍ତ ସମ୍ମିଳନୀରେ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଏସିଆ ଟେବୁଲ ଟେନିସ୍ ୟୁନିୟନ୍‌ର ରିଜିଓନାଲ ଭାଇସ୍ ପ୍ରେସିଡେଣ୍ଟ ଶେଖ୍ ହୟାତ୍ ଅଲ୍ ଖଲିଫା, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଏନ୍. ଗଣେଶନ୍, ଅଲିମ୍ପିଆନ୍ ଖେଳରତ୍ନ ପୁରସ୍କାର ବିଜେତା ଅଚନ୍ତା ଶରତ କମଲ ପ୍ରମୁଖ ଉପସ୍ଥିତ ଥିଲେ।

DSPL - 311



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଆଭାସୀ ମାଧ୍ୟମରେ
ପ୍ରଧାନମନ୍ତ୍ରୀ
ଶ୍ରୀ ନରେନ୍ଦ୍ର ମୋଦୀଙ୍କ
କରକମଳରେ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶୁଭାରମ୍ଭ
• ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା
• ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନ

ଭିତ୍ତିପ୍ରସ୍ତର ସ୍ଥାପନ
ପ୍ରଧାନମନ୍ତ୍ରୀ ମତ୍ସ୍ୟସମ୍ପଦ ଯୋଜନା ଅଧୀନରେ ୧୦୦ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ସମନ୍ୱିତ ଆକ୍ୱାପାର୍କ ଏବଂ ୫୯.୧୩ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ପାଇକାରୀ ମାଛ ବଜାର

ରାଜ୍ୟସ୍ତରୀୟ ସମାରୋହ
ଗରିମାମୟ ଉପସ୍ଥିତି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ
ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି
ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ
ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ

୧୧ ଅକ୍ଟୋବର ୨୦୨୫ | ସକାଳ ୧୦.୦୦ ଘଟିକା | କୃଷି ଶିକ୍ଷା ସଦନ, ଓୟୁଏଟି

କୃଷି ଓ କୃଷକ ସଶକ୍ତିକରଣ ବିଭାଗ । ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ
ଓଡ଼ିଶା ସରକାର
OIPR-01102/13/0034/2526

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ